ବର୍ଷ-୫୭ : ସଂଖ୍ୟା-୩ ମାର୍ଚ୍ଚ, ୨୦୨୬ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୨୬


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଆବଶ୍ୟକତା ଓ କାମନା | ··· | ଶ୍ରୀମା | ··· | ୬ |
| ଅଭୀପ୍ସା | ··· | ଶେଖ ଅବଦୁଲ କାଶମ | ··· | ୭ |
| ପ୍ରେମ, ପ୍ରାର୍ଥନା, ପୁଷ୍ପାଞ୍ଜଳି (କବିତା) | ··· | ଦୀପ୍ତି ମିଶ୍ର | ··· | ୧୩ |
| ଭଗବାନ୍ ଏବଂ ବିଶ୍ୱର ପ୍ରହେଳିକା | ··· | ମନୋଜ ଦାସ | ··· | ୧୪ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୫୨) | ··· | ··· | ··· | ୧୬ |
| ସିଦ୍ଧାନ୍ତ-ସମନ୍ୱୟ | ··· | ରାମକୃଷ୍ଣ ଦାସ | ··· | ୨୦ |
| ମା' ଆପଣ ଏମିତି କହିଛନ୍ତି ... (୯) | ··· | ହୁତା ହିନ୍ଦୋଚା | ··· | ୨୪ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୪) | ··· | ପ୍ରପତ୍ତି | ··· | ୨୭ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୦୭) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୩୦ |
| କାରା-ଜୀବନୀ (୧୨) | ··· | ଉଲ୍ଲାସକର ଦତ୍ତ | ··· | ୩୪ |
| ଶିକ୍ଷା ଓ ସାମାଜିକ ମୂଲ୍ୟବୋଧ | ··· | ଗୟାଧର ଦାଶ | ··· | ୩୬ |
| ପୁଣି ସେଇ ପରୀକ୍ଷା | ··· | ପ୍ରସାଦ ତ୍ରିପାଠୀ | ··· | ୩୯ |
| ପଥ ଦୁଇ (କବିତା) | ··· | ସନ୍ତୋଷ ରଥ | ··· | ୪୧ |
| ବିଷମ ସିଦ୍ଧି | ··· | ମନୋଜ ଦାସ | ··· | ୪୨ |
| ସମର୍ପି ଦେ' ତୁ ସବୁ (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୪୪ |
| ଭିଡ଼ ଭିତରେ ଚର୍ଚ୍ଚିତ ଚେହେରାଟିଏ | ··· | କାହ୍ନୁଚରଣ ମହାକୁର | ··· | ୪୫ |
| ମା' ତୁମେ ମମତା ନିର୍ଝର (କବିତା) | ··· | ଗୋପାଳକୃଷ୍ଣ ପଟ୍ଟନାୟକ | ··· | ୪୭ |
| ସହରରୁ ଶିଖର | ··· | ବନମାଳୀ ଆଚାର୍ଯ୍ୟ | ··· | ୪୮ |
| ଡକ୍‌ଟର ଇନ୍ଦ୍ରସେନ୍ | ··· | ··· | ··· | ୫୧ |
| ରାଣୀ ଶୁକଦେଈ | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୫୨ |
| ''ସତ କହିବାକୁ କିଆଁ ଡରିବି !'' | ··· | ମନୋଜ ଦାସ | ··· | ୫୫ |


❖

# ପ୍ରାର୍ଥନା

ଜଣକର ଆପଣା ସତ୍ତା ଭିତରେହିଁ ରହିଥାଏ ସମସ୍ତ ପ୍ରତିବନ୍ଧକ, ଜଣକର ଆପଣା ସତ୍ତା ଭିତରେହିଁ ଦେଖିବାକୁ ମିଳେ ଯାବତୀୟ ବାଧାବିଘ୍ନ, ଜଣକର ଆପଣା ସତ୍ତାରେହିଁ ନିହିତ ଥାଏ ସକଳ ଅନ୍ଧକାର ଏବଂ ଅଜ୍ଞାନତା । ଆମେ ଯଦି ଏ ପୃଥିବୀର ସର୍ବତ୍ର ବୁଲିଆସିବା, ଆମେ ଯଦି ଯାଇ କୌଣସି ନିର୍ଜନତାରେ ହେବା ନିମଜ୍ଜିତ, ଆମର ସମସ୍ତ ଅଭ୍ୟାସ ପରିହାର କରିବା, ଯାପନ କରିବା ଏକାନ୍ତ ବୈରାଗୀ ଜୀବନ, ତଥାପି ଯଦି କୌଣସି ମାୟା-ବନ୍ଧନ ତୁମର ପରମ ଚେତନାଠାରୁ ଆମ ଚେତନାକୁ ଖୁବ୍ ଦୂରେଇ ରଖେ, ଯଦି କୌଣସି ଅହଂଗତ ଆସକ୍ତି ଆମକୁ ତୁମ ଦିବ୍ୟପ୍ରେମ ସହ ସର୍ବାଙ୍ଗୀନ ସମ୍ପର୍କରୁ ବିଚ୍ଛିନ୍ନ କରି ରଖେ, ତେବେ ସମସ୍ତ ବହିଃ ପରିସ୍ଥିତି ସତ୍ତ୍ୱେ ଆମେ ତୁମର ନିକଟତର ହୋଇପାରିବୁ ନାହିଁ । କୌଣସି ପରିସ୍ଥିତି ଅଧିକ ବା କମ୍ ଅନୁକୂଳ ବୋଲି ବିବେଚିତ ହୋଇପାରେ କି ? ମୁଁ ସେ ବିଷୟରେ ସନ୍ଦିହାନ । ସେମାନଙ୍କ ସମ୍ପର୍କରେ ଆମେ ପୋଷଣ କରୁଥିବା ଧାରଣାହିଁ ସେମାନଙ୍କ ପ୍ରଦତ୍ତ ଶିକ୍ଷାରୁ ଆମେ ଯଥେଷ୍ଟ ଅଥବା ସାମାନ୍ୟ ଲାଭବାନ୍ ହେବୁ, ସେ ସାମର୍ଥ୍ୟ ଦେଇଥାଏ ।

ହେ ପ୍ରଭୁ ! ତୁମକୁ ମୋର ମିନତି ! ଯେଉଁସବୁ ଉପାଦାନର ସମାହାରରେ ମୋର ବ୍ୟକ୍ତିତ୍ୱ ଗଠିତ, ମୁଁ ଯେପରି ସେସବୁ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ହୋଇପାରିବି ଏବଂ ସେସବୁକୁ ଆୟତ୍ତାଧୀନ କରିପାରିବି ଯାହା ଦ୍ୱାରା ମୁଁ ମୋ ନିଜ କବଳରୁ ପାଇବି ପରିତ୍ରାଣ ଏବଂ ଏ ବହୁବିଧ ଉପାଦାନ ମାଧ୍ୟମରେ କେବଳ ତୁମେହିଁ ରହିବ ବିଦ୍ୟମାନ ଏବଂ କର୍ମରତ ।

ପ୍ରେମରେ ବଞ୍ଚିବା, ପ୍ରେମ ଦ୍ୱାରା, ପ୍ରେମ ପାଇଁ, ଅଚ୍ଛେଦ୍ୟଭାବେ ତୁମର ସର୍ବୋଚ୍ଚ ପରିପ୍ରକାଶ ସହ ହୋଇ ସମ୍ମିଳିତ ...

ନିରନ୍ତର ଅଧିକ ଆଲୋକ, ଅଧିକ ସୌନ୍ଦର୍ଯ୍ୟ, ଅଧିକ ସତ୍ୟ !

ମାର୍ଚ୍ଚ ୧, ୧୯୧୪

— ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

All that the Light from above asks of us that it may begin its work is a call from the soul and a sufficient point of support in the mind. This support can be reached through an insistent idea of the Divine in the thought, a corresponding will in the dynamic parts, an aspiration, a faith, a need in the heart. Any one of these may lead or predominate, if all cannot move in unison or in an equal rhythm.

(The Synthesis of Yoga, pp. 81-82) – Sri Aurobindo

ଊର୍ଦ୍ଧ୍ୱାଗତ ଆଲୋକ ତା'ର କାର୍ଯ୍ୟାରମ୍ଭ ନିମନ୍ତେ ଆମଠାରୁ ଯାହା ଚାହେଁ, ତାହା ହେଲା (ଆମ) ଆତ୍ମାଠାରୁ ଏକ ଆବାହନ ଏବଂ ମନରେ ସେଦିଗରେ ଯଥେଷ୍ଟ ମାତ୍ରାର ସହଯୋଗ । ଚିନ୍ତାରେ ଅନବରତ ଭାଗବତ ଭାବନା, କର୍ମଚଞ୍ଚଳ ଅଙ୍ଗମାନଙ୍କରେ ଏକ ଅନୁରୂପ ସଂକଳ୍ପ, ଏକ ଆସ୍ପୃହା, ଏକ ବିଶ୍ୱାସ, ହୃଦୟରେ ଏକ ଆବଶ୍ୟକତାବୋଧ ମାଧ୍ୟମରେ ଏହି ସହଯୋଗ ଅର୍ପଣ କରାଯାଇପାରେ । ଏସବୁରୁ ଯେକୌଣସି ଗୋଟାଏ ସେଦିଗରେ ଅଗ୍ରଗାମୀ ବା ଅଧିକ ପ୍ରଭାବଶାଳୀ ହୋଇପାରେ, ଯଦି ସବୁଗୁଡ଼ିକ ଐକ୍ୟବଦ୍ଧ ଭାବରେ ବା ସମଛନ୍ଦରେ ଗତି କରି ନପାରନ୍ତି ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଦ୍ୱାଦଶ ସର୍ଗ, ଆଦର୍ଶର ସ୍ୱର୍ଗସମୁଚ୍ଚୟ

### (The Heavens of the Ideal)

### (୧)

### ଶ୍ରୀଅରବିନ୍ଦ

ALWAYS the Ideal beckoned from afar.
ଆଦର୍ଶ ସବୁବେଳେ ସୁଦୂରରୁ ହାତଠାରି ଡାକୁଥିଲା ।
Awakened by the touch of the Unseen,
Deserting the boundary of things achieved,
Aspired the strong discoverer, tireless Thought,
Revealing at each step a luminous world.
ପରମ ଅଦୃଶ୍ୟଙ୍କ ସ୍ପର୍ଶରେ ଜାଗ୍ରତ୍ ହୋଇ, ଲବ୍ଧବସ୍ତୁରାଜିର ସୀମା ପରିତ୍ୟାଗ କରି, ବଳଶାଳୀ ଆବିଷ୍କର୍ତ୍ତା, ଅଶ୍ରାନ୍ତ ଭାବନା ପ୍ରତିଟି ପଦକ୍ଷେପରେ ଏକ ଜ୍ୟୋତିର୍ମୟ ଜଗତକୁ ପ୍ରକଟ କରିଦେଇ ଅଭୀପ୍ସା ପୋଷଣ କରି ଚାଲିଥିଲା ।
It left known summits for the unknown peaks:
Impassioned, it sought the lone unrealised Truth,
It longed for the Light that knows not death and birth.
ଅଜ୍ଞାତ ଶିଖରାବଳିର ଆରୋହଣ ସକାଶେ ତାହା ପରିଚିତ ସାନୁସକଳକୁ ଛାଡ଼ି ଆସିଥିଲା : ଆବେଗ-ପ୍ରେରିତ ହୋଇ ତାହା ଖୋଜୁଥିଲା ଅନୁପଲବ୍ଧ ନିଃସଙ୍ଗ ସତ୍ୟକୁ, ବ୍ୟାକୁଳ ହୋଇ ଲୋଡୁଥିଲା ସେହି ଜ୍ୟୋତିଃକୁ ଯାହା ଜାଣେ ନାହିଁ ମୃତ୍ୟୁ ଏବଂ ଜନ୍ମ ।
Each stage of the soul's remote ascent was built
Into a constant heaven felt always here.
ଅନ୍ତରାତ୍ମାର ଦୂରସ୍ଥ ଉତ୍ତରଣର ପ୍ରତ୍ୟେକ ସ୍ତର ଏଠାରେ ନିରନ୍ତର ଅନୁଭୂତ ଏକ ନିରବଚ୍ଛିନ୍ନ ସ୍ୱର୍ଗ ମଧ୍ୟକୁ ନିର୍ମିତ ହୋଇଥିଲା ।
At each pace of the journey marvellous
A new degree of wonder and of bliss,
A new rung formed in Being's mighty stair,
A great wide step trembling with jewelled fire
As if a burning spirit quivered there
Upholding with his flame the immortal hope,
As if a radiant God had given his soul
That he might feel the tread of pilgrim feet
Mounting in haste to the Eternal's house.
ସେହି ଚମତ୍କାର ଯାତ୍ରାର ପ୍ରତିଟି ପଦକ୍ଷେପରେ ରହିଥିଲା ବିସ୍ମୟ ଓ ଆନନ୍ଦର ଏକ ନୂତନ ମାତ୍ରା, ବିଶ୍ୱସତ୍ତାର ବିପୁଳ ସୋପାନକ୍ରମରେ ରୂପାୟିତ ଏକ ନୂତନ ପାବଚ୍ଛ, ରତ୍ନୋଜ୍ଜ୍ୱଳ ପାବକ ଶିହରିତ ଏକ ସୁବିଶାଳ ପ୍ରଶସ୍ତ ପଦକ୍ଷେପ, ସତେ ଅବା ଏକ ଜ୍ୱଳନ୍ତ ଚୈତନ୍ୟ ଆପଣାର ଶିଖା ଦ୍ୱାରା ଅମର ଆଶାକୁ ଊର୍ଦ୍ଧ୍ୱ ଦିଗରେ ଟେକି ଧରି ସେଠାରେ ମୃଦୁ-କମ୍ପିତ ହେଉଥିଲା, ସତେ ଯେମିତି ଏକ ସଂଦୀପ୍ତ ଦେବତା ଶାଶ୍ୱତଙ୍କର ନିବାସ ଅଭିମୁଖେ ସତ୍ୱର ଆରୋହଣରତ ତୀର୍ଥଯାତ୍ରୀର ପଦପାତକୁ ଅନୁଭବ କରିବେ ବୋଲି ଆପଣାର ଅନ୍ତରାତ୍ମାକୁ ସଂପ୍ରଦାନ କରି ଦେଇଥିଲେ ।
At either end of each effulgent stair
The heavens of the ideal Mind were seen
In a blue lucency of dreaming Space
Like strips of brilliant sky clinging to the moon.
ପ୍ରତିଟି ଉଜ୍ଜ୍ୱଳ ସୋପାନର ଉଭୟ ପ୍ରାନ୍ତରେ ଆଦର୍ଶ ମାନସର ସ୍ୱର୍ଗସମୁଚ୍ଚୟ ସ୍ୱପ୍ନିଳ ମହାବ୍ୟୋମର ଏକ ସୁନୀଳ ଦୀପ୍ତି ମଧ୍ୟରେ ଦୃଶ୍ୟମାନ ହେଉଥିଲେ । ଭାସ୍ୱର ଆକାଶର ସଂକୀର୍ଣ୍ଣ ଖଣ୍ଡମାନ ଚନ୍ଦ୍ରମାକୁ ସଂଲଗ୍ନ କରି ଧରି ରଖିଥିବା ପରି ଦେଖା ଯାଉଥିଲେ ସେସବୁ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଆବଶ୍ୟକତା ଓ କାମନା

## ଶ୍ରୀମା

### ଆବଶ୍ୟକତା ଓ କାମନା

ତୁମେ କିପରି ଜାଣିବ ଯେ କୌଣସି ଜିନିଷ ତୁମର ଆବଶ୍ୟକ – କାମନା ପାଇଁ ନୁହେଁ ? ... ତାହା ଜାଣିବା ଲାଗି ତୁମେ ନିଜକୁ ଖୁବ୍ ଏକାଗ୍ରଭାବେ ନିରୀକ୍ଷଣ କରୁଥିବ । ଯଦି ତୁମକୁ ଜଣା ପଡ଼େ ଯେ ତୁମ ଭିତରେ ଏମିତି କିଛି ରହୁଛି, ଯାହାକି ତୁମ ଭିତରେ ଖୁବ୍ ଛୋଟିଆ ଅଥଚ ଖୁବ୍ ତୀବ୍ର ସ୍ପନ୍ଦନଟିଏ କେଉଁଠାରେ ସୃଷ୍ଟି କରୁଛି – ତା'ହେଲେ ତୁମେ ନିଶ୍ଚିତଭାବେ ବୁଝିପାରିବ ଯେ ତୁମ ଭିତରେ କାମନା ବା ବାସନାଟିଏ କେଉଁଠି ଲୁଚି ରହିଛି । ଉଦାହରଣସ୍ୱରୂପ, ତୁମେ କହୁଛ, ''ଅମୁକ ଖାଦ୍ୟଟି ମୋ ପାଇଁ ଆବଶ୍ୟକ''– ଏକଥା ତୁମେ ବିଶ୍ୱାସ କର, ତୁମେ ମଧ୍ୟ ଏହା କଳ୍ପନା କର, ତୁମେ ମଧ୍ୟ ଭାବ ଯେ ତୁମର ଅମୁକ ସମୁକ ଜିନିଷ ବି ଦରକାର – ଏବଂ ତାହା ହାସଲ କରିବା ପାଇଁ ମଧ୍ୟ ତୁମେ ଉପଯୁକ୍ତ ଉପାୟମାନ ବାହାର କରିଥାଅ । କିନ୍ତୁ ତାହା ତୁମର କାମନା କି ଆବଶ୍ୟକତା, ଏହା ଜାଣିବା ଲାଗି ତୁମେ ନିଜକୁ ଖୁବ୍ ତନ୍ନ ତନ୍ନ କରି ଦେଖିବ ଏବଂ ନିଜକୁ ପଚାରିବ – ''ଆଚ୍ଛା ! ମୁଁ ଯଦି ଏ ଜିନିଷଟି ନପାଏ, ତେବେ ମୋର ଭଲା କ'ଣ କ୍ଷତି ହୋଇଯିବ ?'' ଯଦି ସଙ୍ଗେ ସଙ୍ଗେ ତୁମ ଭିତରୁ ଉତ୍ତରଟିଏ ଆସିଲା ଯେ – ''ଆଃ, ତା'ହେଲେ ତ ବହୁତ ଖରାପ ହେବ ।''– ଏ କ୍ଷେତ୍ରରେ ତୁମେ ନିଶ୍ଚିତ ଜାଣିରଖ ଯେ ଏହା ତୁମର ଏକ କାମନା ମାତ୍ର । ସବୁକଥା ଲାଗି ଏହି ଗୋଟିଏ ଉପାୟ । ଯେକୌଣସି ସମସ୍ୟା ଆସିଲେ ପ୍ରଥମେ ତୁମେ କିଛି ଦୂର ତା'ଠାରୁ ପଛକୁ ହଟିଯାଅ, ନିଜ ଭିତରକୁ ଚାହଁ ଏବଂ ନିଜକୁ ପଚାର – ''ଦେଖାଯାଉ, ମୁଁ କ'ଣ ଏ ଜିନିଷଟିକୁ ପାଇବା ପାଇଁ ଯାଉଛି ?'' ଯଦି ସେହି ମୁହୂର୍ତ୍ତରେ ତୁମ ଭିତରେ କେହି ଜଣେ ହଠାତ୍ ଉନ୍ମତ୍ତତାରେ କୁଦାଟିଏ ମାରେ, ତେବେ ତୁମେ ନିଶ୍ଚିତ ଜାଣିରଖ ଯେ ତାହା ପ୍ରତି ତୁମର କୌଣସି ଏକ କାମନା ରହିଛି । ଅନ୍ୟପକ୍ଷରେ, ଯଦି ତୁମ ଭିତରେ କିଏ କହିଦିଏ – ''ଆଃ ! ମୋତେ ଏ ଜିନିଷଟା ମିଳିବ ନାହିଁ ।''– ଏବଂ ଏହା ଶୁଣିଲା ମାତ୍ରେ ତୁମକୁ ହଠାତ୍ ଅବସାଦ ବା ବ୍ୟର୍ଥତା ଘାରିଯାଏ, ତା' ହେଲେ ବି ଜାଣିବ ଯେ, ପୁନର୍ବାର ଏହା ବି ତୁମର ଏକ କାମନା ।

### କାମନା ତ୍ୟାଗ କର

ବୁଦ୍ଧଦେବ କହିଛନ୍ତି – କାମନାକୁ ବିନାଶ କଲେ ତୁମେ ଯେଉଁ ଆନନ୍ଦ ପାଇବ, ତାହା କାମନାଟିକୁ ଚରିତାର୍ଥ କରିବାଠାରୁ ବହୁତ ବେଶୀ । ସମସ୍ତେ ଇଚ୍ଛା କଲେ ଏହି ଅନୁଭୂତିଟି ମଧ୍ୟ ପାଇପାରନ୍ତି ଏବଂ ପ୍ରକୃତରେ ଏହା ବଡ଼ ଚମତ୍କାର, ବଡ଼ ଚମତ୍କାର ଅଭିଜ୍ଞତା । ...

ଜଣେ ଯେତେବେଳେ ସ୍ୱେଚ୍ଛାପୂର୍ବକ କାମନା ତ୍ୟାଗ-କରେ, ସେତେବେଳେ ତା'ର ଚୈତ୍ୟସତ୍ତା ସହିତ ଏକ ଆନ୍ତର ମିଳନ ଘଟିଥାଏ । ଏବଂ ଏହା ଫଳରେ ସେ ଏପରି ଏକ ଅନନୁଭୂତ ଆନନ୍ଦ ପାଏ, ଯାହାକି ସେ ତା'ର କାମନାର ଚରିତାର୍ଥତା ଦ୍ୱାରା ପାଇ ନଥା'ନ୍ତା । ଏହାଛଡ଼ା, ବିନା ବ୍ୟତିକ୍ରମରେ ସବୁ କ୍ଷେତ୍ରରେ ପ୍ରାୟଶଃ ଏକଥା ମଧ୍ୟ ଘଟିଥାଏ ଯେ ଜଣେ ଯେତେବେଳେ ତା'ର କାମନାଟିଏ ପୂରଣ କରେ, ସେତେବେଳେ ଆମ ସତ୍ତା ଭିତରେ ତାହା କେଉଁଠି ଏକ ତିକ୍ତ ସ୍ୱାଦ ମଧ୍ୟ ଛାଡ଼ି ଦେଇଯାଏ ।

ଏପରି ଗୋଟିଏ ବି କାମନାଜନିତ ତୃପ୍ତି ନାହିଁ ଯାହାକି କୌଣସି ପ୍ରକାର ତିକ୍ତତା ନଦିଏ; ତୁମେ ଯଦି ଅତ୍ୟଧିକ ମିଠା ଜିନିଷଟିଏ ଖାଇବ ପରେ ପରେ ତୁମ ପାଟିରେ ଏକ ବିସ୍ୱାଦର ଅନୁଭବ ମଧ୍ୟ ଲାଗି ରହିବ । ଏହା ସେହିପରି କଥା । ତୁମକୁ ଖୁବ୍ ନିଷ୍ଠାପର ଭାବେ ଚେଷ୍ଟା କରିବାକୁ ହେବ । ସ୍ୱାଭାବିକ ଭାବେ ଏକଥା ବି ମନେରଖ ଯେ ତୁମେ କେବେ ବି ଯେମିତି କାମନା ତ୍ୟାଗ କରିଛ ବୋଲି ଛଳନା ନକର ଏବଂ ମନର ନିଭୃତ କୋଣରେ କାମନା ରଖି ବାହାରେ କାମନାତ୍ୟାଗୀ ବୋଲି ଦେଖେଇ ନହୁଅ, ତା'ହେଲେ ତୁମେ ଆହୁରି ଦୁଃଖ, କଷ୍ଟ ପାଇବ । ତୁମକୁ ନିଷ୍ଠାପର ଭାବେ ଏକଥା କରିବାକୁ ହେବ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଅଭୀପ୍ସା

## ଶେଖ ଅବଦୁଲ କାଶମ

ଯେକୌଣସି ଆଧ୍ୟାତ୍ମିକ ସାଧନାରେ ଅଭୀପ୍ସା ବା ଆସ୍ପୃହାର ଏକ ବିଶେଷ ମହତ୍ତ୍ୱ ରହିଛି । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଯେଉଁ ତ୍ରିବିଧ ପ୍ରୟାସର ଅବତାରଣା କରାଯାଇଛି ତନ୍ମଧ୍ୟରୁ ଅଭୀପ୍ସା ଅନ୍ୟତମ । ଏହା ସାଧନା-ଶିଡ଼ିର ପ୍ରଥମ ପାହାଚ ରୂପେ ସ୍ଥାନ ଗ୍ରହଣ କରେ । ପୂର୍ଣ୍ଣଯୋଗର ଲକ୍ଷ୍ୟ ଅତ୍ୟନ୍ତ ଦୁରୂହ ଓ କଷ୍ଟସାଧ୍ୟ । କାରଣ ଏହା ପୃଥିବୀ ଉପରେ ଦିବ୍ୟଜୀବନର ପ୍ରତିଷ୍ଠା ଓ ପାର୍ଥିବ ପ୍ରକୃତିର ରୂପାନ୍ତର ତଥା ପରିପୂର୍ଣ୍ଣତା ଉପରେ ପ୍ରମୁଖ ଗୁରୁତ୍ୱ ଦେଇଥାଏ । ଏହି ଲକ୍ଷ୍ୟ କେବଳ ଦୁଇଟି ଶକ୍ତିର ସଂଯୋଗରେ ପୂରଣ ହୋଇପାରେ, ଗୋଟିଏ ହେଲା, ସାଧକ ପକ୍ଷରୁ ଏକ ସ୍ଥିର, ଅପ୍ରତିହତ ଅନନ୍ୟମୁଖୀ ଆସ୍ପୃହା, ଏକ ଆକୁତି ଓ ଆବାହନ ଏବଂ ଦ୍ୱିତୀୟଟି ହେଲା ଉର୍ଦ୍ଧ୍ୱରୁ ଉତ୍ତର ଦେଉଥିବା ଭଗବାନଙ୍କ କରୁଣା । ସାଧକର ସମଗ୍ର ସତ୍ତା ଭିତରେ ଯଦି ଆନ୍ତରିକ ଆସ୍ପୃହାର ଅଗ୍ନିଶିଖା ପ୍ରଜ୍ଜ୍ୱଳିତ ହୋଇ ରହିଛି ତାହାହେଲେ ଭାଗବତ କରୁଣାର ଅବତରଣ ଏକାନ୍ତ ସ୍ୱାଭାବିକ ଓ ସୁନିଶ୍ଚିତ ଅଟେ ।

ଶ୍ରୀଅରବିନ୍ଦ 'ଦିବ୍ୟଜୀବନ' ଗ୍ରନ୍ଥରେ କହିଛନ୍ତି ଯେ ଆଦିକାଳରୁ ମନୁଷ୍ୟ ଯେଉଁ ଚାରୋଟି ସର୍ବଶ୍ରେଷ୍ଠ ଅଭୀପ୍ସା ପୋଷଣ କରି ଆସିଛି ତାହାହେଲା – ଭଗବାନ୍, ଆଲୋକ, ମୁକ୍ତି ଓ ଅମରତ୍ୱ । ଏହି ଲକ୍ଷ୍ୟକୁ ପ୍ରାପ୍ତ କରିବାକୁ ହେଲେ ଯୋଗସାଧନା ଅନିବାର୍ଯ୍ୟ । ଆମର ଆନ୍ତର ସତ୍ତା ଭିତରେ ଯୋଗଶକ୍ତି କୁଣ୍ଡଳିତ ସର୍ପସଦୃଶ ସୁପ୍ତ ହୋଇ ରହିଥାଏ । ଯେତେବେଳେ ଜଣେ ଯୋଗସାଧନା କରିବାକୁ ଆରମ୍ଭ କରେ ସେହି ସୁପ୍ତ ଯୋଗ ଶକ୍ତି ଉର୍ଦ୍ଧ୍ୱକୁ ଉଠିଆସେ ଏବଂ ଦିବ୍ୟ ଚେତନା ଓ ଶକ୍ତି ସହିତ ମିଳିତ ହେବା ଲାଗି ପ୍ରୟାସ କରେ । ଯଦି ଆମ ଭିତରେ ଆନ୍ତରିକ ସଂକଳ୍ପ ଏବଂ ଆସ୍ପୃହା ରହିଥାଏ ତାହାହେଲେ ସେହି ଯୋଗ ଶକ୍ତି ସ୍ୱତଃ ଜାଗି ଉଠିଥାଏ । ଯୋଗ-ଶକ୍ତି ଜାଗ୍ରତ୍ ହେଲେ ଯୋଗସାଧାନା ପାଇଁ ତୀବ୍ର ଅଭୀପ୍ସା ସୃଷ୍ଟି ହୁଏ । ଅଭୀପ୍ସା ହେଉଛି ଚୈତ୍ୟ ଅଗ୍ନିର ଏକ ଶୁଦ୍ଧ, ପବିତ୍ର ଶିଖା ଯାହା ଚେତନାର ଗଭୀର ଅନ୍ତର୍ପ୍ରଦେଶରୁ ଉତ୍ସାରିତ ହୋଇଥାଏ । ଏହି ଅଗ୍ନିଶିଖା ଆପଣାର ତେଜ ଓ ଉଷ୍ମତା ଦ୍ୱାରା ଆମର ଶରୀର, ମନ ଓ ହୃଦୟକୁ ଅଭିମନ୍ତ୍ରିତ ଓ ସନ୍ଦୀପିତ କରି ଉର୍ଦ୍ଧ୍ୱସ୍ଥ ଭାଗବତ ଚେତନା ଅଭିମୁଖରେ ଉତ୍ତୋଳିତ କରିନିଏ । ଆମ ସତ୍ତା ଭିତରେ ଆସ୍ପୃହା ପଲ୍ଲବିତ ହେଲେ ତାହା ମନ ଭିତରେ ଏକ ଅଦମ୍ୟ ଇଚ୍ଛାଶକ୍ତି ଏବଂ ହୃଦୟରେ ଆଲୋକ ପାଇଁ ଏକ ଗଭୀର ପିପାସା ସୃଷ୍ଟି କରେ । ତତ୍ ସହିତ ଉର୍ଦ୍ଧ୍ୱମୁଖୀ ସକଳ ଶୁଭ ପ୍ରୟାସରେ ପ୍ରାଣସତ୍ତା ସମ୍ମତି ଓ ସହଯୋଗ ପ୍ରଦାନ କରେ ଏବଂ ଆମ ଭୌତିକ ଚେତନା ମଧ୍ୟ ନମନୀୟ ହୋଇ ଦିବ୍ୟ ଆଲୋକ ଆଡ଼କୁ ଉନ୍ମୀଳିତ ହୋଇଉଠେ ।

ଏହି ବିଶ୍ୱ ବ୍ରହ୍ମାଣ୍ଡର ପୃଷ୍ଠଭାଗରେ ପରମ ସଦ୍‌ବସ୍ତୁ ରହିଛି ଯାହା ଉପରେ ବିଶ୍ୱଟି ନିର୍ଭର କରୁଛି କିନ୍ତୁ ସେହି ପରମସତ୍ତା ବିଶ୍ୱ ଉପରେ ନିର୍ଭର କରେ ନାହିଁ । ସେହି ପରମ ସତ୍ୟ-ସତ୍ତା ହେଉଛି ଅନିର୍ବଚନୀୟ ଯାହା ଆମ ବୋଧଶକ୍ତିର ଅତୀତ । କିନ୍ତୁ ସକଳ ବସ୍ତୁ ଓ ସକଳ ଘଟଣା ସେହି ପରମସତ୍ତା ଦ୍ୱାରାହିଁ ନିୟନ୍ତ୍ରିତ ଓ ପରିଚାଳିତ । ସୁତରାଂ ସେହି ପରମ ସତ୍ୟ ବିଷୟରେ ଜାଣିବା ଏବଂ ତାହା ସକାଶେ ଜୀବନ ବଞ୍ଚିବା ହେଉଛି ମନୁଷ୍ୟର ଶ୍ରେଷ୍ଠ କର୍ତ୍ତବ୍ୟ । ମନୁଷ୍ୟ କେବଳ ନିଜ ପ୍ରୟାସରେ ପରିପୂର୍ଣ୍ଣତା ହାସଲ କରିପାରିବ ନାହିଁ । ଏକ ପରିପୂର୍ଣ୍ଣ ଦୁଃଖରହିତ ଆନନ୍ଦମୟ ଜୀବନ ପାଇଁ ତାକୁ ପରମସତ୍ତାଙ୍କ ଉପରେ ନିର୍ଭର କରିବାକୁ ହେବ । ସୁତରାଂ ପ୍ରାଥମିକ ପର୍ଯ୍ୟାୟରେ ଜିଜ୍ଞାସାବୋଧ ଓ ନିର୍ଭରଶୀଳତା ଦ୍ୱାରା ପ୍ରେରିତ ହୋଇ ମନୁଷ୍ୟ ସେହି ପରମ ସଦ୍‌ବସ୍ତୁକୁ ଉପଲବ୍ଧି କରିବା ପାଇଁ ଆସ୍ପୃହା ପୋଷଣ କରେ । ଏକ ମିଥ୍ୟାଶ୍ରିତ, କୁତ୍ସିତ ଓ କୃତ୍ରିମ ଜୀବନ ନ ବଞ୍ଚି ଏକ ସାର୍ଥକ ପରିପୂର୍ଣ୍ଣ ଜୀବନ ବଞ୍ଚିବା ଲାଗି ମନୁଷ୍ୟ ଭିତରେ ଆସ୍ପୃହା ଜାଗ୍ରତ୍ ହୋଇଥାଏ ।

ଶ୍ରୀଅରବିନ୍ଦଙ୍କ ଭାଷାରେ ଅଭୀପ୍ସା ହେଉଛି ଏକ ଆଧ୍ୟାତ୍ମିକ ଉତ୍ସାହ, ଆଧ୍ୟାତ୍ମିକ ଅନ୍ୱେଷଣ ପାଇଁ ରହିଥିବା ଉର୍ଦ୍ଧ୍ୱଗାମୀ ଆବେଗ ଓ ଆକୁଳତା (a spiritual enthusiasm, the height and ardour of the soul's seeking) । ମାଆଙ୍କ ଭାଷାରେ ଅଭୀପ୍ସା ହେଉଛି ''ଦିବ୍ୟ ଶକ୍ତି, ଦିବ୍ୟ ସଂଗତି ଓ ଦିବ୍ୟ ପ୍ରେମ ସହିତ ସଂସ୍ପର୍ଶ ଲାଗି ଏକ ପ୍ରବଳ ଆକାଙ୍କ୍ଷା, ଏକ ଗଭୀର ତୃଷା'' (a yearning, a longing for the contact with the Divine Force,

divine Harmony and divine Love)। ପୁଣି ଏହା ହେଉଛି ‘‘ଏକ ଆନ୍ତର ଅଗ୍ନିଶିଖା, ଆଲୋକ ପ୍ରତି ଏକ ପ୍ରୟୋଜନୀୟତା ବୋଧ । ... ଏକ ଜ୍ୟୋତିର୍ମୟ ଉତ୍ସାହ ଯାହା ସମଗ୍ର ସତ୍ତାକୁ ଅଧିକାର କରିନିଏ’’ (an inner flame, a need for the light. ... A luminous enthusiasm that seizes the whole being)। ମାଆଙ୍କ ଦ୍ୱାରା ପ୍ରଦତ୍ତ ‘ଆସ୍ପୃହା’ର ଆଉ ଏକ ସଂଜ୍ଞା ହେଲା – ଯାହାକିଛି ଉଚ୍ଚ, ମହାନ୍ ଓ ଦିବ୍ୟ, ସେସବୁ ପ୍ରତି ଏକ ଅପରିତର୍ପଣୀୟ ତୃଷା, ଏକ ଶକ୍ତିମନ୍ତ ଉତ୍ସାହ, ଏକ ଜ୍ୟୋତିର୍ମୟ ଅନୁଧାବନ (An unquenchable thirst, an elan, a luminous drive towards all that is high, all that is noble, all that is divine)। ମାଆ ଆହୁରି କହନ୍ତି, ଆସ୍ପୃହା ହେଉଛି ଏକ ସାହସ ଯାହା ସର୍ବୋତ୍ତମ ଅଭିଯାତ୍ରା, ଚେତନାର ଅଭିଯାତ୍ରା ପ୍ରତି ଆଗ୍ରହ ପୋଷଣ କରିଥାଏ । (a courage with a taste for the supreme adventure, the adventure of Consciousness)। ପୁନଶ୍ଚ ଆସ୍ପୃହା ହେଉଛି, ଏକ ବିଶୁଦ୍ଧକାରିଣୀ ଇଚ୍ଛାଶକ୍ତି, ଏକ ନିତ୍ୟ ଊର୍ଦ୍ଧ୍ୱମୁଖୀ ଆରୋହଣ (... a purifying will, an ever mounting drive)। ପରମ ଅଜ୍ଞାତ, ପରମ ପୂର୍ଣ୍ଣତା ଓ ନୂତନତାରେ ଯାହା ଶ୍ରେଷ୍ଠ – ଏସବୁ ପ୍ରତି ଏକ ଆନ୍ତର ଉତ୍ସାହକୁ ଆମେ ଆସ୍ପୃହା ବୋଲି ଜାଣିବା ।

ଆମେ ଅଭୀପ୍ସାକୁ ବୁଝିବା ଲାଗି ମାଆଙ୍କ ଜୀବନରୁ ଏକ ଦୃଷ୍ଟାନ୍ତ ନେଇ ପାରିବା । ମାଆଙ୍କ ବୟସ ଯେତେବେଳେ ଅଠରରୁ କୋଡ଼ିଏ ବର୍ଷ ଭିତରେ ଥିଲା, ସେହି ସମୟରେ ସେ ଜାଣିବାକୁ ପାଇଲେ ଯେ ତାଙ୍କୁ ନିଜର ଅନ୍ତରନିବାସୀ ଭଗବାନଙ୍କୁ ଆବିଷ୍କାର କରିବାକୁ ହେବ, ସେତେବେଳେ ତାହା ତାଙ୍କୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନେ ହେଲା । ସେହି ଲକ୍ଷ୍ୟ ସେତେବେଳେ ତାଙ୍କ ଚେତନାର ସର୍ବାଗ୍ରେ ରହିଥିଲା । ସେହି ଆବିଷ୍କାର ଲାଗି ଗୋଟିଏ ଝଡ଼ ଭଳି ସେ ଆଗେଇ ଗଲେ, ତାଙ୍କୁ କିଛି ବି ଅଟକାଇ ପାରିଲା ନାହିଁ । ତାଙ୍କର ସକଳ ଚିନ୍ତା, ଆବେଗ, ଆକାଂକ୍ଷା ଓ କର୍ମ ସେହି ଗୋଟିଏ ଲକ୍ଷ୍ୟ ଉପରେହିଁ ନିବଦ୍ଧ ହୋଇ ରହିଥିଲା । ସେହି ଅନନ୍ୟମୁଖୀ ଅନ୍ୱେଷଣର ଫଳସ୍ୱରୂପ ସେ ମାସକ ଭିତରେହିଁ ନିଜ ଅନ୍ତର ଭିତରେ ଭଗବାନଙ୍କୁ ପ୍ରତ୍ୟକ୍ଷଭାବେ ଉପଲବ୍ଧି କଲେ । ଏହା ହେଉଛି ଆସ୍ପୃହାର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ । ଇତିହାସରୁ ଆଉ ଏକ ଦୃଷ୍ଟାନ୍ତ ନେବା । ଏକଦା ପାରସ୍ୟରେ ବାହାଇ ଧର୍ମର ଜଣେ ଅନୁଗାମୀଙ୍କୁ ତାଙ୍କ ବିରୋଧୀମାନେ ବିଧର୍ମୀ ଆଖ୍ୟା ଦେଇ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ ଚାହିଁଲେ । ଅଭିଯୁକ୍ତଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଜଳନ୍ତା ମହମବତୀଗୁଡ଼ିକ ସ୍ଥାପନ କରାଗଲା । ଉତ୍ତପ୍ତ ମହମ ଦ୍ୱାରା ତାଙ୍କର ସର୍ବାଙ୍ଗ ପୋଡ଼ିବାକୁ ଲାଗିଲା । ସେହି ତୀବ୍ର ଯନ୍ତ୍ରଣାର ଦୟନୀୟ ଅବସ୍ଥାରେ ତାଙ୍କର ଜଣେ ସମର୍ଥକ ସମବେଦନା ଜ୍ଞାପନ କରିବାରୁ ସେହି ସାଧକ କହିଲେ –‘‘ଆପଣମାନେ ମୋ ପାଇଁ ବ୍ୟଥିତ ହୁଅନ୍ତୁ ନାହିଁ । ମୋତେ ଆଦୌ କଷ୍ଟ ଅନୁଭବ ହେଉ ନାହିଁ ବରଂ ଏହା ମୋ ଜୀବନର ସୁନ୍ଦରତମ ମୁହୂର୍ତ୍ତ ।’’ ଭଗବାନଙ୍କ ପ୍ରତି ତାଙ୍କର ବିଶ୍ୱାସ ଓ ଆସ୍ପୃହା ଏତେ ଗଭୀର ଥିଲା ଯେ ସେଇ ତୀବ୍ର ଯନ୍ତ୍ରଣା ମଧ୍ୟ ତାଙ୍କୁ ଏକ ପରମ ଆନନ୍ଦମୟ ଅବସ୍ଥା ବୋଲି ବୋଧ ହେଲା । ତୀବ୍ର ଆସ୍ପୃହା କିପରି ଏକ ଆନନ୍ଦମୟ ସମର୍ପଣକୁ ନେଇ ଆସେ ଏହା ତାହାର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ।

ପ୍ରକୃତରେ ଅଭୀପ୍ସା ହେଉଛି, ‘‘ଏହା ଏକ ଅପ୍ରତିରୋଧ ଆବଶ୍ୟକତା – ସମ୍ପୂର୍ଣ୍ଣ ରୂପେ ବିଗଳିତ ହୋଇଯିବା ଲାଗି, ନିଜକୁ ଦେଇ ଦେବା ଲାଗି ଏବଂ କେବଳ ଭଗବାନଙ୍କ ଲାଗିହିଁ ଜୀବନ ବଞ୍ଚିବାର ଆବଶ୍ୟକତା ।’’ (“It is an irresistible need to melt away, to give oneself, to exist only in the Divine.” – The Mother)। ଆଧ୍ୟାତ୍ମିକ ଜୀବନରେ ଆସ୍ପୃହାର ମହତ୍ତ୍ୱ ଏତେ ବେଶୀ ଯେ ସାମାନ୍ୟ ଟିକିଏ ଆସ୍ପୃହା ମଧ୍ୟ ଜଣକୁ ସାଧନା ପଥରେ ଅନେକ ଦୂର ଅଗ୍ରସର କରାଇ ନେବ । ଆସ୍ପୃହାକୁ ବାଦ୍ ଦେଲେ କୌଣସି ସାଧନା ସମ୍ଭବ ନୁହେଁ । ଥରେ ଜଣେ ଶିଷ୍ୟ ନିଜର ଅସାମର୍ଥ୍ୟ ଜଣାଇବାକୁ ଯାଇ ଶ୍ରୀଅରବିନ୍ଦଙ୍କୁ କହିଲେ ଯେ ତାଙ୍କର ଆସ୍ପୃହା ଯଥେଷ୍ଟ ହୋଇପାରୁ ନାହିଁ ବା ସେ ତୀବ୍ରତା ସହ ଆସ୍ପୃହା କରିପାରୁ ନାହାନ୍ତି, ଏଥିପାଇଁ କ’ଣ କରାଯିବ ? ତାଙ୍କୁ ଶ୍ରୀଅରବିନ୍ଦଙ୍କର ପରାମର୍ଶ ଥିଲା – “Well then, aspire weakly and phantasmally – but any how aspire.” ଅର୍ଥାତ୍, ‘‘ଠିକ୍ ଅଛି, ତାହାହେଲେ କ୍ଷୀଣ ଭାବରେ ବା ଅସ୍ପଷ୍ଟ ଓ କାଳ୍ପନିକଭାବେ ହେଉ ପଛେ, ଆସ୍ପୃହା କର – ଯେକୌଣସି ପ୍ରକାରେ ଆସ୍ପୃହା କର ।’’ ଆସ୍ପୃହା ବିନା ମାନବ ଜୀବନ ବ୍ୟର୍ଥ ହୋଇଥାଏ । ଶ୍ରୀଅରବିନ୍ଦ କହନ୍ତି – “Souls that do not aspire are God’s failures.” ଅର୍ଥାତ୍, ‘‘ଯେଉଁ ମାନବାତ୍ମାମାନେ ଆସ୍ପୃହା କରି ନଥା’ନ୍ତି, ଭଗବାନଙ୍କ ଦ୍ୱାରା ସେମାନଙ୍କ ସୃଷ୍ଟି ଏକ ବ୍ୟର୍ଥତାରେ ପରିଣତ ହୁଏ ।’’

ଆସ୍ପୃହାକୁ ଜୀବନରେ ଲାଭ କରିବାକୁ ହେଲେ ପ୍ରଥମେ ଆମକୁ ଅଧିକରୁ ଅଧିକ କମ୍ ସ୍ୱାର୍ଥପର ହେବା ଲାଗି ଚେଷ୍ଟା କରିବାକୁ ପଡ଼ିବ । ନିଜେ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ନିଜ ଭିତରେ ଯଥାସମ୍ଭବ କମ୍ ଅନୁଭବ କରିବାକୁ ହେବ । ଅଧିକାଂଶ ବ୍ୟକ୍ତି ଅଚେତନା ଓ ଅଜ୍ଞାନରେ ଥାଇ ଏକ ନିରର୍ଥକ ଜୀବନ ବଞ୍ଚୁଥା'ନ୍ତି । ସେମାନେ ଯେଉଁସବୁ କାର୍ଯ୍ୟ କରୁଥା'ନ୍ତି ତାହା କାହିଁକି କରୁଛନ୍ତି ସେକଥା ଜାଣି ନଥା'ନ୍ତି । ସେମାନଙ୍କ ଭିତରେ ଯେଉଁ ଭାବନା ବା ଆବେଗଗୁଡ଼ିକ କ୍ରିୟା କରୁଥା'ନ୍ତି, ତାହାର କାରଣ ଓ ତାତ୍ପର୍ଯ୍ୟ ସେମାନେ ବୁଝି ନଥା'ନ୍ତି । ସେମାନେ କେବଳ ଅଭ୍ୟାସଗତ ଓ ରୁଟିନ୍‌ଗତ ଭାବରେ କାର୍ଯ୍ୟ କରି ଚାଲିଥା'ନ୍ତି । ସବୁକଥାରେ ଭ୍ରାନ୍ତିଯୁକ୍ତ ପ୍ରତିକ୍ରିୟା ପ୍ରକାଶ କରୁଥା'ନ୍ତି । ସେମାନେ ଏକ ଲକ୍ଷ୍ୟହୀନ ଜୀବନ ବଞ୍ଚୁଥା'ନ୍ତି । ସମ୍ପୂର୍ଣ୍ଣ ରୂପେ ଏକ ଦେହଗତ ଓ ପ୍ରାଣଗତ ଜୀବନ ଭିତରେ ସେମାନେ ସୀମିତ ହୋଇ ରହିଥା'ନ୍ତି । ଜଣେ ବ୍ୟକ୍ତିର ଜୀବନରେ ଦିନେ ହଠାତ୍ ଏପରି ଏକ ପରିବର୍ତ୍ତନ ଦେଖା ଦେଇପାରେ ଯେତେବେଳେ କି ସେ ଆଉ ଗତାନୁଗତିକ ଜୀବନକୁ ନେଇ ସନ୍ତୁଷ୍ଟ ହୋଇପାରେ ନାହିଁ । ତା' ଭିତରେ ଏକ ଜାଗୃତି ଦେଖାଦିଏ । ସେ ବସ୍ତୁସକଳ ଓ ଘଟଣାଗୁଡ଼ିକର ତାତ୍ପର୍ଯ୍ୟକୁ ବୁଝିବାକୁ ଆରମ୍ଭ କରେ । ସେତେବେଳେ ତା' ଭିତରେ ଏକ ଅଭୀପ୍ସା ସୃଷ୍ଟି ହୁଏ । ସେ ଏକ ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିବାକୁ ଆଗେଇ ଆସେ । ସେ ଏକ ମେସିନ୍ ଭଳି ଅଚେତନ ଜୀବନ ବଞ୍ଚିବାକୁ ଚାହେଁ ନାହିଁ । ଯଥାର୍ଥ ରୂପେ ଜାଣିବା, ବୁଝିବା ଓ କାର୍ଯ୍ୟ କରିବାକୁ ସେ ପ୍ରସ୍ତୁତ ହୁଏ । ଜୀବନର ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧରେ ସେ ସଚେତନ ହୁଏ । ଫଳରେ ତା' ଭିତରେ ଆସ୍ପୃହାର ଉଦୟ ଘଟେ । ଆସ୍ପୃହାହିଁ ତାକୁ ସକଳ ବାଧାବିଘ୍ନକୁ ଅତିକ୍ରମ କରିବାକୁ ସାହସ ଓ ବଳ ଦିଏ । ତା'ର ଚେତନା ସଂକେନ୍ଦ୍ରିତ ହେବାରୁ ସେ ଯାବତୀୟ ବ୍ୟର୍ଥ ଅନୁଧାବନରୁ ବିରତ ହୋଇ ରହେ ଏବଂ ଯଥାର୍ଥ ଲକ୍ଷ୍ୟ ଉପରେହିଁ ମନୋନିବେଶ କରେ । ନିମ୍ନ ପ୍ରକୃତିଗତ ଓ ଅହଂଗତ ଫମ୍ପା ଜୀବନ ତାକୁ ଆଉ ଆକୃଷ୍ଟ କରିପାରେ ନାହିଁ । କ୍ଷଣସ୍ଥାୟୀ ବସ୍ତୁଗୁଡ଼ିକ ପ୍ରତି ରହିଥିବା ଆସକ୍ତି କ୍ଷୀଣ ହେବାକୁ ଲାଗେ, ସେ ଶାଶ୍ୱତ ସଦ୍‌ବସ୍ତୁ ପ୍ରତି ଅଭୀପ୍ସା ପୋଷଣ କରେ ।

ମାଆ କହନ୍ତି ଯେ ଅଭୀପ୍ସା ଏକ ତୀର ଭଳି । ଏହା ଊର୍ଦ୍ଧ୍ୱସ୍ଥ ପରମ ସତ୍ୟ ଆଡ଼କୁ ଏକମୁଖୀ ହୋଇ ତୀବ୍ର ଗତି ସହ ସିଧା ଉଠି ଚାଲିଥାଏ । ଲକ୍ଷ୍ୟସ୍ଥଳ ଲୌହସମ ଦୁର୍ଭେଦ୍ୟ ଓ କଠିନ ହୋଇଥିଲେ ମଧ୍ୟ ଏହା ବାରଂବାର ଆଘାତ ଦ୍ୱାରା ତାହାକୁ ଭେଦ କରିଥାଏ । ସାଧକକୁ ଲକ୍ଷ୍ୟପ୍ରାପ୍ତି ପାଇଁ ଦୃଢ଼ ଐକାନ୍ତିକ ଇଚ୍ଛାଶକ୍ତି ଓ ଗଭୀର ଅଭିନିବେଶ ଦ୍ୱାରା ବାରଂବାର ଅକ୍ଲାନ୍ତ ପ୍ରୟାସ କରିବାକୁ ହୁଏ । ପ୍ରଥମେ ସତ୍ୟକୁ ବୁଝିବାକୁ ଓ ଜାଣିବାକୁ ଚେଷ୍ଟା କରାଯାଏ । ତା'ପରେ ସେଥିରେ ପ୍ରବେଶ କରିବା ପାଇଁ ଆସ୍ପୃହାକୁ ବଳବତୀ କରାଯାଏ । ଏହି ପ୍ରୟାସରେ ସାଧକ ଏକ ଚୂଡ଼ାନ୍ତ ସ୍ଥିତିରେ ଆସି ପହଞ୍ଚେ ଯେତେବେଳେ କି ଅହଂ ବିଲୁପ୍ତ ହୋଇଯାଏ ଏବଂ ବୁଝିବା, ଜାଣିବା ବା ପ୍ରଚେଷ୍ଟା କରିବାର ଆଉ ପ୍ରୟୋଜନ ନଥାଏ । ସାଧକ ଆପେ ସେହି ପରମ ସତ୍ୟ ହୋଇଉଠେ, ଜିଜ୍ଞାସୁଟିଏ ସ୍ୱୟଂ ଜ୍ଞାନ ଓ ପରମ ଜ୍ଞେୟ ହୋଇଉଠେ, ଅର୍ଥାତ୍ ସାଧକ ଓ ଭଗବାନଙ୍କ ମଧ୍ୟରେ ଆଉ ଦୂରତ୍ୱ ବା ପାର୍ଥକ୍ୟ ରହି ନଥାଏ । ସେଥିପାଇଁ କୁହାଯାଇଛି, ''ପୂର୍ଣ୍ଣଯୋଗରେ ଭଗବାନହିଁ ସାଧକ, ଭଗବାନହିଁ ସାଧନା ।''

ପ୍ରାରମ୍ଭରେ ଆସ୍ପୃହା କ୍ଷୀଣ, ଦୁର୍ବଳ ଓ ଅସ୍ପଷ୍ଟ ହୋଇପାରେ, ମାତ୍ର ସାଧକର ସଚେତନତା ବୃଦ୍ଧି ପାଇଲେ ଏହା କ୍ରମଶଃ ଅଧିକରୁ ଅଧିକ ବିକଶିତ ହୁଏ, ଅଧିକରୁ ଅଧିକ ବୃଦ୍ଧିପ୍ରାପ୍ତ ହୁଏ ଏବଂ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ହୋଇଉଠେ । ଏକ ଜୀବନ୍ତ ଅନୁଭୂତିରୁ ଜାଗ୍ରତ୍ ହୋଇ ଆସ୍ପୃହା ଏକ ଊର୍ଦ୍ଧ୍ୱମୁଖୀ ଅଗ୍ନିଶିଖା ଭଳି ଉପରକୁ ଉଠିଚାଲେ । ତା'ର ଯାତ୍ରା ପଥରେ ତାହା ଯାବତୀୟ ଅଭୀଷ୍ଟ ଶୁଦ୍ଧ ଅନୁଭୂତିଗୁଡ଼ିକୁ ସାଉଁଟି ନେଇଯାଏ । ଆସ୍ପୃହା ଭିତରେ ରହିଥାଏ ଏକ ଶୁଦ୍ଧକାରିଣୀ ଇଚ୍ଛାଶକ୍ତି । କାମନାବାସନାର ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଏହା ଲକ୍ଷ୍ୟ ଦିଗରେ ଧାବିତ ହୁଏ । ଆସ୍ପୃହା ଚିର ଜାଗ୍ରତ୍ ଓ ସତର୍କ ହୋଇ ରହିଥିଲେ ପ୍ରତ୍ୟେକ ଦିନ ସାଧକର ଲକ୍ଷ୍ୟଟି ନିକଟତର ହୋଇ ଆସେ । ରାଜା ଅଶ୍ୱପତିଙ୍କ ସାଧନା ପଥରେ ଅଭୀପ୍ସା କିପରି ପ୍ରତ୍ୟେକ ଦିନକୁ ଏକ ଆଧ୍ୟାତ୍ମିକ ପ୍ରେମାନୁରାଗର କାହାଣୀରେ ପରିଣତ କରିଛି ତାହା 'ସାବିତ୍ରୀ' ମହାକାବ୍ୟରେ ବର୍ଣ୍ଣିତ ହୋଇଛି –

"Each day was a spiritual romance,"

(Savitri, p. 30)

ଅଭୀପ୍ସା ଯେତେ ତୀବ୍ରତର ହୁଏ ଆଧ୍ୟାତ୍ମିକ ଅନୁଭୂତି ସେତେ ସମୃଦ୍ଧ ଓ ଶକ୍ତିଶାଳୀ ହୋଇ ସାଧକ ପାଖରେ ପହଞ୍ଚେ । ଯୋଗର ପ୍ରଣାଳୀ ହେଲା ଅହଂକେନ୍ଦ୍ରିକ ଚେତନାରୁ ମୁକ୍ତ ହୋଇ ପରାତ୍ପର ଓ ବିଶ୍ୱଗତ ଚେତନାରେ ପ୍ରବେଶ କରିବା । ଏଥିପାଇଁ ଆବଶ୍ୟକ ଭାଗବତ ଚେତନା ଉପରେ ପ୍ରଗାଢ଼ ମନୋନିବେଶ,

ନିଜର ବ୍ୟକ୍ତିଗତ ଚେତନାକୁ ସଂଗୃହୀତ କରି ପରମସତ୍ୟ ଉପରେ ସଂକେନ୍ଦ୍ରିତ କରିବା । ହୃଦୟର ଅଭୀପ୍ସା, ଦୃଢ଼ ସଂକଳ୍ପ ଶକ୍ତି ଓ ମନର ଏକାଗ୍ରତା ବଳରେ ଆମେ ସାଧନାର ଅଭୀଷ୍ଟ ଫଳ ଲାଭ କରିପାରିବା । ବାଇବେଲର ବାକ୍ୟ ''ପରମପ୍ରଭୁଙ୍କ ପ୍ରତି ମୋର ଉତ୍ସାହ ଓ ଆକାଙ୍କ୍ଷା ମୋତେ ଗୋଟାସୁଦ୍ଧା ଗ୍ରାସ କରି ରହିଛି ।'' ("My zeal for the Lord has eaten me up.") – ଏହା ଯେଉଁ ବ୍ୟାକୁଳତାକୁ ସୂଚିତ କରୁଛି ସେଇ ବ୍ୟାକୁଳତା ନେଇ ଆମେ ଯଦି ଭଗବାନଙ୍କ ଆଡ଼କୁ ଯାତ୍ରା କରୁ ତାହାହେଲେ ତାଙ୍କୁ ଉପଲବ୍ଧି କରିବା ଏକେବାରେ ନିଶ୍ଚିତ । ଆମର ଲକ୍ଷ୍ୟ ପ୍ରାପ୍ତି ପାଇଁ ଏକ ବୌଦ୍ଧିକ ଧାରଣା ବା ବୌଦ୍ଧିକ ଅନ୍ୱେଷଣ (intellectual seeking) ଯଥେଷ୍ଟ ହେବ ନାହିଁ । ଆମର ହୃଦୟ ସେଥିପାଇଁ ଉଦ୍‌ଗ୍ରୀବ ହୋଇ ଚାହିଁବା ଆବଶ୍ୟକ । ଆମର ଇଚ୍ଛାଶକ୍ତି ମଧ୍ୟ ସେଇ ଲକ୍ଷ୍ୟ ସାଧନ ସକାଶେ ସମ୍ପୂର୍ଣ୍ଣଭାବେ ନିୟୋଜିତ ହେବା ଉଚିତ । ଏହି କାର୍ଯ୍ୟଟି ଏକ ବିଭାଜିତ ସଂକଳ୍ପ ଶକ୍ତି ବା ଦ୍ୱିଧାପୂର୍ଣ୍ଣ ମାନସିକ ପ୍ରୟାସ ଦ୍ୱାରା ସମ୍ଭବ ହେବ ନାହିଁ । ଭଗବାନଙ୍କ ପାଇଁ ଆମ ଭିତରେ ଏପରି ବ୍ୟାକୁଳତା ସୃଷ୍ଟି ହେବା ଆବଶ୍ୟକ ଯାହାର ପ୍ରଭାବରେ ଆମର ଅହଂସର୍ବସ୍ୱ ଗତିବୃତ୍ତିଗୁଡ଼ିକ ଆପେ ଆପେ ବିଲୁପ୍ତ ହୋଇଯିବେ । ଯୋଗ ସାଧନାକୁ ଫଳପ୍ରଦ କରିବାକୁ ହେଲେ ଆମ ସତ୍ତାର ଏକ ସୁସଂହତ ଅନନ୍ୟମୁଖିତା ଏକାନ୍ତ ଆବଶ୍ୟକ ।

ଅଭୀପ୍ସା ଓ କାମନା ଭିତରେ ପାର୍ଥକ୍ୟ ରହିଛି । ଅଭୀପ୍ସା ହେଉଛି ଏକ ନିଃସ୍ୱାର୍ଥପର ଅଗ୍ନିଶିଖା ଯାହା ଅହଂକୁ ପ୍ରଶ୍ରୟ ଦିଏ ନାହିଁ । ଆତ୍ମଦାନ (self-giving) ହେଉଛି ଏହାର ଧର୍ମ । ଅନ୍ୟ ପକ୍ଷରେ କାମନାବାସନା ସବୁବେଳେ ଅହଂ ଓ ସ୍ୱାର୍ଥକୁ କେନ୍ଦ୍ର କରି ପ୍ରକାଶିତ ହୋଇଥାଏ । ଯଥାର୍ଥ ଆସ୍ପୃହା ମସ୍ତିଷ୍କରୁ ଉତ୍ପନ୍ନ ହୁଏ ନାହିଁ । ଏହା ଭାବନା ଦ୍ୱାରା ସୂତ୍ରବଦ୍ଧ ହେଲେ ମଧ୍ୟ ମସ୍ତିଷ୍କରୁ ଆସେ ନାହିଁ ବରଂ ଏହା ହୃଦୟ ମଧ୍ୟରୁ ଏକ ଅଗ୍ନିଶିଖା ଭଳି ଊର୍ଦ୍ଧ୍ୱକୁ ଉଠିଥାଏ । ବେଦର ମନ୍ତ୍ରଗୁଡ଼ିକ ମନର ରଚନା ନୁହନ୍ତି, ସେଗୁଡ଼ିକ ଆସ୍ପୃହାରହିଁ ଫଳଶ୍ରୁତି ଯାହା ହୃଦୟର ଗଭୀରତମ ପ୍ରଦେଶରୁ, ଅର୍ଥାତ୍ ସତ୍ତାର ମନଃକ୍ଷେତ୍ରୀୟ କେନ୍ଦ୍ର (Psychological centre)ରୁ ଉଚ୍ଚାରିତ ହୋଇଥିଲେ । ଏହି ମନ୍ତ୍ରଗୁଡ଼ିକ ଏପରି ସ୍ୱୟଂସିଦ୍ଧ ଅଭିବ୍ୟକ୍ତି ଯେ ସେଥିରୁ ଗୋଟିଏ ଶବ୍ଦ ବି ପରିବର୍ତ୍ତନ କରି ହେବ ନାହିଁ । ଅଭୀପ୍ସା ଆମକୁ ଏକ ବିପୁଳତା (plenitude)ର ବୋଧ ପ୍ରଦାନ କରିଥାଏ । ଏହା ଏପରି ଏକ ଶକ୍ତି ଯାହା ଆମକୁ ପୂର୍ଣ୍ଣତଃ ପ୍ଳାବିତ କରି ରଖେ । ଏହା ଆମକୁ ଉତ୍ତେଜନାରହିତ ଏକ ବିଶେଷ ପ୍ରକାରର ଆନନ୍ଦ ଦେଇଥାଏ । ମା' କହନ୍ତି ଯେ ଏକ ନିରନ୍ତର ଆସ୍ପୃହା ମନୁଷ୍ୟ ପ୍ରକୃତିର ସକଳ ତ୍ରୁଟିବିଚ୍ୟୁତିଗୁଡ଼ିକ ଉପରେ ବିଜୟ ହାସଲ କରିଥାଏ ।

ଅଭୀପ୍ସା ଶବ୍ଦଗୁଡ଼ିକୁ ନେଇ ରୂପାୟିତ ହୋଇ ନଥାଏ । ଅନ୍ୟ ପକ୍ଷରେ ପ୍ରାର୍ଥନା ସାଧାରଣତଃ ଶବ୍ଦଗୁଡ଼ିକୁ ନେଇ ଗଠିତ ହୋଇଥାଏ । ଏହା ଏକ ବାହ୍ୟ ଜିନିଷ । ଭଗବାନଙ୍କ କରୁଣା ଓ ସହାୟତା ପାଇଁ ଆମେ ଶବ୍ଦ ମାଧ୍ୟମରେ ତାଙ୍କୁ ଧନ୍ୟବାଦ ଦେଉ ବା ତାଙ୍କଠାରେ କୃତଜ୍ଞତା ପ୍ରକାଶ କରୁ । ବିପଦରୁ ରକ୍ଷା ପାଇବା ପାଇଁ ବା କୌଣସି ଭୌତିକ ଜିନିଷର ପ୍ରାପ୍ତି ପାଇଁ ଆମେ ଶବ୍ଦ ସଂବଳିତ ପ୍ରାର୍ଥନା ମାଧ୍ୟମରେ ଭଗବାନଙ୍କଠାରେ ଆମର ମାଗୁଣି ଜଣାଇ ଥାଉ । ଅଭୀପ୍ସା ପ୍ରତ୍ୟେକ ଦୃଷ୍ଟିରୁ ପ୍ରାର୍ଥନାଠାରୁ ଭିନ୍ନ ବା ମହତ୍ତର । ଅଭୀପ୍ସାରେ କୌଣସି ଶବ୍ଦ ସଂବଳିତ ଅଭିବ୍ୟକ୍ତିର ପ୍ରୟୋଜନ ନଥାଏ । ଆମେ ଯାହା କରିବାକୁ ଚାହୁଁ ବା ହୋଇ ଉଠିବାକୁ ଚାହୁଁ ସେଥିରେ ମଜ୍ଜି ରହିବା ବା କେବଳ ତାହାକୁ ନେଇ ବଞ୍ଚିବା ହେଉଛି ଅଭୀପ୍ସାର ଲକ୍ଷଣ । ଭଗବାନଙ୍କ ନିମିତ୍ତ ଆମେ ଯାହା କରିବାକୁ ଚାହୁଁ ବା ଯେଉଁ ସେବା ପ୍ରଦାନ କରିବାକୁ ଚାହୁଁ ତାହାକୁ ତାଙ୍କ ପାଖରେ ଭକ୍ତିର ସହ ନୈବେଦ୍ୟ ରୂପେ ଉତ୍ସର୍ଗ କରିବା ହେଉଛି ଅଭୀପ୍ସା । ପ୍ରାର୍ଥନା ଯାନ୍ତ୍ରିକ ହୋଇପାରେ, ସୂତ୍ରବଦ୍ଧ ହୋଇପାରେ । ଏହା ଏକ ବ୍ୟକ୍ତିଗତ ବ୍ୟାପାର ହୋଇଥାଏ ଯାହାକି ଏକ ବ୍ୟକ୍ତିଗତ ଭଗବତ୍ ସତ୍ତାଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ । ଅନ୍ୟ ପକ୍ଷରେ ଆସ୍ପୃହା ଯାନ୍ତ୍ରିକ ବା ସୂତ୍ରବଦ୍ଧ ହୋଇ ନଥାଏ । ଏହା ବ୍ୟକ୍ତିଗତ ଭାଗବତ ସତ୍ତାଙ୍କ ପ୍ରତି ଅଭିପ୍ରେତ ହୋଇ ନଥାଏ । ଆମେ ଏକ ନିର୍ଦ୍ଦିଷ୍ଟ ସ୍ଥିତି ପାଇଁ ଆସ୍ପୃହା କରିଥାଉ । ଅଜ୍ଞାନ ଓ ଅସ୍ମିତାରୁ ମୁକ୍ତ ହେବା ପାଇଁ ବା ଜ୍ଞାନ ଓ ଉପଲବ୍ଧି ପାଇଁ ଅଥବା ଏକ ଉଚ୍ଚତର ଚେତନାକୁ ଉନ୍ନୀତ ହେବା ପାଇଁ ଆମେ ଆସ୍ପୃହା କରିଥାଉ । ଯଦି ଆସ୍ପୃହା କେବେ ଶବ୍ଦର ପୋଷାକ ପିନ୍ଧିବା ଆବଶ୍ୟକ ହୁଏ ତେବେ ତାହା ଏକ ଆବାହନ ବା ଆକୁତି (invocation)ର ରୂପ ନିଏ । ଆସ୍ପୃହାରେ ସ୍ୱତଃସ୍ଫୂର୍ତ୍ତତା ଥାଏ, ଏହା ସତ୍ତାର ସମସ୍ତ ଅଂଶକୁ ଆପଣାର ବିସ୍ତୃତଭାବ ଦ୍ୱାରା ନିମଜ୍ଜିତ କରିଦିଏ । ଏହା ଆମକୁ ଏକ ଉତ୍ତୋଳନ ବା ଆରୋହଣର ବୋଧ ପ୍ରଦାନ କରିଥାଏ । ଯଦି ଜଣେ ସମ୍ପୂର୍ଣ୍ଣ ରୂପେ ଆସ୍ପୃହା ଓ ଇଚ୍ଛା ଶକ୍ତି ଉପରେ ନିରନ୍ତର ଅଭିନିବିଷ୍ଟ ହୋଇ ରହିଛି ତାହାହେଲେ ତାକୁ ଲକ୍ଷ୍ୟ ପ୍ରାପ୍ତିରୁ କେହି ବଞ୍ଚିତ

କରିପାରିବ ନାହିଁ । ଆସ୍ପୃହା ବିଶ୍ୱାସ ଉପରେ ଆଧାରିତ ହୋଇଥାଏ । ଏହା ଦିବ୍ୟ ଶକ୍ତି ଓ ଦିବ୍ୟ କୃପା ଉପରେ ପୂର୍ଣ୍ଣ ଭରସା ରଖିଥିବାରୁ ଭବିଷ୍ୟତ୍ ପ୍ରତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିଥାଏ ।

ଜଣେ ଯଦି ଏକ ସଚେତନ ଅଭୀପ୍ସାର ସ୍ଥିତିରେ ରହିଛି ତାହାହେଲେ ତା' ଚାରି ପାଖର ପରିସ୍ଥିତିସକଳ ଏପରି ଭାବରେ ବ୍ୟବସ୍ଥିତ ହୋଇଯା'ନ୍ତି ଯେ ସେ ଅଗ୍ରଗତି କରିବାକୁ ବାଧ୍ୟ ହୁଏ ଅଥବା ଅନ୍ତତଃ ଅନୁପ୍ରେରିତ ହୁଏ । ସେ ନୂତନ କିଛିର ସ୍ପର୍ଶ ଲାଭ କରେ ଯାହା ତାହାର ଅଭୀପ୍ସାର ପରିପୂରଣ ଦିଗରେ ସହାୟକ ହୁଏ ଅଥବା ତା'ର ପ୍ରକୃତିରୁ ଅବାଞ୍ଛନୀୟ ଗତିବୃତ୍ତିଗୁଡ଼ିକୁ କାଢ଼ି ଫିଙ୍ଗି ଦେବା ଲାଗି ତାକୁ ପ୍ରଚୋଦିତ କରେ । ସାଧକ ପ୍ରଥମେ ସେଇ ପରିସ୍ଥିତିଗୁଡ଼ିକ ବିରୋଧରେ ଅଭିଯୋଗ କରେ, ମାତ୍ର ପରବର୍ତ୍ତୀ କାଳରେ ସେ ବୁଝିପାରେ ଯେ ସେଇ ଆପାତ ପ୍ରତିକୂଳ ପରିସ୍ଥିତିସବୁ ତା' ପାଇଁ ଆଶୀର୍ବାଦ ସ୍ୱରୂପ ଥିଲା । ସେ ଯେତେ ପରିମାଣରେ ଅଗ୍ରଗତି କରିପାରିଛି ତାହା ସେଇ ପ୍ରତିକୂଳ ପରିସ୍ଥିତି ବିନା ସମ୍ଭବ ହୋଇ ନଥା'ନ୍ତା । ଭଗବାନଙ୍କ ସର୍ବୋଚ୍ଚ ସଦିଚ୍ଛା ଆମ ଚାରି ପାଖର ଯାବତୀୟ ବସ୍ତୁକୁ ଏପରି ସଙ୍ଗଠିତ କରିଦିଏ ଯେ ତାହା ଦ୍ୱାରା ଆମର ଅଗ୍ରଗତି ତ୍ୱରାନ୍ୱିତ ହୁଏ ଏବଂ ଆମ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ଭରିଯାଏ ।

ପୂର୍ଣ୍ଣଯୋଗ-ସାଧନାର ତିନୋଟି ଅଙ୍ଗ ହେଉଛି – ଅଭୀପ୍ସା, ପ୍ରତ୍ୟାଖ୍ୟାନ ଓ ସମର୍ପଣ । ଅନେକଙ୍କ ଅନୁଭୂତିରୁ ଏହା ପ୍ରମାଣିତ ହୋଇଛି ଯେ ଯଦି ଜଣେ ସାଧକର ଅଭୀପ୍ସା ତୀବ୍ର ଓ ଆନ୍ତରିକ ହୋଇଥାଏ, ଯଦି ତାହା ସତ୍ତାର ସକଳ ଭାଗରେ ସଞ୍ଚରିତ ହୋଇଥାଏ, ତାହାହେଲେ ପ୍ରତ୍ୟାଖ୍ୟାନ ଓ ସମର୍ପଣ ସ୍ୱାଭାବିକ ଓ ସହଜସାଧ୍ୟ ହୋଇଉଠେ । ଥରେ ସାଧକ ଡାକ୍ତର ନୀରଦବରଣ ଶ୍ରୀଅରବିନ୍ଦଙ୍କୁ ପଚାରିଲେ – ''ଆପଣ କ'ଣ କହିବାକୁ ଚାହୁଁଛନ୍ତି ଯେ ଏକ ଶକ୍ତିଶାଳୀ ଅଭୀପ୍ସା ଆପେ ଆପେ ପ୍ରତ୍ୟାଖ୍ୟାନ ଓ ସମର୍ପଣର ସାଧନାକୁ ନେଇ ଆସିବ ବା ସମ୍ଭବ କରିଦେବ ?'' ଶ୍ରୀଅରବିନ୍ଦଙ୍କ ଉତ୍ତର ଥିଲା – ''ଅବଶ୍ୟ'' ।

ସାଧନା କ୍ଷେତ୍ରରେ ବ୍ୟକ୍ତିଗତ ପ୍ରଚେଷ୍ଟା ଏକାନ୍ତ ଆବଶ୍ୟକ । ବ୍ୟକ୍ତିଗତ ପ୍ରଚେଷ୍ଟା ବିନା ଦିବ୍ୟକୃପା ଦ୍ୱାରା ଯେ ସବୁକିଛି ଆପେ ସମ୍ଭବ ହୋଇଯିବ, ଏପରି ଆଶା କରିବା ନିରର୍ଥକ । ସାଧନା ପଥରେ କ୍ଷିପ୍ର ଅଗ୍ରଗତି ଲାଗି ଏକ ଆକୁଳତା ଓ ଆସ୍ପୃହା ଅପରିହାର୍ଯ୍ୟ । ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ ତଥା ଭଗବାନଙ୍କର ହୋଇ ଉଠିବା ଲାଗି ନିଜ ହୃଦୟରେ ଏକ ଜୀବନ୍ତ ଆସ୍ପୃହାର ଅଗ୍ନିଶିଖାକୁ ଜଳାଇ ରଖିବାକୁ ହେବ । ଏହା ସହିତ ନିଜେ ଯାହା ଓ ନିଜର ଯାହାକିଛି ଅଛି ଓ ଯାହାକିଛି ଆମେ କରୁଛୁ ସେସବୁକୁ ଭଗବାନଙ୍କଠାରେ ନିବେଦନ କରି ଦେବାକୁ ହେବ । କୌଣସି ଫଳର ପ୍ରତ୍ୟାଶା ନକରି ନିଜକୁ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କଠାରେ ସମର୍ପଣ କରିଦେବା ଲାଗି ନିରନ୍ତର ଚେଷ୍ଟା କରିବାକୁ ହେବ ।

ଯେଉଁ ଲକ୍ଷ୍ୟକୁ ଆମେ ଗ୍ରହଣ କରିଛୁ ତାହାକୁ ଆମ ଚେତନାର ସମ୍ମୁଖରେ ନିରନ୍ତର ଧରି ରଖିବା ଆବଶ୍ୟକ । ଦୁଇ ମିନିଟ ପାଇଁ ଆସ୍ପୃହା କରି ଅବଶିଷ୍ଟ ସମୟ ନିଷ୍କ୍ରିୟ ହୋଇ ରହିବା ଦ୍ୱାରା ଲକ୍ଷ୍ୟ ସାଧନ ହୋଇ ପାରିବ ନାହିଁ । ଅଚେତନତା, ବିସ୍ମରଣ ଓ ଶିଥିଳତାକୁ ସମୂଳେ ଦୂର କରିବାକୁ ହେବ । ଦିବ୍ୟ ପ୍ରେମ ଓ ଦିବ୍ୟ ଆଲୋକ ପ୍ରତି ଆମ ଭିତରେ ଏକ ଆକୁଳତା ସର୍ବଦା ରହିଥିବା ଉଚିତ । ଅଧୀରତା, ନିରାଶା ଓ ଅହଂଗତ ବୃତ୍ତି ସାଧନାର ପରିପନ୍ଥୀ, ଏକଥା ସ୍ମରଣ ରଖିବା ଉଚିତ । ସାଧନାରେ ସିଦ୍ଧି ଲାଭ ବିଳମ୍ବିତ ହେଲେ ବିରକ୍ତି, ଉଦ୍‌ବେଗ ଓ ବିଷାଦ ଅନୁଭବ କରିବା ଆଦୌ ସମୀଚୀନ ନୁହେଁ । କାରଣ ଆସ୍ପୃହା ଏକ ଶୁଦ୍ଧ ଅଗ୍ନିଶିଖା ହେବା ପାଇଁ ଅଭିପ୍ରେତ, ସେଥିରେ ଅଶୁଦ୍ଧିର ମିଶ୍ରଣ ଗ୍ରହଣଯୋଗ୍ୟ ନୁହେଁ ।

ଗୋଟିଏ କଠିନ ପ୍ରସ୍ତର ଉପରେ ଜଳବିନ୍ଦୁ ଅବିରତ ପତିତ ହେବା ଦ୍ୱାରା ସେଥିରେ ଯେମିତି ଦିନେ ଗର୍ତ୍ତ ସୃଷ୍ଟି ହୋଇଥାଏ, ସେମିତି ଦିନେ ନିରବଚ୍ଛିନ୍ନ ଅଭୀପ୍ସା ଦ୍ୱାରା ଆମର ହୃଦୟାଭ୍ୟନ୍ତରର କଠିନ ଆବରଣ ଛିନ୍ନ ହୁଏ ଏବଂ ବ୍ୟକ୍ତି ଆତ୍ମାର ଆଲୋକ ମଧ୍ୟରେ ପ୍ରବେଶ କରିଥାଏ । ହୃଦୟରେ ଅଭୀପ୍ସା-ଅଗ୍ନି ଥରେ ଜଳିବାକୁ ଆରମ୍ଭ କଲେ ତାହା ଯେମିତି ଅହଂ ଓ କାମନାବାସନାର ପ୍ରଭାବରେ କ୍ଷୀଣ ହୋଇ ନଯିବ ବା ଲିଭି ନଯିବ ସେଥିପ୍ରତି ସାଧକଙ୍କୁ ସତର୍କ ହେବାକୁ ପଡ଼ିବ । ଯଜ୍ଞଶାଳାର ଅଗ୍ନିକୁ ଜଳାଇ ରଖିବା ପାଇଁ ସେଥିରେ ଯେମିତି ଥରକୁ ଥର ଘୃତ ଢଳା ଯାଇଥାଏ, ସେମିତି ଧ୍ୟାନ, ଧାରଣା, ପ୍ରାର୍ଥନା, ସ୍ୱାଧ୍ୟାୟ ଓ ସତ୍‌ସଙ୍ଗ ଆଦି ଦ୍ୱାରା ଆସ୍ପୃହା-ଅଗ୍ନିକୁ ନିରନ୍ତର ଜଳାଇ ରଖିବା ଆବଶ୍ୟକ । ଆସ୍ପୃହା ନକରି ଭଗବାନ୍ ଆମ ପାଇଁ ସବୁକିଛି କରିଦେବେ ବୋଲି ଭାବିବା ବା ନିଷ୍କ୍ରିୟ ହୋଇ ରହିବା ହେଉଛି ଏକ ମିଥ୍ୟାଚାର ଓ ଆତ୍ମପ୍ରତାରଣା ।

ଅଗ୍ରଗତି ପାଇଁ ଅଭୀପ୍ସା, ଜ୍ଞାନ ଲାଭ ପାଇଁ ପିପାସା, ପ୍ରେମ ସକାଶେ ବ୍ୟାକୁଳତା, ରୂପାନ୍ତର ଲାଗି ଏକ ଅଦମନୀୟ ଆବଶ୍ୟକତାର ଅନୁଭବ – ଏସବୁହିଁ ଅସଲ କଥା, ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହାକୁ ବିରୋଧ କରୁଥିବା ସମସ୍ତ ପ୍ରତିକୂଳ ବସ୍ତୁଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଲକ୍ଷ୍ୟ ଉପରେ ଏକାନ୍ତ ଅଭିନିବିଷ୍ଟ ହେବା ସାଧକର ପରମ କର୍ତ୍ତବ୍ୟ । ଅଭୀପ୍ସା କିପରି ଆମ ସାଧନା ଲାଗି ଅପରିହାର୍ଯ୍ୟ ତାହା ବୁଝାଇବାକୁ ଯାଇ ମାଆ କହନ୍ତି –

"We can, simply by a sincere aspiration, open a sealed door in us and find ... that Something which will change the whole significance of life, reply to all our questions, solve all our problems and lead us to the perfection we aspire for without knowing it, to that Reality which *alone* can satisfy us and give us lasting joy, equilibrium, strength, life." (MCW, Vol. 9, Page. 374 - 375)

ଅର୍ଥାତ୍, ''କେବଳ ଏକ ନିଷ୍ଠାଯୁକ୍ତ ଆସ୍ପୃହା ଦ୍ୱାରାହିଁ ଆମେ ନିଜ ଭିତରେ ନିବୁଜ ହୋଇ ରହିଥିବା ଏକ ଦ୍ୱାରର ଉନ୍ମୋଚନ କରିଦେଇ ପାରିବା ଏବଂ ସେହି ପରମ ବସ୍ତୁଙ୍କର ଉଦ୍‌ଘାଟନ କରିଦେବା ... ଯିଏକି ଜୀବନର ସମୁଦାୟ ତାତ୍ପର୍ଯ୍ୟଟିକୁ ବଦଳାଇ ଦେଇ ପାରିବେ, ଆମର ଯାବତୀୟ ପ୍ରଶ୍ନର ଉତ୍ତର ଦେଇ ପାରିବେ, ଆମର ସବୁକିଛି ସମସ୍ୟାର ସମାଧାନ କରିଦେବେ ଏବଂ ଆମେ ଯେଉଁ ପରିପୂର୍ଣ୍ଣତାଟିକୁ ହାସଲ କରିବା ଲାଗି ଆସ୍ପୃହା ରଖିଛୁ, ସିଏ ଆମର ଅଜାଣତରେ ମଧ୍ୟ ଆମକୁ ସେହି ପରିପୂର୍ଣ୍ଣତା ମଧ୍ୟକୁ ପରିଚାଳିତ କରି ନେଇଯିବେ । କେବଳ ଯେଉଁ ପରମ ସତ୍ୟହିଁ ଆମର ସକଳ ସନ୍ତୋଷର ବିଧାନ କରିପାରିବ ଏବଂ ଆମକୁ ସ୍ଥାୟୀ ଆନନ୍ଦ, ସ୍ଥାୟୀ ସମତା, ବଳ ଏବଂ ଜୀବନ ଆଣି ଦେଇ ପାରିବ, ଆମେ ସେହି ପରମ ବସ୍ତୁଙ୍କର ଉଦ୍‌ଘାଟନ ସମ୍ଭବ କରିପାରିବା ।''

(ମାତୃରଚନାବଳି - ନବମ ଖଣ୍ଡ, ପୃ. ୫୪୫ - ୫୪୬)

ବିଭିନ୍ନ ପ୍ରକାରର ଆସ୍ପୃହା ରହିଛି ଯଥା : ମାନସିକ ଆସ୍ପୃହା, ପ୍ରାଣିକ ଆସ୍ପୃହା, ଦେହଗତ ଆସ୍ପୃହା ଓ ଆଧ୍ୟାତ୍ମିକ ଆସ୍ପୃହା । ଯେତେବେଳେ ଆମର ଭାବନାଶକ୍ତି ଜ୍ଞାନ ପାଇଁ ଆକାଂକ୍ଷା ପୋଷଣ କରେ କିଂବା ସ୍ୱଚ୍ଛ ଓ ଉତ୍ତମଭାବେ ନିଜର ଭାବକୁ ପ୍ରକାଶିତ କରିବାକୁ ଚାହେଁ, ଯେତେବେଳେ ସ୍ୱଚ୍ଛ ଧାରଣା ଓ ତର୍କାନୁମୋଦିତ ବିଚାର ଶକ୍ତି (logical reasoning) ହାସଲ କରିବା ପାଇଁ ଆମେ ଆସ୍ପୃହା କରୁ, ସେତେବେଳେ ତାହାକୁ ମାନସିକ ଆସ୍ପୃହା ବୋଲି କୁହାଯିବ । ମନର ସମସ୍ତ ସାମର୍ଥ୍ୟ ଓ ଶକ୍ତିକୁ ବିକଶିତ କରି ଭଗବାନଙ୍କ ସେବାରେ ନିୟୋଜିତ କରାଗଲେ ତାହାକୁ ମଧ୍ୟ ଆମେ ମାନସିକ ଆସ୍ପୃହା ବୋଲି କହିବା । ପ୍ରାଣ ସ୍ତରରେ କାମନାବାସନା, ନୈରାଶ୍ୟ, ବିଷାଦ, ଅଭିରୁଚି ଆଦିକୁ ସ୍ଥାନ ନଦେଇ ଶାନ୍ତି, ସ୍ଥିରତା ଓ ନିରପେକ୍ଷତାକୁ ଆସ୍ପୃହା କଲେ ତାହା ପ୍ରାଣ ସ୍ତରର ଆସ୍ପୃହା ରୂପେ ପରିଚିତ ହେବ । ଯେତେବେଳେ ଶରୀର ସମତାବସ୍ଥା ଓ ସୁସ୍ଥତାର ଆବଶ୍ୟକତା ଅନୁଭବ କରେ ତାହା ହେଉଛି ଦେହ ସ୍ତରର ଆସ୍ପୃହା । ସେହିପରି ଯେତେବେଳେ ଆମେ ଭଗବାନଙ୍କଠାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଦେବା ପାଇଁ ଚାହୁଁ, ତାଙ୍କ ସହିତ ଏକତ୍ୱପ୍ରାପ୍ତି ଲାଗି ଆସ୍ପୃହା କରୁ ତାହା ହେଉଛି ଆଧ୍ୟାତ୍ମିକ ଆସ୍ପୃହା ।

ଚୈତ୍ୟସ୍ତରରୁ ଆସ୍ପୃହା ନିଃସୃତ ହୋଇଥିଲେ ସେଥିରେ ପ୍ରଗାଢ଼ତା ଓ ପ୍ରଶାନ୍ତି ମିଶି କରି ରହିଥାଏ । ଏ କ୍ଷେତ୍ରରେ ସତ୍ୟର ଆଭାସ ସ୍ୱାଭାବିକ ତଥା ଅବିଚ୍ଛିନ୍ନଭାବେ ପ୍ରାପ୍ତ ହୋଇଥାଏ । ଆମର ସମଗ୍ର ସତ୍ତା ଏକୀଭୂତ ହୋଇ କେବଳ ଭଗବାନଙ୍କୁହିଁ ଲୋଡ଼ିଥାଏ । ଫଳରେ ଭଗବତ୍ ଉପଲବ୍ଧି ସହଜସାଧ୍ୟ ହୋଇଥାଏ । ଆସ୍ପୃହା ଯେତେ ପ୍ରଗାଢ଼ ଓ ଅନନ୍ୟମୁଖୀ ହୁଏ ସାଧନାରେ ସେତେ କ୍ଷିପ୍ରତା ସହ ଅଗ୍ରଗତି ହୁଏ । ପ୍ରାଣର କାମନାବାସନା ଏବଂ ଶରୀରର ଅଭ୍ୟାସଗତ ଗତିବୃତ୍ତିହିଁ ଆସ୍ପୃହାକୁ ବ୍ୟାହତ କରିଥାଏ । ସେଥିପାଇଁ ସାଧନାକାଳରେ ବେଳେ ବେଳେ ଶୁଷ୍କତା ଓ ମାନ୍ଦାବସ୍ଥା ଆସିଥାଏ, ଅଗ୍ରଗତି ଅବରୁଦ୍ଧ ହୋଇଯାଏ । ତେବେ ଯାହାବି ହେଉ ସାଧକକୁ ନିଶ୍ଚିତଭାବେ ବିଷଣ୍ଣତା, ନୈରାଶ୍ୟ ଓ ବିକ୍ଷୁବ୍ଧତାକୁ ପରିହାର କରିବାକୁ ହେବ । ଆସ୍ପୃହାରେ ଅବହେଳା ଓ ଉପେକ୍ଷାଭାବ କଦାପି ଗ୍ରହଣଯୋଗ୍ୟ ନୁହେଁ ।

ନିରନ୍ତର ପ୍ରୟାସ, ସଚେତନତା ଓ ସଜାଗତା ଦ୍ୱାରା ଅଭୀପ୍ସାକୁ ବିକଶିତ ଓ ପ୍ରଶିକ୍ଷିତ କରାଯାଇ ପାରିବ । ଜଣେ ଯେତେବେଳେ ସଚେତନ ଭାବେ ତା'ର ଚୈତ୍ୟସତ୍ତାରେ ବାସ କରେ ସେତେବେଳେ ଆସ୍ପୃହା ଜୀବନ୍ତ, ସ୍ୱାଭାବିକ ଓ ନିରବଚ୍ଛିନ୍ନ ହୋଇଥାଏ । ମାତ୍ର ତତ୍ ପୂର୍ବରୁ ମନ, ପ୍ରାଣ, ଶରୀରର ପ୍ରସ୍ତୁତି ଆବଶ୍ୟକ । ଅଭୀପ୍ସାର ଅଗ୍ନି ଚୈତ୍ୟ-ଚେତନାରୁ ନିଷ୍ପନ୍ନ ହେଉଥିବାରୁ କେବଳ ମନର ପ୍ରଚେଷ୍ଟା ଦ୍ୱାରା ଏହାକୁ ନିଜର

ଅଧିକାରକୁ ଆଣି ହେବ ନାହିଁ । କଠୋପନିଷଦ୍‌ରେ ଅଭୀପ୍ସାର ଅଗ୍ନିକୁ ''ନଚିକେତା ଅଗ୍ନି'' ନାମରେ ଅଭିହିତ କରାଯାଇଛି ଯାହା ହୃଦୟଗୁହା ମଧ୍ୟରେ ଅବସ୍ଥିତ (ବିଦ୍ଧି ତ୍ୱମେତଂ ନିହିତଂ ଗୁହାୟାମ୍) । ସେଠାରେ କୁହାଯାଇଛି ଯେ ଏହି ଅଭୀପ୍ସା-ଅଗ୍ନି ବା ଚୈତ୍ୟ-ଅଗ୍ନି ହେଉଛି ସୃଷ୍ଟିର ଆଧାର (ପ୍ରତିଷ୍ଠାମ୍) ଏବଂ ତା'କୁ ଯିଏ ଲାଭ କରେ ସିଏ ସ୍ୱର୍ଗ ସହିତ ଅନନ୍ତ ଲୋକକୁ ପ୍ରାପ୍ତ ହୁଏ ।

ଅଭୀପ୍ସା ହେଉଛି ଏକ ବିଶ୍ୱାସ ଯାହା ଯେକୌଣସି ଉପଲବ୍ଧି ବା ସିଦ୍ଧିକୁ ସମ୍ଭବ କରିପାରେ । ଅଭୀପ୍ସାରେ ରହିଥାଏ ସାହସ ଓ ଅଧ୍ୟବସାୟର ଶକ୍ତି ଯାହା ଯେକୌଣସି ତ୍ୟାଗ ସ୍ୱୀକାର କରିବା ପାଇଁ ବା ଦୃଢ଼ତାର ସହିତ ବିପଦର ସମ୍ମୁଖୀନ ହେବା ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଥାଏ ।

ମାଆ କହନ୍ତି ଜଣେ ଅଭୀପ୍ସାରେ ଏପରି ନିଷ୍ଠାଯୁକ୍ତ ହେବା ଉଚିତ ଯେ ସେ ଅଭୀପ୍ସା କରୁଛି ବୋଲି ତାକୁ ଆଦୌ ବୋଧ ହେଉ ନଥିବ । ଅର୍ଥାତ୍ ନିଜର ପୃଥକ୍ ଅସ୍ତିତ୍ୱ ଭୁଲି ସେ ନିଜେହିଁ ଅଭୀପ୍ସାରେ ପରିଣତ ହୋଇଯିବ । ଏହି ସ୍ଥିତିକୁ ଲାଭ କଲେ ଜଣେ ଅସାଧାରଣ ସାମର୍ଥ୍ୟର ଅଧିକାରୀ ହୋଇଥାଏ । ❑

# ପ୍ରେମ, ପ୍ରାର୍ଥନା, ପୁଷ୍ପାଞ୍ଜଳି

## ଦୀପ୍ତି ମିଶ୍ର

ପ୍ରେମ ସ୍ୱର୍ଗୀୟ
ପ୍ରେମ ଶ୍ୱାଶତ ଓ ଦିବ୍ୟ
ପ୍ରେମ ଏକ ଆନନ୍ଦ
ପ୍ରେମ ଏକ ଆଲୋକ
ପ୍ରେମ ଏକ ଅନୁଭୂତି
ପ୍ରେମ ଏକ ଅନୁଭବ
ଯିଏ ମର୍ତ୍ତ୍ୟକୁ ଉତାରି ଆଣେ ସ୍ୱର୍ଗ
ଯିଏ ଫୁଟାଏ ଦିବ୍ୟ ପାରିଜାତ
ଯିଏ ସଦା ପବିତ୍ର ଓ ଚିର ବନ୍ଦିତ
ଯିଏ ନିଃଶବ୍ଦ ଓ ନିଃସର୍ତ୍ତ ।

ପ୍ରାର୍ଥନା ସରଳ ହୃଦୟର
ପ୍ରାର୍ଥନା ନିଷ୍କପଟ ମନର
ପ୍ରାର୍ଥନା ବିଶ୍ୱଗତ ପ୍ରାଣର
ପ୍ରାର୍ଥନା ବିଶ୍ୱାତୀତ ଆତ୍ମାର
ପ୍ରାର୍ଥନା ଆନ୍ତରିକ ଓ ଅବିଚ୍ଛିନ୍ନ
ପ୍ରାର୍ଥନା ପରିବ୍ୟାପ୍ତ ଓ ପ୍ରଚ୍ଛନ୍ନ
ଯାହା ନିଶ୍ଚିତ ପୂର୍ଣ୍ଣ ହୁଏ
ଯାହା ସ୍ୱପ୍ନକୁ ରୂପାନ୍ତରିତ କରେ
ଯାହା କୃତଜ୍ଞ ହେବାକୁ ପ୍ରଣୋଦିତ କରେ
ଯାହା ପୃଥିବୀକୁ କରେ ଏକ ପରିବାର ।

ପୁଷ୍ପାଞ୍ଜଳି ପାପୁଲିଏ ମିଠା ଆସ୍ପୃହା
ପୁଷ୍ପାଞ୍ଜଳି ମୁଠାଏ ପ୍ରୀତି ଓ ଶ୍ରଦ୍ଧା
ପୁଷ୍ପାଞ୍ଜଳି ସାଗରେ ପ୍ରାର୍ଥନା
ପୁଷ୍ପାଞ୍ଜଳି ଆକାଶେ ଆଲୋକର ବନ୍ୟା
ପୁଷ୍ପାଞ୍ଜଳି ନିବେଦନ ଦିବ୍ୟତାର
ପୁଷ୍ପାଞ୍ଜଳି ଆବେଦନ କଣିକାଏ କରୁଣାର
ଯାହା ଆକୁତିକୁ ଥୋଇ ଥାଏ ପ୍ରଭୁ ପାଦତଳେ
ଯାହା ପରିସ୍ଫୁଟ ହୁଏ ଅମଳିନ ଆଶିଷରେ
ଯାହା ଯାଚନା କରେ ଦିବ୍ୟ ଅଭୀପ୍ସାର
ଯାହା ସୁଷୁପ୍ତିରେ ଥୋଇଦେଇ ଆଶଙ୍କାକୁ
ଚିର ଜାଜ୍ୱଲ୍ୟ ମଣ୍ଡିତ କରେ ଆଶା, ବିଶ୍ୱାସର ।

❑❑❑



# ଭଗବାନ୍ ଏବଂ ବିଶ୍ୱର ପ୍ରହେଳିକା

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ

### କାରିକା - ୧୭୩

"Even Vivekananda once in the stress of emotion admitted the fallacy that a personal God would be too immoral to be suffered and it would be the duty of all good men to resist Him. But if an omnipotent supra-moral Will and Intelligence governs the world, it is surely impossible to resist Him; our resistance would only serve His ends and really be dictated by Him. Is it not better then, instead of condemning or denying, to study and understand Him ?"

(Thoughts and Aphorisms)

''ଏପରିକି ବିବେକାନନ୍ଦ ମଧ୍ୟ ଥରେ ଭାବପ୍ରବଣ ଅବସ୍ଥାରେ ମନରେ ଏହି ଭ୍ରାନ୍ତିକୁ ସ୍ଥାନ ଦେଇଥିଲେ ଯେ ସାକାର ଈଶ୍ୱରଙ୍କୁ ମାନିନେବା ଅତ୍ୟନ୍ତ ଅନୈତିକ, ଏବଂ ଭଲ ମଣିଷ ମାତ୍ରେ ତାଙ୍କୁ (ଅର୍ଥାତ୍ ସେଭଳି ବ୍ୟକ୍ତିଗତ ଈଶ୍ୱରଙ୍କୁ) ରୋକିବା ଉଚିତ । କିନ୍ତୁ ପୃଥିବୀକୁ ଯଦି ପରିଚାଳିତ କରୁଥିବ ଏକ ନୀତି-ଅତିକ୍ରାନ୍ତ ସର୍ବଶକ୍ତିମାନ୍ ସଂକଳ୍ପ ଏବଂ ପ୍ରବୁଦ୍ଧି, ତେବେ ତାକୁ ରୋକିବା ନିଶ୍ଚୟ ଅସମ୍ଭବ; ଆମ ବାଧାଦାନ ତାଙ୍କରି ଉଦ୍ଦେଶ୍ୟ ସାଧନ କରିବ ଏବଂ ତାଙ୍କରି ଦ୍ୱାରାହିଁ ଆଦିଷ୍ଟ ହୋଇଥିବ । (ଅତଏବ) ତାଙ୍କ ଉପରେ ଦୋଷାରୋପ ନକରି ବା ତାଙ୍କୁ ଅସ୍ୱୀକାର ନକରି ତାଙ୍କୁ ଅନୁଧ୍ୟାନ କରିବା ଏବଂ ବୁଝିବା ଶ୍ରେୟସ୍କର ନୁହେଁ କି ?''

### କାରିକା - ୧୭୪

"If we would understand God, we must renounce our egoistic and ignorant human standards or else ennoble and universalise them."

(Thoughts and Aphorisms)

''ଯଦି ଆମେ ଭଗବାନଙ୍କୁ ବୁଝିବା ତେବେ ଆମକୁ ଆମର ଅହଂକାରୀ, ଅଜ୍ଞାନ ମାନବିକ ମାପକାଠି ତ୍ୟାଗ କରିବାକୁ ପଡ଼ିବ – ଅଥବା ସେସବୁକୁ ମହତ୍ ଏବଂ ବିଶ୍ୱାୟିତ କରିବାକୁ ପଡ଼ିବ ।''

*

ସମ୍ଭବତଃ ପୃଥିବୀରେ ଏଭଳି କୌଣସି ସାଧାରଣ ବିବେକବନ୍ତ ଓ ଚିନ୍ତାଶୀଳ ମଣିଷ ନ ଥିବେ, ଯିଏ କେବେ ନା କେବେ ଭଗବାନଙ୍କ ବିରୋଧରେ ବିଦ୍ରୋହ ଭାବ ଅନୁଭବ କରି ନ ଥିବେ । ଆମେ ସଚେତନ ବା ଅଚେତନ ଭାବରେ ଭଗବାନଙ୍କୁ ଜଣେ ବିରାଟ ଅଥବା ମହତ୍ତମ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଭାବରେ ଧରି ନେଇଥାଉ । ଯେତେବେଳେ ଆମେ ଦୁଃଖକଷ୍ଟ ପାଉ ଅଥବା ବିନା କାରଣରେ ଆମ ପ୍ରତି ସମାଜ କିଂବା ବ୍ୟକ୍ତିବିଶେଷ ଅନ୍ୟାୟ, ଅବିଚାର କଲା ବୋଲି ଆମର ଧାରଣା ହୁଏ, ସେତେବେଳେ ସେଭଳି ଭଗବାନଟିକୁ ଆମେ ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ କୈଫିୟତ ମାଗିଥାଉ – ଏପରି ହେଲା କାହିଁକି ? ଭଗବାନ୍ କାହିଁକି ଅମୁକ ପକ୍ଷ ନେଲେ, ମୋ ପକ୍ଷ ନେଲେ ନାହିଁ ?

ସେତେବେଳେ ଆମେ ଭୁଲିଯାଉ ଯେ ବ୍ୟକ୍ତିଗତ ଭଗବାନ୍ ବି କମ୍ କଷ୍ଟ, କମ୍ ଲାଞ୍ଛନା ଭୋଗି ନାହାନ୍ତି । ଶ୍ରୀରାମଚନ୍ଦ୍ରଙ୍କ ଜୀବନର ବିପୁଳାଂଶ ଦୁଃଖ-ଯାତନାରେ ଭରା; ଶ୍ରୀକୃଷ୍ଣଙ୍କ ଶେଷ ଜୀବନ ସୁଖମୟ ହୋଇ ନ ଥିଲା ନିଶ୍ଚୟ । ନିଜ ବଂଶର ଚେତନାଗତ ଅବକ୍ଷୟର ସେ ଦ୍ରଷ୍ଟା ରୂପେ ରହିଛନ୍ତି – ସେ ବଂଶର ସମ୍ପୂର୍ଣ୍ଣ ବିନାଶ ଏବଂ ବ୍ୟାଧ ତୀର ଯୋଗେ ନିଜର ମହାପ୍ରୟାଣ ପର୍ଯ୍ୟନ୍ତ ।

ଏ ଦୁଇଟି କାରିକା ଉପରେ ମନ୍ତବ୍ୟ ଦେଇ ଶ୍ରୀମା କହିଥିଲେ, ''ମଣିଷର ବୁଝିବା ଶକ୍ତି ଅନୁସାରେ ଏ ପୃଥିବୀ ଭୀଷଣ ଅନୈତିକ ତଥା ଦୁଃଖ ଏବଂ କୁତ୍ସିତତାରେ ଭରା – ବିଶେଷତଃ ଭୂପୃଷ୍ଠରେ ମଣିଷର ଆବିର୍ଭାବ ପରଠାରୁ । ଜଣେ

ବ୍ୟକ୍ତିରୂପୀ ଭଗବାନ୍ ଏହାର ଦ୍ରଷ୍ଟା, ସେକଥା ସ୍ୱୀକାର କରିବା କଠିନ । ବରଂ ମନେହୁଏ ଏହା ଯେପରି ଗୋଟାଏ ସର୍ବକ୍ଷମତାମୟ ଦାନବର ସୃଷ୍ଟି !

''ଶ୍ରୀଅରବିନ୍ଦ କହୁଛନ୍ତି ଯେ ଧିକ୍କାର ନ ଦେଇ ବୁଝିବାର ଚେଷ୍ଟା କରିବା ଶ୍ରେୟସ୍କର ।

''ଏବଂ ବୁଝିବା ଦିଗରେ ସବୁଠୁଁ ଉତ୍ତମ ମାର୍ଗ ନିଶ୍ଚୟ ପରମ ଚେତନା ସହ ଏକ ହୋଇ ତାହା ଯେପରି ଭାବେ ଦେଖେ ଓ ବୁଝେ ସେମିତି ଭାବରେ ଦେଖିବାକୁ ଓ ବୁଝିବାକୁ ସକ୍ଷମ ହେବା । ଏହାହିଁ ଏକମାତ୍ର ସତ୍ୟପ୍ରଜ୍ଞା ।

''ଯୋଗହିଁ ପରମଙ୍କ ସହ ମିଳିତ ହେବାର ସଚ୍ଚା ମାର୍ଗ ।''

ଶ୍ରୀଅରବିନ୍ଦ ପ୍ରଥମ କାରିକାଟିରେ ଭଗବାନଙ୍କ ସମ୍ପର୍କରେ ସଚରାଚର ଆମର ଯେଉଁ ଅପରିପକ୍ୱ ଧାରଣା ଥାଏ, ତା'ର ବିକଳ୍ପ ଧାରଣା ଉପସ୍ଥାପନ କରୁଛନ୍ତି । ଭଗବାନଙ୍କୁ ଏଭଳି ଏକ ନୈର୍ବ୍ୟକ୍ତିକ ଶକ୍ତି ରୂପେ ଦେଖାଯାଉ, ଯାହାର ଅନ୍ତର୍ଭୁକ୍ତ ଯାବତୀୟ ଘଟଣା, ଦୁର୍ଘଟଣା, ସୁଖ, ଦୁଃଖ, ସଂଗ୍ରାମ ଓ ଶାନ୍ତି, ଜୟ ଓ ପରାଜୟ । ସେ ଶକ୍ତି ବାହାରେ କିଛିହିଁ ନାହିଁ । ଆମେ ଯଦି ତାଙ୍କର ବିରୋଧ କରିବୁ, ଆମର ସେଭଳି ଇଚ୍ଛା ଓ ସାମର୍ଥ୍ୟ ମଧ୍ୟ ସେହି ସର୍ବବ୍ୟାପ୍ତ ସଂକଳ୍ପ ଓ ଶକ୍ତିର ପରିସର ଭିତରେ ଏକ ସ୍ପନ୍ଦନ ମାତ୍ର । ଆମେ ଯାହାକୁ ଆମର ବିରୋଧ ବୋଲି ଭାବୁଥିବୁ, ତାହା ତାଙ୍କରି ସଂକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ହେବ ଏକ ଅବଦାନ ।

ବାସ୍ତବିକ, ମାନସିକ ବିକ୍ଷୋଭ, ଯୁକ୍ତିତର୍କ ବା ଅନୁଧ୍ୟାନ ମାଧ୍ୟମରେ ଏ ସୃଷ୍ଟିର ଓ ଜୀବନର ପ୍ରହେଳିକା ବୁଝିବା ଅସମ୍ଭବ । ଅସମ୍ଭବ ହେଲେ ବି ଆମ ଚେତନା-ନିହିତ ସତ୍ୟାନୁସନ୍ଧାନ କିନ୍ତୁ ଆମକୁ ସେଦିଗରେ ସଚେଷ୍ଟ କରିବ ହିଁ କରିବ । ସେହି ଚେଷ୍ଟା ଆମକୁ ଭଗବାନଙ୍କର ଏକ ବ୍ୟକ୍ତି-ରୂପ ସହ ସମ୍ପର୍କିତ କରେ । ଭକ୍ତି, ଶ୍ରଦ୍ଧା ଓ ସର୍ବୋପରି ସମର୍ପଣ ସେହି ବ୍ୟକ୍ତି-ରୂପୀ ଭଗବାନଙ୍କ ମାଧ୍ୟମରେ ଆମକୁ କ୍ରମେ ଭଗବାନଙ୍କର ବ୍ୟକ୍ତି-ରୂପ-ଅତିକ୍ରାନ୍ତ, ଅଜ (ଜନ୍ମିତ ନୁହନ୍ତି), ଅଚଳ, ଅଚ୍ୟୁତ, ଅଚିନ୍ତ୍ୟ, ଅକ୍ଷର, ଅକ୍ଷୟ, ଅଲିଙ୍ଗ, ଅମୂର୍ତ୍ତ, ଅନାଦି, ଅନିର୍ବାଚ୍ୟ, ଅପୌରୁଷେୟ, ଅସତ୍ (non-being ଅର୍ଥରେ), ଅବାଚ୍ୟ, ଅବିକାର୍ଯ୍ୟ, ଅବିନାଶୀ, ଅବ୍ୟକ୍ତ ଏବଂ ନିର୍ଗୁଣ ସତ୍ତା ସମ୍ପର୍କରେ ଜ୍ଞାନ ଦାନ କରିପାରେ ।

ସଙ୍ଗେ ସଙ୍ଗେ ସେ ପୁଣି ସଗୁଣ; ସେ ସତ୍ ଚିତ୍ ଆନନ୍ଦ; ସତ୍ୟ, ଶିବ, ସୁନ୍ଦର, ଏହା ମଧ୍ୟ ଆମର ହୃଦୟଙ୍ଗମ ହୋଇପାରେ । ବ୍ୟକ୍ତି-ରୂପୀ ଭଗବାନ୍ ଏବଂ ନୈର୍ବ୍ୟକ୍ତିକ ଭଗବାନ୍ (ସାକାର ବା ନିରାକାର) ମଧ୍ୟରେ ବିରୋଧ ରହେ ନାହିଁ ।

ଭଗବାନ୍ ବ୍ୟକ୍ତି ଭିତରେ ଥା'ନ୍ତି; ସମଗ୍ର ବ୍ରହ୍ମାଣ୍ଡରେ ବିଦ୍ୟମାନ – ପୁଣି ଏସବୁ ଅତିକ୍ରମ କରି ସେ ଅମାପ ମହାଶକ୍ତି । ଆହୁରି ବାସ୍ତବବାଦୀ ଭାଷାରେ, ଭଗବାନ୍ ଏସବୁ ଭିତରେ ଥାଆନ୍ତି ବୋଲି ନ କହି, ଏସବୁ ଭଗବାନଙ୍କ ଭିତରେ ରହିଥା'ନ୍ତି ବୋଲି କୁହାଯିବ । ଅନ୍ୟ ଭାଷାରେ ଭଗବାନହିଁ ଏ ସମସ୍ତ କିଛି । ଭଗବାନହିଁ ଏକମାତ୍ର ଅସ୍ତିତ୍ୱ । ଆମେ ସେହି ଅସ୍ତିତ୍ୱର ଅଜ୍ଞାନ ରୂପ ।

କିନ୍ତୁ ଏ ସମସ୍ତ କଥାହିଁ ଏକ ଅଭିବ୍ୟକ୍ତି ମାତ୍ର । ଜଣେ ଏହା ଉପଲବ୍ଧି କେମିତି କରିବ, ଦ୍ୱିତୀୟ କାରିକାଟି (୧୭୪)ରେ ଶ୍ରୀଅରବିନ୍ଦ ତାହାହିଁ ଦର୍ଶାଇଛନ୍ତି । ଆମେ ଅହଂସର୍ବସ୍ୱ । ଏ ଅହଂର ମାତ୍ରା ଓ ଚରିତ୍ର ଅବଶ୍ୟ ବିଭିନ୍ନ । ତେବେ କୌଣସି ଧରଣର ଅହଂ – ତାହା ସାତ୍ତ୍ୱିକ ଅହଂ ହେଲେ ମଧ୍ୟ – ଜଣକୁ ଏ ଉପଲବ୍ଧି ଆଣିଦେଇ ପାରିବ ନାହିଁ । ଅହଂକୁ ସମ୍ପୂର୍ଣ୍ଣ ବିସର୍ଜନ ଦେବାକୁ ହେବ । ଅନ୍ୟ ମାର୍ଗ ହେଲା ଆମ ଅହଂକୁ ଦିବ୍ୟମୁଖୀ – ବିଶ୍ୱ ପରିବ୍ୟାପ୍ତ କରିବାକୁ ହେବ । ଅର୍ଥାତ୍ ସମସ୍ତ କିଛିକୁ ମୁଁ ନିଜ ପରିବ୍ୟାପ୍ତ ଅହଂ ଭିତରେ ସାମିଲ କରି ନେଇପାରେ । କହିବା ବାହୁଲ୍ୟ, ଆଜି ଅହଂ ବୋଲି ମୁଁ ଯାହା ବୁଝୁଛି, ସେତେବେଳକୁ ସେ ଅହଂର ଅସ୍ତିତ୍ୱ ନ ଥିବ । ବ୍ୟାପକରୁ ବ୍ୟାପକତର ହେବା ଭିତରେ ତା'ର ଅଜ୍ଞାନ, ସୀମିତ ରୂପ ବିଲୀନ ହୋଇଯାଉଥିବ । ତାହା ହୋଇ ଉଠିଥିବ ଏକ ଆଲୋକିତ ଚେତନା ।

କେବଳ ମାତ୍ର ସେହି ଚେତନାର ଦୃଷ୍ଟିକୋଣରୁହିଁ ଏ ଜୀବନର ଓ ବିଶ୍ୱର ପ୍ରହେଳିକାର ଅର୍ଥ ବୁଝିହେବ । ଅର୍ଥାତ୍ ସେତେବେଳେ ଜଣେ ପରମ ଚେତନା ସହ ଏକ ହୋଇ ସବୁ କିଛି ପ୍ରତି ଦୃଷ୍ଟିପାତ କରୁଥିବ । ସେ ବୁଝିପାରିବ ଯାବତୀୟ ବିରୋଧାତ୍ମକ ପରିସ୍ଥିତିର ଯାଥାର୍ଥ୍ୟ ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୨୮୨ - ୨୮୪] ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୫୨)

### 'ଭାରତ ଉଦ୍ଧାର' ନିମିତ୍ତ ହସ୍ତକ୍ଷେପ (ଚ) :

ନୀରଦଙ୍କ ବର୍ଣ୍ଣନାରୁ ଉଦ୍ଧୃତି : ''ଭଗ୍ନ ହୃଦୟରେ କ୍ରିପ୍‌ସ ବ୍ୟୋମପଥରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ; କିନ୍ତୁ ଆଶ୍ୱସ୍ତ ଓ ସନ୍ତୁଷ୍ଟ ହେଲେ ଯେ ଅନ୍ତତଃପକ୍ଷେ ଜଣେ ମହାନ୍ (ଭାରତୀୟ) ବ୍ୟକ୍ତି ପ୍ରସ୍ତାବଟିର ଅନ୍ତର୍ନିହିତ ପରିକଳ୍ପନାକୁ ସ୍ୱୀକୃତି ସହ ସ୍ୱାଗତ ଜଣାଇଛନ୍ତି । ଯେତେବେଳେ 'କ୍ରିପ୍‌ସ ପ୍ରସ୍ତାବ'କୁ ଚୂଡ଼ାନ୍ତ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିବାର ଖବର ଘୋଷଣା କରାହେଲା, ଶ୍ରୀଅରବିନ୍ଦ ଏକ ସ୍ଥିର ଅଚଞ୍ଚଳ କଣ୍ଠରେ ଉଚ୍ଚାରଣ କଲେ, 'ମୁଁ ଜାଣିଥିଲି ଏହା ଅକୃତକାର୍ଯ୍ୟ ହେବ ।' ଆମେ ସହସା ସୁଯୋଗ ଉଣ୍ଡି ପ୍ରତ୍ୟୁତ୍ତର ଦେଲୁ – 'ତେବେ ଆପଣ କ'ଣ ପାଇଁ ତୁଚ୍ଛାଟାରେ ଦୁରାଇସ୍ୱାମୀଙ୍କୁ ପଠାଉ ଥିଲେ ?' ସମାନ ଭଙ୍ଗୀରେ ତାଙ୍କର ଉତ୍ତର ଥିଲା, 'ସ୍ୱଳ୍ପ ମାତ୍ରାରେ ଏକ ନିଷ୍କାମ କର୍ମ କରିବା ପାଇଁ ।' ତାଙ୍କର ଏହି ବକ୍ତବ୍ୟରେ କୌଣସି ତିକ୍ତତା ବା ଅସନ୍ତୋଷ ଭାବର ଲେଶମାତ୍ର ଚିହ୍ନ ନଥିଲା । ଏହି 'ନିଷ୍କାମ କର୍ମ' ସମ୍ପାଦନର ଆନ୍ତର ଭାବଧାରା ସମ୍ବନ୍ଧେ ଆମେ ତାଙ୍କର ୧୯୩୩ ଡିସେମ୍ବରର ଏକ ପତ୍ରରୁ ସୂଚନା ପାଉ – 'ମୁଁ ମୋ କର୍ମର ଫଳାଫଳ ସମ୍ବନ୍ଧେ ଦୃଢ଼ନିଶ୍ଚିତ ରହିଥାଏ । କିନ୍ତୁ ମୁଁ ଯଦି ଦେଖେ ଯେ ମୋର ଏହି କର୍ମରେ ଆଦୌ କୌଣସି ଲାଭ ହେବ ନାହିଁ (ଯାହାକି ଅସମ୍ଭବ), ତଥାପି ମୁଁ ଅବିଚଳିତ ଭାବରେ କରି ଚାଲିଥାଏ, ଯାହାକି ବିଧିନିର୍ଦ୍ଦିଷ୍ଟ ଭାବରେ ମୋର କରଣୀୟ କର୍ମ । ଏବଂ ଏହି ମନୋଭାବରେ ଯାହାକିଛି କରାଯାଏ, ସେଇଟି ସର୍ବଦା ସମଗ୍ର ଜଗତର ହିତସାଧନରେ ପ୍ରୟୋଜନୀୟ କର୍ମ-ରୂପେ ଗଣ୍ୟ ହୋଇଥାଏ ।' ''

('Twelve Years with Sri Aurobindo', p. 144)

*

*ପ୍ରଶ୍ନ : ''ମଧୁମୟୀ ମା, ୧୯୪୨ରେ ଶ୍ରୀଅରବିନ୍ଦ କ'ଣ ପାଇଁ ଭାରତୀୟ ନେତାଗଣଙ୍କୁ 'କ୍ରିପ୍‌ସ ପ୍ରସ୍ତାବ' ଗ୍ରହଣ କରି ନେବାକୁ ଉପଦେଶ ଦେଇଥିଲେ, ଯେତେବେଳେ ସେ ନିଶ୍ଚିତ ରୂପେ ଜାଣିଥିଲେ ଯେ ସେମାନେ ତାଙ୍କ ଉପଦେଶକୁ ଗ୍ରହଣ କରିବେ ନାହିଁ ?*

*''ଭଗବାନ୍ ଅନେକ ସମୟରେ ମଣିଷକୁ ଉପଦେଶ ଦେଇଥା'ନ୍ତି ବା ପରିଚାଳିତ କରିବାକୁ ସତତ ସଚେଷ୍ଟ ଥା'ନ୍ତି,– ଏକଥା ଭଲ ଭାବରେ ଜାଣି ଯେ ତାଙ୍କ ସାହାଯ୍ୟଟି ଅଗ୍ରାହ୍ୟ ହେବ । ତା'ହେଲେ କ'ଣ ପାଇଁ ସେ ଏପରି କରିଥା'ନ୍ତି ?''*

ଶ୍ରୀମା : ''ଭଗବାନ୍ **ସର୍ବଦା** ଜଣାଇ ଦେଇଥା'ନ୍ତି, କିନ୍ତୁ ମଣିଷଙ୍କ ପକ୍ଷରେ ତାଙ୍କୁ ଶ୍ରବଣ କରିବା ବା ଗ୍ରହଣ ନକରିବା କଥାଟି ବାସ୍ତବରେ ବିରଳ ।

''ମଣିଷମାନେ ସର୍ବଦା ଯୁକ୍ତି ବାଢ଼ିଥା'ନ୍ତି ଯେ ଭଗବାନ୍ ସେମାନଙ୍କୁ ସାହାଯ୍ୟ କରୁ ନାହାନ୍ତି, କିନ୍ତୁ ସତ କଥାଟି ହେଉଛି ଯେ ସେମାନେ ସାହାଯ୍ୟକୁ ପ୍ରତ୍ୟାଖ୍ୟାନ କରିଥା'ନ୍ତି, ଯାହାକି **ସର୍ବଦା** ସେମାନଙ୍କ ସହିତ ରହିଥାଏ ।''

(CWM, Vol. 16, pp. 319 - 320)

*

'କ୍ରିପ୍‌ସ ମିଶନ୍' ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ଉପଦେଶକୁ ଅଗ୍ରାହ୍ୟ କରିବା ସମ୍ପର୍କରେ ଜର୍ଜ ତାଙ୍କର 'Beyond Man' ଗ୍ରନ୍ଥରେ ଏହି ମର୍ମରେ ଉଲ୍ଲେଖ କରିଛନ୍ତି : ''ମୋର ଯେତେଦୂର ଧାରଣା ଯେ ତଥାପି ବି କଂଗ୍ରେସ ନେତୃବୃନ୍ଦ ଆଦୌ ହୃଦୟଙ୍ଗମ କରିପାରି ନଥିଲେ ଯେ କେଉଁ ମହତ୍ ଉଦ୍ଦେଶ୍ୟ ନେଇ ସେ ରାଜନୈତିକ ଜୀବନରୁ ନିଜକୁ ପ୍ରତ୍ୟାହୃତ କରି ନେବାକୁ ବାଧ୍ୟ ହୋଇଥିଲେ ଏବଂ କେତେକେ ବୋଧହୁଏ ତାଙ୍କର ଏହି ସିଦ୍ଧାନ୍ତକୁ ଆଦୌ କ୍ଷମଣୀୟ ନୁହେଁ ବୋଲି ଭାବି ନେଇଥିଲେ । (ପରିଣାମତଃ ସେମାନେ ତାଙ୍କୁ କୌଣସି ପ୍ରକାରେ ଅର୍ଥ ସାହାଯ୍ୟ କରିବାକୁ ମଧ୍ୟ ଚାହୁଁ ନଥିଲେ; ତେଣୁ ତାଙ୍କର ଆଶ୍ରମ-ଜୀବନ ହୋଇ ଉଠିଥିଲା ଅର୍ଥାଭାବରୁ ଘୋର ସଙ୍କଟାପନ୍ନ ।) ...

''... କିନ୍ତୁ ଐତିହାସିକ ଘଟଣାସବୁ ପାର୍ଥିବ ଜଗତର ପ୍ରତ୍ୟେକଟି ଘଟଣା ସଦୃଶ ସର୍ବଦା ଜଟିଳ । ... ସେତେବେଳେ ଅଧିକାଂଶଙ୍କର ଏହି ଭ୍ରାନ୍ତ ବିଶ୍ୱାସ ଜନ୍ମିଥିଲା ଯେ ଯଦି କ୍ରିପ୍‌ସ ପ୍ରସ୍ତାବଟି ସଫଳତା ଲାଭ କରେ, ତେବେ କ୍ରିପ୍‌ସ ଇଂଲଣ୍ଡରେ ଚର୍ଚ୍ଚିଲଙ୍କର ସ୍ଥାନରେ ନିଜକୁ ପ୍ରତିସ୍ଥାପନ କରିବେ ! କିନ୍ତୁ ଆମେମାନେ ଭଲ ଭାବରେ ଜାଣିଥିଲୁ ଯେ ଚର୍ଚ୍ଚିଲ ଥିଲେ ସେତେବେଳେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଜଣେ ଅପୂରଣୀୟ ମାଧ୍ୟମ । ଗୋଟିଏ ପକ୍ଷରେ ସମଗ୍ର ପୃଥିବୀରେ ପ୍ରଭୁତ୍ୱ ଲାଭ କରିଥିବା ତଦାନୀନ୍ତନ ସମସ୍ୟାଟି ଭାରତର ଭବିଷ୍ୟତ୍ ଐକ୍ୟ ସମ୍ବନ୍ଧେ ଗୁରୁତ୍ୱପୂର୍ଣ୍ଣ ଥିଲା, ଅପର ପକ୍ଷରେ ଭାରତର ସ୍ୱାଧୀନତା ପ୍ରାପ୍ତିଟି ମଧ୍ୟ ମହତ୍ତ୍ୱପୂର୍ଣ୍ଣ ସମସ୍ୟା । ତେଣୁ ଶ୍ରୀଅରବିନ୍ଦ କ୍ରିପ୍‌ସ ପ୍ରସ୍ତାବ ଗ୍ରହଣ କରି ନେବାର ପରିଣାମ ସମ୍ବନ୍ଧେ ସମ୍ପୂର୍ଣ୍ଣ ଅବଗତ ହୋଇ ତାଙ୍କର 'ନିଷ୍କାମ କର୍ମ' ସମ୍ପାଦନରେ ତୀବ୍ର ଭାବରେ ବ୍ରତୀ ହୋଇଥିଲେ । ...

''ଶ୍ରୀଅରବିନ୍ଦ ବାରଂବାର ଗୁରୁତ୍ୱ ଦେଇ କହୁଥିଲେ ଯେ ପୃଥିବୀ ବା ଜାଗତିକ ସମସ୍ୟାରେ ତାଙ୍କର ହସ୍ତକ୍ଷେପରେ ସେ ତାଙ୍କର ସର୍ବଶକ୍ତିଶାଳୀ ଅପ୍ରତିହତ ଅତିମାନସ ଶକ୍ତିର ପ୍ରୟୋଗ କରୁ ନଥିଲେ; ଏହି ସହଜ ବୋଧଗମ୍ୟ କାରଣରୁ ଯେ ପୃଥିବୀ ପକ୍ଷରେ ସେତେବେଳେ ସେଇଟି ଅସହ୍ୟ ହୋଇ ଉଠିବ । ତେଣୁ ଜାଗତିକ ସମସ୍ୟାସବୁରେ ସେ ତାଙ୍କର ଅଧିମାନସିକ ଶକ୍ତିର ପ୍ରୟୋଗ କରୁଥିଲେ । ଏହା ଫଳରେ ମହାଜାଗତିକ ଉଦ୍ଦେଶ୍ୟ ଓ ସକ୍ରିୟ ଥିବା ଶକ୍ତିସବୁ ସହିତ ତାଙ୍କ ଦ୍ୱାରା ପ୍ରେରିତ ଶକ୍ତିର ଏକ ସଂଘର୍ଷ ଉପୁଜୁଥିଲା । ଏହି ସଂଘର୍ଷରେ ଉଭୟ ଦିଗରୁ ପ୍ରତ୍ୟେକେ ନିଜର ସର୍ବୋଚ୍ଚ ସମ୍ଭାବ୍ୟ ପରିଣାମର ଅଭିବ୍ୟକ୍ତି ନିମନ୍ତେ ସଚେଷ୍ଟ ରହୁଥିଲେ । କ୍ରିପ୍‌ସ ପ୍ରସ୍ତାବ ସମ୍ବନ୍ଧୀୟ ଘଟିଥିବା ଘଟଣାସବୁ ଏହାର ଏକ ଜ୍ୱଳନ୍ତ ଉଦାହରଣ, ଯେଉଁଥିରେ ଜାଗତିକ ଶକ୍ତିରାଜି ଶ୍ରୀଅରବିନ୍ଦଙ୍କର 'ନିଷ୍କାମ କର୍ମ'ଟିକୁ ଅସଫଳ କରାଇବାରେ ସଫଳତା ଲାଭ କରିଥିଲା । ...''

(Georges Van Vrekhem : 'Beyond Man', p. 253)

*

ଏବେ ଆମେ ଭାରତରେ ଘଟିବାକୁ ଯାଉଥିବା ସମସ୍ୟାଟି ଉପରେ ଆଲୋକପାତ କରିବୁ । ୧୯ ମାର୍ଚ୍ଚ ୧୯୪୪ରେ ଦୁଇ ଲକ୍ଷ ତିରିଶ ହଜାରରୁ ଊର୍ଦ୍ଧ୍ୱ ଜାପାନୀ ସୈନ୍ୟବାହିନୀ ଭାରତର ଉତ୍ତର-ପୂର୍ବ ସୀମା ଅତିକ୍ରମ କରି ମଣିପୁରର ଇମ୍ଫାଲ ସହର ଆଡ଼କୁ ଆକ୍ରମଣ କରି ଅଗ୍ରସର ହେଉଥିଲେ । ଏହି ସୈନ୍ୟବାହିନୀରେ ସୁଭାଷ ଚନ୍ଦ୍ର ବୋଷଙ୍କର ତିନି ହଜାରରୁ ଊର୍ଦ୍ଧ୍ୱ 'ଆଜାଦ୍ ହିନ୍ଦ୍ ଫୌଜ' ମଧ୍ୟ ଅଂଶଗ୍ରହଣ କରିଥିଲେ । ଏମାନଙ୍କର 'ପୂର୍ବରୁ ଅନୁମିତ ବା ପରିଦୃଷ୍ଟ ଫଳାଫଳ' ଏହାହିଁ ଥିଲା ଯେ ଦୃଢ଼ପ୍ରତିଜ୍ଞ ଭାବରେ ଭାରତକୁ ପ୍ରତିରୋଧ କରୁଥିବା ବ୍ରିଟିଶ ବାହିନୀ ଏବଂ ବ୍ରିଟିଶ ସାମ୍ରାଜ୍ୟ ପ୍ରତି ଆନୁଗତ୍ୟ ଥିବା ଭାରତୀୟ ବାହିନୀଙ୍କର ସମ୍ମିଳିତ ପ୍ରତିରୋଧ ସତ୍ତ୍ୱେ ଇମ୍ଫାଲର ପତନ ଘଟିବ ହିଁ ଘଟିବ । କିନ୍ତୁ ଅଚାନକ ଅକଳ୍ପନୀୟ ଭାବରେ ମୌସୁମୀ ବାୟୁର ପ୍ରକୋପ ସହିତ ମୁଷଳ ଧାରାରେ ବୃଷ୍ଟିପାତ ହେଲା । ସାଧାରଣତଃ ଏହି ଅଞ୍ଚଳରେ ମୌସୁମୀ ବର୍ଷାର ପ୍ରାଦୁର୍ଭାବ ମାସେ କି ଦେଢ଼ ମାସ ପରେହିଁ ଆରମ୍ଭ ହୋଇଥାଏ । ଏପରି ପ୍ରାକୃତିକ ବିପର୍ଯ୍ୟୟରେ ସମ୍ପୂର୍ଣ୍ଣ ଅନଭ୍ୟସ୍ତ ଜାପାନୀ ତଥା ବୋଷଙ୍କ ସୈନ୍ୟମାନଙ୍କର ନିଶ୍ଚିତ ବିଜୟୋଲ୍ଲାସର ସମ୍ଭାବନାସବୁ ଅବିଳମ୍ବେ କୁଆଡ଼େ ଉଭାନ ହୋଇଗଲା । ଏହି ଘଟଣାଟି ହୋଇଉଠିଲା ଆକସ୍ମିକ ଭାବରେ ଘଟିଥିବା ଏକ ସର୍ବପ୍ରଥମ ଗୁରୁତ୍ୱପୂର୍ଣ୍ଣ ବିଶାଳ ସାମରିକ ବିପତ୍ତି । (ତତ୍ରୈବ : ପୃଷ୍ଠା, ୨୩୪ ଦ୍ରଷ୍ଟବ୍ୟ)

ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ ନିଜ ସମ୍ବନ୍ଧେ କହିବାକୁ ଯାଇ ଏହି ମର୍ମରେ ବ୍ୟକ୍ତ କରିଛନ୍ତି : ''ଯେତେବେଳେ କ୍ରିପ୍‌ସଙ୍କ ସହିତ ସମାଧାନମୂଳକ ଆଲୋଚନା ଅକୃତକାର୍ଯ୍ୟ ହୋଇଉଠିଲା, ଶ୍ରୀଅରବିନ୍ଦ ଭାରତକୁ ରକ୍ଷା କରିବାର ତାଙ୍କର ଏକମାତ୍ର ନିର୍ଭରଯୋଗ୍ୟ ଧାରାରେ ହସ୍ତକ୍ଷେପ କରିବାକୁ ସିଦ୍ଧାନ୍ତ ନେଲେ – ଆକ୍ରମଣୋଦ୍ୟତ ଜାପାନୀ ସୈନ୍ୟବାହିନୀ ବିରୋଧରେ ଏକାନ୍ତ ଭାବରେ ତାଙ୍କର ଆଧ୍ୟାତ୍ମିକ ଶକ୍ତିର ପ୍ରୟୋଗ କଲେ । ଏବଂ ଫଳାଫଳ ଦେଖି ସନ୍ତୋଷ ଲାଭ କଲେ ଯେ ଯେତେବେଳେ ଜାପାନୀମାନେ ସବୁକିଛିକୁ ପରାଭୂତ କରି ପ୍ରବଳ ବେଗରେ ମାଡ଼ି ଆସୁଥିଲେ, ସେହି ସମୟରେ ହଠାତ୍ ଘଟଣାବଳିରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଲା, ଶତ୍ରୁପକ୍ଷ ଏକ କ୍ଷିପ୍ର ଓ ସମ୍ପୂର୍ଣ୍ଣ ବଶୀଭୂତ ଅବସ୍ଥାର ସମ୍ମୁଖୀନ ହେଲେ । ଅବଶେଷରେ 'ମିତ୍ରଶକ୍ତି'ର ବିଶାଳ ଓ ଦୁର୍ଦ୍ଦମ୍ୟ ବିଜୟ ହୋଇ ଉଠିଲା । ...'' (SABCL, Vol. 26, p. 39)

ଏ ସମ୍ପର୍କରେ ନୀରଦବରଣଙ୍କ ବର୍ଣ୍ଣନାର ମର୍ମାନୁବାଦ : ଯେତେବେଳେ 'ମିତ୍ରଶକ୍ତି'ଙ୍କର ଅବସ୍ଥା ସାଂଘାତିକ ପରିସ୍ଥିତିରେ ପଡ଼ିଥିଲା, ଆଫ୍ରିକା, ଏସିଆ ଓ ୟୁରୋପରେ ଯେତେବେଳେ

ଶତ୍ରୁପକ୍ଷର ଆସନ୍ନ ବିଜୟୋଲ୍ଲାସର ମୁହୂର୍ତ୍ତ ପ୍ରବହମାନ, ସେତେବେଳେ ଭାରତର ନିୟତି ହସ୍ତକ୍ଷେପ କଲା । ହଠାତ୍ ଶୂନ୍ୟରୁ ଆସାମ ଅରଣ୍ୟରେ ପ୍ରବଳ ବେଗରେ ତୋଫାନୀ ଝଡ଼ବୃଷ୍ଟି ବେଶ୍ କିଛି ଦିନ ଧରି ଲଗାତର ତା'ର ପ୍ରକୋପ ଜାରି ରଖିଲା । ପରିଣାମତଃ 'ଆଜାଦ୍ ହିନ୍ଦ୍ ଫୌଜ' ସହିତ ଜାପାନୀ ସୈନ୍ୟମାନେ ପ୍ରବଳ ବନ୍ୟା ଓ ଚିକିଟା କର୍ଦ୍ଦମରେ ଲାଖି ରହିଗଲେ; ପାଦେ ବି ଆଗକୁ ଅଗ୍ରସର ହୋଇ ନପାରି ସେମାନେ ଅନନ୍ୟୋପାୟ ହୋଇ ଲଜ୍ଜାଜନକ ଭାବରେ ନିଜର ଆସ୍ଥାନ ଛାଡ଼ି ପଳାୟନ କରିବାକୁ ବାଧ ହୋଇଥିଲେ । ତଥାପି, କହିବା ବାହୁଲ୍ୟ ଯେ ଆସାମ ଅଞ୍ଚଳରେ ଏହି ଋତୁରେ ଇତିପୂର୍ବରୁ କସ୍ମିନ୍‌କାଳେ ଏମିତି ପ୍ରବଳ ତୋଫାନୀ ବୃଷ୍ଟିପାତ ହୋଇ ନଥିଲା । ..."

('Twelve Years with Sri Aurobindo', pp. 149-150)

ଏହି ପରିପ୍ରେକ୍ଷୀରେ ଏକ ସମ୍ପୂର୍ଣ୍ଣ ଅଭିନବ ତଥା ଚିତ୍ତାକର୍ଷକ ଘଟଣା ଉଲ୍ଲେଖ କରୁଛୁ । ପ୍ରଖ୍ୟାତ ସାମ୍ବାଦିକ କ୍ଲଡ୍ ଅର୍‌ପିଙ୍କ ସମ୍ପାଦନାରୁ ଉଦ୍ଧୃତି : "ମେଜର୍ ଜେନେରାଲ୍ (ପରବର୍ତ୍ତୀ କାଳରେ ଲେଫ୍‌ଟେନାଣ୍ଟ୍ ଜେନେରାଲ୍) ଜାକ୍ ଫ୍ରେଡ଼େରିକ୍ ଜାକୋବ୍, ଜନପ୍ରିୟ ଭାବରେ 'ଜାକ୍ ଜାକୋବ୍' ହିସାବରେ ବିଦିତ – ଭାରତରେ ଜନ୍ମଗ୍ରହଣ କରି ଦୀର୍ଘ ଛତିଶ ବର୍ଷ ବ୍ରିଟିଶ ଇଣ୍ଡିଆନ୍ ଆର୍ମିରେ ରହିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବର୍ମା ଯୁଦ୍ଧକ୍ଷେତ୍ରରେ ଜେନେରାଲ୍ ଜାକୋବ୍‌ଙ୍କର ୟୁନିଟ୍ ଜାପାନୀ ସୈନ୍ୟବାହିନୀ ବିରୋଧରେ ଯୁଦ୍ଧ କରି ଯୁଦ୍ଧର ଶେଷ ପର୍ଯ୍ୟନ୍ତ ଲଢ଼ି ବିଜୟ ହାସଲ କରିଥିଲେ । ପରବର୍ତ୍ତୀ କାଳରେ ଦିଲ୍ଲୀରେ ଏହି ମହିମମୟ ବ୍ୟକ୍ତିଙ୍କ ସହିତ ଆମର ହୋଇଥିବା ଏକ ସାକ୍ଷାତ୍କାରରେ ସେ ଅତି ଯତ୍ନରେ ସାଇତି ରଖିଥିବା ଏକ ଟାଇପ୍-ଟେଲିଗ୍ରାମ୍ ଆମମାନଙ୍କୁ ଦେଖାଇ କହିଥିଲେ : 'ମୁଁ ପଣ୍ଡିଚେରୀରୁ ଶ୍ରୀମାଙ୍କ ପାଖରୁ ଏହିଟିକୁ ପ୍ରାପ୍ତ ହୋଇଥିଲି; ଜାପାନୀମାନଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେବାର ଅବ୍ୟବହିତ ପୂର୍ବରୁ –

"India's Victory Assured. Very soon you will see some miracle." – The Mother

("ଭାରତର ଚୂଡ଼ାନ୍ତ ବିଜୟ ସୁନିଶ୍ଚିତ । ଖୁବ୍ ଶୀଘ୍ର ତୁମେମାନେ କିଛି ଅଲୌକିକ ଘଟଣା ଦେଖିବାକୁ ପାଇବ ।" – ଶ୍ରୀମା)*

ଅନ୍ତରାଳରେ ବାସ କରି ଶ୍ରୀମାଶ୍ରୀଅରବିନ୍ଦଙ୍କର ଭାରତ ତଥା ବିଶ୍ୱର ଘଟଣାବଳିରେ ଦିବ୍ୟ ହସ୍ତକ୍ଷେପ ସମ୍ବନ୍ଧେ କେତେଜଣଙ୍କୁ ବା ପ୍ରକୃତରେ ଗୋଚର ! ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀ ପୂର୍ବ ଜୀବନର ଐତିହାସିକ ଘଟଣାରାଜିରେ ତାଙ୍କର ହସ୍ତକ୍ଷେପ ସମ୍ବନ୍ଧରେ ଏକ ମନ୍ତବ୍ୟ ଏଠାରେ ବେଶ୍ ପ୍ରଣିଧାନଯୋଗ୍ୟ :

"ଯେଉଁସବୁ ଘଟଣାରାଜି ନିଷ୍ପତ୍ତିମୂଳକ କିନ୍ତୁ ଲୋକଚକ୍ଷୁର ଅନ୍ତରାଳରୁ ଘଟିଥାଏ, ସେସବୁକୁ ଇତିହାସ କ୍ୱଚିତ୍ ଲିପିବଦ୍ଧ କରିଥାଏ । କେବଳ ପରଦାର ସମ୍ମୁଖରେ ପ୍ରଦର୍ଶିତ ହୋଇଥିବା ଘଟଣାରାଜିକୁ ଇତିହାସ ଲିପିବଦ୍ଧ କରିଥାଏ । ଖୁବ୍ ଅଳ୍ପ ବ୍ୟକ୍ତି ଜାଣନ୍ତି ଯେ (୧୯୦୭ ଡିସେମ୍ବରର ସୁରାଟ କଂଗ୍ରେସରେ) ମୁଁ ହିଁ (ତିଳକଙ୍କ ସହିତ ପରାମର୍ଶ ନକରି) ନିର୍ଦ୍ଦେଶ ଦେଇଥିଲି ଯାହାର ପରିଣତି ସ୍ୱରୂପ କଂଗ୍ରେସ (ନରମପନ୍ଥୀ ଓ ଚରମପନ୍ଥୀ)ରେ ବିଭାଜନ ଘଟିଥିଲା ଏବଂ ଚରମପନ୍ଥୀଙ୍କୁ ସଣ୍ଢୁଆସି ସଦୃଶ ସ୍ୱକବଳରେ ରଖିବା ଉଦ୍ଦେଶ୍ୟରେ ନବସୃଷ୍ଟ ନରମପନ୍ଥୀମାନଙ୍କର ଆନୁଷ୍ଠାନିକ ବୈଠକରେ ସେମାନଙ୍କର ଯୋଗ ଦେବାକୁ ଅସ୍ୱୀକାର କରିବା । – ଏହି ଦୁଇଟି ଘଟଣା ଥିଲା ସୁରାଟ କଂଗ୍ରେସରେ

---

* କ୍ଲଡ୍ ଅର୍‌ପି (Claude Arpi) ଅଧୁନା ଅରୋଭିଲ୍‌ର ଅଧିବାସୀ । ୨୦୨୧ରେ ଅରୋଭିଲ୍‌ରୁ ପ୍ରକାଶିତ 'Fifty Years on Victory of the Spirit' ସ୍ମରଣିକାର ସେ ସମ୍ପାଦକ । ଏହି ସ୍ମରଣିକା ପ୍ରକାଶନଟି ଶ୍ରୀଅରବିନ୍ଦଙ୍କର ୧୫୦ତମ ଜନ୍ମବାର୍ଷିକୀ ତଥା ୧୯୭୧ରେ ଭାରତର ପୂର୍ବାଞ୍ଚଳ ସୀମାନ୍ତରେ ଘଟିଥିବା ଚୀନ-ଭାରତ ଯୁଦ୍ଧରେ ଶ୍ରୀମା'ଙ୍କର ଘନିଷ୍ଠ ଭାବରେ ଦିବ୍ୟ ହସ୍ତକ୍ଷେପର ୫୦ତମ ବାର୍ଷିକୀ ଉପଲକ୍ଷେ (ଅର୍ଥାତ୍ ବାଂଲାଦେଶ ସୃଷ୍ଟ ହେବାର ୫୦ତମ ବାର୍ଷିକୋତ୍ସବ ଉପଲକ୍ଷେ) ସମର୍ପିତ ।

ଉପରୋକ୍ତ ସ୍ମରଣିକାରେ 'The Chief of Staff and Pondicherry' ପ୍ରବନ୍ଧରୁ (ପୃ. ୫୯) ଉପରୋକ୍ତ ତଥ୍ୟଟି ଉଦ୍ଧୃତ । Jack Frederick Ralph Jacob ଥିଲେ Maj. Gen. (Later Lt. Gen.)ଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷରେ ଏକ ଔପଚାରିକ ପଦାଧିକାର ଅର୍ପଣ କରାଯାଇଥିଲା – granted a permanent commission (King's Commission) with the rank of Lieutenant General.) । ସମଗ୍ର ସ୍ମରଣିକାଟିରେ ଉପଯୁକ୍ତ ଚିତ୍ରସବୁ ସହିତ ତଦାନୀନ୍ତନ ଘଟଣାବଳିର ଅପୂର୍ବ ବର୍ଣ୍ଣନା ରହିଛି ।

ଦୁଇଟି ନିଷ୍ପତ୍ତିମୂଳକ ଘଟଣା । ଏପରିକି ବେଙ୍ଗଲରେ ସ୍ୱାଧୀନତା ଆନ୍ଦୋଳନକୁ ଏକ ଆକ୍ରମଣାତ୍ମକ ରୂପ ଦେବାରେ ଅଥବା ବୈପ୍ଲବିକ ଆନ୍ଦୋଳନର ସୂତ୍ରପାତ କରିବାରେ ପରଦାର ଅନ୍ତରାଳରୁ ମୋର ହସ୍ତକ୍ଷେପ ସମ୍ବନ୍ଧେ ଖୁବ୍ କମ୍ ବ୍ୟକ୍ତି ଅବଗତ ଥିଲେ ।''

(SABCL, Vol. 26, p. 49)

*

ଲୋକଚକ୍ଷୁର ଅନ୍ତରାଳରେ ଭାରତ ତଥା ପୃଥିବୀ ଇତିହାସରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ହସ୍ତକ୍ଷେପର ଘଟଣାରାଜି ସମ୍ବନ୍ଧେ ପ୍ରଭୂତ ଭାବରେ ଅଭିଭୂତ ହୋଇ ଭକ୍ତବତ୍ସଳା ମାଗି ତାଙ୍କର ପୁସ୍ତକ 'The Light that Shone into the Dark Abyss'ର ପରିଶିଷ୍ଟ ପୃଷ୍ଠା, ୧୪୦ରେ ଏହି ମର୍ମରେ ଉଲ୍ଲେଖ କରିଛନ୍ତି :

''... ମୋର ସନିର୍ବନ୍ଧ ପ୍ରସ୍ତାବ ଏହି ଯେ ଐତିହାସିକ ଗ୍ରନ୍ଥାବଳି ଏକ ଭିନ୍ନ ସ୍ତର ବା ଭୂମି (dimensions)ସବୁରୁ ଲିପିବଦ୍ଧ ହେଲେ ଭଲ ହୁଅନ୍ତା । ଫଳରେ ସେହିସବୁ ଇତିହାସ କହିବାକୁ ଗଲେ କେବଳ ରାଜନୀତି, ଯୁଦ୍ଧ ଓ ଗଣହତ୍ୟା ବା ରକ୍ତପାତର ବୀରତ୍ୱ ଓ ଦୁଃସାହସିକତାର ଦୀର୍ଘ କାହାଣୀସବୁରେ ପର୍ଯ୍ୟବସିତ ହୋଇ ରହିବାରୁ ଅବ୍ୟାହତି ପାଇବ ଏବଂ ବିବର୍ତ୍ତନ ଧାରାରେ ଊର୍ଦ୍ଧ୍ୱମୁଖୀ ପାବଚ୍ଛରେ ମାନବଜାତିର ଊର୍ଦ୍ଧ୍ୱାରୋହଣ ସମ୍ବନ୍ଧରେ ଏବଂ ତତ୍ ସହିତ ଅନୁରୂପ ଧାରାରେ ଅର୍ଥାତ୍ ନିବର୍ତ୍ତନ ଧାରାରେ ଊର୍ଦ୍ଧ୍ୱଲୋକରୁ ଧରାପୃଷ୍ଠକୁ ଦିବ୍ୟଶକ୍ତିର ଅବତରଣର ପ୍ରକ୍ରିୟାସବୁ ସମ୍ବନ୍ଧରେ ଚିତ୍ତାକର୍ଷକ କାହାଣୀସବୁରେ ଲିପିବଦ୍ଧ ହୋଇଉଠିବ । ... (କିନ୍ତୁ) ସେହିସବୁ ଅନ୍ୟ ସ୍ତର ବା ଲୋକରେ ଆମକୁ ପ୍ରବେଶ କରିବାକୁ ଅଥବା ସେହିସବୁକୁ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବାର ସର୍ବପ୍ରଥମ ପାବଚ୍ଛ ହେଉଛି ଆମକୁ ସେହି ସ୍ତରସବୁ ସହିତ 'ତାଦାତ୍ମ୍ୟ' ଲାଭ କରିବା । ଶବ୍ଦବିନ୍ୟାସ ଯଥେଷ୍ଟ ନୁହେଁ । ...''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

**ବିଶେଷ ସୂଚନା**

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ସିଦ୍ଧାନ୍ତ-ସମନ୍ୱୟ

## ରାମକୃଷ୍ଣ ଦାସ

[**ପୂର୍ବାଭାଷ :** ସାଧାରଣ ଜାଗତିକ ବ୍ୟାପାରରେ କୌଣସି ସିଦ୍ଧାନ୍ତ ସର୍ବସମ୍ମତଭାବେ ଗ୍ରହଣୀୟ ହେବା ଯେଉଁଠି ଦୁରୂହ ହୋଇଉଠେ, ସେଠାରେ ଅଧ୍ୟାତ୍ମଦର୍ଶନ ଭଳି ଦୁର୍ବୋଧ ବ୍ୟାପାରରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହେବା ସାଧାରଣ ମନ ପାଖରେ ପ୍ରାୟ ଅସମ୍ଭବ ବୋଲି ମନେହୁଏ । ଯୁଗେ ଯୁଗେ ଭଗବାନଙ୍କ ବିଧାନରେ ମହାପୁରୁଷଗଣ ଯୁଗୋପଯୋଗୀ ଏପରି ଅଧ୍ୟାତ୍ମ-ସିଦ୍ଧାନ୍ତମାନ ଉପସ୍ଥାପିତ କରିଯାଇଛନ୍ତି ଯାହା ସାଧାରଣ ବିଚାରରେ ପରସ୍ପର ବିରୋଧୀ ବୋଲି ମନେହୁଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅନୁଗାମୀ ସାଧକମାନେ ଅପର ସିଦ୍ଧାନ୍ତ ଓ ତଦବଲମ୍ବୀ ସାଧକମାନଙ୍କୁ ନିଜର ବିରୋଧୀ ବୋଲି ଭାବିଥା'ନ୍ତି । ତେଣୁ ଆଜି ଜଗତରେ ଅନେକ ପ୍ରକାର ଧର୍ମ, ଯୋଗପ୍ରଣାଳୀ ତଥା ସାଧକ ପରିଦୃଷ୍ଟ ହୁଅନ୍ତି ଏବଂ ବିଭିନ୍ନ ଧର୍ମାବଲମ୍ବୀ ବା ଯୋଗ-ସାଧକମାନଙ୍କ ମଧ୍ୟରେ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଏପରି ଗୋଟାଏ ଅମେଳ ବା ବିରୋଧ ରହି ଆସିଛି ଯାହା ସମଗ୍ର ବିଶ୍ୱ ବା ମାନବଜାତିର ସମ୍ମୁଖରେ ତାହାର ସତ୍ୟ, ଶାନ୍ତି, ଆନନ୍ଦ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ପଥରେ ଅବାଧ ଓ ସ୍ୱଚ୍ଛନ୍ଦ ଅଗ୍ରଗତିରେ ବାଧକ ଭାବେ ଦଣ୍ଡାୟମାନ ହୋଇଛି ।

କିନ୍ତୁ ବର୍ତ୍ତମାନ ସମୟ ଆସିଛି, ଅର୍ଥାତ୍ ଏହି ଦେବ-ମୁହୂର୍ତ୍ତରେ ଭଗବାନଙ୍କ ବିଧାନରେ ମାନବ ଶରୀର ଧାରଣ କରି ଶ୍ରୀମା ଶ୍ରୀଅରବିନ୍ଦ ମାନବଜାତିର ପରମ କଲ୍ୟାଣ ସକାଶେ ଅତୀତର ସମସ୍ତ ଅଧ୍ୟାତ୍ମ-ସିଦ୍ଧାନ୍ତର ଏପରି ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱୟମୂଳକ ନୂତନ ରୂପ ଦେଇଛନ୍ତି ଯାହା ମାନବଜାତିର ଅଭୂତପୂର୍ବ ଚରମ ବିକାଶର ସୁବର୍ଣ୍ଣ ଦ୍ୱାରକୁ ଚିରୋନ୍ମୁକ୍ତ କରିଦେଇଛି । ଏହି ନୂତନ ସିଦ୍ଧାନ୍ତରେ ଯଥାର୍ଥରେ ବିଭିନ୍ନ ସିଦ୍ଧାନ୍ତର ସମନ୍ୱୟ ଘଟିଛି ଏବଂ ଏଥିରେ ପ୍ରତ୍ୟେକ ସାଧନା-ପ୍ରଣାଳୀ ମଧ୍ୟ ତା'ର ଯଥାଯଥ ଓ ସମୁନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହି ବିଷୟକୁ 'ସିଦ୍ଧାନ୍ତ ସମନ୍ୱୟ' ଆଖ୍ୟା ଦେଇ ଅଭିଜ୍ଞ ଲେଖକ ଅତି ସରଳ ତଥା ପ୍ରାଞ୍ଜଳ ଭାଷାରେ ଏହି ପୁସ୍ତିକାରେ ବ୍ୟାଖ୍ୟା କରିଛନ୍ତି । ଆମ୍ଭେମାନେ ଆଶାକରୁ ଅଧ୍ୟାତ୍ମବାଦୀ ସାଧକ ଓ ତତ୍ତ୍ୱବିତ୍‌ମାନେ ଏହି ପୁସ୍ତିକାକୁ ତୁଲ୍ୟ ଦୃଷ୍ଟିସହ ପାଠ କରିବେ । — ପ୍ରକାଶକ]

ଅଦ୍ୱୈତବାଦୀ ସାଧକ ପ୍ରଶ୍ନ କରିପାରନ୍ତି :

*ପ୍ରଶ୍ନ : ବ୍ରହ୍ମ ଶାଶ୍ୱତ ସତ୍ୟ ଏବଂ ଅଦ୍ୱୈତ । ବ୍ରହ୍ମର ସଂକଳ୍ପ ଦ୍ୱୈତତା ତଥା ଅଜ୍ଞାନତା ହେବାର ସମାଧାନ କ'ଣ ?*

ଉତ୍ତର : ବ୍ରହ୍ମ ଏକ ଶାଶ୍ୱତ ସତ୍ୟ । ସେ ସର୍ବଶକ୍ତିମାନ୍ । ସେ କୌଣସି ମାନସିକ ସୀମିତତାରେ ଆବଦ୍ଧ ନୁହନ୍ତି । ସେ ମାନସ ଚେତନାର ବହୁ ଉର୍ଦ୍ଧ୍ୱରେ । ସେ ବହୁ ହୋଇ ଏକ, ସଂକଳ୍ପ କରି ଅଦ୍ୱୈତ ରହି ପାରନ୍ତି, ଜଗତ୍ ସର୍ଜନା ଇତ୍ୟାଦି ମହାନ୍ କାର୍ଯ୍ୟ କରି ମଧ୍ୟ ନିଷ୍କ୍ରିୟ, ନିରାକାର, ନିର୍ବିଶେଷ ସତ୍ତାରୂପେ ରହିପାରନ୍ତି । ସେହି ସକାଶେ ତାଙ୍କ ନାମ ଅନନ୍ତ ଏବଂ ସେ ସର୍ବଶକ୍ତିମାନ୍ । ଅନନ୍ତର ଅର୍ଥ ମନର କଳ୍ପନାତୀତ । ତାଙ୍କ ସ୍ୱରୂପ ବେଦ ବର୍ଣ୍ଣନା କରିବାରେ ଅସମର୍ଥ । ଏପରି ଅବାଙ୍ମାନସଗୋଚର ବ୍ରହ୍ମଙ୍କୁ ନିଷ୍କ୍ରିୟ, ନିରାକାର, ସ୍ଥାଣୁ, ଅଚଳ ସଂଜ୍ଞାରେ ବାନ୍ଧି ଦିଆଯାଇ ପାରେ ନାହିଁ । ବେଦ, ଉପନିଷଦ୍‌ରେ ବ୍ରହ୍ମର ଯେଉଁ ସ୍ୱରୂପ ପ୍ରତିପାଦିତ ହୋଇଛି, ତାହାହିଁ ବର୍ଣ୍ଣିତ ହୋଇଛି ଗୀତା ଓ ରାମାୟଣରେ ।

ଗୀତା

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ॥
ଯସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥
(ଗୀତା, ଅଧ୍ୟାୟ ୧୫, ଶ୍ଲୋକ ୧୬, ୧୭, ୧୮)

ଗୀତାରେ ସାକାର ଓ ନିରାକାର ପରେ ପରମବ୍ରହ୍ମ ପୁରୁଷୋତ୍ତମଙ୍କର ଯେଉଁ ସ୍ୱରୂପ ବର୍ଣ୍ଣନ କରାହୋଇଛି ତାହା ବେଦ, ଉପନିଷଦ୍‌ର ବ୍ୟାଖ୍ୟା । ଏହାକୁ ଗୋସ୍ୱାମୀ ତୁଳସୀଦାସ

'ରାମଚରିତ ମାନସ'ରେ ଲେଖିଅଛନ୍ତି । 'ରାମଚରିତ ମାନସ'ର ଉଦାହରଣ ନିମ୍ନରେ ଦିଆଗଲା :

ଜୋ ସ୍ୱରୂପ ବସ ଶିବ ମନମାହୀ ।
ଜେହି କାରଣ ମୁନି ଜତନ କରାହୀ ॥
ଜୋ ଭୁଶୁଣ୍ଡି ମନ ମାନସ-ହଂସା ।
ସଗୁନ ଆଗୁନ ଜେହି ନିଗମ ପ୍ରଶଂସା ॥
ବିନୁ ପଦ ଚଲୈ ସୁନୈ ବିନୁ କାନା
କରବିନୁ କରମ କରତ ବିଧି ନାନା ॥
ଆନନ ରହିତ ସକଲ ରସ ଭୋଗୀ ।
ବିନୁ ବାନି ବକତା ବଡ଼ ଯୋଗୀ ॥
ତନ ବିନୁ ପରଶ ନୟନ ବିନୁ ଦେଖା ।
ଗ୍ରହୈ ଘ୍ରାଣ ବିନୁ ବାସ ଅଶେଷା ॥
ଅସ ସବ ଭାନ୍ତି ଅଲୌକିକ କରନି ।
ମହିମା ଅମିତ ଯାଇ ନହି ବରଣୀ ॥

ଭଗବାନ୍ ଶିବ ବ୍ରହ୍ମ ସ୍ୱରୂପ, ପରମ ଜ୍ଞାନୀ । ସେ ବ୍ରହ୍ମ ସ୍ୱରୂପ ଠିକ୍ ଠିକ୍ ଜାଣନ୍ତି । ଯେଉଁ ପରାତ୍ପର ବ୍ରହ୍ମ ଶଙ୍କରଙ୍କ ମାନସରେ ପ୍ରତିଷ୍ଠିତ, ଯେଉଁ ପରମ ବ୍ରହ୍ମଙ୍କୁ ପ୍ରାପ୍ତ କରିବାକୁ ମନନଶୀଳ ମୁନିମାନେ ଯତ୍ନ କରନ୍ତି, ଯେଉଁ ବ୍ରହ୍ମ କାକଭୁଷଣ୍ଡିଙ୍କର ମାନସ-ହଂସ, ଯାହାକୁ ସଗୁଣ ଏବଂ ନିର୍ଗୁଣ ରୂପେ ନିଗମ ବେଦ ପ୍ରଶଂସା କରେ, ସେହି ବ୍ରହ୍ମ ବିନା ପାଦରେ ଚାଲେ, ବିନା ଶ୍ରବଣରେ ଶୁଣେ, ହସ୍ତ ବିନା ସମସ୍ତ କର୍ମ କରେ, ମୁଖ ନ ଥାଇ ସକଳ ରସ ଆସ୍ୱାଦନ କରେ, ବାଣୀ ବିନା ସମସ୍ତ କିଛି କହିପାରେ, ଶରୀର ବିନା ସ୍ପର୍ଶ କରେ, ନୟନ ବିନା ଦେଖେ, ନାସିକା ବିନା ସମସ୍ତ ଗନ୍ଧ ଗ୍ରହଣ କରେ । ସେହି ବ୍ରହ୍ମର ସମସ୍ତ ପ୍ରକାର ଅଲୌକିକ କ୍ରିୟା, ତା'ର ଯେଉଁ ଅନନ୍ତ ମହିମା, କୌଣସି ବ୍ୟକ୍ତି ବା କୌଣସି ଶାସ୍ତ୍ର ଦ୍ୱାରା ତାହା ବର୍ଣ୍ଣିତ ହୋଇପାରେ ନାହିଁ ।

ଗୀତା, ରାମାୟଣ, ବେଦ ଓ ଉପନିଷଦ୍ ସ୍ପଷ୍ଟଭାବେ ଘୋଷଣା କରିଛି – କ୍ଷର ଓ ଅକ୍ଷର ଅର୍ଥାତ୍ ସଗୁଣ ଓ ନିର୍ଗୁଣ ଉଭୟର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ତତ୍ତ୍ୱ ।

ବ୍ରହ୍ମ ଚତୁଷ୍ପାଦ ବିଭୂତିଯୁକ୍ତ ସାକାର, ନିରାକାର, ଏକସଙ୍ଗେ ପୁରୁଷୋତ୍ତମ ସତ୍, ଚିତ୍, ଆନନ୍ଦ ସ୍ୱରୂପ । ସେହି ଏକହିଁ ବ୍ରହ୍ମ ସାକାର, ନିରାକାର ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱ । ବ୍ରହ୍ମ ଅବାଙ୍ମାନସଗୋଚର । ଅର୍ଥାତ୍ ମନ ଚେତନାର ସେ ବହୁ ଊର୍ଦ୍ଧ୍ୱରେ । ବ୍ରହ୍ମ ସର୍ବଶକ୍ତିମାନ୍ । ସେ ନିରାକାର ନିର୍ବିଶେଷ ସତ୍ତା ରୂପେ ନିଷ୍କ୍ରିୟ ରହି ଜଗତ୍ ପାଳନ, ସୃଜନ, ସଂହାର କରନ୍ତି । ସେହି ବ୍ରହ୍ମ ନିଜ ସଂକଳ୍ପରେ ନିଜ ମାୟା ଆଶ୍ରୟରେ ଏକରୁ ବହୁ ହେବା ସଂକଳ୍ପ କରି ଏକାବେଳେକେ ଜଡ଼ରେ ନିମଜ୍ଜନ କରିଯାଆନ୍ତି । କ୍ରମ-ବିକାଶ ଅନୁସାରେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ମନୁଷ୍ୟରେ ଉପନୀତ ହୋଇ ଅଛନ୍ତି, ମନ ଊର୍ଦ୍ଧ୍ୱସ୍ଥ ଅତିମାନସ ଚେତନା ପ୍ରାପ୍ତ କରି ଏହି ପୃଥିବୀରେ ଦିବ୍ୟମାନବର ରୂପାନ୍ତରିତ ଶରୀରରେ ନିଜକୁ ପୂର୍ଣ୍ଣ ପ୍ରକାଶ କରିବା ସକାଶେ । ବ୍ରହ୍ମର ଏହି ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ଅତ୍ୟନ୍ତ ସ୍ପଷ୍ଟରୂପେ ବେଦ, ଉପନିଷଦ୍, ଗୀତା, ରାମାୟଣ, ଭାଗବତରେ ପ୍ରତିପାଦିତ ହୋଇଥିବା ସତ୍ତ୍ୱେ ଏହାର ପୂର୍ଣ୍ଣ ପ୍ରକାଶର ସମୟ ଆସି ନ ଥିଲା । ଏହାର ମଧ୍ୟବର୍ତ୍ତୀ ଅବସ୍ଥାରେ ଆଚାର୍ଯ୍ୟମାନେ ଏହି ବ୍ରହ୍ମର ଗୋଟିଏ ଗୋଟିଏ ସତ୍ୟ, ଶାଶ୍ୱତ ଅବସ୍ଥା ଅନୁଭବ କଲେ । କିନ୍ତୁ ନିଜ ସତ୍ୟ ଅନୁଭୂତିକୁ ଯୁକ୍ତି ଦ୍ୱାରା ଦାର୍ଶନିକ ରୂପ ଦେବାକୁ ଯାଇ ଗୀତା ଉପନିଷଦ୍‌ର ସ୍ପଷ୍ଟ ବାକ୍ୟକୁ ମାନିବା ସତ୍ତ୍ୱେ ସେସବୁକୁ ନିଜ ସିଦ୍ଧାନ୍ତ ଅନୁସାରେ ବ୍ୟାଖ୍ୟା କଲେ । ଆଚାର୍ଯ୍ୟ ଶଙ୍କର ଯେଉଁ ସମୟରେ ଆସିଥିଲେ, ସେତେବେଳେ ବ୍ୟକ୍ତିର ପୂର୍ଣ୍ଣ ବିକାଶ ଅବସ୍ଥାରେ ମୁକ୍ତ ଅବସ୍ଥାର ଆବଶ୍ୟକ ଥିଲା । ସେ ନିଜ ଅନୁଭୂତିରେ ସେହି ଅବସ୍ଥା ଦେଖି ସେହି ଅନୁସାରେ ନିଜ ସିଦ୍ଧାନ୍ତକୁ ପ୍ରତିଷ୍ଠା କରିବା ସକାଶେ ଜଗତକୁ ମିଥ୍ୟା ମାୟା ବୋଲି ଘୋଷଣା କଲେ । ପ୍ରକୃତରେ ସେହି ଅବସ୍ଥାରେ ସଂସାର ମିଥ୍ୟା, ମାୟା ପ୍ରତୀତ ହୁଏ । କିନ୍ତୁ ମନୁଷ୍ୟର ପୂର୍ଣ୍ଣତା ପ୍ରାପ୍ତିର ମଧ୍ୟବର୍ତ୍ତୀ ମୁକ୍ତ ଅବସ୍ଥାକୁ ମନୁଷ୍ୟର ଚରମ ଅବସ୍ଥା ବୋଲି ସିଦ୍ଧାନ୍ତ କରିବାରୁ ସେହି ସିଦ୍ଧାନ୍ତ ଅକାଟ୍ୟ ହୋଇ ପାରିଲା ନାହିଁ । ସୁତରାଂ ତାଙ୍କ ଅନୁଭୂତି ସତ୍ୟ ଥିବାରୁ ତାହା ଚିରଦିନ ସକାଶେ ମାନବିକ ପୂର୍ଣ୍ଣତାର ଅଙ୍ଗ ରୂପେ ଶାଶ୍ୱତ ସତ୍ୟ ହୋଇ ରହିବ ।

*ପ୍ରଶ୍ନ : ଆଚାର୍ଯ୍ୟ ଶଙ୍କର ମନୁଷ୍ୟର ମଧ୍ୟବର୍ତ୍ତୀ ଅବସ୍ଥାକୁ ଚରମ ଅବସ୍ଥା କହିବା କ'ଣ ମିଥ୍ୟା ଥିଲା ?*

ଉତ୍ତର : ମିଥ୍ୟା ନଥିଲା । ସେହି ସମୟରେ ମନୁଷ୍ୟର ତାହାହିଁ ଆବଶ୍ୟକ ଥିଲା ।

*ପ୍ରଶ୍ନ : ସେ କ'ଣ ମନୁଷ୍ୟର ପୂର୍ଣ୍ଣ ଅବସ୍ଥା ସମ୍ବନ୍ଧେ ଅନଭିଜ୍ଞ ଥିଲେ ? ଯଦି ଅନଭିଜ୍ଞ ନଥିଲେ ତେବେ ସେତେବେଳେ ମନୁଷ୍ୟ ଜୀବନର ଲକ୍ଷ୍ୟ ଦିବ୍ୟ ଜୀବନ ତଥା ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ପୁରୁଷୋତ୍ତମ ବ୍ରହ୍ମଙ୍କ ପ୍ରକାଶ – ଏହି ଲକ୍ଷ୍ୟର ଘୋଷଣା କଲେ ନାହିଁ କାହିଁକି ?*

ଉତ୍ତର : ଏହା ଅପ୍ରାସଙ୍ଗିକ ପ୍ରଶ୍ନ । ଆଚାର୍ଯ୍ୟ ଶଙ୍କର ଥିଲେ ଭଗବାନ୍ ଶିବଙ୍କର ବିଶେଷ ବିଭୂତି, ଅଂଶାବତାର । ମନୁଷ୍ୟର ବିକାଶ ମାର୍ଗରେ ସେ କେବଳ ନିର୍ବିଶେଷ, ନିଷ୍କ୍ରିୟ, ନିରାକାର ସତ୍ତାରେ ଏକ ହୋଇଯିବା – ଏହି ମୁକ୍ତ ଅବସ୍ଥା ଶିକ୍ଷା ଦେବାକୁ ଭଗବାନଙ୍କ ବିଧାନ ଅନୁସାରେ ଏହି ସଂସାରକୁ ଆସିଥିଲେ । ସମୟ ପୂର୍ବରୁ ସେ କାହିଁକି ମନୁଷ୍ୟ ଜୀବନ ବିକାଶର ସମସ୍ତ ଘଟଣା ଜାଣିବେ ଏବଂ ପ୍ରକାଶ କରିବେ ? ଏହା ଭଗବାନଙ୍କ ବିଧାନ ନୁହେଁ । ସଂସାରର ରହସ୍ୟ ହେଉଛି ଯେଉଁ ସମୟରେ ଯେତିକି ଆବଶ୍ୟକ, ସେତିକି ଜ୍ଞାନର ଶିକ୍ଷା ଦିଆହୁଏ । ଏପରି ଯଦି ନ କରାହୁଏ, ସମୟ ପୂର୍ବରୁ ଯଦି ସମସ୍ତ ଭବିଷ୍ୟତ୍ ପ୍ରକାଶ କରିଦିଆ ହୁଏ ତେବେ ବିକାଶର କୌଣସି ମୂଲ୍ୟ ରହେ ନାହିଁ । ଭଗବାନ୍ ଜ୍ଞାନ ସ୍ୱରୂପ ହୋଇ ଅଜ୍ଞାନ ସ୍ୱୀକାର କରି ଜଡ଼ରେ ନିମଜ୍ଜିତ ହେବାର ପ୍ରୟୋଜନ ସାର୍ଥକ ହୁଏ ନାହିଁ । ଭଗବାନ୍ ଅଜ୍ଞାନକୁ ସ୍ୱୀକାର କରି ଜଡ଼ ସଂସାରରେ ଆସିବାର ଅର୍ଥ ଅଜ୍ଞାନ ଅନ୍ଧକାର ମଧ୍ୟଦେଇ ଜ୍ଞାନ ଆଡ଼କୁ ଗତି କରିବା । ସେହି ସକାଶେ ଏହି ବିକାଶ ମାର୍ଗରେ ମନୁଷ୍ୟର ସମୟୋପଯୋଗୀ ଶିକ୍ଷା ଦେବା ସକାଶେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଅବତାର ତଥା ଆଚାର୍ଯ୍ୟମାନେ ଆସନ୍ତି । ଶ୍ରୀରାମଚନ୍ଦ୍ରଙ୍କ ଅବତାର ସମୟରେ ଯଦି ଶ୍ରୀରାମଙ୍କ ଜନ୍ମରୁ ବିଶ୍ୱାମିତ୍ର ଯଜ୍ଞ, ରାମ ବନବାସ, ସୀତା ହରଣ, ରାବଣ ବଧ, ସୀତାଙ୍କ ତ୍ୟାଗ ଖବରକାଗଜରେ ଛପା ହୋଇ ଥାଆନ୍ତା, ତେବେ ଭଗବାନ୍ ମନୁଷ୍ୟ ଅବତାର ନେଇ ଗାର୍ହସ୍ଥ୍ୟ ଧର୍ମର ଯେଉଁ ଆଦର୍ଶ ସ୍ଥାପନ କଲେ, ତାହା ହୋଇ ନ ଥା'ନ୍ତା । ମନୁଷ୍ୟ ସାମନାରେ ଥାଆନ୍ତା ଗୋଟାଏ ନାଟକ । ମନୁଷ୍ୟ ତାକୁ ଆଦର୍ଶ ରୂପେ କଦାପି ଗ୍ରହଣ କରି ନ ଥା'ନ୍ତା । ଠିକ୍ ସେହିପରି ସଂସାର ତଥା କ୍ରମବିକାଶ । ବିକାଶ ମାର୍ଗରେ ଯେଉଁ ସମୟରେ ମନୁଷ୍ୟକୁ ଯେଉଁ ଶିକ୍ଷା ଦିଆହୁଏ, ତାହା ଚରମ ସତ୍ୟ ରୂପେ ତା'ପାଖରେ ରଖା ହୁଏ, ସେ ମଧ୍ୟ ତାହାକୁ ଚରମ ସତ୍ୟ ରୂପେ ଗ୍ରହଣ କରେ ।

ଏହାର ଅନ୍ୟ ଗୋଟାଏ କାରଣ ହେଲା – ମନୁଷ୍ୟଜାତିର ବିକାଶରେ ସମସ୍ତ ମନୁଷ୍ୟ ଏକ ସଙ୍ଗେ ଅଗ୍ରସର ହୁଅନ୍ତି ନାହିଁ । ମନୁଷ୍ୟଜାତିର ବିକାଶ ପଶ୍ଚାତରେ ବିକାଶର ବହୁତ ଶ୍ରେଣୀ ଥାଏ । ବର୍ତ୍ତମାନ ମନ ବିକାଶର ଶେଷ ସୀମାରେ ପହଞ୍ଚିଅଛି । ଏହାହିଁ ମନୁଷ୍ୟଜାତିର ବର୍ତ୍ତମାନ ଚରମ ବିକାଶ । କିନ୍ତୁ ଏହି ମନ ସ୍ତରରେ ବହୁତ ବ୍ୟକ୍ତି ଅଛନ୍ତି, ସେମାନଙ୍କ ମନ ଏତେ ଅବିକଶିତ ଅବସ୍ଥାରେ ଅଛି ଯେ ସେମାନଙ୍କ ଶରୀର କେବଳ ମନୁଷ୍ୟର, ମାତ୍ର ଚେତନା ପଶୁତୁଲ୍ୟ । ସେ କେବଳ ନିଜର, ପରିବାରର ଉଦର ପାଳନ ଛଡ଼ା କିଛି ଜାଣେ ନାହିଁ । ମନୁଷ୍ୟଜାତି ବିକାଶର ଶେଷରୁ ଆରମ୍ଭ ପର୍ଯ୍ୟନ୍ତ ମନୁଷ୍ୟ ଚେତନା ଶ୍ରେଣୀବଦ୍ଧ ଭାବେ ପାବଛରୂପେ ଲାଗିଥାଏ । ସେହି କାରଣରୁ ଆଚାର୍ଯ୍ୟମାନେ ବିକାଶ ଅନୁସାରେ ଯେଉଁ ଶିକ୍ଷା ଦିଅନ୍ତି ତାହା ସେହି ସମୟର ଚେତନା-ଶ୍ରେଣୀର ବ୍ୟକ୍ତିଙ୍କ ସକାଶେ ଚରମ ସତ୍ୟ ରୂପେ ଥାଏ । ମନୁଷ୍ୟ ବିକାଶ ମାର୍ଗରେ ଅଗ୍ରସର ହେଲେ ତା'ସକାଶେ ନୂତନ ଶିକ୍ଷାର ଆବଶ୍ୟକ ହୁଏ ଏବଂ ଅନ୍ୟ ଆଚାର୍ଯ୍ୟମାନେ ଆସି ନୂତନ ଶିକ୍ଷା ଦିଅନ୍ତି । କିନ୍ତୁ ସେହି ପୁରାତନ ଶିକ୍ଷା ଲୋପ ହୁଏ ନାହିଁ । କାରଣ ପଶ୍ଚାତ୍‌ବର୍ତ୍ତୀ ଚେତନା-ଶ୍ରେଣୀର ବ୍ୟକ୍ତି ସେହି ସମୟର ଚେତନାରେ ଉପନୀତ ହୁଅନ୍ତି । ଏହି ପ୍ରକାର କ୍ରମବିବର୍ତ୍ତନ ଶ୍ରେଣୀ ବରାବର ଚାଲିଥାଏ । ସେଥିପାଇଁ ସେ ସ୍ତରରେ ପହଞ୍ଚିବା ବ୍ୟକ୍ତି ସକାଶେ ତାହା ଜୀବନର ଚରମ ଲକ୍ଷ୍ୟ ପ୍ରତୀତ ହୁଏ, ସେ ତାହା ଗ୍ରହଣ କରେ । ପୁରାତନ ଯୋଗରେ ଯେତେ ସିଦ୍ଧାନ୍ତ ହୋଇଛି, ସେହି ସମୟର ଚେତନା-ସ୍ତରର ବ୍ୟକ୍ତିସବୁ ଏହି ସମୟରେ ରହିଅଛନ୍ତି, ସେହି କାରଣରୁ ପୁରାତନ ସମସ୍ତ ସିଦ୍ଧାନ୍ତ ବିଦ୍ୟମାନ । ସରଳ ଭାଷାରେ କହିଲେ ମନୁଷ୍ୟର ସ୍ୱଭାବ ଭିନ୍ନ ଭିନ୍ନ, ସେହି ସକାଶେ ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ସିଦ୍ଧାନ୍ତ ତଥା ସାଧନା ମାର୍ଗ ଗ୍ରହଣ କରେ । ସ୍ୱଭାବର ଯଥାର୍ଥ ଅର୍ଥ ତା'ର ନିଜ ଚେତନାର ବିକାଶ ଅନୁସାରେ ଶିକ୍ଷା । ଏପରିକି ଏହି ପୃଥିବୀରେ ଦିବ୍ୟ ମାନବଜାତି ସ୍ଥାପିତ ହେବା ପରେ ବି ଏହି ବିଭିନ୍ନ ସିଦ୍ଧାନ୍ତ ରହିପାରିବ ।

*ପ୍ରଶ୍ନ : ଏହିସବୁ ଉକ୍ତିରୁ ପ୍ରତୀତ ହେଉଛି ମନୁଷ୍ୟର ଚେତନାସ୍ତର ବହୁତ । ସେହି ସକାଶେ ଅଧ୍ୟାତ୍ମ-ଶିକ୍ଷା ମଧ୍ୟ ବହୁତ । ବ୍ୟକ୍ତି ନିଜ ଚେତନାର ବିକାଶ ଅନୁସାରେ ତା'ର ଚେତନାର ଉପଯୋଗୀ ସିଦ୍ଧାନ୍ତ ଗ୍ରହଣ କରି ଚାଲିଥିବ । ପୁଣି ନୂତନ କୌଣସି ସିଦ୍ଧାନ୍ତ ପ୍ରତିଷ୍ଠା ହେଲେ ତା' ସକାଶେ ଏତେ ଲେଖାପଢ଼ି, ମଠ, ଆଶ୍ରମ, ପାଠଚକ୍ର ସ୍ଥାପନ, ସଭାରେ ଭାଷଣର ଆବଶ୍ୟକତା କ'ଣ ?*

ଉତ୍ତର : ମନୁଷ୍ୟ ଜଡ଼ ମେସିନ୍ ନୁହେଁ ଯେ ସେ ବରାବର ଯାନ୍ତ୍ରିକ ନିୟମ ଅନୁସାରେ ଚାଲିଥିବ । ତା'ର ବୁଦ୍ଧି ବିବେକ ଅଛି, କର୍ମ କରିବାର ସ୍ୱତନ୍ତ୍ରତା ଅଛି । ସେ କର୍ମ କରି

ଭାଗ୍ୟକୁ ପରିବର୍ତ୍ତନ କରିପାରେ, ଦେବତାଙ୍କଠାରୁ ଶ୍ରେଷ୍ଠ ଶାଶ୍ୱତ ପଦ ପ୍ରାପ୍ତ କରିପାରେ । ତା'ର କୋଟି କୋଟି ଜନ୍ମର ବିକାଶକୁ ଗୋଟିଏ ଜନ୍ମରେ ଆୟତ୍ତ କରିପାରେ । ମନୁଷ୍ୟର ବହୁକାଳ ବିକାଶକୁ ଅଳ୍ପ ସମୟ ମଧ୍ୟରେ ପ୍ରାପ୍ତ କରିବାରେ ସାହାଯ୍ୟ କରିବା ସକାଶେ ଆଚାର୍ଯ୍ୟମାନେ ଏହି ପୃଥିବୀକୁ ଆସନ୍ତି । ମନୁଷ୍ୟକୁ ଶିକ୍ଷା ତଥା ସାହାଯ୍ୟ ଦେଇ ତା'ର ଦୁଃଖପୂର୍ଣ୍ଣ ବିପଦ୍‌ସଙ୍କୁଳ ଜନ୍ମ ମରଣ ମଧ୍ୟସ୍ଥ ବିକାଶର ଦୀର୍ଘ ସମୟକୁ ସଂକ୍ଷିପ୍ତ କରିଦିଅନ୍ତି । ସେହି ସକାଶେ ଆଚାର୍ଯ୍ୟମାନେ ସ୍ୱୟଂ ଆଦର୍ଶ ଆଚରଣ କରି, ଦର୍ଶନ ଶାସ୍ତ୍ର ଲେଖି ମନୁଷ୍ୟର ପଥପ୍ରଦର୍ଶକ ହୁଅନ୍ତି । ମଠ, ମନ୍ଦିର, ଆଶ୍ରମ ସ୍ଥାପନ କରନ୍ତି, ନିଜ ସିଦ୍ଧାନ୍ତକୁ ପ୍ରଚାର କରି ଅଜ୍ଞାନ ମୋହଗ୍ରସ୍ତ ପ୍ରାଣୀଙ୍କୁ ସଚେତ କରନ୍ତି । ତାଙ୍କରି ଆଦର୍ଶକୁ ତାଙ୍କରି ଅନୁଗାମୀମାନେ ସରଳ ଭାଷାରେ ବ୍ୟକ୍ତ କରନ୍ତି । ଜନକଲ୍ୟାଣାର୍ଥେ ଏହି ପ୍ରଚାରକୁ କେତେକ ଲୋକ ନିନ୍ଦା କରନ୍ତି, ସମାଲୋଚନା କରନ୍ତି । କିନ୍ତୁ ଆଚାର୍ଯ୍ୟମାନଙ୍କ ନୂତନ ଆଦର୍ଶର ପ୍ରଚାର, ବ୍ୟକ୍ତିଙ୍କ ସମାଲୋଚନା ଏହି ଉଭୟ ବରାବର ଚାଲିଥାଏ । ଭଗବାନ୍ ରାମ, ଜଗଜ୍ଜନନୀ ସୀତାଙ୍କୁ ସମାଲୋଚନା କରିବାରେ ଲୋକେ ବାଦ୍ ଦେଇ ନାହାନ୍ତି । ଆଚାର୍ଯ୍ୟମାନଙ୍କୁ ସମାଲୋଚନା ନ କରି ଛାଡ଼ିବେ କାହିଁକି ? ଆଚାର୍ଯ୍ୟମାନେ ମହାପୁରୁଷ । ସେମାନଙ୍କର ସ୍ୱାର୍ଥ ନ ଥାଏ । ମନୁଷ୍ୟର ବିକାଶୋପଯୋଗୀ ଶିକ୍ଷା ଦେଇ ନୂତନ ସିଦ୍ଧାନ୍ତ ସ୍ଥାପନ କରିବାରେ ପୁରାତନ ସିଦ୍ଧାନ୍ତକୁ ଖଣ୍ଡନ କରିବାକୁ ହୁଏ ।

(କ୍ରମଶଃ)

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୨୩୧ - ୨୩୫)

❑❑❑

## ନାନା ପରିଚୟ

ସମ୍ରାଟଙ୍କ ଦରବାରରେ ପହଞ୍ଚିଲେ ଜଣେ ଯୁବକ । ସେ ଲାଗୁଥିଲେ ବିଚକ୍ଷଣ । ରାଜା ତାଙ୍କୁ ପଚାରିଲେ – ଯୁବକ, ତୁମ ନାମ କ'ଣ ? ଯୁବକ କହିଲେ – ମୋର ଅସଂଖ୍ୟ ନାମ । କାରଣ ମୁଁ ଏକୁଟିଆ ନୁହେଁ, ଅସଂଖ୍ୟ ମଣିଷ । କାହା କାହାର ନାମ କହିବି ? ରାଜା ଏହାର ଅର୍ଥ ବୁଝିପାରିଲେ ନାହିଁ । ଯୁବକ କହିଲେ – ମହାରାଜ, ରାତି ଅନେକ ହେଲାଣି । ଆପଣ ଶୋଇବାକୁ ଯାଆନ୍ତୁ । କାଲି ସକାଳେ ମୁଁ ଆପଣଙ୍କୁ ସବୁ ବୁଝାଇ ଦେବି । ତେବେ ମହାରାଜ, ଆପଣ କେବେ ସୂର୍ଯ୍ୟୋଦୟର ଠିକ୍ ପୂର୍ବରୁ ଶଯ୍ୟା ତ୍ୟାଗ କରି ପୂର୍ବ ଦିଗରେ ଅରୁଣିମାର ଅପୂର୍ବ ଛଟା ଦେଖିଛନ୍ତି ? କେବେ ସେଥିରେ ବିହ୍ୱଳ ହୋଇଛନ୍ତି ? ଯୁବକ ଏମିତି କହି ଚାଲିଲେ । ଏହା ଶୁଣି ରାଜା ବିହ୍ୱଳ ହୋଇ କହିଲେ – କାଲି ମୋତେ ପାହାନ୍ତାରୁ ଡାକିଦେବ, ମୁଁ ସୂର୍ଯ୍ୟୋଦୟ ଦେଖିବି । କେବଳ ସେତିକି ନୁହେଁ, ଶୋଇବାକୁ ଯିବା ପୂର୍ବରୁ ପାହାନ୍ତାରେ ଡାକିବା ଲାଗି ନିଜ ପରିଚାରକମାନଙ୍କୁ ତିନିଥର ଚେତେଇ ଦେଲେ ।

ପ୍ରବଳ ଶୀତରାତି । ସୂର୍ଯ୍ୟୋଦୟ ପୂର୍ବରୁ ରାଜାଙ୍କୁ ଡକାଗଲା । ରାଜା ରେଜେଇକୁ ଆହୁରି ଟାଣି ନେଇ ଶୋଇଲେ । ଅଧିକ ଡାକିବାରୁ ରାଜା ରାଗିଯାଇ ଯିଏ ହଇରାଣ କରୁଛି ତାକୁ ହାଣି ଦେବେ ବୋଲି ଧମକ ବି ଦେଲେ । ତା'ପରେ ନିତିଦିନିଆ ସମୟରେ ଉଠି କାହିଁକି ଏମିତି କହିଲେ ବୋଲି ପଶ୍ଚାତ୍ତାପ କଲେ ଓ ଦୁଃଖପ୍ରକାଶ କଲେ ।

ଯୁବକ ଏହା ଶୁଣି କହିଲେ – ଦେଖନ୍ତୁ ମହାରାଜ, ଏଇତକ ସମୟ ଭିତରେ ଆପଣ ତିନି ଜଣ ମଣିଷ । ଦେଖନ୍ତୁ, ଯେ କହିଲା, ସକାଳୁ ଡାକିଦେବ, ସକାଳୁ ଡକାଗଲା ବେଳକୁ ଯେ କହିଲା ହାଣିଦେବ ଏବଂ ସକାଳେ ଉଠିଲା ପରେ ଯେ ପଶ୍ଚାତ୍ତାପ କଲା – ସମସ୍ତେ ସମାନ ମଣିଷ ନୁହନ୍ତି । ଏମାନେ ସମସ୍ତେ ଆପଣଙ୍କ ଭିତରେ ଥିବା ଭିନ୍ନ ଭିନ୍ନ ତିନି ଜଣ ମଣିଷ । ପ୍ରତି ମଣିଷ ଭିତରେ ଏମିତି ଅସଂଖ୍ୟ ମଣିଷ ଥାଆନ୍ତି । ପ୍ରତିକ୍ଷଣରେ ଭିତର ମଣିଷ ସବୁ ବଦଳୁ ଥାଆନ୍ତି । ଆପଣ କାହାର କାହାର ପରିଚୟ ଦେବେ ? ❑

# ମା’ ଆପଣ ଏମିତି କହିଛନ୍ତି ...

## (୯)


## ହୁତା ହିନ୍ଦୋଚା


[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ “Mother You said so ...” ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ‘‘ମା’ ଆପଣ ଏମିତି କହିଛନ୍ତି ...’’ । ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା’ ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି । ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ “Mother You said so ...”

ପରମା ଦିବ୍ୟଜନନୀ ଶ୍ରୀମା’ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ ‘ନବପ୍ରକାଶ’ ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଉଛି । – ସମ୍ପାଦନା]

ପୃଥିବୀ ଭଗବାନଙ୍କୁ ଭୁଲି ଯାଇଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ଏହା ଦୁଃଖ ଓ ଯନ୍ତ୍ରଣା ଭିତରେ ରହିଛି । ପୃଥିବୀ ସତ୍ୟ ଆଡ଼କୁ ଫେରିବା ଆବଶ୍ୟକ ଏବଂ ସତ୍ୟକୁ ଏହା କେବେ ବି ବିସ୍ମୃତ ହେବା ଉଚିତ ନୁହେଁ ।

ସାହାଯ୍ୟ କରିବା ପାଇଁ ଭଗବତ୍ କରୁଣା ସେଠାରେ ରହିଛି । ପୃଥିବୀ ଭଗବାନଙ୍କୁ ଆସ୍ପୃହା ଏବଂ ପ୍ରାର୍ଥନା କରିବା ଆବଶ୍ୟକ ।

ଏହା ଏକ ବ୍ୟକ୍ତିଗତ କିଂବା ଗୋଟିଏ ଏକକର କଥା ନୁହେଁ । ଏହା ସମଗ୍ର ପୃଥିବୀର ଏକ ପ୍ରଶ୍ନ । ପୃଥିବୀ ମିଥ୍ୟା ଉପରେ ପର୍ଯ୍ୟବସିତ ହୋଇ ରହିବା ଉଚିତ ନୁହେଁ । ନିଶ୍ଚିତ ରୂପେ ପୃଥିବୀ ଜାଗ୍ରତ୍ ହୋଇ ସତ୍ୟକୁ ଉପଲବ୍ଧି କରିବା ଆବଶ୍ୟକ ।

୨୫.୧୦.୫୭

*ତା ୫.୧୧.୫୭ ରିଖ ମଙ୍ଗଳବାର ଦିନ ପୁନର୍ବାର ଦୁର୍ଗାଙ୍କ ଛବିଥିବା ଏକ କାର୍ଡ଼ ମା’ଙ୍କ ପାଖରୁ ଆସିଲା, ସେଥିରେ ଦୁର୍ଗାଙ୍କର ଅଠରଟି ହାତ ଥିଲା ଏବଂ ପ୍ରତ୍ୟେକ ହସ୍ତରେ ପ୍ରତୀକଧର୍ମୀ ବସ୍ତୁସବୁ ସେ ଧାରଣ କରିଥିଲେ । ତାଙ୍କର ହସ୍ତଗୁଡ଼ିକ ମଧ୍ୟରୁ ଦକ୍ଷିଣ ହସ୍ତରେ ଏକ ତ୍ରିଶୂଳ ଥିଲା । ମଇଁଷି ଉପରେ ବସିଥିବା ଜଣେ ରାକ୍ଷସର ଛାତିକୁ ସେ ତ୍ରିଶୂଳ ଦ୍ୱାରା ବିଦ୍ଧ କରୁଥିଲେ, ଯିଏକି ଛୋଟ ପ୍ରଶସ୍ତ ଖଡ଼୍ଗଟିଏ ଧାରଣ କରିଥିଲା । ସିଂହଟି ନଖ ଦ୍ୱାରା ତା’ର ଛାତିକୁ ବିଦୀର୍ଣ୍ଣ କରୁଥିଲା ।*

*ପୁରାଣ ବର୍ଣ୍ଣିତ କାହାଣୀ ଅନୁଯାୟୀ ମଇଁଷିଟି ଦୁର୍ଗାଙ୍କୁ ବିରୋଧ କରୁଥିଲା ଏବଂ ତାଙ୍କୁ ମାରି ଦେବାକୁ ପ୍ରୟାସ କରୁଥିଲା । କିନ୍ତୁ ଦୁର୍ଗା ଯେତେବେଳେ ମଇଁଷିର ମୁଣ୍ଡଟି କାଟି ଦେଲେ ମଇଁଷି ରୂପ ଧାରଣ କରିଥିବା ପ୍ରକୃତ ସତ୍ତାଟି ବାହାରି ଆସିଲା । ସେ ସତ୍ତାଟି ଥିଲା ଏକ ଅସୁର ଏବଂ ତାହାକୁ କୁହାଯାଉଥିଲା ମହିଷାସୁର ।*

*ଦୁର୍ଗାଙ୍କର ବାମପାର୍ଶ୍ୱରେ ଅସ୍ତ୍ରଧାରଣ କରିଥିବା ଆଉ ଜଣେ ଅସୁରକୁ ଦେବୀ ତାଙ୍କର ଅନ୍ୟ ଗୋଟିଏ ହସ୍ତରେ ଶକ୍ତ ଧକ୍କା ଦେଇ ପଛକୁ ଠେଲି ଦେଉଥିଲେ ।*

*ସମଗ୍ର ଚିତ୍ରଟି ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଶକ୍ତିର ପ୍ରତୀକ ଥିଲା ।*

*ମା’ ସେହି କାର୍ଡରେ ଲେଖିଥିଲେ :*

**ଦୁର୍ଗା**

*ଏ ପୃଥିବୀରୁ ଅଦିବ୍ୟ ଶକ୍ତି ନିଃଶେଷ ହେବା ପର୍ଯ୍ୟନ୍ତ ସେ ଯୁଦ୍ଧ କରି ଚାଲିବେ ।*

*୫.୧୧.୫୭*

*ସନ୍ଧ୍ୟାରେ ଦୁର୍ଗାଙ୍କର ଏହି ଛବି ମୋତେ ଭଲ ଲାଗିଲା କି ନାହିଁ ମା’ ପଚାରିଲେ । ମୁଁ ଉତ୍ତର ଦେଲି – ଭଲ ଲାଗିଲା, ଏହା ଖୁବ୍ ହୃଦୟଗ୍ରାହୀ ଓ ମୋତେ ପ୍ରଭାବିତ କରିଥିଲା । ସେ ମୃଦୁ ହାସ୍ୟ ସହ ଗଭୀର ଧ୍ୟାନରେ ନିମଜ୍ଜମାନ ହୋଇଗଲେ । ପୁଣି ସେ ଜାଗ୍ରତ୍ ହେଲେ ଏବଂ ଗମ୍ଭୀର ଭାବରେ କହିଲେ :*

ସମସ୍ତ ବାଧାକୁ ଜୟ କରିବା ପାଇଁ ଲୋକମାନଙ୍କର ଏକ ନିଷ୍ପାପର ଏବଂ ଅବିଚଳିତ ଇଚ୍ଛା ଶକ୍ତି ରହିବା ଉଚିତ ।

ତୁମେ ଦେଖ, ପ୍ରତ୍ୟେକ ବର୍ଷ ମା' ଦୁର୍ଗା ଏହି କୁଶକ୍ତିମାନଙ୍କ ସହିତ ଯୁଦ୍ଧ କରନ୍ତି ଏବଂ ସେମାନଙ୍କ ଉପରେ ପ୍ରଭାବ ବିସ୍ତାର କରନ୍ତି । ମାତ୍ର ଦୁର୍ଭାଗ୍ୟର କଥା ଯେ ସେହି କୁଶକ୍ତିସବୁ ବାରଂବାର ଆସନ୍ତି, କାରଣ ଲୋକମାନେ ତା'ର ଉପସ୍ଥିତିକୁ ଅଙ୍ଗୀକାର କରି ନିଅନ୍ତି ।

ଅପରପକ୍ଷରେ ଏ ପୃଥିବୀରେ ଯଦି ଆସୁରୀଶକ୍ତିର ସ୍ଥିତି ନଥା'ନ୍ତା, ତେବେ ମାନବ ସତ୍ତାକୁ ଉତ୍ପୀଡ଼ନ କରିବା ପାଇଁ ସେ ଏଠାରେ ରହି ନଥା'ନ୍ତା । ଦୁଷ୍ଟ ଶକ୍ତିଗୁଡ଼ିକୁ ଜୟ କରିବା ପାଇଁ ମଣିଷର ଦୃଢ଼ ଇଚ୍ଛା ଶକ୍ତି ରହିବା ଉଚିତ ଏବଂ ସଇତାନର ସମସ୍ତ କୌଶଳକୁ ଫିଙ୍ଗି ଦେବା ଆବଶ୍ୟକ । ତା'ପରେହିଁ ଶାନ୍ତି ଆସିବ ।

*ଏହି ସତ୍ୟକୁ ହଜମ କରିବା ମୋ ପକ୍ଷରେ ଅତ୍ୟନ୍ତ କଷ୍ଟକର ଥିଲା, କାରଣ ମୋ ଭିତରେ ଥିଲା କଠୋର ବାସ୍ତବ ମନସ୍ତାତ୍ତ୍ୱିକ ସଂଘର୍ଷ ଓ ଅନିୟନ୍ତ୍ରିତ ବୃଦ୍ଧିଶୀଳ ଭାବନା ସମୂହ – ଯେଉଁମାନେ କି ପରସ୍ପର ସଂଘର୍ଷରତ ଥିଲେ । ଭାଗବତ ଉତ୍କର୍ଷର ଆଶୀର୍ବାଦ, ଆନନ୍ଦ ଓ ଶାନ୍ତି ମୁଁ କେଉଁଠାରେ ପାଉ ନଥିଲି ଏବଂ ଅନୁଭବ ମଧ୍ୟ କରୁ ନଥିଲି ।*

*ଆଠ ତାରିଖ ମଙ୍ଗଳବାର ଦିନ ପ୍ରବଳ ବର୍ଷା ହେଉଥିଲା । ଗଳି ରାସ୍ତାଗୁଡ଼ିକ ନଦୀ ପ୍ରବାହର ଜଳ ସଦୃଶ ପୂର୍ଣ୍ଣ ହୋଇ ଯାଇଥିଲା ।*

*ସନ୍ଧ୍ୟା ସମୟକୁ ବର୍ଷା ଅଳ୍ପ ଛାଡ଼ିଗଲା । ମୁଁ ମା'ଙ୍କ ପାଖକୁ ଗଲି । ମୁଁ ଦେଖିବାକୁ ପାଇଲି ତାଙ୍କ କୋଠରିଟି ଉଷ୍ମ ଓ ଶାନ୍ତ ଥିଲା ଏବଂ ପୁଷ୍ପର ସୁଗନ୍ଧରେ ପରିପୂର୍ଣ୍ଣ ଥିଲା ।*

*କିଛି ସମୟ ପାଇଁ ମା' ଏବଂ ମୁଁ ଧ୍ୟାନସ୍ଥ ହେଲୁ । ଧ୍ୟାନ ସମୟରେ ମୁଁ ଅନୁଭବ କଲି ଯେ ସେ ତାଙ୍କର ଉଜ୍ଜ୍ୱଳ ଚକ୍ଷୁଦ୍ୱୟକୁ ବାରଂବାର ଖୋଲୁଥିଲେ । ତାଙ୍କର ମଧୁର ମୃଦୁହାସ୍ୟ ମୁଖମଣ୍ଡଳଟିକୁ ପ୍ରଜ୍ୱଳିତ କରି ତୋଳୁଥିଲା । ବର୍ତ୍ତମାନ ସେ ଚକ୍ଷୁ ମୁଦ୍ରିତ କଲେ ଏବଂ ଗଭୀର ଏକାଗ୍ରତାରେ ବୁଡ଼ିଗଲେ ।*

*ସେ ଜାଗ୍ରତ୍ ହେଲେ ଓ ସ୍ୱପ୍ନିଳ ଅବସ୍ଥାରେ ଖଣ୍ଡିଏ କାଗଜ ଟୁକୁରାରେ କିଛି ଲେଖିଲେ । ଆନନ୍ଦଦାୟକ ଶାନ୍ତ ଓ ମୃଦୁ ହାସ୍ୟ ରେଖାଟିଏ ଓଷ୍ଠାଧରରେ ଖେଳାଇ ସେ କହିଲେ :*

ତୁମେ ଜଣେ ଭାଗ୍ୟବତୀ ଝିଅ ଏଠାରେ (ଆଶ୍ରମରେ) ରହିଛ । ତୁମେ ଜାଣ କି ବର୍ତ୍ତମାନ **ପ୍ରକୃତି ମାତା** ଆଧ୍ୟାତ୍ମିକ କାର୍ଯ୍ୟରେ ସହଯୋଗ କରିବା ପାଇଁ ତାଙ୍କର ପୂର୍ଣ୍ଣ ସମ୍ମତି ଦେବାକୁ ମୋ ପାଖକୁ ଆସିଥିଲେ ।

*ଧ୍ୟାନ ସମୟରେ ମା'ଙ୍କର ଭାବଭଙ୍ଗିର ପୂର୍ଣ୍ଣ ଛବି ମୋ ମନକୁ ହଠାତ୍ ଆସିଗଲା ଏବଂ ମୁଁ ବୁଝିଗଲି ସେ କାହିଁକି ଆନନ୍ଦ ଅନୁଭବ କରୁଥିଲେ ।*

*ତା'ପରେ ତାଙ୍କର ଲେଖାକୁ ସେ ମୋତେ ଦେଖାଇଲେ ଏବଂ କହିଲେ :*

ଏହାହିଁ ହେବ ନୂତନ ବର୍ଷର ବାର୍ତ୍ତା । ମୋର ସନ୍ତାନ, ଏହା କାହାକୁ କୁହ ନାହିଁ ।

*ମୁଁ ତାଙ୍କୁ କଥା ଦେଲି ଯେ ଏ ସମ୍ପର୍କରେ ଗୋଟିଏ ବି ଶବ୍ଦ କାହାକୁ କହିବି ନାହିଁ । ସେହି ବାର୍ତ୍ତାଟି ଥିଲା :*

''ହେ **ପ୍ରକୃତି**, ମୃଣ୍ମୟୀ ଜନନୀ,
ତୁମେ କହିଛ ଯେ ତୁମେ ସହଯୋଗ କରିବ,
ଏବଂ ଏହି ସହଯୋଗିତାର ମହିମମୟ
ଐଶ୍ୱର୍ଯ୍ୟର ସୀମା ନାହିଁ ।''

*ତତ୍ପରେ ମା' ମୋତେ ଏକ କ୍ଷୁଦ୍ର ବ୍ୟାଖ୍ୟା ଶୁଣାଇଲେ । ଏହାପରେ ସେ ମୋର ହାତ ଦୁଇଟିକୁ ଧରିଲେ ଏବଂ ଗଭୀର ଭାବରେ ମୋ ଆଖିକୁ ଚାହିଁଲେ । ତତ୍ପରେ ସେ କୋମଳ ଭାବରେ ମୋତେ ଆଲିଙ୍ଗନ କଲେ । ମା'ଙ୍କ ପାଖରୁ ଆଶୀର୍ବାଦ ପୁଷ୍ପ ଗ୍ରହଣ କରି ମୁଁ ଗୋଲକୁଣ୍ଡା ଫେରି ଆସିଲି ।*

*ପରଦିନ ସକାଳେ ଶିବ ଓ ଶକ୍ତିଙ୍କର ଚିତ୍ର ସମ୍ବଳିତ ଏକ ବିରାଟ କାର୍ଡ଼ ମା' ମୋ ପାଖକୁ ପଠାଇଲେ । ସେଥିରେ ସେ ଲେଖିଥିଲେ :*

ଏହାକୁ ଆଧ୍ୟାତ୍ମିକ ଶକ୍ତି ଏବଂ ପାର୍ଥିବ ପ୍ରକୃତିର ସହଯୋଗର ଏକ ବିଭାବ ଭାବରେ ଗ୍ରହଣ କରା ଯାଇପାରେ ।

*ପୂର୍ବ ସନ୍ଧ୍ୟାରେ ସେ ଯାହା କହିଥିଲେ ତା'ର ଏକ ବିବରଣୀ ମୁଁ ତାଙ୍କ ପାଖକୁ ପଠାଇଲି, – ଏହା ଏହିପରି ଥିଲା :*

ବିଶ୍ୱ ପ୍ରକୃତି ତା'ର **ନିଜ ପଥରେ** ସର୍ବଦା ଚାଲୁଥାଏ । ଆଧ୍ୟାତ୍ମିକ ବସ୍ତୁସକଳ ମଧ୍ୟ ସେମାନଙ୍କ ନିଜ ରାସ୍ତାରେ

ଚାଲୁଥା'ନ୍ତି । **ପ୍ରକୃତି** ଏବଂ **ଆଧ୍ୟାତ୍ମିକତା** ଏକତ୍ର ଗତି କରନ୍ତି ନାହିଁ । ଯେତେଦୂର ମନେ ହୁଏ, ସେମାନଙ୍କ ଭିତରେ କିଛି ସହଯୋଗ ନାହିଁ । ବରଂ ସର୍ବଦା ପରସ୍ପର ପ୍ରତି ବୈରତା ରହିଥାଏ ।

ଯେତେବେଳେ ନୂଆ ବର୍ଷ ଆରମ୍ଭ ହେବ ସେତେବେଳେ ସେମାନଙ୍କ ମଧ୍ୟରେ ଏକ ଶେଷହୀନ ସହଯୋଗ ଆସିବ । ଏବଂ ସେଠାରେ ପ୍ରାଚୁର୍ଯ୍ୟ, ଆନନ୍ଦ, ଔଜ୍ଜ୍ୱଲ୍ୟ ଓ ଉତ୍କର୍ଷର ସଂକଳ୍ପ ରହିବ । ସେଠାରେ ରହିବ **ନୂତନ ପୃଥିବୀ**ର ସଂକଳ୍ପ – ରହିବ **ଅତିମାନସ ପୃଥିବୀ**ର ସଂକଳ୍ପ । କାରଣ ପ୍ରକୃତି ମାତା – **ପାର୍ଥିବ ଜନନୀ** – କହିଛନ୍ତି ଯେ ସେ ସହଯୋଗ କରିବେ । ତେଣୁ ପ୍ରତ୍ୟେକ ବ୍ୟକ୍ତି **ତାଙ୍କୁ** ଭଲ ପାଆନ୍ତୁ ।

୮.୧୧.୫୭

*ମୋ ବିବରଣୀର ତଳେ ସେ ଲେଖିଲେ :*

*''ହଁ, ମୁଁ ଗତକାଲି ତୁମକୁ ଯାହା କହିଥିଲି ଏହାହିଁ ତା'ର ନିର୍ଯାସ ।''*

*ମୋର ଆଶୀର୍ବାଦ ସହ — ଶ୍ରୀମା*

ଦିବ୍ୟ ପରମଙ୍କ ବ୍ୟତୀତ ଆମ ହୃଦୟର ଗଭୀରତାରେ ଆଉ କ'ଣ ରହିପାରେ ? ଆମେ ଯଦି ତାଙ୍କର ଉପସ୍ଥିତି ସର୍ବଦା ଚାହୁଁ, ସେ ସର୍ବଦା ଆମ ହୃଦୟରେ ଉପସ୍ଥିତ ଅଛନ୍ତି । ଭଗବାନ୍ ସର୍ବଦା କରୁଣାମୟ ଓ ସହାନୁଭୂତିଶୀଳ ହୁଅନ୍ତୁ ବୋଲି ଯଦି ଆମେ ଚାହୁଁ, ତେବେ ସେ ପ୍ରତ୍ୟେକ ବସ୍ତୁକୁ ସହଜ ଓ କୋମଳ କରିବା ପାଇଁ ସେଠାରେ (ହୃଦୟରେ) ଉପସ୍ଥିତ ଅଛନ୍ତି । ମାତ୍ର ଆମେ ଯଦି ତାଙ୍କର କରୁଣା ଓ ସହାନୁଭୂତିକୁ ସନ୍ଦେହ କରୁ ତେବେ କରୁଣା ବା ସହାନୁଭୂତି ସେଠାରେ ନଥାଏ ।

ଆମେ ଯଦି ଭଗବାନଙ୍କୁ ବିଶ୍ୱାସ କରୁ, ତେବେ ସେ ଆମକୁ ମାର୍ଗ-ଦର୍ଶନ କରିବା ଏବଂ ସୁରକ୍ଷା ଦେବା ନିମିତ୍ତ ସର୍ବଦା ଆମ ସହିତ ରହିଥା'ନ୍ତି । ଆମ ସହିତ **ତାଙ୍କର** ସମ୍ପର୍କ ଏହିପରି – ଆମେ ଯଦି ଦୃଢ଼ ନିଶ୍ଚୟ ଯେ ଆମ ଭିତରେ **ଭଗବାନ୍** ଅଛନ୍ତି, ଅନିର୍ବାର୍ଯ୍ୟ ଭାବେ ନିରନ୍ତର ସେ ସେଠାରେ ଉପସ୍ଥିତ ରହିଛନ୍ତି ।

୧୭.୧୨.୫୭

ଅତିମାନସ **ଆଲୋକ, ଐକ୍ୟ, ପ୍ରେମ ଓ ସତ୍ୟ** ପ୍ରବେଶ କରିବା ଦ୍ୱାରା ଯେଉଁ ପାର୍ଥିବ ଶରୀର ରୂପାନ୍ତରିତ ହେବ, ତାହାରି ଉପରେ ଆମେ ଏକାଗ୍ର ହେବା ।

୨୦.୧୨.୫୭

ଯଦି ଜଣେ ବ୍ୟକ୍ତିର ମନ୍ଦ ଅଭିପ୍ରାୟମାନ ରହିଛି, ସେ ନିରନ୍ତର ତା'ର କୁତ୍ସିତ ଭାବନାସବୁକୁ ଅନ୍ୟ ଉପରକୁ ଫିଙ୍ଗୁଥାଏ । ଏହା ସତ୍ତ୍ୱେ ପ୍ରତ୍ୟେକ ଜିନିଷ ତା' ପାଖକୁ ଫେରି ଯାଏ ଏବଂ ଶେଷରେ ସେ ଭୟଙ୍କର ଭାବେ ଯନ୍ତ୍ରଣା ପାଏ ।

ବିଶ୍ରାମପୂର୍ଣ୍ଣ ନିଦ୍ରା ଏବଂ ଏକ ମଧୁର ମନ୍ଦ ହାସ୍ୟ ସୂର୍ଯ୍ୟଙ୍କର କିରଣ ଛଟା ପରି ଯାହା ସମସ୍ତ ପ୍ରତିବନ୍ଧକକୁ ଦୂର କରିଦିଏ । **ସୂର୍ଯ୍ୟ** ଯେପରି ଘୃତକୁ ତରଳାଇ ଦିଅନ୍ତି ମଧୁର ହାସ୍ୟଟିଏ ସେହିପରି ସମସ୍ତ ମନ୍ଦ ଅଭିପ୍ରାୟକୁ ବିଲୀନ କରିଦିଏ ।

୨୪.୧୨.୫୭

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

ଏହି ଯୋଗ କେବେ ହେଲେ ଜୀବନର ଶକ୍ତିସବୁକୁ ପ୍ରତ୍ୟାଖ୍ୟାନ କରିବାକୁ କହେ ନାହିଁ । ଏହା ଚାହେଁ ଏକ ଆନ୍ତର ରୂପାନ୍ତର, ଜୀବନ ପ୍ରତି ମନୋଭାବର ପରିବର୍ତ୍ତନ ଏବଂ ଶକ୍ତିରାଜିର ଯଥାର୍ଥ ପ୍ରୟୋଗ । ଏହି ଶକ୍ତିଗୁଡ଼ିକ ବର୍ତ୍ତମାନ ପରିସ୍ଥିତିରେ ଅହଂଭାବ ସହିତ ଏବଂ ଅଦିବ୍ୟ ଲକ୍ଷ୍ୟ ନେଇ ଉପଯୋଗ କରାଯାଉଛି । ସେଗୁଡ଼ିକ ଭଗବାନଙ୍କ ପ୍ରତି ସମର୍ପଣ ଭାବ ନେଇ କରାଯିବା ଉଚିତ ଏବଂ କେବଳ ଭଗବାନଙ୍କ କାର୍ଯ୍ୟ ସକାଶେ ବ୍ୟବହୃତ ହେବା ଉଚିତ ।

— ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୪)

## ପ୍ରପତ୍ତି

ମନୁଷ୍ୟର ସଚେତନ ଆଧ୍ୟାତ୍ମିକ ବିବର୍ତ୍ତନର ଧାରା ଅତୀବ ଜଟିଳ ଏବଂ କଠିନ । ଏଠାରେ ବିବର୍ତ୍ତନର ଧାରା ସିଧାସଳଖ ଚାଲେ ନାହିଁ ବରଂ ଏହା ଚକ୍ରାକାରରେ, ବର୍ତ୍ତୁଳାକାରରେ, ଘୂରି ଘୂରି, ଆଗ ପଛ ହୋଇ ଚାଲେ । ପୁଣି ମନୁଷ୍ୟର ବ୍ୟକ୍ତିଗତ ଆଧ୍ୟାତ୍ମିକ ଉନ୍ନତି ମଧ୍ୟ ଗୋଷ୍ଠୀଗତ ଆଧ୍ୟାତ୍ମିକ ଉନ୍ନତି ସହିତ ଗଭୀର ଭାବରେ ସଂଶ୍ଳିଷ୍ଟ । ବ୍ୟକ୍ତି ଓ ଗୋଷ୍ଠୀ ଏଠାରେ ପରସ୍ପର ଠାରୁ ପୃଥକ୍ ନୁହନ୍ତି । ପୁଣି ମଧ୍ୟ ଏହି ଅଧ୍ୟାତ୍ମ ବିବର୍ତ୍ତନ ଧାରାରେ ବେଳେ ବେଳେ ମନୁଷ୍ୟ ଏପରି ଏକ ଗଭୀର ସଙ୍କଟ ଓ ଦୁର୍ଦ୍ଦିନରେ ପଡ଼େ, ଯେଉଁଥିରେ ସେ ସମସ୍ତ ଭବିଷ୍ୟତ୍ ଆଶା ଓ ଭରସା ହରାଇ ବସେ । ଏପରି ଦୁର୍ଦ୍ଦିନ ଓ ସଙ୍କଟ ବେଳେ ମହାପୁରୁଷ ଓ ଅବତାରଗଣ ପୃଥିବୀପୃଷ୍ଠରେ ଜନ୍ମ ହୋଇ ମାନବର ଆଧ୍ୟାତ୍ମିକ ଅଗ୍ରଗତିରେ ଗୋଟାଏ ନୂତନ ପାହାଚ ଯୋଡ଼ି ଦିଅନ୍ତି । ପ୍ରତ୍ୟେକ ସମୟରେ ଅବତାରଗଣଙ୍କ କାର୍ଯ୍ୟବିଧି ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଚାଲେ । ସେମାନେ ସର୍ବଦା କିଛି ନୂତନ କାର୍ଯ୍ୟ କରି ମାନବ ସମାଜକୁ ଗୋଟାଏ ପାହାଚ ଆଗେଇ ଦିଅନ୍ତି । ଭାରତର ଆଧ୍ୟାତ୍ମିକ ଇତିହାସରେ ପ୍ରଥମେହିଁ ବେଦ ଓ ଉପନିଷଦ୍‌ର ଋଷିଗଣ ମାନବର ଅଧ୍ୟାତ୍ମ-ବିବର୍ତ୍ତନ ଧାରାର ମୂଳ ନକ୍ସା ଦେଇ ଯାଇଛନ୍ତି । ଋଷିଗଣ ସ୍ୱକୀୟ ଦିବ୍ୟଦୃଷ୍ଟି ଫଳରେ ମନୁଷ୍ୟକୁ ଜରା, ମୃତ୍ୟୁଗ୍ରସ୍ତ ଭୌତିକ ଶରୀର-ପ୍ରାଣ-ମନ ବିଶିଷ୍ଟ ଜୀବ ରୂପେ ଦେଖି ନଥିଲେ, ସେମାନେ ତାକୁ ଦେଖୁଥିଲେ ଦେବତା ରୂପେ, ଭଗବାନଙ୍କ ପ୍ରତିଭୂ ରୂପେ, ଦିବ୍ୟ-ହିରଣ୍ମୟ ପୁରୁଷ ରୂପେ ବା ଅମୃତ ସନ୍ତାନ ରୂପେ । ମନୁଷ୍ୟହିଁ ରାଜା, ସମ୍ରାଟ, ପ୍ରଭୁ – ସେ ଏକ ଶାଶ୍ୱତ, ଅବିନାଶୀ ସତ୍ତା । ଯେପରି ଘର ତିଆରି ପୂର୍ବରୁ ଘରର ନକ୍ସା ଅଙ୍କା ଯାଏ ଏବଂ ପରେ ସେହି ନକ୍ସା ଅନୁସାରେ ଘର ତିଆରି ଚାଲେ, ଠିକ୍ ସେହିପରି ବୈଦିକ ଋଷିଗଣ ମନୁଷ୍ୟର ଆଧ୍ୟାତ୍ମିକ ପରିଣାମର ଏକ ନକ୍ସା ବା ଚରମ ରୂପରେଖ ଦେଇ ଯାଇଛନ୍ତି । ସେମାନେ ଦିବ୍ୟଦୃଷ୍ଟି ବଳରେ ମନୁଷ୍ୟର ଅନାଗତ ଭବିଷ୍ୟତର ଏକ ସ୍ପଷ୍ଟ ରୂପ ଦେଖିଥିଲେ । କିନ୍ତୁ ବୈଦିକ ଋଷିଗଣ ବିବର୍ତ୍ତନଗତ ଜୀବ ନୁହନ୍ତି । ସେମାନେ ଏକ ଏକ ଶାଶ୍ୱତ ସତ୍ତା ଓ ସେଇ ସ୍ୱର୍ଣ୍ଣମୟ ଯୁଗର ଅଧିକାରୀ । ବେଦ ବା ଉପନିଷଦ୍‌ରେ ବିବର୍ତ୍ତନର ପ୍ରଶ୍ନ ବି ଉଠି ନାହିଁ । କିନ୍ତୁ ସେମାନେ ମନୁଷ୍ୟର ଯେଉଁ ଚରମ ଆଧ୍ୟାତ୍ମିକ ରୂପ ଦେଖିଥିଲେ, ତାହାହିଁ ଶେଷରେ ଦିନେ ନା ଦିନେ ଫୁଟି ଉଠିବ । ତାଙ୍କରି ନକ୍ସାର ବୋଝକୁ ବହନ କରି ମନୁଷ୍ୟ ଚାଲିଛି । ତତ୍‌ପରେ ଆମ୍ଭେମାନେ ଦେଖୁ ରାମାୟଣ ଯୁଗରେ ମହାପ୍ରଭୁ ରାମଚନ୍ଦ୍ର ଜନ୍ମଗ୍ରହଣ କରି ସାତ୍ତ୍ୱିକ ମାନବର ଆଦର୍ଶ ରଖିଥିଲେ । ଏହିଠାରୁହିଁ ମନୁଷ୍ୟର ଆଧ୍ୟାତ୍ମିକ ଜୀବନର ଧାରାବାହିକ କ୍ରମବିକାଶ ମିଳେ । ଭଗବାନ୍ ରାମଚନ୍ଦ୍ରଜୀ ଯେଉଁ ସାତ୍ତ୍ୱିକ ମନୋମୟ ମନୁଷ୍ୟ ଆଦର୍ଶ ରଖିଥିଲେ, ତାହା ତତ୍କାଳୀନ ପଶୁ-ମାନବ ଜଗତରେ ନିଶ୍ଚୟହିଁ ଏକ ଅଦ୍ୱିତୀୟ ଆଦର୍ଶ ଥିଲା । ଏବେ ବି ଏହା ଏକ ମହାନ୍ ଆଦର୍ଶ ରୂପେ ରହିଅଛି । ଆଦର୍ଶ ସ୍ୱାମୀ, ଆଦର୍ଶ ରାଜା, ଆଦର୍ଶ ପୁତ୍ର, ଆଦର୍ଶ ସେବକ ଓ ଆଦର୍ଶ ଯୋଦ୍ଧା ହିସାବରେ ରଘୁବୀର-କୁଳତିଳକଙ୍କ ଦାନ ଅତୁଳନୀୟ । ଦ୍ୱାପର ଯୁଗରେ ଭଗବାନ୍ ଶ୍ରୀକୃଷ୍ଣ ଏ ପୃଥିବୀରେ ଯୁଗାବତାର ରୂପେ ଅବତୀର୍ଣ୍ଣ ହୋଇ ମନୁଷ୍ୟର ଆଧ୍ୟାତ୍ମିକ ଇତିହାସର ଧାରାକୁ ଏକ ଚରମ ଶିଖରରେ ପହଞ୍ଚାଇ ଦେଇଥିଲେ । ତତ୍କାଳୀନ ଅବସ୍ଥାରେ ସେ ମନୋମୟ ଓ ସାତ୍ତ୍ୱିକ ଆଦର୍ଶକୁ ଅତିକ୍ରମି ଏକ ଯୋଗଯୁକ୍ତ ମହାନ୍ କର୍ମୀ ଓ ଭଗବତ୍ ପ୍ରତିଭୂର ଆଦର୍ଶ ସ୍ଥାପନ କଲେ । ମନୋଭୂମିର ସତ୍ୟକୁ ଅତିକ୍ରମ କରି ଭଗବାନ୍ ଶ୍ରୀକୃଷ୍ଣ ପୃଥିବୀପୃଷ୍ଠରେ ଅଧିମାନସ ରୂପକ ବିଶାଳ ଅଧ୍ୟାତ୍ମ ସତ୍ୟକୁ ସ୍ଥାପନା କରିବାକୁ ଚାହିଁଥିଲେ । ଏହି 'ଅଧିମାନସ' ଭୂମିର ସତ୍ୟ ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହେବାରେ ତତ୍କାଳୀନ ଜଗତରେ ମହାଭାରତ ରୂପକ ଘୋର ଯୁଦ୍ଧ ବିଗ୍ରହ ଓ ଧ୍ୱଂସ ଲୀଳା ଘଟିଥିଲା । କିନ୍ତୁ ସେ ଯାହା ହେଉ ଏହିଠାରୁହିଁ ଭଗବାନ୍ ଶ୍ରୀକୃଷ୍ଣ ମନୁଷ୍ୟ ସମାଜର ଚରମ ଆଦର୍ଶ ରୂପେ ଅଧିମାନସ ଭୂମିର ସତ୍ୟକୁ ରଖିଗଲେ । ଭଗବଦ୍ ଗୀତାରେ ଅର୍ଜୁନ ଯେଉଁ ମହାନ୍ ଆଧ୍ୟାତ୍ମିକ ବାଣୀ ଶ୍ରୀକୃଷ୍ଣଙ୍କ

ମୁଖରୁ ଶୁଣିଥିଲେ, ତହିଁରେ ଥିଲା ଜୀବନ, କର୍ମ, ସଂସାର ଓ ଭଗବାନଙ୍କ ମଧ୍ୟରେ ଏକ ବିରାଟ ସମନ୍ୱୟ । ଗୀତାର ଆଦର୍ଶରୁ ଏହାହିଁ ମନେହୁଏ ଯେ କର୍ମ ବନ୍ଧନରୁ ମୁକ୍ତି ସକାଶେ ଆବଶ୍ୟକ ନୁହେଁ କର୍ମକୁ ତ୍ୟାଗ କରି, ସଂସାରକୁ ବର୍ଜନ କରି ପର୍ବତ ଗହ୍ୱରକୁ ଅଥବା କୋଳାହଳ ରହିତ ନିର୍ଜନ ଭୂମିକୁ ପଳାୟନ କରିବା ବରଂ ଏହି ସଂସାରରେ ରହି ଭଗବାନଙ୍କୁ ନିଜର ସମସ୍ତ କର୍ମ, ଧର୍ମ ଓ ପ୍ରବୃତ୍ତି ସମର୍ପଣ କରି ତାଙ୍କର ଯନ୍ତ୍ର ହୋଇଯିବା । ଗୀତା ସ୍ପଷ୍ଟ ରୂପେ ଦେଖାଇ ଦେଇଛି ଯେ ଭଗବାନଙ୍କ ନିକଟରେ ଆତ୍ମୋତ୍ସର୍ଗ, ଆତ୍ମ-ସମର୍ପଣ ଏବଂ ପରମଶ୍ରଦ୍ଧା ନିବେଦନ ଫଳରେ ସେ ସ୍ୱୟଂ ମନୁଷ୍ୟକୁ ସ୍ୱହସ୍ତରେ ତୋଳି ନେଇ ସକଳ ପାପତାପରୁ ଉଦ୍ଧାର କରନ୍ତି ।

''ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ,
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମୀ ମାଂ ସୁଚ ।''

ଗୀତାର ଏହି ଆଧ୍ୟାତ୍ମିକ ବାଣୀ ଓ ଆଦର୍ଶ ମାନବର ଆଧ୍ୟାତ୍ମିକ ବିବର୍ତ୍ତନର ଏକ ତୁଙ୍ଗ ଶିଖର ଏବଂ ଏକ ଅତ୍ୟୁଚ୍ଚ ଭୂମି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ଅଧିମାନସ ଭୂମିର ସତ୍ୟକୁ ଉଦ୍‌ଘାଟିତ କରି ଏ ପୃଥିବୀରେ ଅବତୀର୍ଣ୍ଣ କରାଇଥିଲେ, ମାତ୍ର ତାହା ପୂର୍ଣ୍ଣ ରୂପେ ସ୍ଥାପିତ ହୋଇ ପାରିଲା ନାହିଁ । ଏହାପରେ ଆମ୍ଭେମାନେ ଦେଖୁ ଭାରତୀୟ ଆଧ୍ୟାତ୍ମିକ ପ୍ରଗତି ପଥରେ ଅମିତାଭ ବୁଦ୍ଧଙ୍କୁ । ବୁଦ୍ଧଦେବ ଦେଖିଲେ ସଂସାର ଏକ ଘୋର ଜଞ୍ଜାଳ, ଦୁଃଖ ଓ କାମନାବାସନାର ତାଡ଼ନାର ଭୂମି । ଜନ୍ମ-ମୃତ୍ୟୁ ଚକ୍ରରୁ ଉଦ୍ଧାରହିଁ ମନୁଷ୍ୟର ଚରମ ଲକ୍ଷ୍ୟ ହେବା ଉଚିତ । ଏହି ସଂସାରରୁ ଶୂନ୍ୟରେ, ମହାଶୂନ୍ୟରେ, ନିର୍ବାଣରେ ଫେରି ଯିବାକୁ ସେ ରାସ୍ତା ଉଦ୍‌ଘାଟନ କଲେ । ମନେ ହୁଏ ତତ୍କାଳୀନ ରାଜସିକ କ୍ରିୟା ଓ କର୍ମକାଣ୍ଡରେ ପୂର୍ଣ୍ଣ ବୈଦିକ ଆଚାର ବିଧିରେ ଏହି ଆଦର୍ଶହିଁ ଏକ ଅତ୍ୟନ୍ତ ସହଜ, ଯୁଗୋପଯୋଗୀ ଓ ବିପ୍ଳବାତ୍ମକ ଆଦର୍ଶ ଥିଲା । ବୁଦ୍ଧଦେବ ଅଧ୍ୟାତ୍ମ ସାଧନାର ପଥକୁ ବହୁ ସୁଗମ କରିଗଲେ । କିନ୍ତୁ ତାଙ୍କର ''ନିର୍ବାଣ ଆଦର୍ଶ'' ଏକ ସଂସାର ବିରୋଧୀ ଆଦର୍ଶ । ଏଥିରେ ଜୀବନର ସମାଧାନ ହେଲା ନାହିଁ, ସଂସାରର ସମାଧାନ ହେଲା ନାହିଁ । କେବଳ ସେଥିରୁ ପଳାୟନହିଁ ସାର ହେଲା ।

ଭାରତର ଆଧ୍ୟାତ୍ମିକ ଚିନ୍ତାଧାରାରେ ଏହିଠାରେ ଆସିଛି ପ୍ରଥମ ବିଭେଦ, ସଂସାର ଓ ଅଧ୍ୟାତ୍ମ-ସାଧନା ମଧ୍ୟରେ ଆଜି ଯେଉଁ ଅମେଳ ଦେଖା ଦେଇଛି ତାହାର ପ୍ରଥମ ଆରମ୍ଭହିଁ ବୌଦ୍ଧ ଯୁଗରେ । ପରବର୍ତ୍ତୀ କାଳରେ ଶଙ୍କରାଚାର୍ଯ୍ୟ ଏହି ଆଦର୍ଶକୁ କାର୍ଯ୍ୟତଃ ଅନେକାଂଶରେ ମାନି ନେଇଥିଲେ । ସେଥିପାଇଁ ତାଙ୍କୁ କେହି କେହି ପ୍ରଚ୍ଛନ୍ନ ବୌଦ୍ଧ ବୋଲି କୁହନ୍ତି । ତେବେ ତାଙ୍କର ଦାର୍ଶନିକ ସିଦ୍ଧାନ୍ତ ହେଲା ବ୍ରହ୍ମହିଁ ସତ୍ୟ, ଜଗତ୍ ମିଥ୍ୟା । ବ୍ରହ୍ମଙ୍କର ଅଦ୍ୱୈତ ସିଦ୍ଧିକୁ ସେ ପ୍ରାପ୍ତ କରିଥିଲେ ଏବଂ ସେହି ଭୂମିରୁ ଛିଡ଼ା ହୋଇ ସେ ଯେଉଁ ଅଧ୍ୟାତ୍ମବାଣୀ ପ୍ରଚାର କଲେ, ତାହାର ଫଳ ଆଜି ଆମ୍ଭେମାନେ ଦେଖୁଅଛୁ । ତାଙ୍କର ସିଦ୍ଧି ଥିଲା ସତ୍ୟ, ମାତ୍ର ସେଥିରେ ପ୍ରତିଫଳିତ ହୋଇଛି ଗୋଟାଏ ଆଂଶିକ ସତ୍ୟ । ଶଙ୍କର ପ୍ରଚାର କଲେ ଏ ଜଗତ୍ ମିଥ୍ୟା, ମାୟା ପ୍ରବଞ୍ଚନାପୂର୍ଣ୍ଣ । ଏଠାରୁ ଫେରିଯାଇ ପରମ ବ୍ରହ୍ମରେ ବିଲୀନ ହେବାହିଁ ଏକମାତ୍ର କର୍ତ୍ତବ୍ୟ । ଏ ଜଗତରେ ରହି ଶାନ୍ତି ଲାଭ କରିବାର ପ୍ରଚେଷ୍ଟା ଏକ ବୃଥା ଚେଷ୍ଟା ମାତ୍ର । ତତ୍ପରେ ରାମାନୁଜାଚାର୍ଯ୍ୟ ଆସି ଶଙ୍କରଙ୍କଠାରୁ ଏକ ଭିନ୍ନ ମତବାଦ ପ୍ରଚାର କରିଛନ୍ତି । ସେ ସଂସାରକୁ ସତ୍ୟ ବୋଲି ମାନିଛନ୍ତି ଏବଂ ସଂସାର ଯେ ଭଗବାନଙ୍କ ଲୀଳାକ୍ଷେତ୍ର ଏହା ମଧ୍ୟ କହିଛନ୍ତି; କିନ୍ତୁ ଏଠାରେ ନୁହେଁ, ଭଗବାନଙ୍କ ସଙ୍ଗେ ନିତ୍ୟଧାମରେ ବାସ କରି ପରମ ଆନନ୍ଦ ଅନୁଭବ କରିବାକୁ ଚରମ ବାସ୍ତବ ତତ୍ତ୍ୱ ରୂପେ ପ୍ରତିପାଦିତ କରିଛନ୍ତି । ଏହାପରେ ଆମ୍ଭେମାନେ ମଧ୍ୟଯୁଗରେ ବହୁ ସାଧୁ, ମହାପୁରୁଷ ଓ ଭକ୍ତଗଣଙ୍କୁ ଦେଖୁ । ସେମାନେ ନାନା ଭାବରେ ଅଧ୍ୟାତ୍ମ ସାଧନାର ଧାରାକୁ ପରିପୁଷ୍ଟ କରି ଅଛନ୍ତି । ତତ୍ପରେ ପଞ୍ଚଦଶ ଶତାବ୍ଦୀରେ ଚୈତନ୍ୟଦେବ ଆବିର୍ଭୂତ ହୋଇ ଭଗବତ୍ ଲୀଳାର ଅନ୍ୟ ଏକ ଅଂଶକୁ ପ୍ରତିପାଦିତ କରି ଯାଇଛନ୍ତି । ସେହିପରି ଊନବିଂଶ ଶତାବ୍ଦୀର ଆରମ୍ଭରେ ପରମହଂସ ଦେବ ଓ ତଦୀୟ ଶିଷ୍ୟ ସ୍ୱନାମଧନ୍ୟ ସ୍ୱାମୀ ବିବେକାନନ୍ଦ ଆଧୁନିକ ଭାରତରେ ପୁନଶ୍ଚ ଅଧ୍ୟାତ୍ମ ଅଗ୍ନିର ଶିଖାକୁ ପ୍ରଜ୍ଜ୍ୱଳିତ କରି ମନୁଷ୍ୟର ଅଧ୍ୟାତ୍ମ ପ୍ରଗତିର ପଥକୁ ଆହୁରି ତେଜୀୟାନ୍ କରିଥିଲେ । ଏହିପରି ଭାବେ ଯୁଗେ ଯୁଗେ ଅବତାରଗଣ ଜନ୍ମଗ୍ରହଣ କରି ଆଧ୍ୟାତ୍ମିକ ମାନବର ଅଗ୍ରଗତିକୁ ନାନା ଭାବରେ ପରିବର୍ଦ୍ଧିତ ଓ ପରିପୁଷ୍ଟ କରି ଅଛନ୍ତି ।

ଏହି ଆଧ୍ୟାତ୍ମିକ ବିବର୍ତ୍ତନ ଧାରାର ଏକ ଚରମ ପରିଣାମ ରୂପେ ଶ୍ରୀଅରବିନ୍ଦ ଦେଖାଦେଲେ । ଶ୍ରୀଅରବିନ୍ଦ ସ୍ୱୀୟ ସାଧନା ବଳରେ ପୃଥିବୀରେ ଏକ ନୂତନ ମାନବ ଓ ନୂତନ ଯୁଗ ସ୍ଥାପନାର ନିର୍ଦ୍ଦେଶ ଦେଇ ଅଛନ୍ତି । ତାଙ୍କର ଅଧ୍ୟାତ୍ମ ସାଧନା ଯେ କେବଳ ସଂସାର ଓ ଭଗବାନ୍, କର୍ମ ଓ ମୁକ୍ତି, ଜୀବନ ଓ ଜ୍ୟୋତିଃ ମଧ୍ୟରେ ସମନ୍ୱୟ ଆଣିବ ତାହା ନୁହେଁ ବରଂ

ଶ୍ରୀଅରବିନ୍ଦ ଚାହିଁଛନ୍ତି ମନୁଷ୍ୟର ବର୍ତ୍ତମାନ ପ୍ରକୃତି ଓ ବର୍ତ୍ତମାନ ରୂପକୁ ପରିବର୍ତ୍ତିତ କରି ଏକ ନୂତନ ରୂପ, ଅର୍ଥାତ୍ ଦିବ୍ୟମାନବରେ ପରିଣତ କରିବାକୁ । ବୈଦିକ ଋଷିଗଣ ମନୁଷ୍ୟର ଯେଉଁ ଦିବ୍ୟ ଭାସ୍ୱର ମହୀୟାନ୍ ରୂପ ଦେଖିଥିଲେ, ଶ୍ରୀଅରବିନ୍ଦ ମନୁଷ୍ୟକୁ ସେହି ଶାଶ୍ୱତ ରୂପ ଦେବାକୁ ଚାହିଁଛନ୍ତି । ଶ୍ରୀଅରବିନ୍ଦ ପୃଥିବୀରେ କୌଣସି ଧର୍ମ ବା ମତବାଦ ପ୍ରତିଷ୍ଠା କରିବାକୁ ଚାହାନ୍ତି ନାହିଁ । ମନୁଷ୍ୟର ସମସ୍ତ ଜୀବନ-ଧାରା ଏକ ନୂତନ ସ୍ଥିତି, ନୂତନ ନିୟମ ଉପରେ ଗଠିତ ହେଉ, ସମସ୍ତ ଜୀବନ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେଉ, ଏହାହିଁ ସେ ଚାହିଁଥିଲେ । ଏଥିସକାଶେ ସେ ଚାହିଁଥିଲେ ପୃଥିବୀରେ ଏକ ନୂତନ ଅଧ୍ୟାତ୍ମ ଶକ୍ତିକୁ ଅବତରଣ କରାଇ ଆଣିବାକୁ । ଏହି ଶକ୍ତି ଏଥିପୂର୍ବରୁ ପୃଥିବୀରେ କେବେ ବି ଅବତରଣ କରି ନଥିଲା । ଏହି ଶକ୍ତି ହେଲା ଅଧିମାନସ ଭୂମିର ଊର୍ଦ୍ଧ୍ୱରେ ସ୍ଥିତ 'ଅତିମାନସ' ଶକ୍ତି । ଏହାହିଁ ବେଦରେ ଋତଚିତ୍ ଏବଂ ଉପନିଷଦ୍‌ରେ ବିଜ୍ଞାନମୟ ଭୂମି ନାମରେ ଆଖ୍ୟାତ । ବୈଦିକ ଋଷିଗଣ ଏହି ଶକ୍ତିର ସନ୍ଧାନ ପାଇଥିଲେ, ମାତ୍ର ଏହା ଯେ ପୃଥିବୀପୃଷ୍ଠରେ ଅବତରଣ କରି ମାନବ ସମାଜର କଲ୍ୟାଣ ସାଧନ କରିବ, ଏକଥା ସେମାନେ ଜାଣି ନଥିଲେ । ଏହି ସତ୍ୟହିଁ ପୂର୍ଣ୍ଣ ଜ୍ୟୋତିଃ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ପ୍ରେମ ଓ ପୂର୍ଣ୍ଣ ଚେତନାର ଭୂମି । ପୃଥିବୀପୃଷ୍ଠରେ ଏହାର ଅବତରଣ କେବଳ ଯେ ଅବଶ୍ୟମ୍ଭାବୀ ତାହା ନୁହେଁ ବରଂ ଆଜି ଏହି ଅବତରଣ ଘଟିଅଛି ।

ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ବେଳେ ଏହି ଶକ୍ତିର ଅବତରଣ ପୃଥିବୀପୃଷ୍ଠରେ ଘଟିଥିଲା । ୧୯୫୬ ସାଲରେ ଶ୍ରୀମା'ଙ୍କ ପ୍ରଦତ୍ତ ଏକ ବାଣୀରୁ ଏହା ସ୍ପଷ୍ଟ ଯେ ଅତିମାନସ ଶକ୍ତି ଆଜି ପୃଥିବୀପୃଷ୍ଠରେ ଅପ୍ରକାଶ୍ୟରେ କାର୍ଯ୍ୟ କରୁଅଛି । ଏହା ଏକ ଜୀବନ୍ତ ଏବଂ ବାସ୍ତବ ସତ୍ୟ । ଦିନ ଆସିବ ଯେତେବେଳେ ଏହାକୁ ସମଗ୍ର ଜଗତ୍ ମାନି ନେବ । ଏହି ଶକ୍ତିର ଅବତରଣ ଓ କ୍ରିୟା ଫଳରେ ବିବର୍ତ୍ତନର ଧାରାରେ ଏକ ମହାନ୍ ପରିଣାମ ଦେଖାଦେବ । ମନଃ ଶକ୍ତିର ଅବତରଣ ଫଳରେ ଯେପରି ମାନବଜାତିର ପ୍ରତିଷ୍ଠା ହେଲା, ଅତିମାନସ ଶକ୍ତିର ଅବତରଣ ଫଳରେ ସେହିପରି ଅତିମାନବ ଜାତି ପ୍ରତିଷ୍ଠା ହେବ । ଏହା ବିବର୍ତ୍ତନ ଧାରାରେ ଗୋଟିଏ ନୂତନ ପାହାଚ । ଅତିମାନବ କିନ୍ତୁ ମହାମାନବ ବା ମହାପୁରୁଷ ନୁହେଁ । ମହାମାନବ ହେଲା ବର୍ତ୍ତମାନ ମନୁଷ୍ୟର ପରିବର୍ଦ୍ଧିତ, ପରିପୂର୍ଣ୍ଣ ତଥା ଉନ୍ନତ ସଂସ୍କରଣ । ମହାମାନବ ମନୁଷ୍ୟ, କିନ୍ତୁ ଉନ୍ନତ, ଅତି ଉନ୍ନତ ମନୁଷ୍ୟ । ଅତିମାନବ କିନ୍ତୁ ରୂପାନ୍ତରିତ, ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ମନୁଷ୍ୟ । ଅତିମାନବର ଗୁଣ ଓ ଧର୍ମ ମନୁଷ୍ୟର ଗୁଣ ଓ ଧର୍ମଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଶ୍ରେଷ୍ଠ ପଶୁ ଓ ମନୁଷ୍ୟ ମଧ୍ୟରେ ଯେଉଁ ତଫାତ୍, ଶ୍ରେଷ୍ଠ ମାନବ ଓ ଅତିମାନବ ମଧ୍ୟରେ ସେହି ପ୍ରଭେଦ । ଜଡ଼ ଓ ଉଦ୍ଭିଦ, ଉଦ୍ଭିଦ ଓ ପଶୁ, ପଶୁ ଓ ମନୁଷ୍ୟ ମଧ୍ୟରେ ଯେଉଁ ଗୁରୁତର ପ୍ରଭେଦ ଲକ୍ଷିତ ହୁଏ, ମନୁଷ୍ୟ ଓ ଅତିମାନବ ମଧ୍ୟରେ ସେହି ପ୍ରଭେଦ ଲକ୍ଷିତ ହେବ । ଶ୍ରୀଅରବିନ୍ଦ ଏହି ଅତିମାନବକୁ ମନୁଷ୍ୟଜାତିର ଭାଗ୍ୟ ନିର୍ମାତା ଓ ନିର୍ଦ୍ଦେଶକ ରୂପେ ରଖିଯାଇ ଅଛନ୍ତି । ଏହା ଫଳରେ ପୃଥିବୀପୃଷ୍ଠରେ ଦେବଜନ୍ମର କଥା, ସ୍ୱର୍ଗଲୋକ ସ୍ଥାପନ କରିବାର କଥା ଆଜି ସଫଳ ହୋଇଛି । କିନ୍ତୁ କି ଉପାୟ ଅବଲମ୍ବନ କଲେ ମନୁଷ୍ୟ ପ୍ରକୃତି ଏହି ଅଧ୍ୟାତ୍ମ ଜ୍ୟୋତିଃରେ ରୂପାନ୍ତରିତ ହୋଇପାରିବ, ତାହାହିଁ ବର୍ତ୍ତମାନ ଦେଖିବାକୁ ହେବ । ଏଥିପାଇଁ ସର୍ବାଦୌ ଆବଶ୍ୟକ ଏକ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ସାଧନ । ଶ୍ରୀଅରବିନ୍ଦ ଏହି ଅଧ୍ୟାତ୍ମ ସାଧନାର ଉପାୟ ଓ ପ୍ରଣାଳୀ ତଦୀୟ ଯୋଗ ସମନ୍ୱୟ ପୁସ୍ତକରେ ପ୍ରତିପାଦିତ କରି ଅଛନ୍ତି ।

(କ୍ରମଶଃ)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୩୬୫ - ୩୬୮) ❑

ଏଠାକାର ଯୋଗସାଧନାର ଲକ୍ଷ୍ୟ ନୁହେଁ ଏକ ଯୋଗୀ ବା ସନ୍ନ୍ୟାସୀ ବା ତପସ୍ୱୀ ହେବା । ଏହି ଯୋଗର ଲକ୍ଷ୍ୟ ହେଲା ରୂପାନ୍ତର, ଏବଂ ସେହି ରୂପାନ୍ତର ତୁମ ନିଜ ଶକ୍ତି ଅପେକ୍ଷା ଅନନ୍ତ ଗୁଣରେ ମହତ୍ତର ଏକ ଶକ୍ତି ଦ୍ୱାରା କେବଳ ସମ୍ଭବ; ଏହା ସମ୍ଭବ କେବଳ ଦିବ୍ୟଜନନୀଙ୍କ ହାତରେ ନିଜକୁ ଯଥାର୍ଥରେ ଏକ ଶିଶୁ ଭଳି ଛାଡ଼ିଦେବା ଦ୍ୱାରା ।

— ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦୭)

## ମହେନ୍ଦ୍ରନାଥ ସ୍ୱାଇଁ

**ପୂର୍ଣ୍ଣ ଭରସା :**

ମାର୍ଚ୍ଚ ୧୭, ୧୯୧୪ । ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଆଉ ମାତ୍ର ବାରଦିନ ବାକି ଅଛି, ସେଥିପାଇଁ ଦିବ୍ୟ ଜନନୀ ନିଜ ଶରୀର ସମ୍ପର୍କରେ ଚିନ୍ତା କରି ତାହା କିପରି ସୁସ୍ଥ ରହିବ ସେହି ବିଷୟରେ ଭାବୁଛନ୍ତି । ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଜ ଶରୀରସ୍ଥ ସକଳ ସୀମିତତାକୁ ଦୂର କରିବାର ଉପାୟ ସମ୍ପର୍କରେ ଉକ୍ତ ପ୍ରାର୍ଥନାଟିରେ ସୂଚନା ଦେଇଛନ୍ତି । ମା' କହୁଛନ୍ତି ଯେ ଆମ ଶରୀରର ସାଧାରଣ ଅଭ୍ୟାସ ବ୍ୟତୀତ ଏହା ଏକ ଆଶ୍ଚର୍ଯ୍ୟ ଧରଣର ବିଶ୍ୱସ୍ତ ଯନ୍ତ୍ର । ଶରୀରକୁ ସାଧାରଣତଃ ମନ ଏବଂ ପ୍ରାଣ ଅସୁବିଧାରେ ପକାଇଥା'ନ୍ତି । ଯଦି ଏହି ଏକଚ୍ଛତ୍ରବାଦୀଙ୍କ ଠାରୁ ଶରୀର ମୁକ୍ତ ହୋଇଯାଏ ତେବେ ତା'ର ସହନଶୀଳତା ଏବଂ ସବୁ ପରସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ନିଜକୁ ପ୍ରସ୍ତୁତ କରି ରଖିବାର କ୍ଷମତା ବୃଦ୍ଧି ପାଇଥାଏ । ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟ ଜନନୀ ଶ୍ରୀମା ଲେଖୁଛନ୍ତି :

"WHEN physical conditions are a little difficult and some discomfort follows, if one knows how to surrender completely before Thy will, caring little for life or death, health or illness, the integral being enters immediately into harmony with Thy law of love and life, and all physical indisposition ceases giving place to a calm well-being, deep and peaceful."

(Prayers and Meditations, p. 101)

''ଯେତେବେଳେ ଶାରୀରିକ ଅବସ୍ଥା ଟିକିଏ ଖରାପ ହୋଇଯାଏ ଏବଂ ଅସୁସ୍ଥତା କେତେକ ପରିମାଣରେ ଲାଗି ରହିଥାଏ ସେତେବେଳେ ଯଦି ବ୍ୟକ୍ତି ଜାଣିଥାଏ ଯେ କିପରି ସମ୍ପୂର୍ଣ୍ଣ ରୂପେ ତୁମ ପାଖରେ ସମର୍ପିତ ହୋଇଯିବାକୁ ହେବ, – ଜୀବନ, ମୃତ୍ୟୁ, ସ୍ୱାସ୍ଥ୍ୟ ଏବଂ ଅସୁସ୍ଥତା ସମ୍ପର୍କରେ ଏତେ ଟିକିଏ ବି ଚିନ୍ତା ନକରି; ତା'ହେଲେ ପୂର୍ଣ୍ଣାଙ୍ଗ ଦିବ୍ୟ ସତ୍ତା ତାଙ୍କର ପ୍ରେମ ଏବଂ ଜୀବନର ବିଧାନ ସହିତ ତତ୍‌କ୍ଷଣାତ୍ ସଙ୍ଗତି ଭିତରକୁ ପ୍ରବେଶ କରିଥା'ନ୍ତି ଏବଂ ସମସ୍ତ ଶାରୀରିକ ଅସୁସ୍ଥତାରେ ପୂର୍ଣ୍ଣଛେଦ ପଡ଼ିଯାଏ, ତାହା ନୀରବ ନିଶ୍ଚଳ ମଙ୍ଗଳମୟ ସତ୍ତାକୁ ଗଭୀର ଏବଂ ପ୍ରଶାନ୍ତ ଅବସ୍ଥା ମଧ୍ୟରେ ପ୍ରବେଶ କରି ରହିବାକୁ ସ୍ଥାନ ଛାଡ଼ି ଦେଇଥାଏ ।''

ପୁନଶ୍ଚ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା ଲେଖୁଛନ୍ତି :

"I have noticed that when one enters into an activity that necessitates great physical endurance, what tires one most is anticipating beforehand all the difficulties to which one will be exposed. It is much wiser to see at every moment only the difficulty of the present instant; in this way the effort becomes much easier for it is always proportionate to the amount of strength, the resistance at one's disposal. The body is a marvellous tool, it is our mind that does not know how to use it and, instead of fostering its suppleness, its plasticity, it brings a certain fixity into it which comes from preconceived ideas and unfavourable suggestions."

(Prayers and Meditations, p. 101)

''ମୁଁ ଲକ୍ଷ୍ୟ କରୁଛି ଯେ ଯେତେବେଳେ ଜଣେ କର୍ମ ଭିତରକୁ ପ୍ରବେଶ କରେ, ଯଦି ସେହି କର୍ମ ପ୍ରଭୂତ ଶାରୀରିକ ସହନଶୀଳତାର ଆବଶ୍ୟକ କରୁଥାଏ, ଯାହା କର୍ମରେ ବ୍ୟାପୃତ ଥିବା ଯେକୌଣସି ବ୍ୟକ୍ତିକୁ କ୍ଲାନ୍ତ କରି ପକାଏ ଏବଂ ସେହି କ୍ଲାନ୍ତିର କାରଣ ହେଉଛି କର୍ମରେ ସମ୍ମୁଖୀନ ହେବାକୁ ଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ପୂର୍ବରୁ ବହୁତଗୁଡ଼ାଏ ଚିନ୍ତା କରି

ବସିବା । ସବୁଠାରୁ ବୁଦ୍ଧିମାନ୍‌ର କଥା ହେଉଛି କାର୍ଯ୍ୟ ନିର୍ବାହ କରୁଥିବା ସମୟରେ ପ୍ରତି ମୁହୂର୍ତ୍ତରେ ଯେଉଁ ଅସୁବିଧାମାନ ଆସି ଦେଖାଦିଏ, କେବଳ ସେହିମାନଙ୍କ ଉପରେ ଦୃଷ୍ଟି ନିବଦ୍ଧ କରିବା; ଏହି ଉପାୟରେ କର୍ମ ପ୍ରଚେଷ୍ଟା ଅଧିକ ପରିମାଣରେ ସହଜ ହୋଇଯାଏ, କାରଣ କର୍ମୀର କର୍ମଶକ୍ତି ସହିତ ସମାନୁପାତିକ ଭାବରେ ବାଧା ଓ ଅସୁବିଧାମାନ ଆସିଥାଏ ତଥା ଏତାଦୃଶ ବାଧାକୁ ସହ୍ୟ କରିବା ନିମନ୍ତେ କର୍ମ କରୁଥିବା ବ୍ୟକ୍ତି ପାଖରେ ଯଥେଷ୍ଟ ଶକ୍ତି ରହିଥାଏ । ଶରୀର ହେଉଛି ଏକ ଚମତ୍କାର ଯନ୍ତ୍ର, ଏହାକୁ କିପରି ବ୍ୟବହାର କରିବାକୁ ହେବ ତାହା ମନ ଜାଣେ ନାହିଁ ଏବଂ ଶରୀରର କୋମଳତା ଓ ନମନୀୟତାକୁ ପ୍ରତିପୋଷଣ କରିବା ପରିବର୍ତ୍ତେ ସେ ତା' ଭିତରେ ପୂର୍ବରୁ ରହିଥିବା ପ୍ରତିକୂଳ ପ୍ରସ୍ତାବମାନ ପ୍ରଦାନ କରୁଥିବା ଧାରଣାମାନଙ୍କ ଭିତରୁ ଆସୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରକାରର ସ୍ଥାଣୁତ୍ୱ ଶରୀର ଉପରେ ଲଦି ଦେଇଥାଏ ।''

ପ୍ରାର୍ଥନାଟିର ଶେଷ ଭାଗରେ ମା' ଉକ୍ତ କର୍ମ ପ୍ରବାହ-ଜନିତ ଅସୁବିଧାର ସମାଧାନର ପଥ ନିର୍ଦ୍ଦେଶିତ କରି ଦେଇଛନ୍ତି । ମା' କହୁଛନ୍ତି :

"But the supreme science, O Lord, is to unite with Thee, to trust in Thee, to live in Thee, to be Thyself; and then nothing is any longer impossible to a man who manifests Thy omnipotence.

"Lord, my aspiration rises to Thee like a silent canticle, a mute adoration, and Thy divine Love illumines my heart.

"O divine Master, I bow to Thee!"

(Prayers and Meditations, p. 101)

''ହେ ପ୍ରଭୁ, କିନ୍ତୁ ସର୍ବୋତ୍ତମ ବିଜ୍ଞାନଟି ହେଉଛି ତୁମ ସଙ୍ଗେ ଏକୀଭୂତ ହୋଇଯିବା, ତୁମ ଉପରେ ଆସ୍ଥା ରଖିବା, ତୁମ ଭିତରେ ବାସ କରିବା, ତୁମେ ଯାହା ସେଇଆ ହୋଇ ଉଠିବା; ଏବଂ ତତ୍ପରେ ମଣିଷ ପକ୍ଷରେ ଆଉ କିଛି ଅସମ୍ଭବ ହୋଇ ରହିବ ନାହିଁ, ଯେଉଁ ମଣିଷ ତୁମର ସର୍ବଶକ୍ତିମାନ୍ ଦିଗଟିକୁ ପ୍ରକାଶ କରୁଛି ।

''ହେ ପ୍ରଭୁ, ମୋର ଅଭୀପ୍ସା ଉଠିଯାଉଛି ଗୋଟିଏ ନିଃଶବ୍ଦ ସ୍ତୁତି, ମୂକ ଆରାଧନା ତୁଲ୍ୟ; ଏବଂ ତୁମ ଦିବ୍ୟପ୍ରେମରେ ମୋର ହୃଦୟ ଜ୍ୟୋତିର୍ମୟ ।

''ହେ ଦିବ୍ୟ ଗୁରୁ, ମୁଁ ତୁମ ନିକଟରେ ନତମସ୍ତକ ହୋଇ ପ୍ରଣାମ କରୁଛି ।''

ଶରୀରର ଗଠନ ତଥା କର୍ମ କରିବାର କୌଶଳ ଜଟିଳ ହୋଇଥିବାରୁ ସାମାନ୍ୟ ଟିକିଏ ଅସୁବିଧା ହେଲେ ବା ପ୍ରତିବନ୍ଧକର ସମ୍ମୁଖୀନ ହେଲେ ତାହା ଅସୁସ୍ଥ ହୋଇପଡ଼େ । ଫଳରେ କୌଣସି କଥା ଭଲ ଲାଗେ ନାହିଁ, ଏହି ଅବସ୍ଥାରୁ ମୁକ୍ତି ଲାଭ କରିବା ନିମନ୍ତେ ଆମକୁ ଭଗବାନଙ୍କ ଇଚ୍ଛା ଆଗରେ ସମର୍ପିତ ହୋଇଯିବାକୁ ପଡ଼ିବ ଏବଂ ଆମର ଜୀବନ, ଭଲମନ୍ଦ ତଥା ମୃତ୍ୟୁ ଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ରହିବାକୁ ହେବ । ଦିବ୍ୟ ଜନନୀ ଶ୍ରୀମା ସ୍ୱାସ୍ଥ୍ୟ ଏବଂ ରୋଗ ସମ୍ପର୍କରେ CWM, Vol. 15 p. 146 ରେ କହୁଛନ୍ତି :

"Wake up in yourself a will to conquer. Not a mere will in the mind but a will in the very cells of your body. Without that you can't do anything; you may take a hundred medicines but they won't cure you unless you have a will to overcome the physical illness."

ଅର୍ଥାତ୍, ''ତୁମେ ନିଜେ ନିଜେ ରୋଗ ଉପରେ ବିଜୟ ଲାଭ କରିବା ନିମନ୍ତେ ଏକ ଇଚ୍ଛାଶକ୍ତିକୁ ଜାଗ୍ରତ୍ କରାଅ । କେବଳ ମାତ୍ର ମନରେ ନୁହେଁ, କିନ୍ତୁ ତୁମ ଶରୀରର ପ୍ରତ୍ୟେକ ଜୀବକୋଷ ଭିତରେ ସେହି ଇଚ୍ଛାଶକ୍ତିକୁ ଜାଗ୍ରତ୍ କରାଇବାକୁ ହେବ । ତାହା ବ୍ୟତୀତ ତୁମେ ଆଉ କିଛି କରି ପାରିବ ନାହିଁ; ତୁମେ ଶହେ ପ୍ରକାରର ଔଷଧ ଖାଇପାର, କିନ୍ତୁ ଶାରୀରିକ ଅସୁଖକୁ ଅତିକ୍ରମ କରିଯିବାକୁ ତୁମର ଇଚ୍ଛାଶକ୍ତି ନଥିଲେ, ସେହି ଔଷଧ ସବୁ କିଛି କାମ କରିବ ନାହିଁ ।

ପୁନଶ୍ଚ ପ୍ରଭୁ ଶ୍ରୀଅରବିନ୍ଦ ଯୋଗ ସମ୍ବନ୍ଧୀୟ ପତ୍ରାବଳୀ, 'Letters on Yoga' IV, p. 578ରେ କହୁଛନ୍ତି :

"To separate yourself from the thing and call in the Mother's force to cure it [is the Yogic method] — or else to use your own will force with faith in the power to heal, having the support of the Mother's force behind you. If you cannot use either of these methods then you must rely on the action of the medicine."

ଅର୍ଥାତ୍, ''ଏଥିରୁ ନିଜକୁ ପୃଥକ୍ କରି ରଖିବା ଏବଂ ମା'ଙ୍କ ଶକ୍ତିକୁ ପ୍ରାର୍ଥନା କରିବା ଅସୁସ୍ଥତାକୁ ଭଲ କରିଦେବା ନିମନ୍ତେ (ଏହା ଯୌଗିକ ପଦ୍ଧତି) – ଏହା ନକରି ପାରିଲେ ତୁମର ଇଚ୍ଛାଶକ୍ତିକୁ ବ୍ୟବହାର କରିବାକୁ ଦୃଢ଼ବିଶ୍ୱାସ ରଖିବାକୁ ହେବ ଏବଂ ରୋଗ ଭଲ କରି ଦେବାକୁ ତୁମ ପଶ୍ଚାତରେ କାମ କରୁଥିବା ମା'ଙ୍କର ଶକ୍ତିର ସାହାଯ୍ୟକୁ ଆହ୍ୱାନ କରିବାକୁ ହେବ । ଯଦି ତୁମେ ଏହି ଦୁଇଟି ଉପାୟରୁ କୌଣସିଟିକୁ ବ୍ୟବହାର କରିପାରିବ ନାହିଁ, ତାହାହେଲେ ତୁମକୁ ନିଶ୍ଚିତ ଭାବରେ ଔଷଧପତ୍ର ଉପରେ ନିର୍ଭର କରିବାକୁ ହେବ ।''

ସେହି କାର୍ଯ୍ୟ କରିବାକୁ ଆମ୍ଭେମାନେ ଇଚ୍ଛା କରୁ, ଯେଉଁଥିରେ ଅଧିକ ପରିମାଣରେ ଶରୀରର ସହନଶୀଳତାର ଆବଶ୍ୟକତା ଥାଏ । କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ କିଏ କେତେ ସଫଳତା ଲାଭ କରିଛନ୍ତି ଯଦି ତା'ର ହିସାବ ଖୋଜିବୁଲୁ ତେବେ ଆମ ମନ ଆମର କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ସୃଷ୍ଟି କରେ । ଥରେ ଯଦି ଏହି ସନ୍ଦେହ ଦୂରୀଭୂତ ହୋଇଯାଏ ତାହାହେଲେ ଶକ୍ତି-ସ୍ରୋତ ପ୍ରବାହର ଦ୍ୱାର ଉନ୍ମୁକ୍ତ ହୋଇଥାଏ ଏବଂ କାର୍ଯ୍ୟଟି ସୁଚାରୁ ରୂପେ ସମାହିତ ହୋଇ ଯାଇଥାଏ । ସେହିପରି ଶରୀର ଅସୁସ୍ଥତା ପାଇଁ ମନ, ପ୍ରାଣହିଁ ଦାୟୀ । ଦେହ ଖରାପ ହେଲେ ଆମେ ଆମର ସାଙ୍ଗସାଥିମାନଙ୍କୁ ପଚାରିଥାଉ ଏବଂ ରୋଗର ପ୍ରାରମ୍ଭ, ପ୍ରତିକାର ଏବଂ ପରିଣାମ ସମ୍ବନ୍ଧରେ ବିଭିନ୍ନ ପ୍ରଶ୍ନ କରିଥାଉ । ଫଳରେ ରୋଗ ସୃଷ୍ଟି କରିଥିବା ବିରୋଧୀ ଶକ୍ତି ଖୁସୀ ହୁଅନ୍ତି ଏବଂ ଶରୀର ଦୁର୍ବଳ ହୋଇ ଯାଇଥାଏ ।

ଅସୁସ୍ଥତା ଭିତରୁ ବାହାରି ଆସିବା ପାଇଁ ମା' ଆଲୋଚ୍ୟ ପ୍ରାର୍ଥନାର ଶେଷ ଭାଗରେ କହୁଛନ୍ତି ରୋଗମୁକ୍ତ ହେବାର ସର୍ବୋତ୍ତମ ବିଜ୍ଞାନ ('the supreme science') ହେଉଛି ପରମପ୍ରଭୁଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରିବା, ତାଙ୍କ ସହିତ ସଦାସର୍ବଦା ରହିବା, ସବୁକଥା ତାଙ୍କୁ ନିବେଦନ କରିଦେବା । – ଏହାହିଁ ହେଉଛି ସର୍ବୋତ୍ତମ ଔଷଧ ।

ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ ବିଷୟଟିକୁ ଆଲୋଚନା କଲେ ରୋଗର ପ୍ରତିକାର ଏବଂ ଏଥିରୁ ମୁକ୍ତ ହେବା ପାଇଁ ଦିବ୍ୟ ଜନନୀ ଶ୍ରୀମା ତାଙ୍କର ଦିବ୍ୟ ଶକ୍ତି ପ୍ରୟୋଗ କରିବାର ଅନେକ ଦୃଷ୍ଟାନ୍ତ ରହି ଥିବାର କଥା ଜାଣି ପାରିବା । ସେଥି ମଧ୍ୟରୁ ଜନୈକ ସାଧକ-ଭକ୍ତ 'ଅମ୍ବାପ୍ରେମୀ' ଅନ୍ୟତମ ।

'ଅମ୍ବାପ୍ରେମୀ' – ଏହି ନାମଟି ସ୍ୱୟଂ ପ୍ରଭୁ ଶ୍ରୀଅରବିନ୍ଦ ତାଙ୍କୁ ପ୍ରଦାନ କରିଥିଲେ । ଥରେ ସେ ଆଣ୍ଠୁଗଣ୍ଠି ଦରଜ (arthritis) ରୋଗରେ ପୀଡ଼ିତ ହେଲେ । ପଣ୍ଡିଚେରୀକୁ ଦର୍ଶନ ନିମନ୍ତେ ଯାଇଥିବା ସମୟରେ ସେ ମା'ଙ୍କୁ ପ୍ରାର୍ଥନା କରି କହିଲେ, "Mother, I am having pain in my knee and can not sit. Today it was not possible even to meditate. I pray to you to cure this painful disease." The Mother simply said : "Your health will be alright."

ଅର୍ଥାତ୍,''ମା', ମୋ ଆଣ୍ଠୁରେ ଯନ୍ତ୍ରଣା ହେଉଛି ଏବଂ ମୁଁ ବସିପାରୁ ନାହିଁ, ଏପରିକି ଆଜି ଧ୍ୟାନ କରି ପାରିଲି ନାହିଁ । ଏହି ଯନ୍ତ୍ରଣାଦାୟକ ରୋଗରୁ ମୁକ୍ତ କରିଦେବା ନିମନ୍ତେ ମୁଁ ପ୍ରାର୍ଥନା ନିବେଦନ କରୁଛି ।'' ମା' ସରଳ ଭାବରେ କହିଲେ, ''ତୁମର ସ୍ୱାସ୍ଥ୍ୟ ଠିକ୍ ହୋଇଯିବ ।'' ଆଶ୍ଚର୍ଯ୍ୟର କଥା, ତାଙ୍କର ଆଣ୍ଠୁଗଣ୍ଠି ରୋଗ ବିନା ଔଷଧରେ ସମ୍ପୂର୍ଣ୍ଣ ଭଲ ହୋଇଗଲା ।

ଏକଦା ୧୯୫୭ ମସିହାରେ 'ଅମ୍ବାପ୍ରେମୀ'ଙ୍କର ଦୁଇ ଆଖିର ରେଟିନା ଖରାପ ହୋଇଗଲା, ଚକ୍ଷୁରୁ ଅଲଗା ହୋଇଗଲା । ତାଙ୍କର କେତେକ ବନ୍ଧୁ ପରାମର୍ଶ ଦେଲେ ଯେ ସୀତାପୁର (ଗୁଜରାଟର ଏକ ସହର) ଯାଇ ଆଖି ଅପରେସନ୍ କରିବା ନିମନ୍ତେ । ଆଉ କେତେ ଜଣ କହିଲେ, ''ପଣ୍ଡିଚେରୀ ଯାଅ । ଡାକ୍ତର ଅଗ୍ରୱାଲାଙ୍କୁ ଦେଖାଅ ଅଥବା ବମ୍ବେର ପ୍ରସିଦ୍ଧ ଡାକ୍ତର ବାନାର୍ଜୀଙ୍କୁ ଦେଖାଅ ।'' ଅମ୍ବାପ୍ରେମୀ ସମସ୍ତଙ୍କ କଥା ଶୁଣିଲେ, କିନ୍ତୁ ସେ ସବୁକଥା ଲେଖି ମା'ଙ୍କ ପାଖକୁ ଚିଠିଟିଏ ପଠାଇ ଦେଲେ । ଉତ୍ତରରେ ମା' ଲେଖିଲେ, "Get yourself operated on by Dr. Banerjee at Baroda." ସେତେବେଳେ 'ଖ୍ରୀଷ୍ଟମାସ୍' ସମୟ, ତେଣୁ ଡାକ୍ତର ବାନାର୍ଜୀ ବରୋଦା ଆସିବା ବନ୍ଦ କରି ଦେଇଥା'ନ୍ତି । ସେ ଅମ୍ବାପ୍ରେମୀଙ୍କୁ କହିଲେ, ବମ୍ବେସ୍ଥ ତାଙ୍କର କ୍ଲିନିକ୍‌କୁ ଯାଇ ଅପରେସନ୍ କରାଇବା ପାଇଁ ।

ପୁନଶ୍ଚ ଅମ୍ବାପ୍ରେମୀ ମା'ଙ୍କ ପାଖକୁ ଟେଲିଗ୍ରାମଟିଏ ପଠାଇ ନିର୍ଦ୍ଦେଶ ପାଇଁ ଅପେକ୍ଷା କଲେ । ମା' ଉତ୍ତରରେ କହିଲେ, "Go to Bombay and get operated" (ବମ୍ବେ ଯାଇ ଅପରେସନ୍ କରାଇ ନିଅ) ।'' ପ୍ରଥମ ଦିନ ଡାକ୍ତର ବାନାର୍ଜୀଙ୍କ କ୍ଲିନିକ୍‌ରେ କିଛି ଅସୁବିଧା ହେବାରୁ ଅପରେସନ୍ ହୋଇ ପାରିଲା ନାହିଁ । ଏହି ବିଷୟ ମଧ୍ୟ ସେ ମା'ଙ୍କୁ ଟେଲିଗ୍ରାମ୍ ମାଧ୍ୟମରେ ଜଣାଇ ଦେଲେ । ତା' ପରଦିନ

ଅପରେସନ୍ ହେଲା ଏବଂ ତାଙ୍କ ପ୍ରକୋଷ୍ଠକୁ ଅଣାଗଲା; ରାତିରେ ତାଙ୍କର ବାନ୍ତି ଆରମ୍ଭ ହୋଇଗଲା । ସେ ବଡ଼ପାଟିରେ 'ମା' 'ମା' ବୋଲି ଚିତ୍କାର କଲେ । ହଠାତ୍ ଆଖି ଖୋଲି ଦେଖିଲେ ଯେ ମା' ତାଙ୍କ ସମ୍ମୁଖରେ ଦଣ୍ଡାୟମାନ । ମା' ତାଙ୍କ ମସ୍ତକରେ ଦିବ୍ୟ ହସ୍ତର ସ୍ପର୍ଶ ପ୍ରଦାନ କଲେ; ସବୁକିଛି ଠିକ୍ ହୋଇଗଲା ।

ଅପରେସନ୍ ପରେ ଡାକ୍ତରମାନେ ତାଙ୍କ ଆଖି ପରୀକ୍ଷା କଲେ ଏବଂ ଦେଖିଲେ ଆଖିରେ ପାଣି ଜମିଛି । ଡାକ୍ତର ବାନାର୍ଜୀ ବ୍ୟସ୍ତ ହୋଇ ପଡ଼ିଲେ । ଅମ୍ବାପ୍ରେମୀ କହିଲେ, "I have been sent here by the Divine Mother and I will not return before I regain my vision hundred percent." ଅର୍ଥାତ୍, ''ମା' ମୋତେ ଏଠାକୁ ପଠାଇଛନ୍ତି, ମୁଁ ସମ୍ପୂର୍ଣ୍ଣ ଭଲ ହେଲେ ଯାଇ ଫେରିବି ।'' ଡାକ୍ତର ବାନାର୍ଜୀ ପଚାରିଲେ, ''ସେ କ'ଣ ମୋତେ ଜାଣିଛନ୍ତି ?'' ଅମ୍ବାପ୍ରେମୀ କହିଲେ, ''ଆପଣ ତାଙ୍କୁ ଜାଣି ନଥାଇ ପାରନ୍ତି, ସେ କିନ୍ତୁ ତାଙ୍କର ସମସ୍ତ ସନ୍ତାନଙ୍କୁ ଜାଣନ୍ତି ।''

ଡାକ୍ତରମାନେ ପ୍ରତିଦିନ ତାଙ୍କୁ ପରୀକ୍ଷା କରୁଥା'ନ୍ତି, ଡାକ୍ତର ବାନାର୍ଜୀ ସେହି ସମୟରେ ଅନୁପସ୍ଥିତ ଥିଲେ, ସେ ବରୋଦା ଯାଇଥିଲେ । ତାଙ୍କ ଅନୁପସ୍ଥିତିରେ ତାଙ୍କ ଆସିଷ୍ଟାଣ୍ଟ୍ ଅମ୍ବାପ୍ରେମୀଙ୍କ ଆଖିର ବ୍ୟାଣ୍ଡେଜ ଖୋଲିଲେ ଏବଂ ଦିନକ ପରେ ଆଖି ପରୀକ୍ଷା କରି ଆଶ୍ଚର୍ଯ୍ୟ ହୋଇ ବଡ଼ପାଟିରେ କହିଲେ, "A miracle, a miracle !" ''ଚମତ୍କାର, ଚମତ୍କାର !'' ସେମାନେ କହିଲେ, ''ଆଖିରୁ ପାଣି କଢ଼ା ଯାଇ ନାହିଁ, କିନ୍ତୁ ପାଣି କୁଆଡ଼େ ଉଭେଇ ଯାଇଛି ଏବଂ ଅମ୍ବାପ୍ରେମୀ ସମ୍ପୂର୍ଣ୍ଣ ସୁସ୍ଥ ।''

ଏକଦା ଅମ୍ବାପ୍ରେମୀ କୌଣସି ସଭାକୁ ଯାଇ ନିଜେ ପ୍ରସ୍ତୁତ କରିଥିବା ଏକ ସନ୍ଦର୍ଭକୁ ପାଠ କରିବାର ଥିଲା । ସଭାରେ ବସିଥିବା ସମୟରେ ସେ ଦେଖିଲେ ତାଙ୍କ ଚଷମାଟିକୁ ଘରେ ଛାଡ଼ିଦେଇ ଯାଇଛନ୍ତି । ସେ ଅନନ୍ୟୋପାୟ ହୋଇ ମା'ଙ୍କୁ ପ୍ରାର୍ଥନା କରି କହିଲେ, ''ମା' ମୁଁ ପ୍ରସ୍ତୁତ କରିଥିବା ବକ୍ତୃତାଟିକୁ ପାଠ କରିବା ନିମନ୍ତେ ଦୟାକରି ମୋତେ ସାହାଯ୍ୟ କରନ୍ତୁ ।'' ତତ୍ପରେ ସେ ଦେଖିଲେ ବିନା ଚଷମାରେ ବକ୍ତୃତାଟିକୁ ସ୍ପଷ୍ଟ ଭାବରେ ପାଠ କରି ପାରୁଛନ୍ତି । ସେହି ଦିନଠାରୁ ସେ ଚଷମା ବ୍ୟବହାର ଛାଡ଼ି ଦେଇଥିଲେ ।

ଅମ୍ବାପ୍ରେମୀ କହନ୍ତି, "I tell people, you do not call the Mother sincerely. If you do she will come down and help you as Lord Krishna helped Draupadi."

ଅର୍ଥାତ୍, ''ମୁଁ ଲୋକମାନଙ୍କୁ କହେ, ତୁମେମାନେ ଆନ୍ତରିକତାର ସହିତ ମା'ଙ୍କୁ ଡାକୁ ନାହଁ । ଯଦି ତୁମେ ଡାକ ସେ ତଳକୁ ଓହ୍ଲାଇ ଆସିବେ ଏବଂ ତୁମକୁ ସାହାଯ୍ୟ କରିବେ ଯେପରି ପ୍ରଭୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସାହାଯ୍ୟ କରିଥିଲେ ।''

ଅମ୍ବାପ୍ରେମୀଙ୍କ ଜୀବନ ହେଉଛି ଦିବ୍ୟ ଜନନୀ ଶ୍ରୀମାଙ୍କର କୃପାର ଅସରନ୍ତି ଗଳ୍ପ ଏବଂ ମା'ଙ୍କ କରୁଣାରୁ ସେ ସର୍ବଦା ସୁରକ୍ଷିତ ହୋଇ ରହିଥିବାର ତାଙ୍କର ଦୃଢ଼ ଅନୁଭବ ରହିଛି ।

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା**


(୧) Prayers and Meditations – The Mother

(୨) How they came to Sri Aurobindo and The Mother – Vol. II by Shyam Kumari


ପ୍ରଥମେ ମଣିଷ ରୂପରେ ଭଗବାନ୍ ସ୍ୱୟଂ ପୃଥିବୀ ସକାଶେ ସାଧନା କରନ୍ତି ଓ ତା'ପରେ ଊର୍ଦ୍ଧ୍ୱରୁ ଅବତରଣ କରାଇଥିବା ଦିବ୍ୟ ଶକ୍ତିସମୂହକୁ ମଣିଷ ମଧ୍ୟରେ ଉତ୍ସାରିତ କରନ୍ତି । ତେଣୁ ଶ୍ରୀମାହିଁ ପ୍ରତ୍ୟେକ ସାଧକ ମଧ୍ୟରେ ସାଧନା କରୁଛନ୍ତି – କିନ୍ତୁ ତାହା ସାଧକର ଆଗ୍ରହ ଓ ଗ୍ରହଣଶୀଳତା ଅନୁସାରେ ନିର୍ଦ୍ଧାରିତ ହୋଇଥାଏ ।

– ଶ୍ରୀଅରବିନ୍ଦ

# କାରା-ଜୀବନୀ

## (୧୨)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଏଇ ପ୍ରକାର ପ୍ରତିଧ୍ୱନିର ବିଷୟ ଯାହାକିଛି ଏପର୍ଯ୍ୟନ୍ତ କୁହାଗଲା ତାହା ଏକ ପ୍ରକାର ଯଥେଷ୍ଟ ହେଲେ ମଧ ଗୋଟିଏ ବିଷୟ ଉଲ୍ଲେଖ କରିବା ଆବଶ୍ୟକ ମନେ କରେ, କାରଣ ସେଇ ଭାବେ ବିଷୟଟି ଟିକିଏ ଅସମ୍ପୂର୍ଣ୍ଣ ରହିଯାଏ । ବିଷୟଟି ହେଉଛି ଏଇ ପ୍ରତିଧ୍ୱନିର ମୂର୍ତ୍ତ ଆଧାର ଓ ତା'ର ବ୍ୟକ୍ତିଗତ ପାର୍ଥକ୍ୟ । ମୁଁ ପୂର୍ବରୁ କହିଛି ଯେ ଏହି ପ୍ରତିଧ୍ୱନି ଏକ ପ୍ରକାର ମୋରହିଁ ଦ୍ୱୈତ ଭାବର ଅଭିବ୍ୟକ୍ତି ମାତ୍ର । ଏ ସ୍ଥଳରେ ପ୍ରତିଧ୍ୱନି କଥାଟି ପ୍ରତି ଟିକିଏ ଦୃଷ୍ଟି ରଖିଲେହିଁ ଚଳିବ ଏବଂ ମୋ କଥାର ଅର୍ଥ ବି କେତେକ ପରିମାଣରେ ବୁଝି ହେବ । ପ୍ରତିଧ୍ୱନି କହିଲେ ଯେ ଠିକ୍ ଶବ୍ଦ ଦ୍ୱାରାହିଁ ଶବ୍ଦର ପ୍ରତିଧ୍ୱନି ନୁହେଁ, ଏହା ବି କହିଛି । ଏ କ୍ଷେତ୍ରରେ ଯେପରି ଅର୍ଥ ଦ୍ୱାରା ଶବ୍ଦର ଓ ଶବ୍ଦ ଦ୍ୱାରା ଅର୍ଥର ପ୍ରତିଧ୍ୱନି, ଅର୍ଥାତ୍ – ଅନ୍ତର୍ନିହିତ ମନୋଭାବର ସମର୍ମ ଶବ୍ଦରେ ପ୍ରତ୍ୟୁତ୍ତର ସମ୍ଭବ ହୋଇଛି, ଯେପରି ମୋରହିଁ ମାନସର ଭାବ ମୋ ଠାରୁ ବହିର୍ଗତ ଓ ବହିଃ ପ୍ରକୃତିରେ ପ୍ରତିହତ ଓ ପ୍ରତିବିମ୍ବିତ ହୋଇ ମୋତେ ହିଁ ପ୍ରତ୍ୟୁତ୍ତର କରୁଛି, ଯାହାକୁ ଉପନିଷଦ୍‌କାର କହିଛନ୍ତି : ''ତଦ୍ଧାବତୋହ ନ୍ୟୋନତ୍ୟେତି ତିଷ୍ଠତ୍ ।'' କିନ୍ତୁ ଯେଉଁ ଆଧାର ଅବଲମ୍ବନରେ ଶବ୍ଦ ଅବା ପ୍ରତ୍ୟୁତ୍ତର ଉଚ୍ଚାରିତ ହୋଇଛି ତାହା ଠିକ୍ ମୋରହିଁ ଆକୃତି ବିଶିଷ୍ଟ ଆଧାର, ତା' ନୁହେଁ (ଯେପରି ଜଡ଼ ପ୍ରକୃତି ପରି ଶବ୍ଦର ପ୍ରତିଧ୍ୱନି ଠିକ୍ ସେଇ ଶବ୍ଦ ଦ୍ୱାରାହିଁ ନୁହେଁ) ମୋର ଜ୍ଞାନର ବିଷୟୀଭୂତ ଯେ କୌଣସି ଆକୃତି ବିଶିଷ୍ଟ ଆଧାର ହୋଇପାରେ, କାରଣ କାଳ ସର୍ବଦା ଆମର ଅଖଣ୍ଡ ସତ୍ତାକୁ ଖଣ୍ଡିତ ଓ ବିଭକ୍ତ କରି ଚାଲିଛି, ଯାହା ଫଳରେ ବିଶ୍ୱ ସୃଷ୍ଟିର ଏଇ ଲୀଳା-ବୈଚିତ୍ର୍ୟ ।

ତାଳପତ୍ରର ସୂକ୍ଷ୍ମ ଶିଳ୍ପ ମଧ୍ୟରେ ପ୍ରଥମ ଅବସ୍ଥାରେ ତ ଚଟାଇ ବୁଣିଲି; ପରେ କ୍ରମେ କ୍ରମେ ଅନ୍ୟାନ୍ୟ ସୂକ୍ଷ୍ମ କାର୍ଯ୍ୟରେ ବି ହାତ ଦେବାକୁ ଲାଗିଲି, ତେବେ ଏସବୁ ଯେ କେତେବେଳେ ବି କାହାର କାର୍ଯ୍ୟରେ ଲାଗୁଥାଏ ଏମିତି କିଛି ନୁହେଁ; କିନ୍ତୁ ଏଥିରେ ମୋତେ ବେଶ୍ ଆନନ୍ଦ ମିଳୁଥାଏ ଏବଂ ସହଜ ସରଳ ରେଖା ବୁଣିବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଲତା ସଦୃଶ ବକ୍ରନମିତ ଓ ଚକ୍ରାୟିତ ଗତି ସହକାରେ ପଙ୍ଖା, ଟୋପି, ଥାଳି, ହ୍ୟାଣ୍ଡ୍ ବ୍ୟାଗ, ଏପରିକି ଚଟି-ଜୋତା ପର୍ଯ୍ୟନ୍ତ ବୁଣିବାର କୌଶଳ ଶିଖିନେଲି । ଏଠାରେ ହୁଏତ ପ୍ରଶ୍ନ ଉଠିପାରେ ଯେ, ଏତେ ପ୍ରକାର ସୂକ୍ଷ୍ମ ଶିଳ୍ପର କାର୍ଯ୍ୟ ମୋର କରାୟତ୍ତରେ ଥାଇ ପୁଣି ଚଟି ଜୋତା ବୁଣିବାର ଅଦ୍ଭୁତ କୌଶଳ ମୁଣ୍ଡକୁ ଆସିଲା କାହିଁକି ? ଏହାର ଗୋଟିଏ କାରଣ ଅଛି; ମେଜର୍ ଲିଟ୍-ପକ୍ ନାମଧାରୀ ଏକ ବିରାଟ ବପୁ ବିଶିଷ୍ଟ ସୁପରିନ୍‌ଟେଣ୍ଡେଣ୍ଟ୍ ଯେତେବେଳେ ମୋର ପୂର୍ବ ସୁପରିନ୍‌ଟେଣ୍ଡେଙ୍କ ପ୍ରଦତ୍ତ ସମସ୍ତ ବିଶେଷ ସୁବିଧା ମୋ'ଠାରୁ କାଢ଼ି ନେଲେ, ତା' ସହିତ ମୋର ପାଦରେ ପିନ୍ଧିବା ପାଇଁ ଯେଉଁ ଜୋତା ପ୍ରସ୍ତୁତି ହୋଇଥିଲା ସେଇଟା ବି କାଢ଼ି ନିଆଗଲା, ସୁତରାଂ ମୋର ଖାଲି ପାଦରେ ବିଚରଣ କରିବା ଛଡ଼ା ଅନ୍ୟ ଉପାୟ ନଥିଲା । କିନ୍ତୁ ଏମିତି କିଛି ଦିନ ଖାଲି ପାଦରେ ଚାଲି ଦେଖିଲି ଯେ ଯେପରି ପାଦରେ ଥଣ୍ଡା ଲାଗି ଶରୀରର ସ୍ନାୟବିକ ପ୍ରକ୍ରିୟା ମଧ୍ୟରେ ଏକ ପ୍ରକାର ଅଶ୍ୱସ୍ତି ଭାବ ସୃଷ୍ଟି କରିବାକୁ ଲାଗିଲା । ଭାବିଲି କି ବିପଦ, ଜୋତା ବି ନେଇଗଲେ, ଖାଲି ପାଦରେ ଚାଲିବାଟା ବି ସହ୍ୟ କରି ହେଉନି । ଏହାର କ'ଣ କୌଣସି ପ୍ରତିକାର ନାହିଁ ? ଅବଶେଷରେ ଭାବି ଠିକ୍ କଲି, ଯେପରି ବି ହେଉ ଏକ ପ୍ରକାର ଜୋତା ଅଥବା ଖଡ଼ମ ପ୍ରସ୍ତୁତ କରିବାକୁ ହେବ ।

ଏମିତି ସ୍ଥିର କରି ଉପଯୁକ୍ତ ଉପକରଣର ଅନ୍ୱେଷଣରେ ବାହାରେ ଘୂରାଘୂରି କରି ଦେଖିବାକୁ ପାଇଲି ଏକ ସ୍ଥାନରେ ନଡ଼ିଆ ବାହୁଙ୍ଗାର ମଝି ଅଂଶରେ ଶୁଷ୍କ ଦଣ୍ଡଟିଏ ପଡ଼ିଛି । ମୋର ପାଦର ଅନ୍ଦାଜରେ ଦୁଇ ଖଣ୍ଡ କରି ଏକ ପ୍ରକାର ଖଡ଼ମ ପ୍ରସ୍ତୁତ କରିବାର ଚେଷ୍ଟା କଲି ଏବଂ ଏକ ପ୍ରକାର ଅଦ୍ଭୁତ ଅଣଗୋଡ଼ିଆ ହୋଇ କିଛି ସମୟ ବିଚରଣ କରି ଦେଖିଲି ଏହା ଠିକ୍ ପାଦରେ ପିନ୍ଧିବାର ଉପଯୋଗୀ ନୁହେଁ । ଅତଃପର ପୁନରାୟ ମୋର ଉଦ୍ଭାବନୀ କଳ୍ପନା ଶକ୍ତି ସାହାଯ୍ୟରେ ନାନା ପ୍ରକାର ଚିନ୍ତା କରି ଠିକ୍ କଲି ଏଥର ଆଉ ଅନ୍ୟ ଉପାୟ ନାହିଁ । ଯେଉଁ ବସ୍ତୁ ଏତେ କାଳ ଧରି ପ୍ରାୟ ଏକ ପ୍ରକାର ଶୟନେ, ସ୍ୱପନେ,

ଜାଗରଣେ ଅଷ୍ଟ-ପ୍ରହରର ସଙ୍ଗୀ ରୂପେ ମୋର ସାହଚର୍ଯ୍ୟ କରିଛି, ମୁଁ ମୋର ଏଇ ସଙ୍କଟ ସମୟରେ ସେଇ ତାଳପତ୍ରରହିଁ ଶରଣାପନ୍ନ ହେବି । ଏପରି ସ୍ଥିର କରି ଏଇ ତାଳପତ୍ର ନେଇ ନାନା ପ୍ରକାର ଚେଷ୍ଟା କରି ଅବଶେଷରେ ବେଶ୍ ଏକ ପ୍ରକାର ଜୋତା ପ୍ରସ୍ତୁତ କଲି ଏବଂ ପାଦରେ ଦେଇ ବିନା ଜୋତାରେ ଚାଲିବା କଷ୍ଟ ନିବାରଣ କଲି । ମୋର ଏଇ ଚଟି ଜୋତା ଦେଖି ଜଣେ ସାହେବ ୱାର୍ଡ଼ର୍‌ର ବି ପସନ୍ଦ ହୋଇଗଲା ଏବଂ ତାଙ୍କୁ ଏକ ଯୋଡ଼ା ତିଆରି କରି ଦେବାକୁ ମୋତେ ଅନୁରୋଧ କଲେ । ଅଗତ୍ୟା ମୋତେ ସେଇ ସାହେବ — ୱାର୍ଡ଼ର୍‌ଙ୍କ ପାଇଁ ଏକ ଯୋଡ଼ା-ପ୍ରସ୍ତୁତ କରି ଦେବାକୁ ହେଲା । ମନେ ଅଛି ଏଇ ଉପଲକ୍ଷ୍ୟରେ ସେତେବେଳେ ଗୋଟିଏ ଦୁଇଟି ଧାଡ଼ିର ଗୀତ ରଚନା କରି ପକାଇଲି ଓ ତାଳପତ୍ରର କାମ କରିବା ସମୟରେ ବାଉଲ ସୁରରେ ବୁଣିବାର ତାଳେ ତାଳେ ଏଇ ଧାଡ଼ି ଦୁଇଟି ଗାଇ ଆମୋଦ ଉପଭୋଗ କରୁଥିଲି :

''ଆମାର୍ ତାଲେର୍ ପାତା ଓ ଆମାର୍ ତାଲେର୍ ପାତା !
ତୋମାର୍ ପାତାର୍ ଚଟି ବୁନି,
ତୋମାର୍ ପାତାଏ ଚାଟାଇ ବୁନି,
ତୋମାର୍ ପାତାର୍ ପାଖା ବୁନି,
ଟୁପି ବୁନି, ଖଲତେ ବୁନି, ତାଲେର୍ ପାତା ।''

ଏ ତ ଗଲା ମୋର ନିଜ କଥା ଏବଂ ଏହା ବି ଏକ ପ୍ରକାରର ବୋଧହୁଏ ଏତେ ଦିନ ଯାଏ ଏକ ଘରକିଆ ହୋଇ ଆସିଛି; ସୁତରାଂ ଏକ ପ୍ରକାର ଭାବେ କେବଳ ନିଜ କଥା ନକହି ମଝିରେ ମଝିରେ ମୋର ସାଙ୍ଗ-ସାଥୀ ପାଗଳମାନଙ୍କର କଥା ବି କିଛି କିଛି ଲେଖିଲେ ବୋଧହୁଏ ପାଠକମାନଙ୍କୁ ଟିକିଏ ଭଲ ଲାଗିବ ଏବଂ ସେଇ ଏକା ପ୍ରକାରର ଲେଖା ପଢ଼ିବା ଫଳରେ ଅରୁଚି ଅବା ଅଜୀର୍ଣ୍ଣର ସମ୍ଭାବନା ରହିବ ନାହିଁ ।

ସେଠାକାର ପାଗଳା-ଗାରଦରେ ପ୍ରାୟଶଃ ଏକେବାରେ କାଣ୍ଡଜ୍ଞାନଶୂନ୍ୟ ଉନ୍ମାଦ ପାଗଳ ଖୁବ୍ କମ୍ ଦେଖିଛି; କିନ୍ତୁ ମଝିରେ ମଝିରେ ଯେ ଦେଖି ନାହିଁ ଏମିତି ନୁହେଁ । ସାଧାରଣତଃ ଯେଉଁସବୁ ପାଗଳ ସେଠାରେ ଦେଖିବାକୁ ମିଳନ୍ତି ସେମାନେ ପ୍ରାୟହିଁ ନିରୀହ ପ୍ରକୃତିର ଲୋକ । ହୁଏତ କୌଣସି ପାରିବାରିକ ଅଶାନ୍ତି ପାଇଁ ଅଥବା ଅନ୍ୟ କୌଣସି ପ୍ରକାରର ମାନସିକ କଷ୍ଟ ଦୃଷ୍ଟିରୁ ଏପରି ଦଶା ପ୍ରାପ୍ତ ହୋଇଛନ୍ତି । ସେମାନେ ସାଧାରଣତଃ ଯେ ଯାହାର ନିଜ ଇଚ୍ଛାରେ ଚାଲନ୍ତି, ବୁଲନ୍ତି, କାର୍ଯ୍ୟ କରନ୍ତି, କାହାକୁ ବି ସେମାନଙ୍କ ପାଇଁ ଉଦ୍‌ବିଗ୍ନ ହେବାକୁ ପଡ଼େ ନାହିଁ । ସେମାନଙ୍କ ମଧ୍ୟରେ ପୁଣି କେହି କେହି ଗୋଟିଏ ଗୋଟିଏ ପ୍ରକାରର ଭାବର ପାଗଳ, ସେମାନେ ନିଜ ନିଜ କଳ୍ପନାରେ ଭିତରେ କେତେ କ'ଣ ଦେଖୁଛନ୍ତି, ନିଜେ ନିଜେ କାହା ସଙ୍ଗେ କଥା କହୁଛନ୍ତି, ହସୁଛନ୍ତି, କାନ୍ଦୁଛନ୍ତି, କିନ୍ତୁ କାହାକୁ ଅତ୍ୟାଚାର ଅଥବା ଉତ୍ପୀଡ଼ନ କରନ୍ତି ନାହିଁ ।

ଗୋଟିଏ ସାହେବ-ପାଗଳ ଦେଖିଥିଲି । ଶୁଣିଛି ସେ ପ୍ରାୟ ପଚାଶ ବର୍ଷ ଯାଏ ସେଇ ପାଗଳ-ଗାରଦରେ ବାସ କରୁଥିଲା । ମୁଁ ସେଠାରୁ ଚାଲି ଆସିବାର କିଛି ପୂର୍ବରୁ ସେ ମରିଗଲା । ତା'ର କେତେଗୁଡ଼ିଏ ଅଦ୍ଭୁତ ଅଭ୍ୟାସ ଥିଲା । ମୁଁ ପ୍ରଥମେ ସେଠାରେ ପହଞ୍ଚି ତାକୁ ଯେଉଁ ଘରେ ଦେଖିଥିଲି, ଶୁଣିଛି ସେ ସେଇ ଘରେ ଦୀର୍ଘ ଚାଳିଶ, ପଚାଶ ବର୍ଷ ଧରି ରହିଛି । କେତେବେଳେ ତାକୁ ଘରୁ ବାହାରିବାର ଅଥବା ଅନ୍ୟ କେଉଁଠିକି ଯିବାର ବି ଦେଖି ନାହିଁ । କିଛି ଦିନ ପରେ ତା'ର ଏକ ଅଭ୍ୟାସ ବାହାରିଲା । କଣ୍ଠରେ ଏକ ଅସ୍ୱାଭାବିକ ଘଡ଼ ଘଡ଼ ଶବ୍ଦ କରି ଉଚ୍ଚ ସ୍ୱରରେ ପାଟି କରି କହେ, ''ଏସିଆ, ଇଉରୋପ, ଆଫ୍ରିକା, ଆମେରିକା ଛିଡ଼ା ହୋଇ ରୁହ ।'' ପୁଣି ମଝିରେ ମଝିରେ ଗୁଣୁଗୁଣୁ କରି କ'ଣ ସବୁ କହେ । ତା'ର ଯେପରି ଆମର ପାର୍ଥିବ ରାଜ୍ୟ ସହିତ କେବଳ ମାତ୍ର ଖାଇବା, ଶୋଇବାର, ସମ୍ବନ୍ଧ, ବାକୀ ସମୟଟା ଯେପରି ସେ ଏକ ଅନ୍ୟ କୌଣସି ଅତୀନ୍ଦ୍ରିୟ ରାଜ୍ୟର ଲୋକ । ତା'ର ଭାବ ଗତି ଦେଖି ମନେହୁଏ ଯେପରି ଆମର ସାଧୁ ଧାର୍ମିକ ବ୍ୟକ୍ତିଗଣ ପରମାର୍ଥ ଅନ୍ୱେଷଣରେ ଗୃହ ପରିବାର ତ୍ୟାଗ କରି ଜଙ୍ଗଲ ଅଥବା ପର୍ବତ ଗୁହାରେ ଯାଇ ବାସ କରନ୍ତି, ସେମାନେ ବି ସେହିପରି ମନରେ ବିରାଗ ଆସିଲେ ଏଇ ପାଗଳା-ଗାରଦକୁ ଯାଇ ହାଜିର ହୁଅନ୍ତି, ନହେଲେ ଏତେ ଦିନ ଧରି ଏହି ରୂପେ ଗୋଟିଏ ସ୍ଥାନରେ ବାସ କରିବା ଅର୍ଥ ଆଉ କ'ଣ ହୋଇପାରେ ? ଏହିପରି ଆହୁରି ଜଣେ ଦୁଇଜଣ ପାଗଳ ଦେଖିଛି, ଯେଉଁମାନେ ବହୁ କାଳ ଯାଏ ଏଇ ପାଗଳା ଗାରଦରେ ବାସ କରିଛନ୍ତି ଏବଂ ପରିଶେଷରେ ସେଇଠାରେହିଁ ଅନ୍ତିମଦଶା ପ୍ରାପ୍ତ ହୋଇଛନ୍ତି । ତେବେ ଏପରି ଭାବେ ଏକେବାରେ ଚଲାବୁଲା ବନ୍ଦ କରି କୌଣସି ଗୋଟିଏ ସ୍ଥାନକୁ ବିଶେଷ ଭାବେ ଜାବୁଡ଼ି ଧରିବାର ଫଳ ଏହା ହୋଇପାରେ ଯେ, ସ୍ଥାନ ଅପରିବର୍ତ୍ତନୀୟ ରହିଲେ କାଳର ଗତି ବିଶେଷ ଭାବରେ ଆମ ପାଖରେ ପ୍ରକାଶିତ ହୁଏ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଶିକ୍ଷା ଓ ସାମାଜିକ ମୂଲ୍ୟବୋଧ

## ଗୟାଧର ଦାଶ

ବ୍ୟକ୍ତିକୁ ନେଇ ସମାଜ ଗଠିତ । ସମାଜ ଦ୍ୱାରା ବ୍ୟକ୍ତି ପରିପୁଷ୍ଟ । ବ୍ୟକ୍ତି ଓ ସମାଜ ଉଭୟ ପରସ୍ପରର ପରିପୂରକ । ସମାଜ ବିନା ବ୍ୟକ୍ତିର ପରିପୂର୍ଣ୍ଣତା ନାହିଁ, ବ୍ୟକ୍ତି ବିନା ସମାଜର ଅସ୍ତିତ୍ୱ ନାହିଁ । ସମାଜରେ ସମାଜ ନିଜେ ସମାଜ ସ୍ୱାତନ୍ତ୍ର୍ୟ ହୋଇ ରହେ ନାହିଁ ଏବଂ ବ୍ୟକ୍ତି ସମାଜରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ହୋଇ ରହିଲେ ସମାଜ ଚକ୍ଷୁରେ ସେ ଅଲଗା ହୋଇଯାଏ । ବ୍ୟକ୍ତି ଓ ସମାଜ ପରସ୍ପର ସମ୍ପଦର ଆଦାନ ପ୍ରଦାନରେ ପରିପୂର୍ଣ୍ଣତା ଲାଭ କରନ୍ତି ।

ସମାଜ ଏକ ଏକକ । ବ୍ୟକ୍ତି ଆତ୍ମା ପରି ଏହାର ଏକ ଆତ୍ମା ରହିଛି । ବ୍ୟକ୍ତି ଆତ୍ମାର ଅଭିବୃଦ୍ଧିରେ ସମାଜ ଆତ୍ମାର ଅଭିବୃଦ୍ଧି ଘଟିଲେ ବି ସମାଜ ଆତ୍ମା ଅଧିକ ବ୍ୟାପକ ଓ ଶକ୍ତିଶାଳୀ । ବ୍ୟକ୍ତିର ଆଦର୍ଶ, ମୂଲ୍ୟବୋଧ, ଚିନ୍ତାଧାରା, କାର୍ଯ୍ୟଧାରା ଓ ଚେତନାର ଅଗ୍ରଗତିରେ ସାମାଜିକ ଶୃଙ୍ଖଳା ଓ ବିକାଶର ଏକ ନୂତନ ଅଧ୍ୟାୟ ଖୋଲିଯାଏ । ବ୍ୟକ୍ତି ତା'ର ସାଧନା ଦ୍ୱାରା ଯାହାକିଛି ପାଏ, ତାହାକୁ ସମାଜକୁ ଦାନ ନକଲେ ତା'ର ଅଗ୍ରଗତି ହୁଏନା । ବ୍ୟକ୍ତିର ଦାନ ଦ୍ୱାରା କ୍ରମଶଃ ସମାଜ ପାଠାଗାରର ରଦ୍ଦି ଓ ଉଇ ଖାଇ ଯାଇଥିବା ପୁସ୍ତକଗୁଡ଼ିକ ବାଦ୍ ପଡ଼ିଯାଏ ଏବଂ ତା' ସ୍ଥାନରେ ନୂତନ ମୂଲ୍ୟବୋଧଭିତ୍ତିକ ପୁସ୍ତକମାନ ଶୋଭାପାଏ । ସେହି ପୁସ୍ତକଗୁଡ଼ିକୁ ପଢ଼ି ପ୍ରତ୍ୟେକ ବ୍ୟକ୍ତି ତଦନୁସାରେ ଆଚରଣ କରନ୍ତି । ଅନେକ ମହାତ୍ମା ବା ମହାପୁରୁଷମାନେ ସମୟାନୁକ୍ରମେ ଅନେକ ସଂସ୍କାର ମଧ୍ୟ ଆଣିଥା'ନ୍ତି । ଚେତନାର ଅଗ୍ରଗତିରେ ସମାଜ ବଗିଚାରେ ଅନେକ ଫୁଲ ଫୁଟେ, ଅନେକ ବି ମଉଳି ଯାଏ । ପୁରୁଣା ନୂଆକୁ ଦେଖି ପାରେନା, ବାଟ ଓଗାଳି ବସେ । ସେଥିପାଇଁ ନାନା ସଂଘର୍ଷର ସୂତ୍ରପାତ ହୁଏ । ଉଚ୍ଚତର ମୂଲ୍ୟବୋଧଗୁଡ଼ିକ ଧୀରେ ଧୀରେ ପ୍ରକାଶିତ ହୁଏ । ବ୍ୟକ୍ତି ଏଇ ମୂଲ୍ୟବୋଧକୁ ନେଇ ବଞ୍ଚେ, ନୂତନ ସଂକଳ୍ପର ଦିଶାରୀ ହେବା ପାଇଁ ଅଭୀପ୍ସା କରେ, ଅନ୍ତରସ୍ଥ ଶକ୍ତିରାଜିକୁ ପ୍ରୟୋଗ କରେ ।

ସମାଜରେ ପ୍ରତିଷ୍ଠିତ ମୂଲ୍ୟବୋଧଗୁଡ଼ିକୁ ନେଇ ବ୍ୟକ୍ତି ତା'ର ଜୀବନ ବଞ୍ଚେ ଓ ବୃଦ୍ଧିଲାଭ କରେ । ବୈଦିକ ସମାଜରେ ବ୍ୟକ୍ତି ସ୍ୱ-ଆଲୋକରେ ଆଲୋକିତ ହେବା ସଙ୍ଗେ ସଙ୍ଗେ ଅନ୍ୟକୁ ପ୍ରେରଣା ଯୋଗାଉ ଥିଲା । ଯାହା ବ୍ୟକ୍ତି ତଥା ସମାଜର ସ୍ୱାତନ୍ତ୍ର୍ୟକୁ ଅତୁଟ ରଖି ପାରୁଥିଲା ତାହା ଆଚରଣ ହୋଇ ରହୁଥିଲା; ଚରିତ୍ର ଗଠନର ମୌଳିକ ନିୟମ ହୋଇ ରହୁଥିଲା । ସେଇ ଅର୍ଥରେ ତୈତ୍ତିରୀୟ ଉପନିଷଦ୍‌ରେ କୁହାଯାଇଛି – ''ଯାନି ଅସ୍ମାକଂ ସୁଚରିତାନି ତାନି ତ୍ୱୟୋପାସ୍ୟାନି ନୋ ଇତରାଣି'' । ଅର୍ଥାତ୍ – 'ଆମର (ଗୁରୁଙ୍କର) ସତ୍ କର୍ମକୁ ଅନୁସରଣ କର, ଅନ୍ୟର ନୁହେଁ ।'

ମନୁଷ୍ୟ ଚିରନ୍ତନ କାଳରୁ ସତ୍ୟ, ଜ୍ଞାନ, ସ୍ୱାତନ୍ତ୍ର୍ୟ ଓ ଅମରତ୍ୱର ଅଭୀପ୍ସା କରି ଆସିଛି । ତାହା ପାଇବା ପାଇଁ ଅନେକ ପନ୍ଥା ଅନୁସରଣ କରିଛି । ବାଟ ଚାଲୁ ଚାଲୁ ପଡ଼ି ଯାଇଛି, ପୁଣି ଉଠିଛି । ଭିନ୍ନ ଭିନ୍ନ ଘାଟରୁ ପାଣି ପିଇ ଯିଏ ହଜମ କରିଦିଏ, ନାନା ଅଭିଜ୍ଞତାର ବୀଜ ବହନ କରି ସ୍ୱ-ଆଲୋକରେ ଆଲୋକିତ ହୋଇ ଯିଏ ସମାଜର ଗତିଧାରାକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଆଗକୁ ମାଡ଼ିଚାଲେ, ସେହିଁ ସମାଜର ବିକାଶଧାରାକୁ ତ୍ୱରାନ୍ୱିତ କରେ । ସମାଜ ମୁଖରେ ମିଥ୍ୟା ଓ ମାୟାର ରଙ୍ଗ ବୋଲି ସମାଜ ଠାରୁ ନିଜକୁ ପୃଥକ୍ କରି ଯିଏ ନିଜ ମୁକ୍ତିର ବାଟ ଖୋଜେ, ସେ ସମାଜ ପ୍ରତି ଘୋର ଅନ୍ୟାୟ କରେ । ସମାଜର ଅଗଣିତ ଜୀବନ୍ତ ସତ୍ତାଗୁଡ଼ିକୁ ଘୋର ଅନ୍ଧକାର ଭିତରେ ଛାଡ଼ିଦେଇ ସେଇ ବ୍ୟକ୍ତି ନିଜ ଅଭିବୃଦ୍ଧିର ବାଟ ଖୋଜିନେଇ ନିଜକୁ ଅହଂସର୍ବସ୍ୱ କରିଦିଏ । ଏହା ଏକ ସ୍ୱାର୍ଥପରତା, ଅହଂକାରର ମୁଆଁ ଖିଆ ମିଜାଜ ।

ବ୍ୟକ୍ତି ସମାଜକୁ ନୂତନ ରୂପ ଦିଏ । ସାମାଜିକ ମୂଲ୍ୟବୋଧରେ ବ୍ୟକ୍ତିର ଶିକ୍ଷା ବଳିଷ୍ଠ ହୁଏ । ଆତ୍ମ-ଶକ୍ତିରେ ବଳୀୟାନ୍ ହୋଇ ଆତ୍ମ-ଜ୍ଞାନ ଦ୍ୱାରା ବ୍ୟକ୍ତି ସମାଜର ଭୂତଗୁଡ଼ାକୁ ଚିହ୍ନି ସତ୍ୟ, ପ୍ରେମ ଓ ତ୍ୟାଗର ଅସ୍ତ୍ରରେ ସେମାନଙ୍କୁ ନାଶ କରିଥାଏ । ସେହିପରି କେତେକ ଆଦର୍ଶବାଦୀ ମହାତ୍ମା ଶିକ୍ଷାର ମାପକାଠିଗୁଡ଼ାକୁ ରୂପ ଦେଇ ଥାଆନ୍ତି । ସାମାଜିକ ମୂଲ୍ୟବୋଧ ଦ୍ୱାରା ବ୍ୟକ୍ତିତ୍ୱଟି ସୁଦୃଢ଼ ଓ ମହତ୍ ହୋଇଥାଏ । ଈଶୋପନିଷଦ୍‌ର ମହତ୍ ବାଣୀ ''ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍''ର ଆଦର୍ଶରେ ଯିଏ ବାଟ ଚାଲେ ସେ ସମସ୍ତଙ୍କର ନମସ୍ୟ ହୋଇଥାଏ ।

ଶିକ୍ଷା କେବଳ ମୂଲ୍ୟବୋଧକୁ ସୂଚାଏ ନାହିଁ । ଏହା ନିଜ ଭିତରେ ଓ ଅନ୍ୟ ସମସ୍ତଙ୍କ ଭିତରେ ଦିବ୍ୟ ମାନବତାର ଉପଲବ୍ଧିକୁ ସୁନିଶ୍ଚିତ କରାଏ । ପ୍ରଚଳିତ ଶିକ୍ଷାରେ ସାମାଜିକ ମୂଲ୍ୟବୋଧଗୁଡ଼ିକ ଧୀରେ ଧୀରେ ଲୋପ ପାଇବାରେ ଲାଗିଛି । ମସ୍ତିଷ୍କ ସହିତ ହୃଦୟର ତାଳମେଳ ରହୁ ନାହିଁ । ବାହ୍ୟ ଜୀବନଟି ବଦଳି ଗଲେ ନିଜର କିଂବା ସମାଜର ବିକାଶ ହୁଏନା । ବାହ୍ୟ ଜୀବନ ସହିତ ଆନ୍ତର ଜୀବନଟି ବଦଳିବା ଏକାନ୍ତ ଆବଶ୍ୟକ, ନଚେତ୍ ବାଲିସ୍ତୂପ ଉପରେ ବସିଥିବା ସମ୍ରାଟର ବୃଥା ଆସ୍ଫାଳନଟି ମହାପ୍ରକୃତିର ସାମାନ୍ୟ ଫୁତ୍କାରରେ ଅଚାନକେ ଧୂଳିସାତ୍ ହୋଇଯିବ । ନୈତିକତାର ଅଧଃପତନ ଘଟିବା ସଙ୍ଗେ ସଙ୍ଗେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମନୋମାଳିନ୍ୟ, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭାଇ, ଛାତ୍ର-ଶିକ୍ଷକଙ୍କ ମଧ୍ୟରେ ସଂଘର୍ଷ ଚାଲିଛି । ଏପରିକି ସମାଜ ସମାଜ ବିରୋଧରେ, ରାଜ୍ୟ ରାଜ୍ୟ ବିରୋଧରେ, ଦେଶ ଦେଶ ବିରୋଧରେ, ଜାତି ଜାତି ବିରୋଧରେ, ଅନୁଷ୍ଠାନ ଅନୁଷ୍ଠାନ ବିରୋଧରେ, ଧର୍ମ ଧର୍ମ ବିରୋଧରେ ଏବଂ ଆଦର୍ଶ ଆଦର୍ଶ ବିରୋଧରେ ସଂଗ୍ରାମ ଚଳାଇଛି । ଋକ୍‌ବେଦର ମହାନ୍ ବାଣୀ ''ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍'' ମୂଲ୍ୟହୀନ ହୋଇ ପଡ଼ୁଛି । ନୈତିକତାର ପ୍ରାଚୀର ଭାଙ୍ଗିଗଲେ ବି ନୈତିକତା କେବେ ମାନବ ଜୀବନରୁ ଲୋପ ପାଏ ନାହିଁ । ନୈତିକତାହିଁ ଆଧ୍ୟାତ୍ମିକତା ଆଡ଼କୁ ବାଟ ଦେଖାଏ । ଜୀବନକୁ ଶୃଙ୍ଖଳିତ କରିବା ସହ ସୁଶୃଙ୍ଖଳିତ ସମାଜ ଗଠନରେ ନୈତିକତା ଅନେକ ସାହାଯ୍ୟ କରିଥାଏ । ନୈତିକତାକୁ ଜାବୁଡ଼ି ଧରିବା ଏବଂ ଏହାକୁ ଶପଥ ରୂପେ ପାଳନ କରିବା ଏକ ଅନ୍ଧବିଶ୍ୱାସ । କାଳ, ପାତ୍ର ଓ ସ୍ଥାନ ବିଶେଷରେ ଏହାର ପରିବର୍ତ୍ତନ ହୋଇପାରେ । ସମାଜର ଭିନ୍ନ ଭିନ୍ନ ସ୍ତରରେ ସାମାଜିକ ମୂଲ୍ୟବୋଧକୁ ପ୍ରୟୋଗ କରିବାର କୌଶଳହିଁ ଶିକ୍ଷାର ଆଦର୍ଶ ।

ଶିକ୍ଷା ଏକ ସାଧନା, ଏକ ସଂକଳ୍ପ । ସମାଜକୁ ସୁସ୍ଥ ସବଳ କରିବା, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଏକ ଅତୁଟ ପ୍ରୀତିପୂର୍ଣ୍ଣ ଶାଶ୍ୱତ ସମ୍ପର୍କ ପ୍ରତିଷ୍ଠା କରିବା, ଆଦର୍ଶଗୁଡ଼ିକୁ ଠିକ୍ ଭାବରେ ରୂପ ଦେବା ଶିକ୍ଷାର ସଂକଳ୍ପ । ଛାତରେ କଣା ହେଲେ ସମଗ୍ର ଘରଟି ଯେପରି ବର୍ଷା ପାଣିରେ ନଷ୍ଟ ହୋଇଯାଏ, ସାମାଜିକ ମୂଲ୍ୟବୋଧଗୁଡ଼ିକ ଶିକ୍ଷାକ୍ଷେତ୍ରରୁ ଅପସରି ଗଲେ ଚରିତ୍ର ରୂପକ ଘରଟି ନଷ୍ଟ ହୋଇଯାଏ ।

ବୈଦିକ ଯୁଗରେ ଗୁରୁ ଓ ଶିଷ୍ୟ ପରସ୍ପରର ପରିପୂରକ ରୂପେ କାର୍ଯ୍ୟ କରୁଥିଲେ । ଦୁଇଜଣଯାକ ସମାଜର ହିତ ପାଇଁ ଚିନ୍ତା କରୁଥିଲେ । ଭୋଗ ପରିବର୍ତ୍ତେ ତ୍ୟାଗରେହିଁ ଆନନ୍ଦ ଥିଲା । ଦୁଇଜଣଙ୍କର ''ସହ ନାବବତୁ, ସହ ନୌ ଭୁନକ୍ତୁ, ସହ ବୀର୍ଯ୍ୟଂ କରାବାବହୈ, ତେଜସ୍ୱି ନାବଧୀତମସ୍ତୁ, ମା ବିଦ୍ୱିଷାବହୈ, ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ''ର ପ୍ରାର୍ଥନାରେ ଏକ ନୂତନ ସମାଜର କଳ୍ପନା ଥିଲା ।

ଶିକ୍ଷକ ଓ ଶିକ୍ଷାର୍ଥୀ ଶିକ୍ଷାର ଦୁଇଟି ଅଙ୍ଗ । ଶିକ୍ଷକ ଓ ଶିକ୍ଷାର୍ଥୀର ମଧୁର ସମ୍ପର୍କରେ ଶିକ୍ଷାର ସୃଷ୍ଟି । ପରସ୍ପର ଭିତରେ ଭାବର ଆଦାନ ପ୍ରଦାନହିଁ ପ୍ରକୃତ ଶିକ୍ଷାର ବାଟ ଫିଟାଇ ଦିଏ । ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟହିଁ ସାମାଜିକ ମୂଲ୍ୟବୋଧର ପୃଷ୍ଠପୋଷକ । ଶିକ୍ଷକ ଆଲୋକ ବର୍ତ୍ତିକା ପରି ଶିକ୍ଷାର୍ଥୀ ଆଗରେ ଆଦର୍ଶ ହୋଇ ଛିଡ଼ା ହୁଏ ଏବଂ ଶିକ୍ଷାର୍ଥୀ ଶିକ୍ଷକର ପ୍ରେରଣାରେ ଆଗକୁ ମାଡ଼ି ଚାଲେ । ପ୍ରେରଣା ଦୀପରୁ ତେଲ ସରିଗଲେ ଶିକ୍ଷକ ନିଜେ ନିଜେ ଆତ୍ମଗ୍ଲାନିରେ ଅନୁତପ୍ତ ହେବା ସଙ୍ଗେ ସଙ୍ଗେ ଉପଯୁକ୍ତ ପ୍ରେରଣାର ଅଭାବରେ ଶିକ୍ଷାର୍ଥୀ ବିଶୃଙ୍ଖଳିତ ହୋଇଥାଏ ।

ଶିକ୍ଷା ଶ୍ରଦ୍ଧାରୁହିଁ ଜନ୍ମ ନିଏ । ଶିକ୍ଷାର ଘୋଡ଼ାକୁ ବାହ୍ୟ ସଫଳତା, ଜୀବିକାର୍ଜନ ବୃତ୍ତି ଓ ଅର୍ଥ ଉପାର୍ଜନର ଲଗାମ ଦ୍ୱାରା ଚାଳନା କରିବା ପରିବର୍ତ୍ତେ ସତ୍ୟ, ସଂହତି ଓ ସ୍ୱାତନ୍ତ୍ର୍ୟ ଦ୍ୱାରା ଚାଳନା କଲେ ଶିକ୍ଷାର ମାନ ବଢ଼ିବ । ବ୍ୟକ୍ତି ଆଦର୍ଶ ଓ ସାମାଜିକ ଆଦର୍ଶର ମଧୁର ମିଳନରେ ଏକ ଆଦର୍ଶ ସମାଜ ପ୍ରତିଷ୍ଠିତ ହୋଇ ପାରିବ । ଶିକ୍ଷାର୍ଥୀ ଆଗରେ ଶିକ୍ଷକ, ମାତାପିତା ଓ ସଙ୍ଗଠକମାନେ ଦର୍ପଣ ସଦୃଶ । ଦର୍ପଣ ଯେତେ ସ୍ୱଚ୍ଛ ହେବ ପ୍ରତିବିମ୍ବ ସେଇ ଅନୁସାରେ ନିଜର ରୂପ ନେବ । ବିଦ୍ୟାଳୟରୁ ବିଦ୍ୟାର ବିଲୟ ନହେଉ ! ଏହା ଏକ ତଥ୍ୟକେନ୍ଦ୍ର (Information Centre) ନହୋଇ ଜୀବନଧାରାର ପ୍ରସ୍ତୁତି ପଥ ହେଉ । ଶିକ୍ଷାର୍ଥୀ ବିଦ୍ୟାଳୟର ଭୂମି ଉପରୁ ଚତୁର୍ଦ୍ଦିଗକୁ ଆଖି ମେଲାଇ ଦେଖିବାର ଶକ୍ତି ଅର୍ଜନ କରୁ । ଆତ୍ମାର ବିଧାନକୁ ଜୀବନରେ ପ୍ରୟୋଗ କରିବା ସକାଶେ ସଂକଳ୍ପ ଜାତ ହେଉ । ଜ୍ଞାନ, ଶକ୍ତି, ଐକ୍ୟ ଓ ପ୍ରେମର ମନ୍ତ୍ରରେ ଦୀକ୍ଷିତ ହେଲେ ଦିବ୍ୟ ସମାଜ ଗଠନର ପ୍ରକ୍ରିୟାଟି ତ୍ୱରାନ୍ୱିତ ହୋଇ ପାରିବ । ଆତ୍ମାର ବିଧାନ ହେଉଛି ଦିବ୍ୟ ସମାଜ ଗଠନର ବିଧାନ । ଏହି ଅନ୍ତରାତ୍ମାର ପ୍ରଭାବ ଆମର ଚିନ୍ତା, ଭାବନା ଓ କାର୍ଯ୍ୟ ଉପରେ ଅନବରତ ପଡ଼ୁଛି; କିନ୍ତୁ ଆମେ ସେଥିପ୍ରତି ସଚେତନ ନୁହଁନ୍ତି । ଏହି ଆତ୍ମ ସଚେତନତା ବା ଆତ୍ମ ଜାଗୃତିହିଁ ଅସଲ ଯୋଗ

ସାଧନା । ଏହି ଦିଗରେ ଆମର ନିରନ୍ତର ନିଷ୍ଠାପର ପ୍ରୟାସହିଁ ବ୍ୟକ୍ତି ଓ ସମାଜର ପରିପୂର୍ଣ୍ଣତାକୁ ନୂତନ ରୂପ ଦେବ । ଆମର ଆଦର୍ଶ ଆମର ଆଚରଣରେ ପ୍ରତିଫଳିତ ହେଲେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସାର୍ଥକ ଅନୁଭୂତି ଲାଭ ହୁଏ । ମଣିଷ ମଣିଷକୁ ଭଲପାଇ ବସେ, ସମାଜରେ ଥିବା ନାନା ଅସଙ୍ଗତିର ଚେରଗୁଡ଼ାକ ଧୀରେ ଧୀରେ ଛିଣ୍ଡିଯାଏ ଏବଂ ଦିବ୍ୟ ସମାଜର ସମ୍ଭାବନାଗୁଡ଼ିକ ଆଖି ଆଗରେ ନାଚିଉଠେ । ମା' କହନ୍ତି :

"According to the nature of the action, it brings you near to the Divine or takes you away from Him, and that is the supreme consequence." (MCW, Vol. 14, p. 24)

ଅର୍ଥାତ୍, ''ତୁମ କର୍ମର ଭାବ ବା ଗୁଣ ଅନୁସାରେ ତୁମେ ଭଗବାନଙ୍କର ନିକଟବର୍ତ୍ତୀ ହୁଅ କିଂବା ତାଙ୍କଠାରୁ ଦୂରେଇ ଯାଅ ଏବଂ ତାହାହିଁ ସର୍ବଶ୍ରେଷ୍ଠ ପରିଣାମ ।''

ସେଥିପାଇଁ ତୈତ୍ତିରୀୟ ଉପନିଷଦ୍‌ରେ କୁହାଯାଇଛି, ''ଯାନି ଅନବଦ୍ୟାନି କର୍ମାଣି, ତାନି ସେବିତବ୍ୟାନି, ନୋ ଇତରାଣି ।'' ଅର୍ଥାତ୍, ''ଯେଉଁ କର୍ମ ତୁମକୁ ସଂସାରରେ ନିନ୍ଦନୀୟ କରିବ ତାହା କର ନାହିଁ ।'' ନିନ୍ଦାରହିତ କର୍ମ କରିବା ଭଲ; କିନ୍ତୁ ନିନ୍ଦା ପ୍ରଶଂସାର ଉର୍ଦ୍ଧ୍ୱକୁ ଉଠି ଆତ୍ମାର ବିଧାନକୁ ଅନୁସରଣ କରି ବାଟ ଚାଲିଲେ ଜୀବନ ପଥଟି କୁସୁମିତ ହେବା ସଙ୍ଗେ ସଙ୍ଗେ ସମାଜ ଚେତନାର ଏକ ଅଭିନବ ଅଭ୍ୟୁଦୟ ଘଟିବ । ❑

## ଈଶ୍ୱର କିଏ ?

ଓଶୋଙ୍କୁ ଥରେ କେହି ଜଣେ ପ୍ରଶ୍ନ କଲେ – ଈଶ୍ୱର ଯଦି ଅଛନ୍ତି, ତେବେ କହନ୍ତୁ କେଉଁ ରୂପରେ ?

ଓଶୋ କହିଲେ – ଆମେମାନେ ଯଦି ଈଶ୍ୱରଙ୍କୁ ଏକ ବ୍ୟକ୍ତିସତ୍ତା ବୋଲି ଭାବିନେବା ତେବେ ବିରାଟ ଭୁଲ୍ କରି ବସିବା । ଏମିତି ହେଲେ ତାଙ୍କୁ ପ୍ରମାଣ କରିବାକୁ ନାସ୍ତିକମାନଙ୍କ ସହିତ ଯୁକ୍ତି କରିବାକୁ ହେବ । ଏବଂ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ଯୁକ୍ତିତର୍କରେ କୌଣସି ଆସ୍ତିକ କେବେହେଲେ ବି ବିଜୟୀ ହୋଇ ନାହାନ୍ତି । ତେଣୁ, ଏହା କେବଳ ଅନୁଭବର କଥା; ଯାହାକୁ ଶବ୍ଦ ଦ୍ୱାରା ପରିଭାଷିତ କରାଯାଇ ପାରିବ ନାହିଁ ବା ଯୁକ୍ତି ଦ୍ୱାରା ସାବ୍ୟସ୍ତ କରାଯାଇ ପାରିବ ନାହିଁ ।

ତେବେ, ଈଶ୍ୱର କିଏ ? ସହଜ ଭାବରେ ଏତିକି ବୁଝି ହେବ ଯେ ଈଶ୍ୱର ହେଉଛନ୍ତି ସେହି ଅସାମାନ୍ୟ ବୁଦ୍ଧିମତ୍ତା ଯାହା ବିଦ୍ୟମାନ ରହି ସମସ୍ତଙ୍କ ଅଲକ୍ଷ୍ୟରେ ତା'ର ବାଟରେ ଏ ବିରାଟ ଜଗତକୁ ଚଳାଇ ରଖିଛି । ଏହି ବୁଦ୍ଧିମତ୍ତାର ଛୋଟ ପ୍ରତିରୂପ ଭାବେ ଗୋଟିଏ କ୍ଷୁଦ୍ର ବୀଜକୁ ନିଅନ୍ତୁ । ମାଟିରେ ନ ପଡ଼ିଲା ଯାଏଁ ତାହା ନିର୍ଜୀବ ଭଳି ରହିଥାଏ, କିନ୍ତୁ ତା' ଭିତରେ ଯେଉଁ ବୁଦ୍ଧିମତ୍ତା ନିହିତ ଥାଏ, ତାହା ମାଟିରେ ପଡ଼ିଲା ପରେ ଫୁଟି ବାହାରେ ଏବଂ ତାହା ଏକ ଅରଣ୍ୟ ସୃଷ୍ଟି କରି ଦେଇପାରେ ।

କୌଣସି ଜ୍ଞାନ ବୀଜକୁ ଶିଖାଇ ନଥାଏ ଯେ ତାହା ମାଟି ତଳେ ଏତିକି ବାଟ ବିସ୍ତାର ଲାଭ କରିବ ବା ଏଇ ଦିଗରେ ଗଲେ ପାଣିର ଉତ୍ସ ମିଳିବ ବା ଗଛକୁ କେତେ ଉଚ୍ଚତା ଯାଏ ମେଲାଇବ ବା ଫଳ ବା ପୁଷ୍ପ କେଉଁଠି ଧାରଣ କରିବ ! କିନ୍ତୁ ବୀଜ ତାହା ଅତି ଦକ୍ଷତାର ସହିତ କରେ ।

ସେହି ବୁଦ୍ଧିମତ୍ତା ହିଁ ଈଶ୍ୱର । 'ବିରାଟ ବ୍ରହ୍ମାଣ୍ଡ'ର ପରିଚାଳନାରେ ଯେଉଁ ଅପୂର୍ବାନୁମେୟ ବୁଦ୍ଧିମତ୍ତା ରହିଛି, ତାହାହିଁ ଈଶ୍ୱର । •

# ପୁଣି ସେଇ ପରୀକ୍ଷା

## ପ୍ରସାଦ ତ୍ରିପାଠୀ

ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଲା – ପୁଣି ପରୀକ୍ଷା ହେବ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରେ । ପରୀକ୍ଷାର ଧାରା ବଦଳିବ, ମାତ୍ର ହେବ ସେଇ ପରୀକ୍ଷା । ମାର୍କକୁ ବାଣ୍ଟି ଦିଆଯିବ ମୌଖିକ, ଆକ୍ଟିଭିଟି ଏବଂ ଲିଖିତ, ମାତ୍ର ମୋଟ ମାର୍କ ୧୦୦ । ଫର୍ମେଟିଭ୍, ସମ୍ମେଟିଭ୍ ପରୀକ୍ଷା ହେବ । ପିଲାମାନଙ୍କ ସମ୍ପର୍କରେ ଅସ୍ୱାଭାବିକ ମନୋଭାବକୁ କିଂବା ଧାରଣାକୁ ଗୁରୁତ୍ୱ ଦିଆଯିବ । ପରୀକ୍ଷାରେ ପାସ ଫେଲ୍ ରହିବ କିନ୍ତୁ କୁହାଯିବ ନାହିଁ । ତାକୁ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ସେ ଦୁର୍ବଳ ବୋଲି କୁହାଯିବ ଏବଂ ସେଥିପାଇଁ ଅଧିକ କ୍ଲାସ କରି ଆଉ ଥରେ ସପ୍ଲିମେଣ୍ଟାରୀ ପରୀକ୍ଷା କରାଯିବ । ସେଥିରେ ସମସ୍ତଙ୍କୁ କୃତକାର୍ଯ୍ୟ କରାଯିବ । ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଯେତିକି ଦକ୍ଷତା ଦରକାର, ସେତିକି ଅନ୍ତତଃ ସବୁ ପିଲାଙ୍କୁ ହାସଲ କରିବାକୁ ପଡ଼ିବ ।

ମାତ୍ର ଏସବୁ କରିବ କିଏ ? ଯେଉଁମାନେ କରିବେ, ସେମାନେ ସ୍କୁଲମାନଙ୍କର ଶିକ୍ଷକ/ଶିକ୍ଷୟିତ୍ରୀ । ମାତ୍ର ସେମାନେ ପ୍ରକୃତରେ ଏସବୁ ଆଗ୍ରହର ସହିତ କରି ପାରିଲେ ଏତେ ଆୟୋଜନ ପ୍ରଭୃତି ଆଦୌ ଆବଶ୍ୟକ ପଡ଼ନ୍ତା ନାହିଁ; ନଚେତ୍ ସବୁ ଶେଷରେ ଗୋଟିଏ ପ୍ରହସନ ହୋଇଯିବ । କାରଣ ଏସବୁ କାର୍ଯ୍ୟକ୍ରମର ସିଦ୍ଧାନ୍ତ କରିବା ପୂର୍ବରୁ ଏକଦମ ତଳ ସ୍ତରରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି, ଅର୍ଥାତ୍ ପ୍ରାକ୍ ପ୍ରାଥମିକ, ପ୍ରାଥମିକ ପ୍ରଭୃତି ଶ୍ରେଣୀରେ ଯେଉଁମାନେ ଅଧ୍ୟାପନା କରୁଛନ୍ତି ସେମାନଙ୍କ ସହିତ ପରାମର୍ଶ କରି କିଂବା ସେମାନଙ୍କୁ ସାଙ୍ଗରେ ନେଇ ଏ କାର୍ଯ୍ୟର ସିଦ୍ଧାନ୍ତ ନିଆଯାଇଛି କି ? କାରଣ ସେଇମାନେହିଁ ପ୍ରକୃତରେ ସମସ୍ତ ସମସ୍ୟା ଜାଣିଥିବେ, ଅନୁଭବ କରୁଥିବେ ଏବଂ ସମାଧାନ କରୁଥିବେ ।

ଆମେ ବେଶ୍ ଦେଖି ସାରିଲୁଣି ଯେ ପରୀକ୍ଷାକୁ ଏହି ଧାରାରେ କରିବା ପାଇଁ ଅତୀତରେ ଚେଷ୍ଟା କରି କି ପ୍ରକାରର ଲୋକହସା ହେଲୁ । ଯିଏ ପ୍ରଶ୍ନପତ୍ରସବୁ ପ୍ରସ୍ତୁତ କଲେ, ସେହିଁ ପ୍ରଘଟ କଲେ । ବୋର୍ଡ଼ କର୍ତ୍ତୃପକ୍ଷଙ୍କ ଉଚ୍ଚପଦସ୍ଥ ଅଧିକାରୀ ଏହି କାରଣରୁ ଜେଲରେ । ଏବେ ପୁଣି ସେହିଭଳି ଦଳେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କୁ ନେଇ ଗୋଟିଏ ରାଜ୍ୟସ୍ତରୀୟ କମିଟି ଏବଂ ଗୋଟିଏ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି । ପ୍ରକୃତରେ କମିଟିରେ ଯେଉଁମାନେ ଅଛନ୍ତି ସେମାନଙ୍କର ଏପରି କର୍ମ ସହିତ କୌଣସି ସିଧାସଳଖ ସମ୍ପର୍କ ନାହିଁ, କିନ୍ତୁ ଯେହେତୁ ସେମାନେ ଦାୟିତ୍ୱରେ ଅଛନ୍ତି ତେଣୁ ତାଙ୍କ ନାମକୁ କମିଟିରେ ଦିଆ ଯାଇଛି । ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରେ ଯେଉଁ ପରୀକ୍ଷା ହେବ ତାହା ମୁଖ୍ୟତଃ ସରକାରୀ ତଥା ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲମାନଙ୍କରେ ହିଁ ଲାଗୁ କରାଯିବ । ମାତ୍ର ଯେଉଁମାନେ ଏହି ନିୟମ ପ୍ରଚଳନ କରୁଛନ୍ତି ସେମାନଙ୍କର ପିଲାମାନେ କେହି ଏହି ସ୍କୁଲମାନଙ୍କରେ ପାଠ ପଢୁ ନାହାନ୍ତି କିଂବା ତାଙ୍କର ସେହିଭଳି ସ୍କୁଲର ପାଠପଢ଼ା ଉପରେ ବିଶ୍ୱାସ ନାହିଁ । ଯଦିଓ ରାଜ୍ୟର ଅସଂଖ୍ୟ ଶିକ୍ଷାକେନ୍ଦ୍ରରେ ଏହା ପ୍ରଚଳନ ହେବ ତଥାପି ଏଥିରେ ବିଶ୍ୱାସ ନଥିବା ଭଳି କିଛି ବ୍ୟକ୍ତି ରହିବେ, ଯେଉଁମାନେହିଁ ଏହି କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବେ ।

ଅତ୍ୟନ୍ତ ଅସ୍ୱାଭାବିକ କଥା ଯେ ଯେଉଁ ପ୍ରାଥମିକ ଶ୍ରେଣୀର ଶିକ୍ଷକ/ଶିକ୍ଷୟିତ୍ରୀମାନେ ବର୍ଷ ବର୍ଷ ଧରି ଏହି କାର୍ଯ୍ୟର ଦାୟିତ୍ୱରେ ଅଛନ୍ତି, ଯେଉଁମାନେ ସାନ ପିଲାମାନଙ୍କ ଦାୟିତ୍ୱରେ ପଚିଶି, ତିରିଶ ବର୍ଷ ରହି ପିଲାମାନଙ୍କର ବ୍ୟକ୍ତିତ୍ୱର ସମସ୍ତ ଦିଗଗୁଡ଼ିକ ସହିତ ଖୁବ୍ ଭଲ ଭାବରେ ପରିଚିତ ହୋଇ ସାରିଛନ୍ତି, ସେମାନଙ୍କ ସହିତ ଆଦୌ ପରାମର୍ଶ ନକରି ସେମାନଙ୍କର ମତାମତ ନିଆ ନହୋଇ ପ୍ରାଥମିକ ଶ୍ରେଣୀ ପାଇଁ ବିଭିନ୍ନ ନିୟମ, ପ୍ରସ୍ତାବ, ସିଦ୍ଧାନ୍ତ ପ୍ରଭୃତି NEP ଆଳରେ କରାଯାଇଛି । ଅନ୍ତତଃ ପ୍ରାଥମିକ ଶିକ୍ଷାର ସମସ୍ତ ଦିଗ ପ୍ରତି ସେମାନଙ୍କର ମତାମତ ନିଆଯାଇ ପାରି ଥାଆନ୍ତା କିଂବା ଯେଉଁମାନେ ଦୈନିକ ସେ କାର୍ଯ୍ୟରେ ନିୟୋଜିତ ହୋଇ ଅଛନ୍ତି, ସେମାନେ ହିଁ ଏ ବିଷୟରେ କିଛି ସୂଚନା ଦେଇ ପାରିଥା'ନ୍ତେ । ସରକାର ଗୋଟିଏ କମିଟି ଗଠନ କଲେ, ଯେଉଁଥିରେ ରହିଥିବା ସଭ୍ୟ/ସଭ୍ୟାମାନେ କେବେ ବି ସ୍କୁଲରେ ସାନପିଲାମାନଙ୍କ ମୁହଁ ଦେଖି ନଥିବେ । ସେମାନେ ଶିକ୍ଷାକେନ୍ଦ୍ରର ହୁଏତ ପରିଚାଳକ ଥିବେ କିଂବା ନିୟାମକ ଥିବେ କିଂବା ତତ୍ତ୍ୱାବଧାରକ ହୋଇଥିବେ । ରାଜ୍ୟର ମାନ୍ୟଗଣ୍ୟ ଶିକ୍ଷାବିତ୍‌ମାନେ ଶିକ୍ଷା-ଦର୍ଶନ ସମ୍ପର୍କରେ ନିଜର ମତାମତ ଦେଇ ପାରିବେ, ମାତ୍ର ପ୍ରାଥମିକ ଶ୍ରେଣୀର

ପିଲାମାନଙ୍କର ଆବଶ୍ୟକତା ସମ୍ପର୍କରେ ସେମାନେ କିପରି ନିଜର ଉଚିତ ମତାମତ ଦେଇପାରିବେ ?

ପୁଣି ପରୀକ୍ଷା ସମ୍ପର୍କରେ ଆଲୋଚନା କରିବା । ଗତ ମାଟ୍ରିକ୍, କାଉନ୍‌ସିଲ ପ୍ରଭୃତି ପରୀକ୍ଷାରେ ଯେପରି ଭାବରେ ବ୍ୟବସ୍ଥା କରାଯାଇଥିଲା – ଏଠାରେ ମଧ୍ୟ ପାଖାପାଖି ସେଇ ବ୍ୟବସ୍ଥା କରାଯାଇଛି । ପରୀକ୍ଷାର କେତେଦିନ ପୂର୍ବରୁ ପ୍ରଶ୍ନପତ୍ର ଛପା ହେବ, କେତେଦିନ ପୂର୍ବରୁ ହବ୍ ସେଣ୍ଟରମାନଙ୍କୁ ପଠାହେବ, କେତେଦିନ ପୂର୍ବରୁ ଶିକ୍ଷାକେନ୍ଦ୍ରମାନଙ୍କ ପାଖକୁ ପଠାହେବ । ସବୁ ସ୍ଥାନରେ ଷ୍ଟ୍ରଙ୍ଗ୍ ରୁମ୍‌ରେ ସିଲ୍‌ଡ ଆଲମିରାରେ ପ୍ରଶ୍ନ ରହିବ । ଏସବୁ ପଛରେ ଥିବା ଅସଲ ରହସ୍ୟ କିଛି ବୁଝି ହେଉ ନାହିଁ । କୋଟି କୋଟି ସଂଖ୍ୟାରେ ପ୍ରଶ୍ନପତ୍ର ଛପା ହେବା ମାଧ୍ୟମରେ ଅନେକ ପ୍ରକାରର ଅବାଞ୍ଛିତ କାର୍ଯ୍ୟ ମଧ୍ୟ ଘଟିବା ଆଦୌ ଆଶ୍ଚର୍ଯ୍ୟ ନୁହେଁ । ପ୍ରଶ୍ନପତ୍ର କିଏ ପ୍ରସ୍ତୁତ କରିବେ, କିଏ ଛାପିବେ, କେଉଁ ପ୍ରେସ ସେ ଦାୟିତ୍ୱ ନେବେ – ଏସବୁ ସିଦ୍ଧାନ୍ତ କରିବା ବର୍ତ୍ତମାନ ଆଉ ସହଜ ହୋଇ ନାହିଁ । କାରଣ ସବୁ ଅବସ୍ଥାରେ ପ୍ରବଳ ଭାବରେ ଅସ୍ୱାଭାବିକ ଘଟଣା ଘଟିବା ଅତ୍ୟନ୍ତ ସ୍ୱାଭାବିକ ।

ନୂତନ ଶିକ୍ଷା ପଦ୍ଧତିରେ ପିଲାମାନଙ୍କୁ ସ୍ୱାଚ୍ଛନ୍ଦ୍ୟରେ ଏବଂ ଖୁସିରେ ପାଠ ପଢ଼ିବା ଏବଂ ପରୀକ୍ଷା ଦେବା ନିମନ୍ତେ ଅନେକ ବ୍ୟବସ୍ଥା ଅଛି । ମାତ୍ର ତଥାପି ଦୁଇଟି ପରୀକ୍ଷା, ପୁଣି ପରୀକ୍ଷାରେ ଖରାପ ହେଲେ ସପ୍ଲିମେଣ୍ଟାରୀ ତଥା ଦୁର୍ବଳ ବିଷୟଗୁଡ଼ିକରେ ଅତିରିକ୍ତ କ୍ଲାସ ପ୍ରଭୃତି କରି ସମୟ ନଷ୍ଟ କରିବାର କ'ଣ ଆବଶ୍ୟକତା ଅଛି ? ଯଦି ସମସ୍ତେ ନିଜ ସ୍କୁଲରେ ସବୁ ବିଷୟରେ ପରୀକ୍ଷା ଦେବେ ତେବେ ସେଠାରେ ସରକାରୀ ଧାରା ପ୍ରସ୍ତୁତ କରିବାର ଆବଶ୍ୟକତା କ'ଣ ? ନିଜେ ନିଜ ଧାରାରେ ଅତ୍ୟନ୍ତ ସଚ୍ଚୋଟ ଭାବରେ ଗୋଟିଏ ସୁନ୍ଦର ପରୀକ୍ଷା କ'ଣ ଆମେ କରିପାରିବା ନାହିଁ ?

ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀମାନେ ପ୍ରକୃତରେ ଅତ୍ୟନ୍ତ ନିଷ୍ଠାପର ହେଲେହିଁ ଏହି କାର୍ଯ୍ୟଟି କରିପାରିବେ, ସେମାନଙ୍କୁ ସେ ଦିଗରେ ପ୍ରସ୍ତୁତ ହେବା ପାଇଁ ଚେଷ୍ଟା କରାଯାଉ ନାହିଁ; କିନ୍ତୁ ତାଙ୍କ ପାଇଁ ସବୁ ନିୟମକାନୁନ ଖଞ୍ଜା ଯାଉଛି । ଶିକ୍ଷାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଲା ନିଷ୍ଠାପରତା ଏବଂ ଆତ୍ମୀୟତା । ଏଇ ଦୁଇଟି ଯଦି ଅଛି ତେବେ ଆଉ କିଛି ଆବଶ୍ୟକ ନାହିଁ । ଆଉ ଯଦି ଏ ଦୁଇଟି ନାହିଁ ତେବେ କିଛି ବି କରିବା ସମ୍ଭବ ହେବ ନାହିଁ । ପରୀକ୍ଷା ପାଇଁ ସରକାର ଅତି କଷ୍ଟ କରି ଯେଉଁ ବିଧାନ ସୃଷ୍ଟି କରୁଛନ୍ତି, ସେସବୁକୁ ଉଲ୍ଲେଖ କରୁଥିବା ଅଧିକାରୀମାନେ କାର୍ଯ୍ୟରେ ପରିଣତ କରିବେ ନାହିଁ । ଆଉ ଯେଉଁମାନେ କରିବେ ସେମାନଙ୍କୁ ଚିନ୍ତା କରିବାକୁ ସୁଯୋଗ ନାହିଁ ।

ଗୋଟିଏ ଶିକ୍ଷକ ବା ଶିକ୍ଷୟିତ୍ରୀ ତା' ଶ୍ରେଣୀରେ ଯେକୌଣସି ପିଲା ସମ୍ପର୍କରେ ଏକ ସାମଗ୍ରିକ ଧାରଣା ପ୍ରକାଶ କରିବାଠାରୁ ଅଧିକ ଉତ୍ତମ ଭାବରେ କୌଣସି ପରୀକ୍ଷା କେବେହେଲେ ସେ ସମ୍ପର୍କରେ ସୂଚନା ଦେଇ ପାରିବ ନାହିଁ । ଏପରିକି ଆଦୌ ପରୀକ୍ଷା ନକରି ମଧ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ତାଙ୍କ ଛାତ୍ରଛାତ୍ରୀମାନଙ୍କର ପ୍ରତ୍ୟେକ ବିଷୟରେ ମଧ୍ୟ ଷ୍ଟାଣ୍ଡାର୍ଡ଼ କହି ଦେଇପାରିବେ । ତେଣୁ ଏତେ ଜଟିଳତା ସୃଷ୍ଟି ନକରି ଅନ୍ତତଃ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଉପରେ ଏକ ସର୍ବନିମ୍ନ ବିଶ୍ୱାସ ରଖି ପରୀକ୍ଷା ବିଷୟରେ ଯଦି ଚିନ୍ତା କରାଯାଆନ୍ତା ତେବେ ଏସବୁ ଅନାବଶ୍ୟକ ଜଟିଳତାର କୌଣସି ପ୍ରଶ୍ନ ଉଠନ୍ତା ନାହିଁ ।

❑❑❑

ପ୍ରଜ୍ଞାମୟ ପରିପୂର୍ଣ୍ଣତାର ପ୍ରକୃତି ହେଉଛି ଆଧ୍ୟାତ୍ମିକ; ତାହାକୁ ଏହି ଶରୀରରେହିଁ ଉପଲବ୍ଧି କରିବାକୁ ହେବ; ଏବଂ ସ୍ଥୂଳ ଜଗତର ଜୀବନ ହେଉଛି ତାହାର ଅନ୍ୟତମ କ୍ଷେତ୍ର; ଯଦିଓ ପ୍ରଜ୍ଞା ଦ୍ୱାରା ବହିର୍ଜଗତ ଭିନ୍ନ ବହୁ ପ୍ରକାରର ସ୍ତରସବୁ ଓ ଅନେକ ପ୍ରକାରର ଜଗତସବୁ ଆମ ସମ୍ମୁଖରେ ପ୍ରତିଭାତ ହୁଅନ୍ତି । ସ୍ଥୂଳ ଶରୀର କାର୍ଯ୍ୟର ଏକ ଭିତ୍ତି ବା ପ୍ରତିଷ୍ଠା; ଯାହାକୁ ଆଧ୍ୟାତ୍ମିକ ବିବର୍ତ୍ତନରୁ ଅନ୍ତର କରିହେବ ନାହିଁ ବା ଉପେକ୍ଷା କରିହେବ ନାହିଁ । ପୃଥିବୀପୃଷ୍ଠରେ ସଂପୂର୍ଣ୍ଣ ଦିବ୍ୟଜୀବନର ବାହ୍ୟଯନ୍ତ୍ର ହେବା ନିମନ୍ତେ ଶରୀରର ପୂର୍ଣ୍ଣତାପ୍ରାପ୍ତି ଦିବ୍ୟ ରୂପାନ୍ତରର ଏକ ଅଙ୍ଗବିଶେଷ ।

– ଶ୍ରୀଅରବିନ୍ଦ

# ପଥ ଦୁଇ

## ସନ୍ତୋଷ ରଥ

ଗୋଟିଏ ଛୋଟ ପିଲାକୁ ଯୋଗର ଅର୍ଥ ବୁଝାଇବା ପାଇଁ
ମା’ ଏହି ଛବିଟି ଆଙ୍କିଥିଲେ । ମଣିଷ ରହିଛି ତଳେ,
ଭଗବାନ୍ ଉପରେ । ଅଙ୍କାବଙ୍କା ରେଖାଟି ସାଧାରଣ ଜୀବନ,
ସଳଖ ରେଖାଟି ଯୋଗ ଜୀବନ ।



A diagram by the Mother to explain to
a child the meaning of Yoga.
Man is at the bottom, the Divine at the top.
The wavy line is the path of the ordinary
life, the straight line the path of Yoga.

(The Mother, Painting and Drawing : p. 148)

ଜନମିଲେ ଥରେ     ମରତ ଭୂଇଁରେ
ପଛା କେହି ଅର୍ଜି ନାହିଁ
ଥିଲେ ବି ଫାଟକ     ନ ରୁହ ଅଟକ
ଡାକ ଶୁଭେ ରହି ରହି । (୧)

ସଜିଲ ରହିଛି     ପଥ ଦୁଇ ଗୋଟି
ଫେରନ୍ତା ଯାତ୍ରୀ ପାଇଁ
ନ ବୁଝେ ମଣିଷ     ନିହିତ ରହସ୍ୟ
ଭେଟିବାକୁ ହେଲେ ସାଇଁ । (୨)

ଅଙ୍କାବଙ୍କା ପଥ     ରଙ୍କା ପଥିକର
ମନ୍ଥର ହୁଅଇ ଗତି
ହେଲେ ବାଟବଣା     ନ ହୁଏ ଭରଣା
ଆୟୁଷଟା ଯାଏ ବିତି । (୩)

ଯୋଗୀର ଚୟନ     ସଳଖ ଅୟନ
ଉଜାଣିରେ ନାହିଁ ଭୀତି
ହେଲେ ବି କଠିନ     ଜୀବନ ନିଦାନ
ଉଚ୍ଛୁରରୁ ମିଳେ ମୁକ୍ତି । (୪)

ବିଚ୍ଛେଦୁ ମିଳନ     ତତ୍ତ୍ୱ ଚିରନ୍ତନ
ପଥ କିନ୍ତୁ ଭିନ୍ନ ଭିନ୍ନ
ନିଜେ ହିଁ ନିଜର     କଷଟି ପଥର
ସମ୍ପଦର ସୌଦାଗର । (୫) ❑

[ଶ୍ରୀମାଙ୍କ ପ୍ରଦତ୍ତ ଉକ୍ତିକୁ ଆଧାର କରି **‘ପଥ ଦୁଇ’**
କବିତାଟିର ପରିକଳ୍ପନା ଓ ରୂପାୟନ ।]



କାହାଣୀ :

# ବିଷମ ସିଦ୍ଧି

## ମନୋଜ ଦାସ

ଚମ୍ପାରଣ୍ୟରେ ରହୁଥିଲେ ଯୋଗୀ ବିଷ୍ଣୁଦେବ । ସେ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଶିଷ୍ୟମାନଙ୍କୁ ସେଠାରେ ଯୋଗ ଶିକ୍ଷା ଦେଉଥିଲେ, ଆଧ୍ୟାତ୍ମିକତା ବୁଝାଉଥିଲେ । ତାଙ୍କ ପୂର୍ବରୁ ସେଠାରେ ରହୁଥିଲେ ତାଙ୍କ ଗୁରୁ ଯୋଗୀ ଅରଣ୍ୟାନନ୍ଦ ।

ବିଷ୍ଣୁଦେବଙ୍କର ହଠାତ୍ ପ୍ରେରଣା ହେଲା, ସେ ମାନସରୋବର ଚାଲିଯିବେ । ଶିଷ୍ୟମାନଙ୍କୁ ସେ ବିଦାୟ ଦେଲେ । ଖାଲି ତାଙ୍କ ପଟ୍ଟଶିଷ୍ୟ ଭକ୍ତାନନ୍ଦ ପାଖରେ ଥା'ନ୍ତି ।

''ବାପା ! ବହୁ ବର୍ଷ ଧରି ଏ ପରିବେଶରେ କିଛି ଆଧିଭୌତିକ ଶକ୍ତି ତରଙ୍ଗ ରହିଛି । ଆମେ ଏଠାରୁ ଚାଲିଯିବା ପୂର୍ବରୁ ସେ ଶକ୍ତି ତରଙ୍ଗକୁ ଭାଙ୍ଗି ଦେବାକୁ ପଡ଼ିବ, ନଚେତ୍ ତାକୁ କାମରେ ଲଗାଇବାକୁ ପଡ଼ିବ ।'' ବିଷ୍ଣୁଦେବ ଭକ୍ତାନନ୍ଦଙ୍କୁ କହିଲେ ।

''କାମରେ ଲଗାଇଲେ ତ ଭଲ ହୁଅନ୍ତା !'' ଭକ୍ତାନନ୍ଦ କହିଲେ ।

''ତୋ ଇଚ୍ଛା ହେଲେ ଲଗାଇ ପାରୁ । ମୋ ଗୁରୁଙ୍କ ଗୁରୁ ପ୍ରଥମ ଅବସ୍ଥାରେ ଏଠି ଏମିତି ଏକ ଯଜ୍ଞ କରିଥିଲେ, ଯେଉଁଥିରେ ଶେଷ ଆହୁତି ଦେବା ବେଳେ ସେ ମଣିଷମାନେ କାମନା କରୁଥିବା ଯେକୌଣସି ସୁଯୋଗ ଲାଭ କରି ପାରିଥା'ନ୍ତେ – ଯଥା ଚିରଯୌବନ, ବିତ୍ତ ଓ କ୍ଷମତା । କିନ୍ତୁ ସେସମସ୍ତ ସିଦ୍ଧିଲାଭରୁ ବିରତ ରହିଲେ । ତେବେ ସେ ମୋ ଗୁରୁଙ୍କୁ କହିଦେଇ ଗଲେ – ବାତାବରଣରେ ସେସବୁ ସିଦ୍ଧିର ପ୍ରତିଶ୍ରୁତି ରହିଛି । ଅତି ସାଧାରଣ ଯାଗଟିଏ କରି ଗୋଟାଏ ଛୋଟ ମନ୍ତ୍ର ବୋଲିଦେଲେହିଁ ଯଥେଷ୍ଟ ।''

ଏହାପରେ କଣ୍ଠସ୍ୱର ନିମ୍ନ କରି ବିଷ୍ଣୁଦେବ ଭକ୍ତାନନ୍ଦକୁ ସିଦ୍ଧି ମନ୍ତ୍ରଟି ଶିଖାଇ ଦେଇ ପୁଣି କହିଲେ, ''ଯଦି ସେ ଅପେକ୍ଷମାଣ ଶକ୍ତି ତରଙ୍ଗକୁ ଭାଙ୍ଗି ଦେବାକୁ ଚାହୁଁ, ତେବେ ଯାଗ କରି ଅପେକ୍ଷାକୃତ ଆହୁରି ଛୋଟିଆ ମନ୍ତ୍ରଟିଏ ବୋଲି ଦେଲେ ଚଳିବ ।''

ପୁଣି କଣ୍ଠସ୍ୱର ନିମ୍ନ କରି ସେ ଦ୍ୱିତୀୟ ମନ୍ତ୍ରଟି ଶିଖାଇ ଦେଲେ ଓ ଅତଃପର ସ୍ଥାନ ପରିତ୍ୟାଗ କରି ଚାଲିଗଲେ ।

ଭକ୍ତାନନ୍ଦ ଯାଗ ପ୍ରସ୍ତୁତ କରୁଛନ୍ତି, ସେଠାରେ ପହଞ୍ଚିଗଲା କୁସୁମାକର, ତାଙ୍କର ଜଣେ ଗୁରୁଭାଇ ।

''ଭକ୍ତାନନ୍ଦ ! ଗୁରୁଙ୍କ ସହ ତୁମ କଥୋପକଥନ ମୁଁ ଗଛ ଆଢୁଆଳରେ ଥାଇ ଶୁଣିଛି ।'' ସେ କହିଲା ।

''ସତେ ? ବର୍ତ୍ତମାନ ବୁଝିଲି ଗୁରୁ ମନ୍ତ୍ର ଦୁଇଟି ଉଚ୍ଚାରଣ କଲାବେଳେ କାହିଁକି କଣ୍ଠସ୍ୱର ଏଡ଼େ ନିମ୍ନ କଲେ । ମୁଁ ସେତେବେଳେ ଭାବୁଥିଲି, ପାଖରେ ତ କେହି ନାହିଁ, ଗୁରୁ କାହିଁକି ଏତେ ସତର୍କ ହେଉଛନ୍ତି ?'' କହିଲେ ଭକ୍ତାନନ୍ଦ ।

''ଭକ୍ତ ! ତୁମେ ସିଦ୍ଧି ଇଚ୍ଛା କରୁଛ ତ ?'' ପ୍ରଶ୍ନ କଲା କୁସୁମାକର ।

''ପାଗଳ ? ମୁଁ ଶକ୍ତିତରଙ୍ଗ ଭାଙ୍ଗି ଦେବାକୁ ଯାଉଛି !''

''କାହିଁକି ସେଭଳି ବୋକାମି କରିବ ?''

''ବୋକାମି ? ଆମ ଗୁରୁ, ତାଙ୍କ ଗୁରୁ, ଦୁହେଁ କ'ଣ ବୋକା ଥିଲେ ? ଶକ୍ତି ଥାଇ ବି ସେମାନେ କାହିଁକି ସେ ସିଦ୍ଧି ହାସଲ କଲେ ନାହିଁ ?''

''କାରଣ ମୁଁ ଜାଣେନା । ଏତିକି ଜାଣେ, ସେସବୁ ସିଦ୍ଧି ପାଇଲେ ମୁଁ ବହୁତ ଜନକଲ୍ୟାଣକର କାମ କରିପାରିବି ।'' – କୁସୁମାକର କହିଲା ।

ଭକ୍ତାନନ୍ଦ ହସିଲେ । ''ଶୁଣ । ଯୌବନ, ଅର୍ଥ, ଅଧିକାର – ଏହିସବୁ ପ୍ରଭାବରେ ପ୍ରକୃତି ଆମକୁ ବଶୀଭୂତ କରି ରଖିଥାଏ । ପ୍ରକୃତି କବଳରୁ ମୁକ୍ତି ଯୋଗର ଅନ୍ୟତମ ଲକ୍ଷ୍ୟ । ତେଣୁ ସେଭଳି ସିଦ୍ଧି କ'ଣ କୌଣସି ଯୋଗୀର କାମ୍ୟ ହୋଇପାରେ ?'' ଭକ୍ତାନନ୍ଦ ବୁଝାଇଲେ ।

କିନ୍ତୁ ବୁଝିଲା ନାହିଁ କୁସୁମାକର । ''ତୁମେ ଯଦି ସିଦ୍ଧି ନ ଚାହଁ, ମୋତେ ଛାଡ଼ି ଦିଅ । ମୁଁ ସିଦ୍ଧିତକ ହାସଲ କରିନିଏଁ । ତୁମେ ଜାଣ, ମୁଁ ଚିକିତ୍ସାରେ ଧୁରନ୍ଧର । ମୋ ସିଦ୍ଧି ସବୁ ସତ୍ କାର୍ଯ୍ୟରେ ଲଗାଇବି । ହଁ, ଗୁରୁ କଣ୍ଠସ୍ୱର ନିମ୍ନ କରି କହିଲେ ବି ମୁଁ ମନ୍ତ୍ର ଶୁଣି ପକାଇଛି – ଦ୍ୱିତୀୟଟି ନହେଲେ ବି ପ୍ରଥମଟି ।'' – କୁସୁମାକର କହିଲା ।

''ଦେଖ କୁସୁମାକର, ଗୁରୁ ମନ୍ତ୍ର ତୋତେ ନ ଶିଖାଇ

ମୋତେ ଶିଖାଇଲେ କାହିଁକି ?'' – ଭକ୍ତାନନ୍ଦ ପଚାରିଲେ ।

''ମୁଁ ଏଠି ନ ଥିଲି ବୋଲି !'' – କୁସୁମାକର ଉତ୍ତର ଦେଲା ।

ଟିକିଏ ବିରକ୍ତ ହୋଇ ଭକ୍ତାନନ୍ଦ କହିଲେ, ''ତୋ'ର ଯାହା ଇଚ୍ଛା !'' ଏହା ପରେ ସେ ସ୍ନାନ କରିବାକୁ ଚାଲିଗଲେ ।

ଆସିବାବେଳକୁ କୁସୁମାକର ଯାଗ କରି ମନ୍ତ୍ର ପଢ଼ି ସିଦ୍ଧି ଲାଭ କରି ସାରିଲାଣି । ଭକ୍ତାନନ୍ଦଙ୍କୁ ସେ ଗର୍ବଭରେ ଏ ଖବର ଦେଲା ।

''କ'ଣ କ'ଣ ସିଦ୍ଧି ମାଗିଲୁ ?'' ଭକ୍ତାନନ୍ଦ ଶଙ୍କିତ ଭାବରେ ପଚାରିଲେ ।

କହିଲି, ''ମୁଁ ଯେପରି ବୁଢ଼ା ନ ହେବି । ଶୁଣିଲି ତଥାସ୍ତୁ । ହାଃ ହାଃ । ତିନୋଟିରୁ ଅଧିକ ବର ମିଳିବ ନାହିଁ ବୋଲି ଜାଣିଥିଲି । କିନ୍ତୁ ସବୁ ମାଗି ନେଇଛି । ଦ୍ୱିତୀୟ ବର ବିତ୍ତ; ତୃତୀୟ ବର କ୍ଷମତା ।''

''କିନ୍ତୁ ଦୀର୍ଘ ଜୀବନ ମାଗିଲୁ ନାହିଁ କେମିତି ?

''ମାନେ ? ବୁଢ଼ା ନ ହେବାର ଅର୍ଥ କ'ଣ ...''

କୁସୁମାକର ବାକ୍ୟ ଶେଷ କରିବା ପୂର୍ବରୁ ଟଳି ପଡ଼ିଲା । ଅର୍ଥାତ୍ ସେ ବୁଢ଼ା ନ ହେବାର ବର ହିଁ ପ୍ରଥମେ ଫଳିଗଲା ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୪୩-୪୫)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ବିଷମ ସିଦ୍ଧି'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଅତିଭୌତିକ ସିଦ୍ଧି ଓ ସୁଯୋଗକୁ ନିଜ ଉଚ୍ଚାଭିଳାଷ ପାଇଁ ବ୍ୟବହାର କରିବାର ଉତ୍କଣ୍ଠାର ପରିଣତି ହୋଇପାରେ ଦୁର୍ଭାଗ୍ୟଜନକ ।''

(ତତ୍ରୈବ : ପୃଷ୍ଠା : ୩୨୬)

## ନିଜକୁ ଡରେ

ଥରେ ରାଜା ମୁଲ୍ଲା ନସିରୁଦ୍ଦିନଙ୍କୁ ପଚାରିଲେ – ଆଚ୍ଛା, ମୁଲ୍ଲା, ତୁମେ ତୁମ ସ୍ତ୍ରୀଙ୍କୁ ଡର ?

ମୁଲ୍ଲା କହିଲେ – ସ୍ତ୍ରୀକୁ ଡରେ ନାହିଁ । କିନ୍ତୁ କିଛି ଉଚ୍ଚବାଚ ହୋଇଗଲେ ନିଜ ମନରୁ ଶାନ୍ତି ଚାଲିଯିବାକୁ ଡରେ । ତେଣୁ ତା' ସହ ଝଗଡ଼ା କରେନା । ରାଜା କହିଲେ – ଆଚ୍ଛା, ତୁମେ ରାଜାଙ୍କୁ ଡର ? ମୁଲ୍ଲା କହିଲେ – ନା ରାଜାଙ୍କୁ ଡରେ ନାହିଁ । କିନ୍ତୁ ରାଜା କୁପିତ ହେଲେ ମୋର ପେସା ବୁଡ଼ି ଯିବାକୁ ଡରେ । ରାଜା କହିଲେ – ତା' ମାନେ ଏକା କଥା । ତୁମେ ମୋତେ ଡର । ମୁଲ୍ଲା କହିଲେ – ମଣିମା, ଏକା କଥା ନୁହେଁ । ମୁଁ ଆପଣଙ୍କୁ ଡରେ ନାହିଁ । ଆପଣଙ୍କର ରାଗିଯିବାକୁ ଡରେ ।

ରାଜା କହିଲେ – ମୁଲ୍ଲା, ତାହାହେଲେ ତୁମେ କାହାକୁ ଡର ? ତୁମେ ଭୂତକୁ ଡର ବୋଲି ମୁଁ ଶୁଣିଛି । ତୁମେ ଭୂତକୁ ଡର ? ମୁଲ୍ଲା କହିଲେ – ହଜୁର, ଭୂତକୁ ଡରେ ନାହିଁ । କିନ୍ତୁ ଭୂତ ନାମ ଶୁଣିଲେ ମନରେ ଯେଉଁ ଭୟ ସୃଷ୍ଟି ହୁଏ, ତାକୁ ଡରେ । ରାଜା କହିଲେ – ମୁଲ୍ଲା, ତୁମେ କେବଳ କଥାକୁ ବୁଲେଇ ବଙ୍କେଇ କହୁଛ ।


ମୁଲ୍ଲା କହିଲେ – ନା ଜାହାଁପନା, ଆପଣ ଟିକିଏ ଭଲ ଭାବେ ବିଚାର କଲେ ସୂକ୍ଷ୍ମ ପ୍ରଭେଦଟି ବୁଝିପାରିବେ । ମୋ ଭୟର କାରଣ କୌଣସି ବାହ୍ୟ ବସ୍ତୁ ନୁହେଁ । ବରଂ ମୋ ଭୟର କାରଣ ମୋ ନିଜ ଭିତରେ ଥିବା ଦୁର୍ବଳତା । ମୁଁ ଶାନ୍ତି ଭଙ୍ଗ ହେବାକୁ ଡରେ, ମୁଁ ଅସହାୟବୋଧକୁ ଡରେ, ମନ ଭିତରେ ସୃଷ୍ଟ ଭୟକୁ ଡରେ, ନିଜ ଭିତରେ ବେଳେ ବେଳେ ସୃଷ୍ଟି ହେଉଥିବା ପ୍ରଚଣ୍ଡ କ୍ରୋଧକୁ ଡରେ । ତେଣୁ ଆପଣ କହିପାରନ୍ତି ମୁଁ କେବଳ ନିଜକୁ ଡରେ ।

# ସମର୍ପି ଦେ' ତୁ ସବୁ

## ଶରତ କୁମାରୀ ସ୍ୱାଇଁ

ମାଆ, ମାଆ, ମାଆ ବୋଲି
ଡାକି ଦେଲେ ତୁ' ଥରେ
ଯେଉଁଠି ଯେମିତି ଥିବେ
ଧାଇଁ ଆସି ତୋଳି ନେବେ
କାନି ପଣତରେ ।୧।

ଝାଇଁ ମରା ଖରା ତାତି
ହାଡ଼ଥରା ଶୀତ ରାତି
ବରଷା ବତାସି ଝଡ଼େ
ହାତ ଧରି ଚାଲୁଥିବେ
ତୋ' ଚଲା ପଥରେ ।୨।



ସାଗର, ଭୂଧର, ମରୁ,
କାନନ, ବିତାନ, ତରୁ
ସଞ୍ଜୀବିତ କରୁଛନ୍ତି
ସୁଧାଝରା ପ୍ରୀତିଭରା
କର ପରଶରେ ।୩।

କରୁଣା ସାଗର ତୀରେ
ଚାହିଁଛନ୍ତି ପ୍ରେମ ଭରେ
ସମର୍ପି ଦେ' ତୁ ସବୁ
ହସ, କାନ୍ଦ, ଭଲ, ମନ୍ଦ
ମା'ଙ୍କ ଚରଣ ତଳେ ।୪। ❑

## ଈଶ୍ୱରଙ୍କ ସାନ୍ନିଧ୍ୟ

ଜଣେ ସନ୍ନ୍ୟାସୀଙ୍କୁ ଯୁବକଟିଏ ପଚାରିଲା – ମହାଭାଗ, କ'ଣ କଲେ ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରି ପାରିବି ? ସନ୍ନ୍ୟାସୀ କହିଲେ – ତୁମେ ମଲା ଲୋକଙ୍କ ଭଳି ହେଲେ ତାହା ସମ୍ଭବ । ଯୁବକ କିଛି ବୁଝିପାରିଲା ନାହିଁ । ସନ୍ନ୍ୟାସୀ କହିଲେ – ତେବେ ତୁମେ ଗୋଟିଏ କାମ କର । ତୁମ ଗାଁ ପାଖ ମଶାଣିକୁ ଯାଅ । ସେଠାରେ ଯେକୌଣସି ବ୍ୟକ୍ତିଙ୍କ ସମାଧି ପାଖରେ ତାଙ୍କୁ ଗାଳି ଫଜିତ କରି ଆସ । ଯୁବକ ତାହା କରି ଫେରି ଆସିଲା । ଏବେ ସନ୍ନ୍ୟାସୀ କହିଲେ – ତୁମେ ଯେତେବେଳେ ଗାଳି କଲ, ସେତିକିବେଳେ କିଛି ହେଲା କି ? ଯୁବକ କହିଲା – ନା, ଆଜ୍ଞା, ସମାଧି ଯେମିତି ଥିଲା ସେମିତି ରହିଲା । କିଛି ହଲଚଲ ନାହିଁ ।

ସନ୍ନ୍ୟାସୀ କହିଲେ – ଏବେ ଯାଇ ସମାଧି ପାଖରେ ତାଙ୍କୁ ଉଚ୍ଚ ପ୍ରଶଂସା କରି ଆସ । ଯୁବକ ତାହା କଲା । ଫେରି ଆସି ସେ ସେହି ସମାନ କଥା ସନ୍ନ୍ୟାସୀଙ୍କୁ କହିଲା । ଏହା ସହିତ ସେ ଯୋଡ଼ିଲା ଯେ ପିଲା ଦିନରୁ ସେଇ ସମାଧିକୁ ଦେଖି ଆସୁଛି । ତାହା ତ ପଥର । ହଲଚଲ ହେବ କେମିତି ?

ସନ୍ନ୍ୟାସୀ କହିଲେ – ସେଇ ସମାଧି ପଥର ତଳେ ଏକଦା ଜଣେ ବ୍ୟକ୍ତିଙ୍କ ଦେହାବଶେଷ ଥିଲା । ସେ ଲୋକ ବଞ୍ଚିଥିଲା ବେଳେ ନିନ୍ଦା ଓ ପ୍ରଶଂସାରେ ପ୍ରତିକ୍ରିୟା ଦେଖାଉ ଥିବେ । ସେ ପାପ ଓ ପୁଣ୍ୟ କରୁଥିବେ । କିନ୍ତୁ ଏବେ ସେ ନିରୁତ୍ତର ଓ ନିର୍ବିକାର । ତୁମେ ଯଦି ସେହି ଭଳି ପ୍ରଶଂସା ହେଉ ବା ନିନ୍ଦା, ସବୁଥିରେ ନିର୍ବିକାର ରହି ପାରିବ, ବିଚଳିତ ହେବ ନାହିଁ, ତେବେ ତୁମେ ସ୍ଥିତପ୍ରଜ୍ଞ ହୋଇଯିବ । ସ୍ଥିତପ୍ରଜ୍ଞ ହୋଇଗଲେ ମନ ସ୍ଥିର ହେବ, ଚେତନା ଗଭୀରତା ଲାଭ କରିବ । କ୍ରମେ ତୁମେ ଐଶ୍ୱରୀୟ ସତ୍ତାର ନିକଟତର ହୋଇ ପାରିବ ।

# ଭିଡ଼ ଭିତରେ ଚର୍ଚ୍ଚିତ ଚେହେରାଟିଏ

## କାହ୍ନୁଚରଣ ମହାକୁର

ଆମେରିକାର ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିବା ପ୍ରଫେସର ଡକ୍ଟର ମହମ୍ମଦ ଖାନି ଏକଦା ତାଙ୍କର ମାତୃଭୂମି ଜେରୁଜେଲମ୍ ସହରକୁ ଛୁଟି କଟାଇବାକୁ ଆସିଥା'ନ୍ତି ।

ଦିନେ ସେ ତାଙ୍କ କାର୍‌ରେ ତେଲ ପକାଇବା ପାଇଁ ଏକ ପେଟ୍ରୋଲ ପମ୍ପକୁ ଗଲେ । ସେଠି ଗାଡ଼ିମାନଙ୍କର ଲମ୍ବା ଲାଇନ୍ ଲାଗିଥିଲା । ସେ ତାଙ୍କ ଗାଡ଼ିଟିକୁ ଲାଇନ୍‌ରେ ଲଗାଇ ଦେଇ ତା'ରି ଭିତରେ ବସିଥା'ନ୍ତି । ଠିକ୍ ସେତିକିବେଳେ ପନ୍ଦର/ଷୋହଳ ବର୍ଷର ଜଣେ କିଶୋର ତାଙ୍କ ପାଖକୁ ଆସି କହିଲା, ''ସାର୍, ମୁଁ ଆପଣଙ୍କ ଗାଡ଼ିର ସାମ୍ନାପଟ କାଚ ସଫା କରିଦେବି କି ?''

ଅଧ୍ୟାପକ ସମ୍ମତି ଜଣାଇବାରୁ କିଶୋରଟି ଅତ୍ୟନ୍ତ ଯତ୍ନ ସହକାରେ ତାଙ୍କ ଗାଡ଼ିର ସାମ୍ନାକାଚ ସଫା କରି ଦେଲା । ଅଧ୍ୟାପକ ଖୁସି ହୋଇ ପାରିଶ୍ରମିକ ସ୍ୱରୂପ କିଶୋରକୁ କୋଡ଼ିଏ ଡଲାର ବଢ଼ାଇ ଦେଲେ ।

ଅଧ୍ୟାପକଙ୍କ ହାତରେ ଆମେରିକୀୟ ଡଲାର ଦେଖି କିଶୋରଟି ତାଙ୍କୁ ପଚାରିଲା – ''ସାର୍, ଆପଣ ଯଦି କିଛି ମନେ କରିବେନି ତେବେ ଆପଣଙ୍କୁ ଗୋଟିଏ କଥା ପଚାରିବି । ଆପଣ କ'ଣ ଆମେରିକାରେ ରହନ୍ତି ?'' ଅଧ୍ୟାପକ ଉତ୍ତର ଦେଲେ, ''ହଁ, ମୁଁ ଆମେରିକାରେ ରହେ । କିନ୍ତୁ ଏକଥା ଜାଣି ତୁମର ଲାଭ କ'ଣ ହେବ ?''

ଏଥର କିଶୋରଟି ଉତ୍ସାହିତ ହୋଇ କହିଲା, ''ଏଇ କୋଡ଼ିଏ ଡଲାର ପରିବର୍ତ୍ତେ ମୁଁ କ'ଣ ଆପଣଙ୍କ ପାଖରୁ ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟ ସମ୍ପର୍କରେ କିଛି ସୂଚନା ଓ ତଥ୍ୟ ପାଇ ପାରିବି ?''

ଅଧ୍ୟାପକ ବିସ୍ମିତ ହେଲେ । କିଶୋରଟିର ବିନମ୍ରତା ଏବଂ ପଢ଼ାପଢ଼ି ପ୍ରତି ଆଗ୍ରହ ଦେଖି ସେ ତାକୁ ପାଖକୁ ଡାକି ଗାଡ଼ି ଭିତରେ ବସାଇଲେ । ଗାଡ଼ିରେ ତେଲ ପୂରାଇସାରି ସେ ଗାଡ଼ିକୁ ରାସ୍ତା କଡ଼ରେ ପାର୍କ କଲେ । ପିଲାଟି ସହିତ ବିଭିନ୍ନ ବିଷୟରେ କଥା ହେଲେ । ତା'ପରେ ସେ ତାକୁ ପଚାରିଲେ, ''ତୁମେ ତ ଜଣେ ମେଧାବୀ ଛାତ୍ର ଭଳି ମନେ ହେଉଛ । ତେବେ ତୁମେ ରାସ୍ତା କଡ଼ରେ ଏମିତି ଗାଡ଼ି ସଫା କରୁଛ କାହିଁକି ?''

ପିଲାଟି ଉତ୍ତର ଦେଲା – ''ସାର୍ ! ମୁଁ ଯେତେବେଳେ ତିନି, ଚାରି ବର୍ଷର ହୋଇଥିଲି ସେତେବେଳେ ମୋର ପିତାଙ୍କର ପରଲୋକ ଘଟିଲା । ମୋର ମାଆ ପର ଘରେ ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ଆମ ପରିବାର କଷ୍ଟେମଷ୍ଟେ ଚଳିଯାଏ । କିନ୍ତୁ ପାଠ ପଢ଼ା ଖର୍ଚ୍ଚ ଉଠାଇବା ପାଇଁ ମୁଁ ଓ ମୋର ସାନ ଭଉଣୀ ଏମିତି ଛୋଟମୋଟ କାମ କରି କିଛି କିଛି ରୋଜଗାର କରିଥାଉ । ସାର୍, ମୁଁ ଶୁଣିଛି ଆମେରିକାର ବିଶ୍ୱବିଦ୍ୟାଳୟମାନଙ୍କରେ କୁଆଡ଼େ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍କଲାରସିପ୍ ମିଳିଥାଏ । ଗୋଟିଏ କଥା କହିବି ସାର୍, ଆମେରିକାରେ ପଢ଼ିବା ପାଇଁ ମୋର ପ୍ରବଳ ଆଗ୍ରହ । କିନ୍ତୁ ମୋତେ ଏ ଦିଗରେ ସାହାଯ୍ୟ କରିବା ପାଇଁ ସେଠାରେ ମୋର କେହି ନାହାନ୍ତି । କିନ୍ତୁ ମୁଁ କ'ଣ କରିବି ସାର୍ ! କିପରି ସେଠାରେ ପହଞ୍ଚି ପାରିବି ?''

ଅଧ୍ୟାପକ କହିଲେ, ''ଚାଲ, ପ୍ରଥମେ ଆମେ ଗୋଟିଏ ହୋଟେଲରେ କିଛି ଖାଇନେବା । ତା'ପରେ ଏ ବିଷୟରେ କଥା ହେବା ।''

ପିଲାଟି ଏଥର ବି ଗୋଟିଏ ସର୍ତ୍ତ ରଖି କହିଲା – ''ସାର୍, ମୁଁ ଆପଣଙ୍କ ସହିତ ମଧ୍ୟାହ୍ନ ଭୋଜନ କରିବାକୁ ପ୍ରସ୍ତୁତ । କିନ୍ତୁ ଆପଣ ମୋତେ କଥା ଦିଅନ୍ତୁ ଯେ, ଖାଇବା ପରେ ଆପଣଙ୍କ ଗାଡ଼ିର ପଛପଟ ଗ୍ଲାସଟି ମୋତେ ସଫା କରିବାର ସୁଯୋଗ ଦେବେ ।''

ଅଧ୍ୟାପକ ଅଧିକ କିଛି ନଭାବି ତାକୁ ମୌନ ସମ୍ମତି ଜଣାଇଲେ । ହୋଟେଲକୁ ଯାଇ ଅଧ୍ୟାପକ ଖାନି ୱେଟର୍‌କୁ ଦୁଇଜଣଙ୍କ ପାଇଁ ଖାଦ୍ୟ ପରିବେଷଣର ନିର୍ଦ୍ଦେଶ ଦେଲେ । କିଶୋରଟି ତା'ର ମିଲ୍ ପାର୍ସଲ କରିଦେବା ପାଇଁ ୱେଟର୍‌କୁ ନିବେଦନ କରିବା ସହ ଅଧ୍ୟାପକ ଖାନିଙ୍କୁ କହିଲା, ''ସାର୍, କିଛି ମନେ କରିବେ ନାହିଁ । ଲଞ୍ଚ ପ୍ୟାକେଟ୍‌ଟି ନେଇ ମୁଁ ଘରେ ମୋର ମାଆ ଓ ଭଉଣୀଙ୍କ ସହିତ ମିଶିକରିହିଁ ଖାଇବି ।''

କିଶୋରଟି ପାଖରୁ ବିଦାୟ ନେବା ପୂର୍ବରୁ ଅଧ୍ୟାପକ ଖାନି ତାଙ୍କୁ ନିଜ ଘରର ଠିକଣା ଦେଇ କହିଲେ, ''ତୁମର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ପ୍ରମାଣ ପତ୍ର ମୋ ଘରେ

ପହଞ୍ଚାଇ ଦିଅ । ଆମେରିକା ଫେରିଲେ ମୁଁ ସେଠାକାର କୌଣସି ଏକ ବିଶ୍ୱବିଦ୍ୟାଳୟରେ ତୁମର ଆଡ଼ମିଶନ ପାଇଁ ଚେଷ୍ଟା କରିବି ।''

କିଶୋରଟିର ଖୁସି କହିଲେ ନ ସରେ । ସେ ପରଦିନ ଅଧ୍ୟାପକ ଖାନିଙ୍କ ବାସଭବନରେ ପହଞ୍ଚି ତା'ର ସମସ୍ତ କାଗଜ ପତ୍ର ଦେଇ ଆସିଲା ।

ଏ ଘଟଣାର ଛଅମାସ ପରେ ସେ କିଶୋରଟିର ଭାଗ୍ୟ ବଦଳି ଗଲା । ଅଧ୍ୟାପକ ଖାନିଙ୍କ ପ୍ରୟାସ ଫଳରେ ଆମେରିକାର ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ସ୍କଲାରସିପ୍ ସହିତ ତା'ର ଆଡ଼ମିଶନ ହୋଇଗଲା ଏବଂ ସେ ଉଚ୍ଚ ଶିକ୍ଷା ନିମିତ୍ତ ଆମେରିକା ଯାତ୍ରା କଲା ।

ସମୟ କ୍ରମେ ଯୁବକଟି ତା'ର ଅନନ୍ୟ ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ସମଗ୍ର ବିଶ୍ୱବିଦ୍ୟାଳୟରେ ଶ୍ରେଷ୍ଠ ଛାତ୍ର ଭାବରେ ସ୍ୱର୍ଣ୍ଣ ପଦକ ସହ ଆଧୁନିକ ଟେକ୍ ଇଞ୍ଜିନିୟର ଡିଗ୍ରୀ ହାସଲ କଲା । 'ନ୍ୟୁୟର୍କ ଟାଇମସ୍' ଭଳି ଖ୍ୟାତିସମ୍ପନ୍ନ ଖବର କାଗଜରେ ତା'ର ଏଇ ସଫଳତାର କାହାଣୀ ପ୍ରକାଶିତ ହେବା ପରେ ସେ ସମଗ୍ର ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

ତା'ର ଏଇ ସଫଳତାରେ ଅଧ୍ୟାପକ ଖାନି ଏବଂ ତାଙ୍କ ପରିବାରର ସଦସ୍ୟମାନେ ମଧ୍ୟ ଅତ୍ୟଧିକ ଆନନ୍ଦିତ ହୋଇଥିଲେ । ତାକୁ ଅପ୍ରତ୍ୟାଶିତ ଭାବେ ଖୁସୀ କରିବା ଅଭିଳାଷରେ ଅଧ୍ୟାପକ ଖାନି ଯୁବକକୁ ନ ଜଣାଇ ତା'ର ମାଆ ଓ ଭଉଣୀର ଭିସା ପ୍ରସ୍ତୁତ କରି ସେମାନଙ୍କୁ ଆମେରିକା ନେଇ ଆସିଥିଲେ । ଆଉ ଯେତେବେଳେ ସେମାନଙ୍କୁ ସେ ଯୁବକଟି ସମ୍ମୁଖରେ ଛିଡ଼ା କରାଇଲେ ଯୁବକଟି ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରି ନଥିଲା । ସାମ୍ନାରେ ନିଜ ମାଆ ଓ ଭଉଣୀଙ୍କୁ ଦେଖି ସେ ଏକ ପ୍ରକାର ମୂକ ପାଲଟି ଯାଇଥିଲା । ଏପରିକି ସେ କାନ୍ଦିବାକୁ ମଧ୍ୟ ଭୁଲି ଯାଇଥିଲା । ଏ ଘଟଣାର କିଛିଦିନ ପରେ ତା'ର ମେଧାବଳରେ ଆମେରିକାର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇଲା ଓ ଆମେରିକାରେ ସ୍ଥାୟୀ ଭାବରେ ବସବାସ କରିବାକୁ ଲାଗିଲା ।

ବେଶ୍ କିଛିଦିନ ଅତିକ୍ରାନ୍ତ ହୋଇ ଯାଇଥାଏ । ଦିନେ ଅପରାହ୍ଣରେ ପ୍ରଫେସର ଡକ୍ଟରେ ଖାନି ତାଙ୍କ ବାସଭବନରେ ହାତରେ କଫି ମଗ୍ ଧରି ବାଲକୋନିରେ ଆସି ଛିଡ଼ା ହୋଇଛନ୍ତି । ତଳକୁ ଅନାଇଁ ସେ ବିସ୍ମିତ ହୋଇଗଲେ ! ଦେଖିଲେ ତଳେ ପାର୍କିଂରେ ସେ ଯୁବକଟି ଅତ୍ୟନ୍ତ ଯତ୍ନ ସହକାରେ ତାଙ୍କ ଗାଡ଼ିର କାଚ ପୋଛିବାରେ ଲାଗିଛି । ଏହା ଦେଖି ଡକ୍ଟର ଖାନି ତୁରନ୍ତ ତଳକୁ ଓହ୍ଲାଇ ଆସିଲେ ଏବଂ ଯୁବକକୁ ବାରଣ କରି କହିଲେ – ''ଆରେ, ଇଏ ତୁମେ କ'ଣ କରୁଛ ?''

ଯୁବକଟି ଅଶ୍ରୁ ସଜଳ ନୟନରେ ଉତ୍ତର ଦେଲା – ''ସାର୍, ଦୟାକରି ମୋତେ ମୋ କାମ କରିବାକୁ ଦିଅନ୍ତୁ; ବାରଣ କରନ୍ତୁ ନାହିଁ । ମୁଁ ଚାହେଁ ନାହିଁ ମୋର ପରିଚୟ ଭୁଲି ଯିବାକୁ । ଅତୀତରେ ମୁଁ କ'ଣ ଥିଲି ସେକଥା ମୁଁ ସର୍ବଦା ମନେ ରଖିବାକୁ ଚାହେଁ । ଏଥି ସହିତ ଆପଣ ମୋ ପାଇଁ ଯାହାକିଛି କରିଛନ୍ତି, ସେକଥା ଯେପରି ମୁଁ ମୁହୂର୍ତ୍ତକ ପାଇଁ ସୁଦ୍ଧା ବିସ୍ମରି ନଯାଏ – ସେଥିପାଇଁ ମଧ୍ୟ ମୁଁ ଈଶ୍ୱରଙ୍କୁ ନିରନ୍ତର ପ୍ରାର୍ଥନା କରୁଛି ।''

ଜେରୁଜେଲମ୍‌ର ଫୁଟ୍‌ପାଥରୁ ଯାଇ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିବା ସେଇ ଫିଲିସ୍ତାନୀ ଯୁବକ ହେଉଛନ୍ତି ଡକ୍ଟର ଫରିଦ ଅବ୍‌ଦୁଲ୍ ଅଲ୍ଲୀ । ସମ୍ପ୍ରତି ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନାରତ ଏବଂ ଜଣେ ଛାତ୍ରବତ୍ସଳ ପ୍ରଫେସର ଭାବରେ ସର୍ବତ୍ର ପରିଚିତ ଓ ଖ୍ୟାତିପ୍ରାପ୍ତ । ଆଉ ତାଙ୍କୁ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢ଼ାଇଥିବା ପ୍ରଫେସର ଡକ୍ଟର ମହମ୍ମଦ ଖାନି ବାସ୍ତବିକ ଶିକ୍ଷକକୁଳର ଚିର ନମସ୍ୟ । କିଶୋର ଫରିଦ୍ ଅବ୍‌ଦୁଲ୍ ଅଲ୍ଲୀ ହୁଏତ ଜୀବନରେ ଅନେକ କିଛି କରିବାର ସ୍ୱପ୍ନ ଦେଖିଛନ୍ତି । କିନ୍ତୁ ତାଙ୍କର ସ୍ୱପ୍ନକୁ ରୂପାୟିତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି ପ୍ରଫେସର ଡକ୍ଟର ମହମ୍ମଦ ଖାନି । ଫରିଦ୍ ଅବ୍‌ଦୁଲ୍ ଅଲ୍ଲୀଙ୍କୁ ସେ ଯଦି ଫୁଟ୍‌ପାଥରୁ ଉଠାଇ ଆଣି ଆମେରିକାରେ ପହଞ୍ଚାଇ ନଥା'ନ୍ତେ, ଆଜି ବି ହୁଏତ ସେ ଜେରୁଜେଲମ୍‌ର ଫୁଟ୍‌ପାଥରେ ବୁଲି ବୁଲି କାର୍‌ର ଗ୍ଲାସ୍ ସଫା କରୁଥା'ନ୍ତେ । ଆଉ ପ୍ରଫେସର ଖାନି ବି ହୁଏତ ଅସଂଖ୍ୟ ଅଧ୍ୟାପକଙ୍କର ଭିଡ଼ ଭିତରେ କେଉଁଠି ହଜି ଯାଇଥା'ନ୍ତେ । କିନ୍ତୁ ଏଇ ମହତ୍ କର୍ମ ତାଙ୍କ ଜୀବନକୁ ମହନୀୟ କରି ଗଢ଼ି ତୋଳିଛି । ତାଙ୍କ ଡାଏରି (ଯେଉଁଥିରେ ସେ ଫରିଦ୍ ଅବ୍‌ଦୁଲ୍ ଅଲ୍ଲୀଙ୍କ ସଫଳତାର କାହାଣୀ ଉଲ୍ଲେଖ କରିଛନ୍ତି) ପ୍ରକାଶିତ ହେବା ପରେ ଏବେ ସାରା ବିଶ୍ୱର ଅଧ୍ୟାପକ, ଶିକ୍ଷକ ଓ ଗବେଷକ ଡକ୍ଟର ମହମ୍ମଦ ଖାନିଙ୍କର ଭୂରି ଭୂରି ପ୍ରଶଂସା କରୁଛନ୍ତି । ସମ୍ପ୍ରତି ସେ ହୋଇ ଉଠିଛନ୍ତି ଭିଡ଼ ଭିତରେ ଏକ ଚର୍ଚ୍ଚିତ ଚେହେରା ।

('ସୁହୃତ୍' ପତ୍ରିକାର ୨୦୨୫, ଡିସେମ୍ବର ସଂଖ୍ୟାରୁ ସଂଗୃହୀତ) ❑

# ମା' ତୁମେ ମମତା ନିର୍ଝର

## ଗୋପାଳକୃଷ୍ଣ ପଟ୍ଟନାୟକ

ମାଆ ତୁମେ ଅଟ ସ୍ନେହ ମମତାର ନିର୍ଝର,
ପରମ କରୁଣା, କୃପା ଆଶିଷର ଭଣ୍ଡାର ।
ତବ ବାତ୍ସଲ୍ୟ ପ୍ରେମର ପଟାନ୍ତର ନାହିଁ,
ଝରେ ପ୍ରେମର ଫୁଆରା ତବ ପ୍ରତି ହୃଦ ଛୁଇଁ ।
କାହାରି ଉପରେ କେବେ ରାଗିବନି ବୋଲି,
ଓଠରେ ମଧୁର ହସ ରଖିଅଛ ଭରି ॥

ରମ୍ୟ ନୀଳାମ୍ବୁ ଜଳଧି ରମଣୀୟ କୂଳେ,
ଅପୂର୍ବ କୀର୍ତ୍ତି ସମ୍ଭାର ସରଜିଲ ହେଳେ ।
ଚାରୁ ସୃଷ୍ଟିରେ କରିଛ ବିଚିତ୍ର ଭିଆଣ,
ଅଲକ୍ଷିତେ ଦିବ୍ୟ ସୃଷ୍ଟି ହରେ ଭକ୍ତ ମନ ॥

ସାଗର ଗାଏ ନିରତ ତୁମରି ମହିମା,
ପ୍ରଭାତୁ ତବ ଦର୍ଶନ କରେ ଅରୁଣିମା ।
ଗନ୍ଧବହ ଚୁମେ ତବ ଚିନ୍ମୟ ଚରଣ,
ମଳୟ ମରୁତ କରେ କ୍ଲାନ୍ତି ବିନୋଦନ ॥

ତବ ନିର୍ଦ୍ଦେଶେ ଅମ୍ବରେ ପ୍ରକଟେ ଜୀମୂତ,
କୃପା ମକରନ୍ଦ ବହେ ଜଗତେ ସର୍ବତ୍ର ।
ପକ୍ଷୀ ଗୀତ ଗାଏ, ବୀଣା ବଜାଏ ଭଅଁର,
ଦୁଃଖୀ ହୃଦେ ଭରିଦିଏ ଆନନ୍ଦର ଝର ।
ବିଶ୍ୱେ ବହେ କରୁଣାର ମଧୁ ମନ୍ଦାକିନୀ
କୃପାକର ଆଦ୍ୟାଶକ୍ତି ଜଗତ କଲ୍ୟାଣୀ ॥ ❑

## ସୁଖୀ ହେବାର ମାର୍ଗ

ଜଣେ ଅତି ଦରିଦ୍ର ବ୍ୟକ୍ତି ଗୌତମ ବୁଦ୍ଧଙ୍କ ନିକଟରେ ପହଞ୍ଚି କହିଲା – ମୁଁ ଏତେ ଦରିଦ୍ର କାହିଁକି ? ମୋ ଆଖପାଖ ସମସ୍ତେ ଖୁସିରେ ଅଛନ୍ତି; ହେଲେ ମୋ ଦୁଃଖ ଘୁଞ୍ଚୁ ନାହିଁ କାହିଁକି ? ମୁଁ ବହୁତ ଦୁଃଖୀ ।

ବୁଦ୍ଧ ଏହା ଶୁଣି ମୃଦୁ ହସିଲେ ଏବଂ ଧୀର ଗଳାରେ କହିଲେ – ତୁମେ କାହାକୁ କିଛି ଦେଉ ନାହଁ ବୋଲି ଦରିଦ୍ର ଓ ଅସୁଖୀ ।

ଦରିଦ୍ର ଲୋକଟି ମୁଣ୍ଡରେ ହାତ ଦେଇ ବସିପଡ଼ିଲା । ସେ କହିଲା – ମହାଭାଗ, ମୁଁ ଏତେ ଦରିଦ୍ର ଯେ ଭଲ କରି ମୁଠାଏ ଖାଇବାକୁ ପାଇ ନଥାଏ । ତେଣୁ ମୁଁ କାହାକୁ କିଛି ଦିଏ ବୋଲି କହିବାର ଅର୍ଥ ମୋତେ ପରିହାସ କରିବା ।

ବୁଦ୍ଧ ପୁଣି ହସିଲେ ଓ କହିଲେ – ତୁମ ପାଖରେ କିଛି ନାହିଁ ବୋଲି କିଏ କହିଲା ? ତୁମ ମୁହଁରେ ହସ ଅଛି; କାହାକୁ ଚାହିଁ ମୁହଁରେ ହସ ଫୁଟାଅ, ଦେଖିବ ସେ ବି ଖୁସି ହୋଇଯିବ ଏବଂ ତୁମ ମନକୁ ଏହା ଦ୍ୱାରା ଶାନ୍ତି ମିଳିବ । ସେମିତି ତୁମର ବାଣୀ ମଧ୍ୟ ଅନ୍ୟକୁ ସାନ୍ତ୍ୱନା ଓ ପ୍ରେରଣା ଦେଇପାରିବ । ଏହା ଦ୍ୱାରା ମଧ୍ୟ ତୁମ ମନ ଆନନ୍ଦ ଲାଭ କରିବ । ତୁମ ହାତ ଦୁଇଟି ତ ସେବା କରିବା ଲାଗି ସବୁଠାରୁ ଉତ୍ତମ ସାଧନ । ଅନ୍ୟକୁ ସେବା ଦେଇ ତୁମେ କେବଳ ଅର୍ଥ ଅର୍ଜନ କରିବ ନାହିଁ, ଅପାର ସନ୍ତୋଷ ମଧ୍ୟ ଲାଭ କରିବ । ଏସବୁ ଥିବା ସତ୍ତ୍ୱେ ତୁମେ ନିଜକୁ ଦରିଦ୍ର ବୋଲି ଭାବିବା ଉଚିତ ନୁହେଁ । ତୁମେ ଅନ୍ୟକୁ ଦେବାକୁ ଚେଷ୍ଟା କଲେ, ତୁମ ପାଖରେ ସ୍ୱଳ୍ପ ଥିଲେ ବି ତୁମେ ନିଜକୁ ଗରିବ ବୋଲି ଭାବିବ ନାହିଁ । ଦ୍ୱିତୀୟ କଥା ହେଲା, ସେଇ ମାର୍ଗରେ ତୁମ ମନରେ ପ୍ରଫୁଲ୍ଲତା ମଧ୍ୟ ଆସିବ ।

ଦରିଦ୍ର ଲୋକଟି ଏଥର ସୁଖୀ ହେବାର ପ୍ରକୃତ ମାର୍ଗଟି ପାଇଗଲା । ❑

# ସହରରୁ ଶିଖର

## ବନମାଳୀ ଆଚାର୍ଯ୍ୟ

ବିସ୍ତୃତ ଅରଣ୍ୟର ଉପାନ୍ତରେ ମଥାଟେକି ରହିଛି ଏକ ସୁଉଚ୍ଚ ପାହାଡ଼ । ଦେଖିଲେ ମନେହୁଏ ଯେପରି ସେହି ବୃକ୍ଷଲତାଶୂନ୍ୟ ପାହାଡ଼କୁ କେହି ଜଣେ ଶକ୍ତ ଶିଳାରେ ଗଠନ କରିଛି । ଏହାର ପାଦଦେଶଠାରୁ ଅଳ୍ପ ବ୍ୟବଧାନ ରଖି ଗଢ଼ି ଉଠିଛି ଜନବସତିପୂର୍ଣ୍ଣ ଏକ ଛୋଟ ସହର । ପାହାଡ଼ର ଶିଖରରେ ପ୍ରାୟ ପାଞ୍ଚଶହରୁ ଅଧିକ ବର୍ଷ ଧରି ଠିଆ ହୋଇଥିବା ଭଗବାନ୍ ଶିବଙ୍କ ଶିଳାନିର୍ମିତ ମନ୍ଦିରଟି ଏବେ ବି ଅତୁଟ ରହିଛି । ମନ୍ଦିର ପାଇଁ ସହରର ବେଶ୍ ସୁଖ୍ୟାତି ଅଛି । କୁହାଯାଏ, ମନ୍ଦିର ଓ ସହର ଉଭୟ ଭଗବାନ୍ ଶିବଙ୍କର । ମାତ୍ର ମନ୍ଦିରର ନିର୍ମାତାଙ୍କ ବିଷୟରେ ସ୍ଥାନୀୟ ଇତିହାସ ନୀରବ । ଶିଖରର ପଥୁରିଆ ଚଟାଣ ଯଥେଷ୍ଟ ଭାବରେ ମୁକ୍ତ ଓ ପ୍ରଶସ୍ତ । ସ୍ଥାନଟି ମନ୍ଦିର ସକାଶେ ସମ୍ପୂର୍ଣ୍ଣ ଉପଯୁକ୍ତ ବୋଲି ଲୋକମାନେ କହନ୍ତି । ଚଟାଣର ଚାରିପାଖ ସୀମା ଉପରେ ଅଳ୍ପ ଉଚ୍ଚ ପଥର ପାଚେରି । ଦୁର୍ଘଟଣା ଘଟିବାର କୌଣସି ଭୟ ନାହିଁ । ପାହାଡ଼ର କଡ଼ ଦେଇ ଉପରକୁ ଉଠି ଯାଇଛି ମଣିଷ ହାତରେ ତିଆରି ପଥରର ଅଙ୍କାବଙ୍କା ପାହାଚ ଶ୍ରେଣୀ । ଦୂରରୁ ଲକ୍ଷ୍ୟ କଲେ ଲାଗେ ଯେପରି ଧୂସର ଅଜଗରଟିଏ  ପାହାଡ଼କୁ ଜାବୋଡ଼ି ଧରିଛି । ପାହାଚଗୁଡ଼ିକ ତିନି, ଚାରି ଜଣ ଏକାଦିକ୍ରମେ ଚାଲିବା ଭଳି ଚଉଡ଼ା । ସ୍ଥାନେ ସ୍ଥାନେ ଲୁହାଦଣ୍ଡର ବାଡ଼ ଦ୍ୱାରା ଏହାକୁ ଅଧିକ ଶକ୍ତ ଓ ନିରାପଦ କରାଯାଇଛି । ସ୍ଥାନୀୟ ଲୋକମୁଖରୁ ଶୁଣିବାକୁ ମିଳେ – ରାତ୍ରିର ନିର୍ଜନ ପ୍ରହରରେ ବେଳେବେଳେ ଭଗବାନ୍ ଶିବ ତାଙ୍କର ଅତିକାୟ କମନୀୟ ସ୍ୱରୂପରେ ମନ୍ଦିରର ଦ୍ୱାର ଦେଶରେ ଆବିର୍ଭୂତ ହୁଅନ୍ତି । ତାଙ୍କର ସ୍ଥିର ଦୃଷ୍ଟି ଆକାଶ ଅଥବା ତଳେ ନିଦ୍ରାମଗ୍ନ ସହର ଉପରେ ନିବଦ୍ଧ ଥାଏ । ସେତେବେଳେ ଏକ ପରିବ୍ୟାପ୍ତ ପ୍ରଶାନ୍ତି ସମଗ୍ର ଅଞ୍ଚଳକୁ ଢାଙ୍କି ରଖେ ।

ସହରବାସୀ ମହାଶିବରାତ୍ରୀ ପର୍ବକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥା'ନ୍ତି । ଭକ୍ତମାନେ ଘିଅ ଦୀପରେ ଅଗ୍ନି ସଂଯୋଗ କରି ଚଟାଣ ପାଚେରି ଉପରେ ସେଗୁଡ଼ିକୁ ସଜାଇ ରଖନ୍ତି । ଦେଖିଲେ ଅନୁଭବ ହୁଏ ସତେ ଯେପରି ଭଗବାନଙ୍କ ଜ୍ଞାନ ଓ ଆନନ୍ଦ ଆଲୋକ ରୂପରେ ଏବଂ ତାଙ୍କରି ଇଚ୍ଛାରେ ସଜା ହୋଇ ରହିଛି । କୌଣସି ମାନୁଷୀ ହାତରେ ତାହା ସମ୍ଭବ ନୁହେଁ । ଆଲୋକ ବାଣ୍ଟୁଥିବା ଦୀପଗୁଡ଼ିକର ଅପୂର୍ବ ସମ୍ମିଳନ ଦିବ୍ୟ ସଙ୍ଗତିର ଭାବକୁ ପ୍ରକାଶ କରେ । ରାତ୍ରୀର ଅନ୍ଧକାରରେ ଦୀପଗୁଡ଼ିକ ମନ୍ଦିର ଗଳାରେ ସୁବର୍ଣ୍ଣମାଳା ହୋଇ ଶୋଭା ବର୍ଦ୍ଧନ କରେ । ଏହି ବିରଳ ଦୃଶ୍ୟକୁ ଉପଭୋଗ କରିବା ପାଇଁ ସହରରେ ଦର୍ଶନାର୍ଥୀମାନଙ୍କର ଭିଡ଼ ଜମେ । ସ୍ତୋତ୍ର, ମନ୍ତ୍ର ଓ ପ୍ରାର୍ଥନାର ଉଚ୍ଚାରଣରେ ଶିଖର ଓ ସହର ପ୍ରକମ୍ପିତ ହୁଏ ।

ଆୟୁଷ ଓ ଅମରେଶ ଦୁଇବନ୍ଧୁ ସ୍ଥାନୀୟ କଲେଜରେ ଅଧ୍ୟୟନ କରୁଥିବା ଦର୍ଶନ ବିଭାଗର ଛାତ୍ର । ଦିନେ ଶରତ ଋତୁର ଏକ ନରମ ସକାଳରେ ସେମାନେ ପ୍ରାର୍ଥନା କରିବା ଉଦ୍ଦେଶ୍ୟରେ ମନ୍ଦିରକୁ ବାହାରିଲେ । ଧୂସର ପାହାଚ ଉପରେ ପାଦରଖି ଉପରକୁ ଉଠିଲେ । ସେମାନେ ଯେତେ ଉପରକୁ ଉଠୁଥିଲେ, ତଳେ ଥିବା ବସ୍ତୁରାଜି ଆନୁପାତିକ ଭାବେ ଛୋଟ ଦେଖା ଯାଉଥିଲା । ଏହି ବିଷୟଟିକୁ ନେଇ ସେ ଦୁଇଜଣଙ୍କ ଭିତରେ ଚର୍ଚ୍ଚା ଚାଲିଲା । ଅମରେଶ କହିଲା, ''ଏହା ଆମ ଜୀବନରେ ପ୍ରତିଫଳିତ ଏକ ସତ୍ୟ । ସାଧାରଣ ଚେତନାରେ ବାସ କରୁଥିବା ବ୍ୟକ୍ତି ଯେତେବେଳେ ଭଗବାନଙ୍କୁ ଖୋଜେ, ତାଙ୍କ ଆଡ଼କୁ ନିର୍ଦ୍ଦେଶିତ ପଥରେ ଚାଲେ, ଧୀରେ ଧୀରେ ବାହ୍ୟବସ୍ତୁ ପ୍ରତି ତା'ର ଆସକ୍ତି ଓ ମୋହ କମ୍ ହେବାରେ ଲାଗେ । ତା'ର ଅନୁଭବ ହୁଏ, ସମସ୍ତ କିଛି ଭଗବାନଙ୍କର । ନିଜର ବ୍ୟବହାର୍ଯ୍ୟ ବସ୍ତୁଗୁଡ଼ିକୁ ଭଗବାନଙ୍କର ମନେ କରି ଶ୍ରଦ୍ଧା ଓ ଯତ୍ନର ସହ ବ୍ୟବହାର କରେ ।'' ଏହା ପରେ ଦୁଇବନ୍ଧୁ ଆଗକୁ ବଢ଼ିବାରେ ମନ ଦେଲେ । ନୀରବରେ ଏକାଗ୍ରତାର ସହ ପାହାଚ ପରେ ପାହାଚ ଅତିକ୍ରମ କରିବାରେ ଲାଗିଲେ । କିଛି ସମୟ ଉପରାନ୍ତେ ସେମାନେ ସୋପାନ ଶ୍ରେଣୀର ମଧ୍ୟଭାଗରେ ପହଞ୍ଚିଲେ ।

ହଠାତ୍ ଆୟୁଷ ଯନ୍ତ୍ରଣାରେ ପାଟି କରି ଉଠିଲା, ''ହେ ଭଗବାନ୍, ମୋ ଆଣ୍ଠୁରେ ଯନ୍ତ୍ରଣା ହେଉଛି । ମୁଁ କ୍ଳାନ୍ତ ଅନୁଭବ କରୁଛି । ମୋତେ ଆଦୌ ଭଲ ଲାଗୁ ନାହିଁ ।'' ସମବେଦନା ଲାଭ ଆଶାରେ ସେ ଅମରେଶ ମୁହଁକୁ ଚାହିଁଲା । ମାତ୍ର ଅମରେଶର ମୁଖମଣ୍ଡଳରେ ଭାବାନ୍ତରର କୌଣସି ଚିହ୍ନ ନଥିଲା । ନିର୍ଲିପ୍ତ ଭାବରେ ସେ ପାହାଚ ଉପରକୁ ଉଠି

ଚାଲୁଥିଲା । ଆହୁରି ମଧ୍ୟ ଅଧିକ ମାତ୍ରାରେ ଶାନ୍ତ ଓ ନୀରବ ଜଣା ପଡୁଥିଲା । ରୁକ୍ଷ ଗଳାରେ ଆୟୁଷ କହିଲା, ''ତୁମ ନୀରବତା ମୋତେ ଅଧିକ କଷ୍ଟ ଦେଉଛି । ମୋ କଥା ତୁମେ ଶୁଣିପାରୁଛ ? ମୋତେ ଏତେ ଦୁର୍ବଳ ଲାଗୁଛି ଯେ ମୁଁ ଆଗକୁ ଯାଇପାରୁ ନାହିଁ । ମୁଁ କିପରି ଭାବରେ ନିଜକୁ ସାହାଯ୍ୟ କରିପାରିବି ?'' ମାତ୍ର ଆୟୁଷକୁ କୌଣସି ଉତ୍ତର ମିଳିଲା ନାହିଁ । ଅତି ଆଶ୍ଚର୍ଯ୍ୟ ଭାବରେ ଅମରେଶ ପୂର୍ବଭଳି ନୀରବ ଥିଲା । ସେ ଅନ୍ୟ କୌଣସି ଭାବନା ରାଜ୍ୟରେ ହଜି ଯାଇଥିବା ଭଳି ମନେ ହେଉଥିଲା । ଅଧିକ ଅସ୍ଥିର ଭାବରେ ଆୟୁଷ କହି ଚାଲିଲା, ''ତୁମେ କ'ଣ ମୋର ବନ୍ଧୁ ନୁହଁ ? ମୋ ବ୍ୟକ୍ତିଗତ ମାମଲାରେ ନାକ ନ ପୂରାଇବା ପାଇଁ କ'ଣ ସଂକଳ୍ପ କରିଛ ? ତୁମର ଏ ପ୍ରକାର ଆଚରଣ ମୋତେ ଆଦୌ ଭଲ ଲାଗୁ ନାହିଁ ।''

ସ୍ୱାଭାବିକ ହୋଇ ଅମରେଶ ପ୍ରଶ୍ନ କଲା, ''ମୋତେ କିଛି କହିଲ ?''

''ହଁ, ସବୁକଥା ତୁମକୁ କହିଲି ।''

''ମୁଁ ସତ କହୁଛି, ମୁଁ କିଛି ଶୁଣି ନାହିଁ ।''

''କାହିଁକି ଶୁଣି ପାରିଲ ନାହିଁ ? ତୁମେ କ'ଣ ଶୋଇ ପଡ଼ିଥିଲ ? ଯେତେବେଳେ ମୋ ଦେହ ମୋତେ ସହଯୋଗ କରୁ ନାହିଁ, ତୁମର ସହାୟତା ଲୋଡ଼ିବି ନାହିଁ କି ? ହୋଇପାରେ, ତୁମ କଥାରେ ମିଛ ଓ ଛଳନା ରହିଛି ।''

ଅମରେଶ ଶାନ୍ତ ଗଳାରେ ଉତ୍ତର ଦେଲା, ''ସତ କହିବାକୁ ଗଲେ ମୁଁ ଭଗବାନଙ୍କ ବିଷୟରେ ଭାବୁଥିଲି । ସେହି ଭାବନାରେ କିଛି ସମୟ ପାଇଁ ହଜି ଯାଇଥିଲି । ତୁମ କଥା କିଂବା ମୋ କଥା ମୋ ମସ୍ତିଷ୍କ ଭିତରକୁ ଆସୁ ନଥିଲା । କହିବାକୁ ଗଲେ, ମୁଁ କିଛିକ୍ଷଣ ଅନ୍ତର୍ମୁଖୀ ହୋଇ ଯାଇଥିଲି । ବହୁତ ଆନନ୍ଦ ମିଳୁଥିଲା । ହୁଏତ ସେହି କାରଣରୁ ମୁଁ ତୁମ କଥା ଶୁଣିପାରି ନଥିଲି । ତୁମ ମନରେ ଆଘାତ ଦେଇଥିବାରୁ ଦୁଃଖିତ ।''

ଅମରେଶର କଥାରେ ସରଳତା ଓ ଶକ୍ତି ଥିଲା । ଏହାର ପ୍ରଭାବ ଆୟୁଷ ଉପରେ ପଡ଼ିଲେ ବି ସେ ପୂର୍ଣ୍ଣଭାବେ ଏହାକୁ ଉପଲବ୍ଧି କରି ପାରୁ ନଥିଲା; ମାତ୍ର ସେ ଶାନ୍ତ ଓ ସ୍ଥିର ଅବସ୍ଥାକୁ ଆସି ମନକୁ ମନ ଚିନ୍ତା କଲା – ଲୟ ଭଗବାନଙ୍କଠାରେ ଅଥଚ ପାଦ ଠିକ୍ ଭାବରେ କାମ କରି ଚାଲିଛି ! ନିଜ ପଢ଼ା ବହିରୁ ଗୋଟିଏ କଥା ତା'ର ମନେ ପଡ଼ିଲା । ଜଣେ ଭଗବତ୍ ଚିନ୍ତା ଭିତରେ ଅଭିନିବିଷ୍ଟ ରହିଲେ ବି ତା'ର ଅଙ୍ଗପ୍ରତ୍ୟଙ୍ଗ ସ୍ୱାଭାବିକ ଧାରାରେ କାର୍ଯ୍ୟ କରିପାରେ ଏବଂ ବାହାରର ମନ୍ଦ ପ୍ରଭାବରୁ ମୁକ୍ତ ରହିପାରେ । ଏହା ଅନୁଭବର ଏକ ବାସ୍ତବ ଦିଗ । ପରୋକ୍ଷରେ ଅମରେଶ ସେହି କଥା ତାକୁ ଶିକ୍ଷା ଦେଉଥିଲା । ମନେ ମନେ ସେ ତାକୁ ଧନ୍ୟବାଦ ଦେଲା । ନିଜ ହାତକୁ ଉଠାଇ ତା' କାନ୍ଧ ଉପରେ ରଖିଲା । ତା' ମନ ଭିତରୁ ଅଭିମାନର କଳା ଛାଇ ଅପସରି ଗଲା ।

ସେମାନେ ଶିଖରରେ ପହଞ୍ଚି ସାରିଥିଲେ । ମନ୍ଦିର ସାମନାରେ ପରିଷ୍କାର ସମତଳ ଅଗଣା । ପୁରୋହିତ ଫୁଲ ଓ ବେଲପତ୍ରକୁ ଗୋଟିଏ ଥାଳିରେ ସଜାଇ ରଖୁଥିଲେ । ଭଗବାନ୍ ଶିବଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇବା ଉପରାନ୍ତେ ଦୁଇବନ୍ଧୁ ପାଚେରି କଡ଼କୁ ଆସିଲେ । ତଳେ ଥିବା ଜନବସତି ଆଡ଼କୁ ଏକ ଲୟରେ ଚାହିଁ ରହିଲେ । ସହରରେ ଥିବା ସମୟରେ ସେମାନେ ଯାହା ଦେଖି ପାରୁ ନଥିଲେ, ଉପରକୁ ଉଠି ଏବଂ ସେଠାରୁ ଦୃଷ୍ଟିପକାଇ ସମସ୍ତ କିଛି ଭଲ ଭାବରେ ଦେଖି ପାରିଲେ । ଠିକ୍ ଏହିଭଳି ମନୁଷ୍ୟ ଯେତେବେଳେ ନିଜ ସୀମାବଦ୍ଧ ଅହଂ ଭିତରେ ବାସ କରୁଥାଏ, ନିଜର ଦୋଷତ୍ରୁଟି ତା' ଆଖିରେ ପଡ଼େ ନାହିଁ । ଯେତେବେଳେ ସେ ନିଜର ସୀମାବଦ୍ଧ ଚେତନାର ଉପରକୁ ଉଠିଯାଏ ସେ ସେସବୁକୁ ଦେଖିପାରେ । ନିଜକୁ ସେଥିରୁ ମୁକ୍ତ କରିବାର ସଂକଳ୍ପ ନିଏ ।

ସର୍ବତ୍ର ଭଗବାନଙ୍କ ସୂକ୍ଷ୍ମ ଉପସ୍ଥିତିକୁ ଆୟୁଷ ଅନୁଭବ କରୁଥିଲା । ତା'ର ଅନୁଭବଟିଏ ଆସିଲା – ଚଟାଣର ବାହାରକୁ ବିଞ୍ଚା ଯାଉଥିବା ଫୁଲ ଓ ବେଲପତ୍ର ପ୍ରଭୁଙ୍କ ସ୍ପର୍ଶ ଓ କୃପାକୁ ବହନ କରେ । ଏହା ସହରବାସୀଙ୍କ ଆନ୍ତର ଅଗ୍ରଗତିରେ ସହାୟକ ହୁଏ । ଏହା ପ୍ରଭୁଙ୍କ ଇଚ୍ଛାର ଏକ ସୂକ୍ଷ୍ମଧାରା, ଯାହା ସମସ୍ତଙ୍କୁ ଗୋଚର ନଥାଏ । ଏହି କଥା ଭାବି ସେ ମନେ ମନେ ପୁଲକିତ ହୋଇ ଉଠିଲା ।

ଅଗଣାର ଗୋଟିଏ କୋଣରେ ଦୁଇବନ୍ଧୁ ବିଚିତ୍ର ଦୃଶ୍ୟଟିଏ ଦେଖିଲେ । ନେଉଳ ଓ ନାଗସାପର ଖେଳ । ଫଣାଟେକି ନାଗ ଖରାରେ ପଡ଼ି ରହିଥିଲା । ନେଉଳ ତା' ଦେହ ଉପରଦେଇ ଏପାଖ ସେପାଖ ଦୌଡୁଥିଲା । କେହି କାହାର କ୍ଷତି କରୁ ନଥିଲେ । ମନେ ହେଉଥିଲା ଯେପରି ଶିଖରଟି ଶତ୍ରୁତା ଓ ସଂଘର୍ଷ ବିବର୍ଜିତ ଏକ ସ୍ଥାନରେ ପରିଣତ ହୋଇସାରିଥିଲା । ଆୟୁଷର ଆଶ୍ଚର୍ଯ୍ୟ ଓ ଜିଜ୍ଞାସୁ ମନୋଭାବକୁ ଅମରେଶ ଠଉରାଇ ନେଲା । ସେ କହିଲା, ''ଏ ଚଟାଣ ଉପରେ ଭଗବାନଙ୍କର ଉପସ୍ଥିତି ରହିଛି । ତା'ର ପ୍ରଭାବରେ

ଘୋର ଶତ୍ରୁତା ଆଚରଣ କରୁଥିବା ଜୀବ ଦୁଇଟିର ସ୍ୱଭାବ ବଦଳି ଯାଇଛି । ସେମାନଙ୍କ ଭିତରେ କେବଳ ମିତ୍ରତା ଓ ଖୁସି ରହିଛି । ଏଠାରେ ସବୁକିଛି ଏହିଭଳି ବିଚିତ୍ର । ସାଧାରଣ ମନରେ ଏକଥା ବୁଝିହେବ ନାହିଁ ।'' ଆୟୁଷକୁ ଲାଗିଲା, ସେମାନେ ଏକ ଆଶ୍ଚର୍ଯ୍ୟ ଦୁନିଆଁରେ ପାଦ ରଖିଛନ୍ତି ।

ସେମାନେ ପୁରୋହିତଙ୍କ ସାମନାରେ ଆଣ୍ଠୁମାଡ଼ି ବସିଲେ । ଶ୍ୱେତ ବସ୍ତ୍ର ପରିଧାନ କରିଥିବା ପୁରୋହିତ ସ୍ୱଳ୍ପ ହସି ସେମାନଙ୍କୁ ସ୍ୱାଗତ କଲେ । ତାଙ୍କର ସୁଗଠିତ ଶରୀର ପାଚିଲା ଲେମ୍ବୁର ରଙ୍ଗକୁ ଧାରଣ କରିଥିଲା । ଦେହ ଅପେକ୍ଷା ତାଙ୍କର ଶ୍ରଦ୍ଧାପୂର୍ଣ୍ଣ ହୃଦୟଟି ଅଧିକ ଆକର୍ଷଣୀୟ ଲାଗୁଥିଲା । ବ୍ୟକ୍ତିତ୍ୱରେ ସାମାନ୍ୟତମ ସ୍ୱାର୍ଥପରତାର ଚିହ୍ନ ନଥିଲା । ମନ୍ଦିରରେ ତାଙ୍କର ଜୀବନଧାରା ବିଷୟରେ ଦୁଇବନ୍ଧୁ ଜାଣିବାକୁ ଚାହିଁଲେ । ସେ କହିଲେ, ''ପ୍ରଭୁଙ୍କ ସେବା ଓ ପ୍ରସାଦ ତାଙ୍କ ସୁସ୍ଥ ଜୀବନର କାରଣ ।'' ତାଙ୍କ ସେବାରେ ସେ ଅନେକ ବିନିଦ୍ର ରଜନୀ ଅତିବାହିତ କରିଛନ୍ତି । ସେଥିରେ କ୍ଲାନ୍ତି ନଥାଏ । ପ୍ରଚୁର ତୃପ୍ତି ଓ ଆନନ୍ଦ ଥାଏ । ସେ ଓ ତାଙ୍କର ସାଥୀ ବେଳେବେଳେ ରାତିରେ ଉଜାଗର ରହି ସହରବାସୀଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତି । ମାତ୍ର ତାଙ୍କର କର୍ମ ଓ ଜୀବନଧାରା ସହରବାସୀଙ୍କ ଠାରୁ ଭିନ୍ନ ।

ଅମରେଶ ପ୍ରଶ୍ନ କଲା, ''ଏ ମନ୍ଦିର କାହିଁକି ପାହାଡ଼ ଶିଖରରେ ନିର୍ମାଣ କରାଯାଇଛି ?'' କିଛିକ୍ଷଣ ନୀରବ ରହି ପୁରୋହିତ କହିଲେ, ''ଶିଖର ଉପରେ ମନ୍ଦିର ଉଚ୍ଚତର ଚେତନାକୁ ସୂଚିତ କରେ । ସହର ସାଧାରଣ ଚେତନାରେ ବସ୍ତୁଗତ ଜୀବନକୁ ବୁଝାଏ । ମୋର ମନେହୁଏ ଏହି ପ୍ରତୀକାତ୍ମକ ଅର୍ଥକୁ ମନ୍ଦିର ନିର୍ମାତା ବୁଝିଥିଲେ । ଯାବତୀୟ ଜୀବନ ଓ ବସ୍ତୁ ଭଗବାନଙ୍କର ସୃଷ୍ଟି । ସମସ୍ତେ ତାଙ୍କରି ଇଚ୍ଛାରେ ଆତଯାତ ହୁଅନ୍ତି । ତେଣୁ ସମସ୍ତ କିଛି ତାଙ୍କ ପାଦତଳେ ଆଶ୍ରୟ ନେବା ଏକମାତ୍ର ସତ୍ୟ । ଗର୍ବ ଓ ଦମ୍ଭ ଭିତରେ କିଛି ନଥାଏ ।''

ଆୟୁଷ ଜାଣିବାକୁ ଚାହିଁଲା, ''ପ୍ରଭୁଙ୍କ ସ୍ୱରୂପ ଦର୍ଶନ ଲାଭ ସମ୍ଭବ ହୁଏ କି ?''

''ହୃଦୟର ଗଭୀରରେ ସେ ରହିଛନ୍ତି । ଆମ ହୃଦୟର ଦ୍ୱାର ଖୋଲିବା ଆବଶ୍ୟକ । ମନର ଏକାଗ୍ରତା ଓ ହୃଦୟର ପ୍ରାର୍ଥନା ଦ୍ୱାରା ଏହା ସମ୍ଭବ ହୋଇପାରେ । ଏହା ଦ୍ୱାରା ଆଧାର ଶୁଦ୍ଧ ଓ ଶକ୍ତିଶାଳୀ ହୁଏ । ଆମ ହୃଦୟର ଗଭୀରରେ ଚୈତ୍ୟସତ୍ତା ବା ଆତ୍ମା ବିଦ୍ୟମାନ । ଏହା ଭଗବାନଙ୍କର ପ୍ରତିଭୂ ବା ଅଂଶ । ଏହାହିଁ ଯଥାର୍ଥରେ ଭଗବାନଙ୍କୁ ଆସ୍ପୃହା କରେ । ମାତ୍ର ସବୁକିଛି ଭଗବାନଙ୍କ କୃପା ଉପରେ ନିର୍ଭର କରେ । ତାଙ୍କ କୃପାରେ ଆମ ପ୍ରକୃତି ଓ ଜୀବନରେ ଆଧ୍ୟାତ୍ମିକ ପରିବର୍ତ୍ତନ ଆସେ ।'' — ପୁରୋହିତ କହିଲେ ।

ଆୟୁଷ କହିଲା, ''ଏ ମନ୍ଦିର ବିଷୟରେ ଅଧିକ କିଛି ପ୍ରକାଶ କଲେ ଆମେ କୃତଜ୍ଞ ରହିବୁ ।''

''ଏ ମନ୍ଦିର ପୁଲକ ଓ ପବିତ୍ରତା ବାଣ୍ଟି ଆସିଛି । ମୋ ପିତା କହୁଥିବାର ମୁଁ ଶୁଣିଛି — ଭଗବାନ୍ ଏ ପାହାଡ଼କୁ ସୃଷ୍ଟି କରିଛନ୍ତି ଏବଂ ପାହାଡ଼ ଉପରେ ଥାଇ ଏ ସହରକୁ ତିଆରି କରିଛନ୍ତି । ସମସ୍ତଙ୍କ ପାଇଁ ତାଙ୍କର ଅଶେଷ କରୁଣା ରହିଛି ।''

ଆୟୁଷ ମନେ ମନେ ଶିଖରର ଅନୁଭବକୁ ଶ୍ରେଣୀକକ୍ଷର ଜ୍ଞାନ ସହିତ ତୁଳନା କରୁଥିଲା । ତା'ର ଅନୁଭବ ହେଲା, ମନ୍ଦିରର ପୁରୋହିତ ତା' ପ୍ରଫେସରଙ୍କ ଠାରୁ କିଛି କମ୍ ଜ୍ଞାନୀ ନଥିଲେ । ଫେରିବା ବେଳେ ଦୁଇବନ୍ଧୁଙ୍କର ହୃଦୟ ଶରତକାଳୀନ ନିର୍ମଳ ଆକାଶ ଭଳି ସ୍ୱଚ୍ଛ ଥିଲା । ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ସାରା ସହର ସେମାନଙ୍କୁ ଅବିଶ୍ୱସନୀୟ ଭାବେ ଚମତ୍କାର ଦିଶୁଥିଲା ।

ପରମପ୍ରଭୁ ଶ୍ରୀଅରବିନ୍ଦ ଯୋଗ ପତ୍ରମାଳାରେ ଉଲ୍ଲେଖ କରିଛନ୍ତି :

"The lower consciousness ascends towards the higher to join it – the higher descends into the lower to transform it. It is the rule of the consciousness in this sadhana."

(CWSA, Vol. 30, p. 417)

ଏହାର ଓଡ଼ିଆ ଅନୁବାଦ ଏହିପରି ହୋଇପାରେ :

''ନିମ୍ନତର ଚେତନା ଉଚ୍ଚତର ଚେତନା ସହ ଯୁକ୍ତ ହେବା ପାଇଁ ସେହି ଆଡ଼କୁ ଆରୋହଣ କରେ — ଉଚ୍ଚତର ଚେତନା ନିମ୍ନତର ଚେତନାକୁ ରୂପାନ୍ତରିତ କରିବା ସକାଶେ ତା' ମଧ୍ୟକୁ ଅବତରଣ କରେ । ଏହି ସାଧନାରେ ଏହା ଚେତନାର ନିୟମ ।''

❑❑❑

# ଡକ୍ଟର ଇନ୍ଦ୍ରସେନ୍

ଗତ ଫେବ୍ରୁଆରୀ 'ନବପ୍ରକାଶ'ରେ 'ପଣ୍ଡିଚେରୀରେ ଶ୍ରୀଅରବିନ୍ଦ' ଶୀର୍ଷକ ପ୍ରବନ୍ଧରେ ଉଲ୍ଲେଖ ଥିଲା ଯେ ସେତେବେଳେ ଦିଲ୍ଲୀରେ ଦୁଇଜଣ ଶ୍ରୀମାଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଅନୁରାଗୀ ସ୍ୱନାମଖ୍ୟାତ ଭକ୍ତ ଥିଲେ – ସୁରେନ୍ଦ୍ରନାଥ ଜୋହର ଏବଂ ଡ. ଇନ୍ଦ୍ରସେନ୍ । ନିମ୍ନରେ ଡ. ଇନ୍ଦ୍ରସେନ୍‌ଙ୍କ ସମ୍ବନ୍ଧେ ପଦେ-ଅଧେ ଉଲ୍ଲେଖ କରାଯାଉଛି ।

ଡ. ଇନ୍ଦ୍ରସେନ୍ ତଦାନୀନ୍ତନ ପଞ୍ଜାବର ଝେଲମ୍ ଜିଲ୍ଲାରେ (ଅଧୁନା ପାକିସ୍ତାନରେ) ୧୩ ମେ, ୧୯୦୩ରେ ଜନ୍ମଗ୍ରହଣ କରିଥିଲେ । ମାତାପିତା କିନ୍ତୁ ଦିଲ୍ଲୀରେ ଆସି ବସବାସ କରୁଥିଲେ । ଇନ୍ଦ୍ରସେନ୍ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍. ଏ. ପାସ୍ କରିବାର ଅବ୍ୟବହିତ ପରେ ୧୯୨୮ ମସିହାରେ ସେ ସେହି ସମାନ ବିଶ୍ୱବିଦ୍ୟାଳୟରେ ଦର୍ଶନଶାସ୍ତ୍ର ଏବଂ ମନୋବିଜ୍ଞାନରେ ପ୍ରଫେସର ପଦରେ ନିଯୁକ୍ତ ହୋଇଥିଲେ । ଇତିମଧ୍ୟରେ ସେ ଆଇନଶାସ୍ତ୍ରରେ ଡିଗ୍ରୀ ହାସଲ (L.L.B.) ପୂର୍ବକ ସ୍ୱେଚ୍ଛାରେ ଭାରତରେ ବ୍ରିଟିଶ ସରକାରଙ୍କ ଅଧୀନରେ ଏହି ବିଭାଗରେ କାର୍ଯ୍ୟ କରି ନଥିଲେ । ସେ ୫ ଡିସେମ୍ବର, ୧୯୨୮ରେ ବିବାହ କରିଥିଲେ ଏବଂ ତାଙ୍କର ଥିଲେ ଦୁଇଟି ସନ୍ତାନ । ୧୯୩୧ରେ ଜର୍ମାନକୁ ଯାଇ ଦର୍ଶନଶାସ୍ତ୍ରରେ ପି. ଏଚ. ଡି. ଡିଗ୍ରୀ ହାସଲପୂର୍ବକ ସେ ଡ. ଇନ୍ଦ୍ରସେନ୍ ନାମରେ ସୁପରିଚିତ ହେଲେ । ୧୯୩୩ରେ ଭାରତକୁ ଫେରି ଆସି ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ତାଙ୍କର ଅଧ୍ୟାପନା କାର୍ଯ୍ୟରେ ପୁନଃପ୍ରବେଶ କଲେ । ଇତିମଧ୍ୟରେ ସେ 'ଇଣ୍ଡିଆନ୍ ସାଇନ୍ସ୍ କଂଗ୍ରେସ'ର ପ୍ରେସିଡେଣ୍ଟ୍ ରୂପେ ନିର୍ବାଚିତ ହୋଇଥିଲେ ।

ଡ. ଇନ୍ଦ୍ରସେନ୍ ତାଙ୍କର ବାଲ୍ୟାବସ୍ଥାରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥିବା ଆଧ୍ୟାତ୍ମିକ ପୁରୁଷଙ୍କର ସାହଚର୍ଯ୍ୟ ଲାଭ ସକାଶେ ତୀବ୍ର ଭାବରେ ଆସ୍ପୃହା ରଖିଥିଲେ । ଏଥିନିମିତ୍ତ ସେ ଭାରତର ବିଭିନ୍ନ ସ୍ଥାନକୁ ପରିଭ୍ରମଣରେ ଯାଉଥିଲେ । ସୌଭାଗ୍ୟବଶତଃ ଏହିପରି ଏକ ଭ୍ରମଣରେ, ୧୯୩୯ରେ ସୁରେନ୍ଦ୍ରନାଥ ଜୋହରଙ୍କ ସହିତ ପଣ୍ଡିଚେରୀ ଆଶ୍ରମକୁ ପରିଦର୍ଶନରେ ଆସିଥିଲେ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭପୂର୍ବକ ତାଙ୍କର ଅନ୍ୟ ସ୍ଥାନକୁ ପରିଭ୍ରମଣ କରିବାର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ୧୯୪୦ରେ ସପରିବାର ଆସି ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଦର୍ଶନ କଲେ । ଏହାପରଠୁ ସେ ନିୟମିତ ଭାବରେ ଆଶ୍ରମକୁ ଆସିବାର ଅନୁମତି ପ୍ରାପ୍ତ ହୋଇଥିଲେ ।

ଫେବ୍ରୁଆରୀ ମାସ ୧୯୪୩ ମସିହାରେ ଶ୍ରୀମା ଇନ୍ଦ୍ରସେନ୍‌ଙ୍କ ପରିବାର (ସ୍ତ୍ରୀ ଓ ଦୁଇ ସନ୍ତାନ)କୁ ଆଶ୍ରମରେ ସ୍ଥାୟୀ ଭାବରେ ରହି ଯିବାକୁ ନିର୍ଦ୍ଦେଶ ଦେଲେ । ୨୪ ଏପ୍ରିଲ ଦର୍ଶନକୁ ଆସି ସେମାନେ ଆଶ୍ରମରେ ରହି ଯାଇଥିଲେ । ଶ୍ରୀମାଙ୍କ ନିର୍ଦ୍ଦେଶାନୁସାରେ ଇନ୍ଦ୍ରସେନ୍ ଦିଲ୍ଲୀରେ ତାଙ୍କର ଅଧ୍ୟାପନା କାର୍ଯ୍ୟ ଚାଲୁ ରଖିଥିଲେ । ୧୯୪୫ରେ ଶ୍ରୀମା ତାଙ୍କୁ ଆଦେଶ ଦେବାରୁ ସେ ତାଙ୍କ କର୍ମକ୍ଷେତ୍ରରୁ ଇସ୍ତଫା ଦେଇ ଆଶ୍ରମକୁ  ଚାଲି ଆସିଲେ । କିନ୍ତୁ ସେ ଶ୍ରୀମା'ଙ୍କ ନିର୍ଦ୍ଦେଶ କ୍ରମେ ଦିଲ୍ଲୀରେ ତଥାପି ନେଶନାଲ କଂଗ୍ରେସର ଫିଲୋସଫି, ସାଇକୋଲଜି, ଦର୍ଶନ ଶାସ୍ତ୍ର ଏବଂ ଯୋଗ ସମ୍ବନ୍ଧରେ ଜଣେ ଶିକ୍ଷା ପରାମର୍ଶଦାତା ରୂପେ ରହିଥିଲେ । ପରବର୍ତ୍ତୀ ସମୟରେ ସେ ଆଶ୍ରମକୁ ଆସି ଶ୍ରୀମାଙ୍କ ନିର୍ଦ୍ଦେଶରେ ପ୍ରଥମେ ଆଶ୍ରମ ଅଙ୍ଗନରେ ଥିବା ଫୁଲ କୁଣ୍ଡରେ ପ୍ରତିଦିନ ଜଳ ସିଞ୍ଚନ କରୁଥିଲେ । ତା'ପରେ ଦଶବର୍ଷ ଧରି ଆଶ୍ରମ ପ୍ରେସର ପ୍ରିଣ୍ଟିଂ ସେକ୍ସନ୍‌ର ମୁଖ୍ୟ ଥିଲେ । ଅଧିକନ୍ତୁ ସେ ଆଶ୍ରମ ସ୍କୁଲରେ 'ଇଣ୍ଟିଗ୍ରାଲ୍ ଫିଲୋସଫି'ର ଅଧ୍ୟାପକ ଥିଲେ; ପୁନଶ୍ଚ ଶ୍ରୀମା'ଙ୍କର ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଭାରତର ଉତ୍ତରାଞ୍ଚଳରେ ତିନୋଟି ସେଣ୍ଟର ଖୋଲିଥିଲେ । – ହରିଦ୍ୱାର ନିକଟସ୍ଥ ଜ୍ୱାଲାପୁରରେ; ଏବଂ ଅନ୍ୟ ଦୁଇଟି କୁମାୟୁନ୍ ପର୍ବତାଞ୍ଚଳରେ – 'ମାଉଣ୍ଟେନ୍ ପାରାଡାଇଜ୍' ଏବଂ 'ତପୋଗିରି' । ତପୋଗିରିର ସେଣ୍ଟରକୁ ଚଳାଇବାରେ ସମସ୍ୟା ଉପୁଜିବାରୁ ଶ୍ରୀଅରବିନ୍ଦ ତାଙ୍କୁ ଲେଖିଥିଲେ : 'This is our foot-hold in the Himalayas – it is not to be sold.'

୧୬ ମାର୍ଚ୍ଚ, ୧୯୯୪ରେ ଡ. ଇନ୍ଦ୍ରସେନ୍ 'ଆଶ୍ରମ ନର୍ସିଂ ହୋମ'ରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶାନ୍ତିପୂର୍ଣ୍ଣ ଭାବରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

('Mother India' : June 1994; pp. 409-11)

ସଂଗ୍ରାହକ : ଗୋପାଳଚନ୍ଦ୍ର ମାହାନା

❑❑❑

ପ୍ରଣାମ ନାରୀଶକ୍ତି (୨୪) :

# ରାଣୀ ଶୁକଦେଈ

## ସୂର୍ଯ୍ୟକାନ୍ତି ମହାନ୍ତି

ସାହସିକତା, ନେତୃତ୍ୱ, କରୁଣା ଓ ଧୈର୍ଯ୍ୟଶୀଳତାର ପ୍ରତୀକ ହେଉଛନ୍ତି ଓଡ଼ିଶା ମାଟିର କନ୍ୟା ଏବଂ ଜଣେ ବିସ୍ମୃତ ବୀରାଙ୍ଗନା ରାଣୀ ଶୁକଦେଈ । ତାଙ୍କର ପ୍ରେରଣାଦାୟୀ ଜୀବନୀ ହେଉଛି ଓଡ଼ିଶା ଇତିହାସରେ ଏକ ଗୌରବମୟ ଗାଥା । ୧୬୮୬ ମସିହାର ଭାଦ୍ରବ ମାସରେ ଭାଗବତ ଅଷ୍ଟମୀର ଏକ ଶୁଭ ମାହେନ୍ଦ୍ର ବେଳାରେ ରାଜକୁମାରୀ ସୁକନ୍ୟା ଦେବୀଙ୍କର ଜନ୍ମ । ପିତା ବଡ଼ମ୍ବାର ରାଜା ବୀରବର ବଳଭଦ୍ର ଦେବ ମଙ୍ଗରାଜ ଏବଂ ମାତା ଜୟନ୍ତୀ ଦେବୀ । ଲକ୍ଷ୍ମୀଙ୍କ ସମ ଏକ କନ୍ୟା ସନ୍ତାନର ଜନ୍ମ ସମ୍ବାଦ ଦାସୀ ଠାରୁ ଶ୍ରବଣ କରି ପିତା ଆନନ୍ଦରେ ବିହ୍ୱଳ ହୋଇ ଉଠିଥିଲେ । ଏହା ଥିଲା ରାଜାଙ୍କର ପ୍ରଥମ ପିତା ହେବାର ସୌଭାଗ୍ୟର ମୁହୂର୍ତ୍ତ । ଏହି ଆନନ୍ଦପୂର୍ଣ୍ଣ ସମ୍ବାଦ ବଡ଼ମ୍ବା ରାଜ୍ୟରେ ବିଜୁଳି ବେଗରେ ବ୍ୟାପି ଗଲା ଏବଂ ଏକୋଇଶ ଦିବସ ଧରି ସମଗ୍ର ରାଜ୍ୟରେ ଆଡ଼ମ୍ବର ସହକାରେ ଏହି ଜନ୍ମ ଉତ୍ସବ ପାଳନ କରାଯାଇଥିଲା ।

ଚନ୍ଦ୍ରକଳାର ବୃଦ୍ଧି ପରି ଶିଶୁ ରାଜକୁମାରୀ ସୁକନ୍ୟା ଦେବୀ ବଢ଼ିବାରେ ଲାଗିଲେ । ଶୈଶବକାଳରୁ ସେ ରାଜପ୍ରାସାଦର ବିଳାସପୂର୍ଣ୍ଣ ଜୀବନ ପ୍ରତି ଥିଲେ ବୀତସ୍ପୃହ । ଆମୋଦ-ପ୍ରମୋଦ ପ୍ରତି ତାଙ୍କର ନଥିଲା କୌଣସି ଆଗ୍ରହ ବରଂ ଥିଲା ଏକ କୌତୂହଳପୂର୍ଣ୍ଣ ଅନୁସନ୍ଧିତ୍ସୁ ମନ । ବିଶେଷତଃ ରାଜନୀତି, ବିଜ୍ଞାନ, ଦର୍ଶନ, ଧାର୍ମିକ ଆଲୋଚନା, ଅଶ୍ୱାରୋହଣ, କଳା, ସମର କୌଶଳ ଓ ରଣନୀତି ପ୍ରତି ତାଙ୍କର ଥିଲା ପ୍ରବଳ ଆକର୍ଷଣ । ବଡ଼ମ୍ବା ରାଜକୀୟ ଦୁର୍ଗର ନିକଟରେ ମହାନଦୀ କୂଳରେ ଅବସ୍ଥିତ ଦେବୀ 'ଭଟ୍ଟାରିକା'ଙ୍କର ମନ୍ଦିର । ଏହାର ଅନତିଦୂରରେ ଥିଲା ଏକ ମୁକ୍ତ ପଡ଼ିଆ ଜମି, ଯେଉଁଠାରେ ବାସ କରୁଥିଲେ ସମର କଳାରେ ନିପୁଣ ଜଣେ ମଧ୍ୟବୟସ୍କା କନ୍ଧ ମହିଳା । ସେ ଦେବୀ ଭଟ୍ଟାରିକାଙ୍କର ଥିଲେ ପରମ ଉପାସିକା । ରାଜକୁମାରୀ ସୁକନ୍ୟା ଦେବୀଙ୍କର ଯୁଦ୍ଧ ବିଦ୍ୟା ପ୍ରତି ପ୍ରଚଣ୍ଡ ଆଗ୍ରହ ଦେଖି ତାଙ୍କର ମାତାପିତା ଏହି କନ୍ଧ ମହିଳାଙ୍କ ଅଧୀନରେ ସମର ଶିକ୍ଷା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କଲେ । ଏଠାରେ ବହୁ ବର୍ଷ ଧରି ରାଜକୁମାରୀଙ୍କର ପ୍ରଶିକ୍ଷଣ ଚାଲୁ ରହିଲା । ତାଙ୍କର ଅସାଧାରଣ ସାହସିକତା ଏବଂ ଯୁଦ୍ଧ କଳାର ନୈପୁଣ୍ୟ ଦେଖି ପ୍ରଶିକ୍ଷିକା ବି ମୁଗ୍ଧ ହେଉଥିଲେ ।

ସୁକନ୍ୟା ଦେବୀଙ୍କର ସୌନ୍ଦର୍ଯ୍ୟ, ଧାର୍ମିକ ମନୋଭାବ, ଅସାଧାରଣ ଧୀଶକ୍ତି ଏବଂ ସାମରିକ ଦକ୍ଷତା ବିଷୟ ଖୁବ୍ ଶୀଘ୍ର ପରିବ୍ୟାପ୍ତ ହୋଇଥିଲା ପଡ଼ୋଶୀ ରାଜ୍ୟମାନଙ୍କରେ । ତେଣୁ ବହୁ ଯୁବ ରାଜକୁମାରଙ୍କର ସେ ହୋଇଥିଲେ ସ୍ୱପ୍ନର ରାଜକୁମାରୀ । ଅଳ୍ପ କିଛି ବର୍ଷ ପରେ ସ୍ୱୟମ୍ବର ସଭାରେ ସୁକନ୍ୟା ଦେବୀ ପତି ରୂପେ ବରଣ କରିଥିଲେ ବାଙ୍କୀର ରାଜକୁମାର ଧନଞ୍ଜୟ ତ୍ରୈଲୋକ୍ୟନାଥ ଶ୍ରୀଚନ୍ଦନ ଦେବଙ୍କୁ । ୧୭୦୨ ମସିହାରେ ମାତ୍ର ଷୋହଳ ବର୍ଷ ବୟସରେ ସେ ବାଙ୍କୀରେ ରାଣୀ ଶୁକଦେଈ ରୂପେ ଅଭିଷିକ୍ତ ହୋଇଥିଲେ । ରାଣୀଙ୍କର ବିଭିନ୍ନ ଦିଗରେ ଦକ୍ଷତା ଯୋଗୁଁ ରାଜା ଧନଞ୍ଜୟ ବହୁ ସମୟରେ ତାଙ୍କର ପରାମର୍ଶ ଲୋଡୁଥିଲେ । ଏଣୁ ବାଙ୍କୀ ରାଜଦରବାରରେ ରାଣୀ ଶୁକଦେଈଙ୍କର ଥିଲା ନିଜସ୍ୱ ସ୍ୱତନ୍ତ୍ର ସିଂହାସନ । ଅଠର ବର୍ଷ ବୟସରେ ରାଣୀ ରାଜକୁମାର ଦୟାନିଧିଙ୍କୁ ଜନ୍ମ ଦେଇଥିଲେ ।

ଏହି ସମୟରେ ଖୋର୍ଦ୍ଧାର ଶକ୍ତିଶାଳୀ ଶାସକ ମହାରାଜା ଗଜପତି ଗୋପୀନାଥ ଦେବ ତାଙ୍କ ନିଜର ନିଷ୍ଠୁର ପ୍ରକୃତି ପାଇଁ ପରିଚିତ ଥିଲେ । ବ୍ରିଟିଶ ଔପନିବେଶିକ ଶକ୍ତିକୁ ସେ ବିଭିନ୍ନ ପ୍ରକାର ଚାଲାକି କରି ସନ୍ତୁଷ୍ଟ କରି ରଖିଥିଲେ । ତାଙ୍କର ସେନାବାହିନୀର ପ୍ରଧାନ ସେନାପତି ଥିଲେ ବୀର ବିକ୍ରମ ମର୍ଦ୍ଦରାଜ । ଶକ୍ତିଶାଳୀ ଖୋର୍ଦ୍ଧା ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ଶ୍ରୀ ଜଗନ୍ନାଥ ମନ୍ଦିର ଅନ୍ତର୍ଭୁକ୍ତ ଥିଲା ।

ରାଣୀ ଶୁକଦେଈଙ୍କର ସୌନ୍ଦର୍ଯ୍ୟ ଓ ଅସାଧାରଣ ବୁଦ୍ଧିମତ୍ତା ବିଷୟରେ ଗୁପ୍ତଚରମାନଙ୍କଠାରୁ ଶୁଣି ଏହି ଅହଙ୍କାରୀ, ଉଦ୍ଧତ ଓ ଦୁଶ୍ଚରିତ୍ର ଗଜପତି ତାଙ୍କୁ ଲାଭ କରିବାର କୁଅଭିଳାଷରେ ମାତାଲ ହୋଇଗଲେ । ୧୭୨୦ ମସିହାରେ ଅକ୍ଷୟ ତୃତୀୟା ଦିନ ରାଣୀ ଶୁକଦେଈ ଓ ସ୍ୱାମୀ ରାଜା ଧନଞ୍ଜୟ ପୁରୀ ଶ୍ରୀ ଜଗନ୍ନାଥ ଧାମ ପରିଦର୍ଶନ କରିବା ପାଇଁ ଯାଇଥିଲେ ।

ସେମାନେ ଗଜପତି ଗୋପୀନାଥଙ୍କ ସମ୍ମାନିତ ଅତିଥି ଭାବରେ ରାଜାଙ୍କ ଅତିଥି ଭବନରେ ରହିଥିଲେ । ସେଠାରେ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ସହିତ ଚନ୍ଦନ ଯାତ୍ରା ପର୍ବ ମଧ୍ୟ ଦର୍ଶନ କରିଥିଲେ, ଯାହା ରାଣୀଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ନାଟକୀୟ ପରିବର୍ତ୍ତନ ଆଣିଥିଲା ।

ରାଣୀ ଶୁକଦେଈଙ୍କ ସୌନ୍ଦର୍ଯ୍ୟରେ ଗଜପତି ଗୋପୀନାଥ ବିମୋହିତ ହୋଇ ତାଙ୍କୁ ଲାଭ କରିବାର ଏକ ପ୍ରତାରଣାପୂର୍ଣ୍ଣ ଯୋଜନା ପ୍ରସ୍ତୁତ କଲେ । ସେହି ଅନୁଯାୟୀ ପୁରୀରେ ରାଜାଙ୍କ ଅତିଥି ଭବନରେ ମଧ୍ୟାହ୍ନ ଭୋଜନ ସମୟରେ ହଠାତ୍ ଗଜପତି ଗୋପୀନାଥ ରାଜା ଧନଞ୍ଜୟଙ୍କୁ ପ୍ରସ୍ତାବ ରଖିଲେ ଯେ ରାଣୀ ଶୁକଦେଈଙ୍କୁ ସେ ନିଜର ରାଣୀ କରିବାକୁ ଚାହାଁନ୍ତି । ଏହା ଯେକୌଣସି ସମ୍ପତ୍ତି ବିନିମୟରେ ସେ ଲାଭ କରିବାକୁ ଇଚ୍ଛୁକ । ଏହା ଶୁଣି ରାଜା ଧନଞ୍ଜୟ ଗଭୀର ଭାବରେ ଅପମାନିତ ହୋଇ କ୍ରୋଧରେ ଥରି ଉଠିଲେ । ମାତ୍ର ନିଜ ସଂଯମତା ରକ୍ଷା କରି ସେ ଖୁବ୍ ଶୀଘ୍ର ନିଜର ବିଶ୍ୱସ୍ତ ସୁରକ୍ଷାକର୍ମୀଙ୍କ ସହାୟତାରେ ରାଣୀଙ୍କ ସହ ବାଙ୍କୀ ପ୍ରତ୍ୟାବର୍ତ୍ତନ କଲେ ।

ଲମ୍ପଟ ଗଜପତିଙ୍କର ଔଦ୍ଧତ୍ୟ ଏପରି ଚରମ ଅବସ୍ଥାରେ ପହଞ୍ଚିଥିଲା ଯେ ସେ ପ୍ରତିଜ୍ଞା କଲେ, ଯଦି ସେ ଶୁକଦେଈଙ୍କୁ ଲାଭ କରି ନପାରନ୍ତି, ତା'ହେଲେ ବାଙ୍କୀକୁ ଆକ୍ରମଣ କରି ସମଗ୍ର ରାଜ୍ୟକୁ ନିଜ ଅଧୀନକୁ ଆଣି ରାଣୀଙ୍କୁ ଲାଭ କରିବେ । ଏହିପରି ଯୋଜନା କରି ଗଜପତି ବାଙ୍କୀ ଉପରେ ଅପ୍ରତ୍ୟାଶିତ ଭାବରେ ଯୁଦ୍ଧ ଘୋଷଣା କଲେ । ଖୋର୍ଦ୍ଧାର ବିଶାଳ ସୈନ୍ୟବାହିନୀ ତାଳବସ୍ତ ଓ ଦୋଲଣାପୁର ଆଡ଼କୁ ମାଡ଼ି ଚାଲିଲେ । ଏକ ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇଗଲା । ଦିନେ ରାତ୍ରୀରେ ଯେତେବେଳେ ରାଜା ଧନଞ୍ଜୟ ତାଙ୍କର ଏକ ସୈନ୍ୟ ଶିବିରରେ ବିଶ୍ରାମରତ ଥିଲେ ସେତେବେଳେ ଶତ୍ରୁସୈନ୍ୟମାନେ ହଠାତ୍ ଆକ୍ରମଣ କରି ତାଙ୍କୁ ହତ୍ୟା କଲେ । ସେତେବେଳକୁ ରାଜକୁମାର ଦୟାନିଧି ମାତ୍ର ବାର ବର୍ଷ ବୟସର ହୋଇଥିଲେ ।

ସ୍ୱାମୀଙ୍କ ମୃତ୍ୟୁ ସମ୍ବାଦରେ ରାଣୀ ଶୁକଦେଈ ଦୁଃଖରେ ଭାଙ୍ଗିପଡ଼ି ଦୃଢ଼ ନିଷ୍ପତ୍ତି ନେଲେ ଯେ ତାଙ୍କ ନିଜ ହସ୍ତରେ ଏହାର ପ୍ରତିଶୋଧ ନେବେ । ଏଥିରେ ମୁଖ୍ୟମନ୍ତ୍ରୀ, ରାଜସଭାର ଉପଦେଷ୍ଟାମଣ୍ଡଳୀ ତଥା ମୁଖ୍ୟ ସେନାପତି ଓ ପ୍ରଜାଗଣ ରାଣୀଙ୍କୁ ଯୁଦ୍ଧକ୍ଷେତ୍ରକୁ ନଯିବା ପାଇଁ ପରାମର୍ଶ ଦେଲେ । ମାତ୍ର ରାଣୀ ତାଙ୍କ ପ୍ରତିଜ୍ଞାରେ ଅଟଳ ରହିଲେ । ଯେତେବେଳେ ଖୋର୍ଦ୍ଧା ସେନାବାହିନୀ ଗୋପାଳପୁର ଓ ରଗଡ଼ି ସୀମାରେ ପହଞ୍ଚିଲେ, ବାଙ୍କୀ ମୁଖ୍ୟମନ୍ତ୍ରୀ ପୁନଶ୍ଚ ପ୍ରସ୍ତାବ ଦେଲେ ଯେ ବାଙ୍କୀ ରାଜ୍ୟର ଅର୍ଦ୍ଧେକ ଅଂଶ ଖୋର୍ଦ୍ଧା ରାଜ୍ୟକୁ ଅର୍ପଣ କରି ରାଣୀ ସନ୍ଧି ସ୍ଥାପନ କରନ୍ତୁ ଏବଂ ଦୁଇ ରାଜ୍ୟ ମଧ୍ୟରେ ଶାନ୍ତି ସ୍ଥାପନ ହେଉ । ମାତ୍ର ରାଣୀଙ୍କର ଥିଲା ଯୋଦ୍ଧାର ରକ୍ତ, ଯାହା ତାଙ୍କର ଅଶ୍ରୁକୁ ଶକ୍ତିରେ ପରିଣତ କରିଥିଲା । ଅତଏବ ମୁଖ୍ୟମନ୍ତ୍ରୀଙ୍କୁ ରାଣୀଙ୍କର ଥିଲା ଦୃଢ଼ ଜବାବ ଯେ ସେ ଯେତେଦିନ ପର୍ଯ୍ୟନ୍ତ ବଞ୍ଚିଥିବେ ଯୁଦ୍ଧ ଚାଲୁ ରହିବ । ରାଣୀଙ୍କର ଏପରି ନିଷ୍ପତ୍ତି ଦ୍ୱାରା ସମଗ୍ର ବାଙ୍କୀ ରାଜ୍ୟବାସୀ ଉତ୍ସାହିତ ହୋଇ ସାହସର ସହିତ ଯୁଦ୍ଧ କରିବାକୁ ପ୍ରତିଜ୍ଞାବଦ୍ଧ ହେଲେ ।

ବାଙ୍କୀ ସୈନ୍ୟବାହିନୀର 'ଜୟ ମା ଚର୍ଚ୍ଚିକା' ରଣଧ୍ୱନିରେ ଯୁଦ୍ଧ କ୍ଷେତ୍ର ପ୍ରକମ୍ପିତ ହୋଇ ଉଠିଲା । ଏହି ଯୁଦ୍ଧରେ ରାଣୀ ଶୁକଦେଈ ବଡ଼ମ୍ବା, ନରସିଂହପୁର, ତିଗିରିଆ, ସରଣ୍ଡା ଓ ଡମପଡ଼ା ରାଜ୍ୟଗୁଡ଼ିକର ସୈନ୍ୟବାହିନୀର ସହଯୋଗ ପ୍ରାପ୍ତ ହୋଇଥିଲେ । ଚର୍ଚ୍ଚିକା ଦେବୀଙ୍କ ଆଶୀର୍ବାଦରେ ନିର୍ଭୀକା ରାଣୀ ସାତ ଶହ ସୈନ୍ୟ ବିଶିଷ୍ଟ ସେନାବାହିନୀ ସହ ରଗଡ଼ି ଗ୍ରାମରେ ପହଞ୍ଚି ଯୁଦ୍ଧ ଘୋଷଣା କଲେ । ଅନ୍ୟ ପକ୍ଷରେ ଗଜପତି ବିଜୟୋଲ୍ଲାସରେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲେ । ଏହିଠାରେହିଁ ଯୁଦ୍ଧର ସମାପ୍ତି ଆଶା କରୁଥିବା ବେଳେ ରାଣୀ ଶୁକଦେଈ ପୁନର୍ବାର ଯୁଦ୍ଧ ଘୋଷଣା କରି ଗଜପତିଙ୍କୁ ଚକିତ କରି ଦେଇଥିଲେ । ରାଣୀ ସ୍ୱୟଂହିଁ ଅସାଧାରଣ ସାହସିକତାର ସହ ଯୁଦ୍ଧର ନେତୃତ୍ୱ ନେଲେ । ତାଙ୍କର ଅସି ଚାଳନାରେ ପାରଙ୍ଗମତା ଏବଂ ଯୁଦ୍ଧ ପରିଚାଳନାରେ ନିପୁଣତା ଯୁଦ୍ଧର ଗତିପଥ ପରିବର୍ତ୍ତନ କରିଦେଲା ।

ସେ ଗଜପତିଙ୍କୁ ସମ୍ମୁଖ ଯୁଦ୍ଧ ପାଇଁ ଆହ୍ୱାନ କଲେ । ଗଜପତି ରାଣୀଙ୍କ ଦକ୍ଷତାକୁ ହେୟଜ୍ଞାନ କରି ଏ ଆହ୍ୱାନକୁ ଗ୍ରହଣ କରି ତାଙ୍କ ସହ ଯୁଦ୍ଧ କରିବା ପାଇଁ ଅଶ୍ୱରୁ ଅବତରଣ କଲେ । ମାତ୍ର ଦୁର୍ଜୟ ରାଣୀଙ୍କ ସହ ଲଢ଼ି ଅଳ୍ପ ସମୟ ମଧ୍ୟରେ ଗଜପତି ସମ୍ପୂର୍ଣ୍ଣ ରୂପେ ପରାଜିତ ହୋଇ ବନ୍ଦୀ ହେଲେ । ଏହିପରି ଭାବରେ ଭାରତ ଇତିହାସରେ ରାଣୀ ଶୁକଦେଈ ଏକାକୀ ଅପରାଜେୟ ଯୋଦ୍ଧ୍ରୀ ରାଣୀ ଭାବରେ ପରିଚିତ ହୋଇଛନ୍ତି । ଦୀର୍ଘ ସମୟର ପ୍ରଚଣ୍ଡ ଯୁଦ୍ଧରେ ଖୋର୍ଦ୍ଧାର ସୈନ୍ୟ ଇତସ୍ତତଃ ହୋଇ ବିକ୍ଷିପ୍ତ ଭାବରେ ପଳାୟନ କଲେ । ଯୁଦ୍ଧ ସମାପ୍ତ ହେଲା ।

ବନ୍ଦୀ ଗଜପତି ଗୋପୀନାଥଙ୍କର ମୁଣ୍ଡକାଟ କରିବା ପାଇଁ ସୈନ୍ୟ ଓ ପ୍ରଜାଗଣ ଦାବି କଲେ । ମାତ୍ର କରୁଣା ଓ

କ୍ଷମାର ଅବତାର ରାଣୀ ଶୁକଦେଇ ଉପଲବ୍ଧି କରିଥିଲେ ଯେ ବୈଧବ୍ୟର ଯନ୍ତ୍ରଣାପୂର୍ଣ୍ଣ ଜୀବନ କେତେ କଷ୍ଟକର, ତେଣୁ ସେ ଚାହୁଁଥିଲେ ତାଙ୍କ ଭଳି ଅନ୍ୟ ଜଣେ ନାରୀ (ଗଜପତିଙ୍କ ପତ୍ନୀ) ସେହି କଷ୍ଟ ଭୋଗ ନକରନ୍ତୁ । ଅଗାଧ ମାନବିକତାର ପ୍ରତୀକ ଓ ଦୂରଦୃଷ୍ଟିସମ୍ପନ୍ନା ରାଣୀ ସସମ୍ମାନେ ଗଜପତିଙ୍କୁ ମୁକ୍ତ କରିଦେଲେ । ଲଜ୍ଜିତ ହୋଇ ରାଜା ଗୋପୀନାଥ ଖୋର୍ଦ୍ଧାକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ଅଧିକୃତ କୁଶପଲ୍ଲୀ ଅଞ୍ଚଳ ବାଙ୍କୀକୁ ପ୍ରତ୍ୟର୍ପଣ କଲେ ।

ଏହାପରେ ରାଣୀ ଶୁକଦେଇ ଛଅ ବର୍ଷ ଅବଧି ଶାସନ କରିବା ପରେ ରାଜକୁମାର ଦୟାନିଧିଙ୍କୁ ସିଂହାସନର ଦାୟିତ୍ୱ ଅର୍ପଣ କରି ରାଜମାତା ହୋଇଥିଲେ । ରାଣୀ 'ମୁଣ୍ଡା ଦେଉଳ' ନାମରେ ଏକ ସୁନ୍ଦର ଦେଉଳ ନିର୍ମାଣ କରିଥିଲେ । ସେ ଜଣେ ସୁଶାସିକା ଥିଲେ । ତାଙ୍କ ସମୟରେ ନ୍ୟାୟିକ ବ୍ୟବସ୍ଥା ଅତି ଉନ୍ନତମାନର ଥିଲା । ତାଙ୍କ ରାଜ୍ୟରେ ଅପରାଧ ବହୁ ପରିମାଣରେ କମ୍ ଥିଲା । ୧୭୨୬ ମସିହା ମାଘ ପଞ୍ଚମୀରେ ଅପ୍ରତ୍ୟାଶିତ ଭାବରେ ରାଣୀ ଶୁକଦେଇଙ୍କର ମୃତ୍ୟୁ ହୋଇଥିଲା ।

ରାଣୀ ଶୁକଦେଇ ନାରୀଶକ୍ତିର ଏକ ଜୀବନ୍ତ ପ୍ରତୀକ ।

ତାଙ୍କର ଜୀବନୀ ହେଉଛି ଅତୁଳନୀୟ ଶୌର୍ଯ୍ୟ, ଅଦ୍ୱିତୀୟ ବୀରତ୍ୱ ଏବଂ ଗଭୀର ମାନବିକତାର ଏକ ଅନୁପମ ଆଲେଖ୍ୟ । ଭାରତର ଇତିହାସ ପୃଷ୍ଠାରେ ସେ ତାଙ୍କ ତରବାରୀରେ ନିଜ ଜୀବନ କାହାଣୀକୁ ଅଙ୍କିତ କରିଛନ୍ତି । ଏହି ମହୀୟସୀ ରାଣୀ ଶୁକଦେଇଙ୍କୁ ସମଗ୍ର ଓଡ଼ିଶାବାସୀଙ୍କର କୋଟି କୋଟି ପ୍ରଣାମ ।

(ଉତ୍ସ : ଇଣ୍ଟରନେଟ୍) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ଚେତନାର ଦିଗ୍‌ବଳୟ :

# ''ସତ କହିବାକୁ କିଆଁ ଡରିବି !''

ଏକଦା ଯାହା ଆଧ୍ୟାତ୍ମିକ ଆଦର୍ଶ ରୂପେ ବିବେଚିତ ହେଉଥିଲା, ଅର୍ଥାତ୍ ସତେ ଯେପରି ଆମ ସ୍ଥୂଳ ବାସ୍ତବ ଜୀବନରେ ତା'ର ବିଶେଷ ମୂଲ୍ୟ ନାହିଁ ବୋଲି ଆମେ ଧରି ନେଉଥିଲୁ; ଆଜି ଏକ ପରେ ଏକ ସେସବୁ ଆଦର୍ଶ ବିଜ୍ଞାନ ସମ୍ମତ ଗବେଷଣା ମାଧ୍ୟମରେ ଆମ ସ୍ଥୂଳ, ବାସ୍ତବ ଜୀବନ ସକାଶେ ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ପ୍ରମାଣିତ ହେଉଛି ।

'ମିଥ୍ୟା' ରୂପକ ଧାରଣାର ତିନୋଟି ପର୍ଯ୍ୟାୟ ରହିଛି । ପ୍ରଥମ ଧାରଣାରେ ତାହା ମାୟା; 'ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା' ଭଳି ଚେତାବନୀରେ ଶବ୍ଦଟି ମାୟା ଅର୍ଥରେ ବ୍ୟବହୃତ – ଅବଶ୍ୟ ସଚରାଚର ଆମେ ମାୟା ବୋଇଲେ ଯାହା ବୁଝିଥାଉ । ମାୟାର ପ୍ରକୃତ ମୌଳିକ ଅର୍ଥ ଭିନ୍ନ । ତେବେ ତାହା ଆଉ ଏକ ପ୍ରସଙ୍ଗ ।

ମିଥ୍ୟାର ଦ୍ୱିତୀୟ ଧାରଣା ଅବିଦ୍ୟା । ଆମେ ଆମର ସୃଜନୀ-ଉତ୍ସ ସତ୍ୟଠାରୁ ବିଚ୍ଛିନ୍ନ ହୋଇ ଯେଉଁ ଅଜ୍ଞାନ ଅନ୍ଧକାରରେ ନିମଜ୍ଜିତ ରହିଛୁ, ତାହାରି ପ୍ରଭାବରେ ଆମେ ଗୁରୁତର ମିଥ୍ୟାଚରଣ କରିପାରୁ; ଖାଦ୍ୟଦ୍ରବ୍ୟ ଏବଂ ଔଷଧ ଇତ୍ୟାଦିରେ ଭେଜାଲ ମିଶାଇ ଅଗଣିତ ମଣିଷଙ୍କ ଜୀବନ ବିପର୍ଯ୍ୟସ୍ତ କରିବାଠୁଁ ଆରମ୍ଭ କରି ଦେଶଦ୍ରୋହ ପର୍ଯ୍ୟନ୍ତ, ଧର୍ମ ନାମରେ ସହସ୍ର ନରନାରୀ ନିଧନଠୁଁ ଆରମ୍ଭ କରି ଏକ ଏକ ସଭ୍ୟତାକୁ ବିଧ୍ୱସ୍ତ କରିବା ପର୍ଯ୍ୟନ୍ତ – ସେ ପର୍ଯ୍ୟାୟର ଆଚରଣର ତାଲିକା ସୁଦୀର୍ଘ ।

ତୃତୀୟ ପର୍ଯ୍ୟାୟରେ ମିଥ୍ୟା ଏକ ଦୈନନ୍ଦିନତା – ଆମ ଭାଷାରେ ମିଛ ବୋଇଲେ ଯାହା ବୁଝାଏ । କଥାବାର୍ତ୍ତାରେ ସାମାନ୍ୟ ଅତିରଞ୍ଜନ, କାହାରି ମନରେ ଦୁଃଖ ନଦେବା ସକାଶେ ସାମାନ୍ୟ ଅସତ୍ୟ କଥନ, ବ୍ୟକ୍ତିଗତ କାରଣରୁ କାର୍ଯ୍ୟସ୍ଥଳୀରେ ପହଞ୍ଚିବାକୁ ବିଳମ୍ବ ହୋଇଥିଲେ ଟ୍ରାଫିକ୍ ଭିଡ଼ରେ ଅଥବା ପ୍ରିୟଜନଙ୍କ ସହ କାଳାତିପାତ ସକାଶେ ରହି ଯାଇ ଅସୁସ୍ଥତାର ଦ୍ୱାହି ଦେବା ଇତ୍ୟାଦି ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ଏହାକୁ 'ନିରୀହ ମିଛ' କିଂବା 'ନିରାମିଷାଶୀ ମିଛ' ବୋଲି ଅଭିହିତ କରାଯାଇପାରେ । ଜଣେ ମଧ୍ୟଯୁଗୀୟ ମନସ୍ତତ୍ତ୍ୱବିତ୍ 'ପ୍ରେମ' ପାଇଁ ମିଛ କହିବାରେ ଦୋଷ ନାହିଁ ବୋଲି ନିର୍ଦ୍ଦେଶ କରିଛନ୍ତି ଏବଂ ଯେହେତୁ ତାଙ୍କ ବଚନାମୃତ ସଂସ୍କୃତରେ ପରିବେଷିତ, ଆମେ ତାକୁ ଶାସ୍ତ୍ରୀୟ ଅନୁମତି ଭାବରେ ଗ୍ରହଣ କରିନେଉ । ଏହି ତୃତୀୟ ପର୍ଯ୍ୟାୟର ମିଛ ପ୍ରତି ଅଧିକାଂଶ ମଣିଷ ଅଭ୍ୟସ୍ତ ।

ଗୋଟିଏ ପାର୍କ ପାଖରେ ଅତି ସୁଧାର ଓ ସୁନ୍ଦର କୁକୁର ଛୁଆକୁ ଘେରି ବସିଥିଲେ ଚାରି, ପାଞ୍ଚଜଣ ବାଳକ । ସେମାନଙ୍କ ବିଦ୍ୟାଳୟର ଜଣେ ଶିକ୍ଷକ ସେ ରାସ୍ତାରେ ଯାଉ ଯାଉ ଅଟକି ଗଲେ । ପିଲାଙ୍କ ପାଖକୁ ଆସି ପଚାରିଲେ, ''ଭାରି ବଢ଼ିଆ କୁକୁର ଛୁଆ ତ ? କାହାର ?''

ପିଲାଙ୍କ ଭିତରୁ ଜଣେ ଜଣାଇଲା, ''ସାର୍, ଆମେ ଦେଖିଲୁ, କେତେବେଳଠୁ ଏଇଠି ବୁଲୁଛି । ହୁଏତ ଗାଡ଼ି ମାଡ଼ି ଯାଇଥା'ନ୍ତା । ତେଣୁ ରାସ୍ତା କଡ଼କୁ ନେଇ ଆସିଲୁ ।''

''ତା'ପରେ ?''

''ଆଜ୍ଞା, ତା'ପରେ କ'ଣ ହେବ, ଏହାକୁ କିଏ ନେବ ତାହାହିଁ ବିଚାର କରି ଠିକ୍ କଲୁ, ଆମ ଭିତରୁ ଯିଏ ସବୁଠାରୁ ବଡ଼ ମିଛଟିଏ କହିପାରିବ, ସେ ହିଁ ଏହାକୁ ନେବ !''

''ପିଲେ ! ଏହି ବୟସରୁ ତୁମେମାନେ ମିଛ କହିବାରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କଲଣି ? ତୁମମାନଙ୍କ ବୟସରେ ମିଛ କ'ଣ ମୁଁ ଜାଣି ନଥିଲି !''

''ଆଜ୍ଞା !'' ପିଲାଏ ଉଠି ପଡ଼ିଲେ ଓ କୁକୁର ଛୁଆଟିକୁ ଶିକ୍ଷକ ମହୋଦୟଙ୍କ ଦୁଇ ପ୍ରସାରିତ କର ଉପରେ ଥୋଇଦେଇ କହିଲେ, ''ଏ ଗୋଟିକ ତେବେ ଆପଣହିଁ ନିଅନ୍ତୁ !''

ଶିକ୍ଷକ ଖୁସି ହୋଇ ଚାଲିଗଲେ । ଘଟଣା-ନିହିତ ବିଦ୍ରୂପ ବା ବିଡ଼ମ୍ବନା ସେ ଅବଶ୍ୟ ମୁହୂର୍ତ୍ତକ ପରେ ବୁଝିଥିବେ ।

କାହାଣୀଟିର ତାତ୍ପର୍ଯ୍ୟ, ଏ ପର୍ଯ୍ୟାୟର ମିଛ ଉଚ୍ଚାରଣ କରୁ ନଥିବେ, ଏଭଳି ପ୍ରାୟ କେହି ନାହାନ୍ତି । ଯିଏ କେବେ ମିଛ କହେ ନାହିଁ ବୋଲି କହେ ବା ଭାବେ, ସେ ଏ ପର୍ଯ୍ୟାୟର ଆଗ ଧାଡ଼ିରେ ।

ପାଠ୍ୟ ପୁସ୍ତକରେ ଅନେକେ ପଢ଼ିଥିବେ ବା ଶୁଣିଥିବେ ସମ୍ଭବତଃ ଇସପ୍ କଥିତ ଏ କାହାଣୀ : ମେଷପାଳକ ଟୋକା ବଣ ପାଖ ଚରାଭୂଇଁରୁ ଡାକ ଛାଡ଼ିଲା, ''ମେଷ ପଲ ଉପରେ ହେଟା ବାଘ ଝାମ୍ପ ଦେଉଛି !'' ପାଖ ଗାଁ ଲୋକେ ତତ୍‌କ୍ଷଣାତ୍

ଦୌଡ଼ିଗଲେ ଓ ଦେଖିଲେ ଟୋକା ହସୁଛି । ମଜା ଦେଖିବା ପାଇଁ ଟୋକା କିଛି କିଛି ଦିନ ବ୍ୟବଧାନରେ ଆହୁରି ଦୁଇଥର ଏମିତି ମିଛ କହିବା ଉତ୍ତାରୁ ସତରେ ଯେଉଁ ଦିନ ଯୋଡ଼ାଏ ହେଟା ଆସି ତା'ର ଯୋଡ଼ାଏ ମେଷ ଉପରକୁ ଲମ୍ଫ ଦେଲେ ଓ ସେ ଡାକ ପକାଇଲା, ଜଣେ ବି କେହି ଶୁଣିଲେ ନାହିଁ ।

ଏ କାହାଣୀର ତାତ୍ପର୍ଯ୍ୟ, ଆଧ୍ୟାତ୍ମିକ ବା ନୈତିକ ତତ୍ତ୍ୱ ବାହାରେ, ଖାସ୍ ବ୍ୟବହାରିକ ସ୍ୱାର୍ଥ ଦୃଷ୍ଟିରୁ ମଧ ମିଥ୍ୟା କଥନ ବିପଜ୍ଜନକ ।

ସେ ଯାହାହେଉ, ୨୦୧୨ ମସିହାରେ ନୋତ୍ରଦାମ (Notre Dam) ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ଦୀର୍ଘ ଗବେଷଣା ପରେ ସାବ୍ୟସ୍ତ କରିଥିଲେ ଯେ ମିଥ୍ୟା କଥନର କୁଫଳ ସ୍ୱାସ୍ଥ୍ୟ ଉପରେ ପ୍ରତ୍ୟକ୍ଷ । ଯେଉଁମାନେ ମିଛ କହିବାରେ ଅଭ୍ୟସ୍ତ ସେମାନଙ୍କୁ ପ୍ରବର୍ତ୍ତାଇ ସେ ଅଭ୍ୟାସରୁ ବିରତ ରଖି ବର୍ଷକ ପରେ ଦେଖାଯାଇଛି, ସେମାନେ ଯେଉଁସବୁ ଶାରୀରିକ କ୍ଲେଶ ବା ବ୍ୟାଧିରେ ପୀଡ଼ିତ ଥିଲେ, ସେସବୁ ଅନ୍ତର୍ହିତ । ଅବଶ୍ୟ ଏଠାରେ ଗୁରୁତର ବ୍ୟାଧିସବୁ କଥା କୁହାଯାଉ ନାହିଁ ।

୨୦୧୬ ନଭେମ୍ବର ୬ ତାରିଖରେ ପ୍ରେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ (PTI)ରେ ଆମେରିକାର ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଏକ ଗବେଷଣାର ବିବରଣୀ ବିତରଣ କରାଯାଇଥିଲା । ଗବେଷଣାରୁ ଜଣାଯାଏ, ମିଛ କହିଲେ ଆମ ମଗଜ (Brain)ର ଗୋଟାଏ ସ୍ତର ଦୁର୍ବଳ ହୋଇଯାଏ । ମଗଜ ଉପରେ 'fMRI' ନାମକ ରଶ୍ମି-ଭିତ୍ତିକ ପରୀକ୍ଷା ଯୋଗେ ଜଣେ ସତ କହୁଛି କିଂବା ମିଛ କହୁଛି, ତାହା ପୁରୁଣା Lie-detector ବା Polygraph ପରୀକ୍ଷା ଅପେକ୍ଷା ଅଧିକ ସ୍ୱଷ୍ଟ ଭାବରେ ଜାଣି ହେବ ।

ପୁରୁଣା ମିଥ୍ୟା-ନିରୂପକ ପରୀକ୍ଷା ହେଉ ବା ସର୍ବାଧୁନିକ ମଗଜ ପରୀକ୍ଷା ହେଉ, ଏହା ଏହି ସତ୍ୟ ଟିକକ ସାବ୍ୟସ୍ତ କରୁଛି ଯେ ମିଥ୍ୟା କଥନକୁ ଆମ ସମଗ୍ର ବ୍ୟକ୍ତିସତ୍ତା ଅନୁମୋଦନ କରେ ନାହିଁ । ଆମେ ଯେତେ ଚାତୁର୍ଯ୍ୟପୂର୍ଣ୍ଣ ଭାବରେ ଓ ଦମ୍ଭ ସହକାରେ ମିଛଟାଏ କହିଲେ ମଧ ଆମ ସତ୍ତାର ଗୋଟାଏ ଅଂଶ ସେଥିରେ ବିଦ୍ରୋହ କରେ ଏବଂ ସେହି ବିଦ୍ରୋହକୁ ପ୍ରତିଫଳିତ କରେ ଆମ ସ୍ନାୟୁ ସମଷ୍ଟି, ହୃଦ୍‌ଯନ୍ତ୍ର ତଥା ଆମ ମଗଜ ।

ଅର୍ଥାତ୍ ପ୍ରକୃତି ଆମକୁ ଏମିତି ଭାବରେ ଗଠନ କରିଛି – ଚେତନା କଥା ବାଦ୍ ଦିଅନ୍ତୁ – ଆମ ସ୍ଥୂଳ କଳେବରକୁ ଏମିତି ମାଧମଟିଏ କରିଛି, ଯାହା ମିଥ୍ୟା ସହିଯାଏ ବାଧ ହୋଇ, କିନ୍ତୁ ତା'ର ବିଷମ ପ୍ରତିକ୍ରିୟାକୁ ରୋକିପାରେ ନାହିଁ ।

ଅତଏବ, ଆସନ୍ତୁ ସ୍ମରଣ କରିବା କବି ଶ୍ରୀ ରାମକୃଷ୍ଣ ନନ୍ଦଙ୍କୁ :

''ସତ କହିବାକୁ କିଆଁ ଡରିବି,
ସତ କହି ପଛେ ମଲେ ମରିବି !''

**– ମନୋଜ ଦାସ ❑**

ବାକ୍-ନିବୃତ୍ତି ଅପେକ୍ଷା ବାକ୍-ସଂଯମ ଅଧିକ ମହାନ୍ ଓ ଫଳପ୍ରଦ ତପସ୍ୟା । ସମଗ୍ର ପୃଥିବୀ ଅତ୍ୟଧିକ କଥନ ଦ୍ୱାରା ଭାରାକ୍ରାନ୍ତ ଓ ଶ୍ରବଣଶକ୍ତି-ରହିତ ହୋଇ ପଡ଼ିଛି । ଏବଂ ସେଥିପାଇଁ ସମୟ ସମୟରେ ମନେ ହୁଏ ଏହି ସୁନ୍ଦର ପ୍ରକୃତିର ଏକ ସଂଗତିପୂର୍ଣ୍ଣ ନୀରବତାକୁ ଅନୁଭବ କରିହୁଏ ନାହିଁ । ଏହା ଏକ ଜଣାଶୁଣା ସତ୍ୟ ଯେ ମାନସିକ ଶକ୍ତି ଯେତେ କମ୍ ହେବ, ସେତେ ବେଶୀ କଥା କହିବା ପ୍ରବୃତ୍ତିର ଆବଶ୍ୟକତା ହେବ ।

– ଶ୍ରୀମା

## ଏକ ନିବେଦନ

ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କର ସମସ୍ତ ଭକ୍ତ ତଥା ଆଶ୍ରମର ସମସ୍ତ ଶୁଭେଚ୍ଛୁମାନଙ୍କୁ ଏହା ଏକ ନିବେଦନ ।

AI (କୃତ୍ରିମ ବୁଦ୍ଧିମତା) ଏବଂ ଅନ୍ୟାନ୍ୟ ସାଧନର ବ୍ୟାପକ ଉପଲବ୍ଧତା ଏବଂ ସେଗୁଡ଼ିକର ସହଜ ବ୍ୟବହାର ଯୋଗୁଁ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କର ଅନେକ ଫଟୋ ଏବଂ ଭିଡ଼ିଓ ଅସ୍ୱାଭାବିକ ଭାବେ ସମ୍ପାଦିତ ହୋଇଥିବାର ଆମେ ଦେଖିବାକୁ ପାଉଛୁ । ଏଗୁଡ଼ିକ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ପ୍ରତି ଅସମ୍ମାନଜନକ ।

ତେଣୁ ଆମେ ସମସ୍ତଙ୍କୁ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କର ଫଟୋ/ଭିଡ଼ିଓଗୁଡ଼ିକୁ କୌଣସି ପ୍ରକାରେ କୃତ୍ରିମ ପରିବର୍ତ୍ତନ ନକରିବା ପାଇଁ ଅନୁରୋଧ କରୁଛୁ ।

## ସର୍ବସାଧାରଣ ସୂଚନା

ଏହା ଦେଖାଯାଉଛି ଯେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଶିକ୍ଷାର ପ୍ରଚାର କରିବା ଲକ୍ଷ୍ୟ ନେଇ ବିଭିନ୍ନ ୱେବସାଇଟ୍, ଫେସବୁକ୍ ପେଜ୍ ଏବଂ ଅନ୍ୟାନ୍ୟ ସୋସିଆଲ୍ ନେଟୱାର୍କିଂ ଗ୍ରୁପ୍ ଆରମ୍ଭ କରାଯାଉଛି । ଏଥି ମଧ୍ୟରୁ କେତେକ ୱେବସାଇଟ୍ ସେମାନଙ୍କର URL ଠିକଣାରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ନାମ ବ୍ୟବହାର କରୁଛନ୍ତି, ଯାହାଦ୍ୱାରା ୱେବସାଇଟ୍ ପରିଦର୍ଶକମାନେ ଭାବି ପାରନ୍ତି ଯେ ଏଗୁଡ଼ିକ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବା ଅନୁମୋଦିତ ଅଫିସିଆଲ୍ ୱେବସାଇଟ୍ ।

କେତେକ କ୍ଷେତ୍ରରେ, ଏହି ସାଇଟଗୁଡ଼ିକ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ନାମରେ ଅନୁଦାନ ମଧ୍ୟ ମାଗୁଛନ୍ତି, ଆପତ୍ତିଜନକ ଦାବି କରୁଛନ୍ତି ଏବଂ ଜୀବନରେ ସଫଳତା ପାଇଁ ବିଭିନ୍ନ 'ଫର୍ମୁଲା' ପ୍ରଦାନ କରୁଛନ୍ତି ।

ବହୁ ବ୍ୟକ୍ତିଙ୍କ ଠାରୁ ଆସିଥିବା ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ ଆମେ ଏହା ସ୍ପଷ୍ଟ କରୁଛୁ ଯେ :

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀର କେବଳ ଗୋଟିଏ ଅଫିସିଆଲ୍ ୱେବସାଇଟ୍ ଅଛି :

www.sriaurobindoashram.org

ଏହାର କୌଣସି ଅଫିସିଆଲ୍ ସୋସିଆଲ୍ ନେଟୱାର୍କିଂ ଗ୍ରୁପ୍ ନାହିଁ ।

ଅନ୍ୟ ୱେବସାଇଟ୍ ଏବଂ ଅନଲାଇନ୍ ପ୍ଲାଟଫର୍ମ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ ସେଗୁଡ଼ିକ ଉପରେ ଭରସା କରିବା ପୂର୍ବରୁ ଯଥାଯଥ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆ ଯାଉଛି, କାରଣ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ପକ୍ଷରେ ସେଗୁଡ଼ିକର ସଠିକତା କିଂବା ଦାବିଗୁଡ଼ିକର ପର୍ଯ୍ୟବେକ୍ଷଣ କରିବା ସମ୍ଭବ ନୁହେଁ । ଏହିପରି ୱେବସାଇଟ୍/ଗ୍ରୁପ୍ ଦ୍ୱାରା ବିଭ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ କୌଣସି ପ୍ରକାର ଦାବିକୁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ଗ୍ରହଣ କରିବ ନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏପରି କେତେକ ୱେବ୍‌ସାଇଟ ଦ୍ୱାରା ପ୍ରସ୍ତାବିତ 'ଜୀବନର ସମସ୍ୟା ପାଇଁ ତୁରନ୍ତ ସମାଧାନ' (quick-fix solutions) ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କ ଯୋଗର ଅନ୍ତର୍ଭୁକ୍ତ ନୁହେଁ ।

ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ନିଜ ପକ୍ଷରୁ ପାଣ୍ଠି ସଂଗ୍ରହ କରିବା ପାଇଁ କୌଣସି ବ୍ୟକ୍ତି, ଗୋଷ୍ଠୀ ବା ସଙ୍ଗଠନକୁ ଅଧିକାର ଦେଇ ନାହିଁ । ଶୁଭେଚ୍ଛୁ ଏବଂ ଦାତାମାନେ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ଦାନ କରିବାକୁ ଚାହାଁନ୍ତି, ସେମାନଙ୍କୁ ସିଧାସଳଖ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀକୁ ଦାନ କରିବାକୁ ଏବଂ ଟ୍ରଷ୍ଟ ଦ୍ୱାରା ପ୍ରଦାନ କରାଯାଉଥିବା ଅଫିସିଆଲ୍ ରସିଦ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।

ସମସ୍ତଙ୍କୁ ଅନୁରୋଧ କରାଯାଉଛି ଯେ, ଯେଉଁ ୱେବସାଇଟ୍/ବ୍ୟକ୍ତି/ଗୋଷ୍ଠୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟର ସମର୍ଥନ ଅଛି ବୋଲି ଦାବି କରୁଛନ୍ତି କିଂବା ବିଭିନ୍ନ ବିଷୟରେ 'ସହାୟତା' କରି ପାରିବେ ବୋଲି ଦର୍ଶାଉଛନ୍ତି, ସେମାନଙ୍କର ଏପରି କରିବାର ଅଧିକାର ନାହିଁ, ଯେପର୍ଯ୍ୟନ୍ତ ସେମାନଙ୍କ ପାଖରେ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ପକ୍ଷରୁ ନିର୍ଦ୍ଦିଷ୍ଟ ଅନୁମତି ନାହିଁ । ❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

**Form–IV**
(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Monthly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Gopal Chandra Mahana |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 8.3.2026* *Signature of Publisher*

**Vol. LVII, No. 3**
Navaprakash (Monthly), March, 2026
**Date of Posting : 7th, 8th of every month**


**R.N.I. No. 18163/70.**
Registration No. PY/51/2024-26
**Licenced to Post without prepayment**
TN/PMG(CCR)/WPP-63/2024-26

## ବିଶେଷ ସୂଚନା :

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''

— ଶ୍ରୀମା

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।




### ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)**

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୬୪୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**